# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୮/୨୦୨୨ (୧୪ ପୃଷ୍ଠା) | Bhubaneswar, Tuesday, November 8/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୩୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 342 | ମୂଲ୍ୟ₹୭/-





**କୋହଲିଙ୍କୁ ଆଇସିସି ପୁରସ୍କାର**

ବିରାଟ କୋହଲି ଅକ୍ଟୋବର ମାସ ପାଇଁ ଆଇସିସି (ଅନ୍ତର୍ଜାତୀୟ କ୍ରିକେଟ ପରିଷଦ)ଦ୍ୱାରା ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି।

୧୪

୧୨

**ବିବାହରେ ବାନ୍ଧିହେଲେ ପଲକ**

ବଲିଉଡ୍ ସିଙ୍ଗର ପଲକ ମୁଚ୍ଛାଲ ମ୍ୟୁଜିକ୍ କମ୍ପୋଜର୍ ମିଥୁନ୍‌ଙ୍କୁ ବିବାହ କରିଛନ୍ତି।




## ଆଜିଠୁ ବାଲିଯାତ୍ରା



କଟକର ପ୍ରସିଦ୍ଧ ବାଲିଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଥିବାବେଳେ ଏହାର ସ୍ଥାୟୀ ତୋରଣ ରଙ୍ଗିନ ଆଲୋକରେ ଝଲସୁଛି। ସେହିପରି ବାଲିଯାତ୍ରା ତଳପଡ଼ିଆରେ ଥିବା ଏକ ଗଛକୁ ଆଲୋକରେ ଆକର୍ଷଣୀୟ ଢଙ୍ଗରେ ସଜାଯାଇଛି।

# ଅନ୍ତହୀନ ସୀମାନ୍ତ ଦୁଃଖ

*ସୀମାନ୍ତ ଲୋକଙ୍କୁ ରାଜ୍ୟର ବିକାଶ ପଥରେ ସାମିଲ କରିବାକୁ ବିଭିନ୍ନ ଯୋଜନା କରାଯାଉଥିବା ସରକାର କହୁଛନ୍ତି ହେଲେ ବାସ୍ତବରେ ଚିତ୍ର କିଛି ଭିନ୍ନ। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ଗ୍ରାମପୁଞ୍ଜ ହେଉ ବା ମୟୂରଭଞ୍ଜ ଜିଲା ଝାଡ଼ଖଣ୍ଡ ସୀମାନ୍ତ ସାରସକଣା ବ୍ଲକ ଅଧୀନ ପାକଟିଆ ପଞ୍ଚାୟତ। ସବୁଠି ଗୋଟିଏ ଦୁଃଖ। ନିଜ ରାଜ୍ୟରୁ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଏବଂ ଆବାସ ଭଳି ମୌଳିକ ସୁବିଧା ନ ମିଳିବାରୁ ପଡ଼ୋଶୀ ରାଜ୍ୟ ଉପରେ ଭରସା କରିବାକୁ ପଡ଼ୁଛି।*

ନୀଳାଦ୍ରି ବିହାରୀ ଦଣ୍ଡପାଟ
ବାରିପଦା ଅଫିସ,୭।୧୧

### ଘର ଓଡ଼ିଶା, ଝାଡ଼ଖଣ୍ଡ ଭରସା



ଝାଡ଼ଖଣ୍ଡ ସୀମାନ୍ତ ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଧୀନ ପାକଟିଆ ପଞ୍ଚାୟତର ପକପକା, ବାରୁବେଡ଼ା, ଜାମୁଗଣ୍ଡିଆ ଓ ଡୁମୁରୁକୁନ୍ଦର ଗ୍ରାମରେ ବାସ କରୁଥିବା ଲୋକେ ବିକାଶଠାରୁ ବହୁ ଦୂରରେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି ଓ ପାନୀୟ ଜଳ ସମସ୍ୟାରେ ଯୁଝି ହୋଇ ଅଣନିଃଶ୍ୱାସୀ ହୋଇପଡ଼ିଛନ୍ତି। ଗ୍ରାମାଞ୍ଚଳର ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ଡିଣ୍ଡିମ ପିଟୁଥିବା ବେଳେ ସେଥିରୁ ଏଠାକାର ଲୋକଙ୍କୁ କୌଣସି ସୁଫଳ ମିଳୁନି। ଫଳରେ ଅଧିକାଂଶ ସମୟରେ ମୌଳିକ ସୁବିଧା ପାଇଁ ମଧ୍ୟ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ୁଛି। ଦୀର୍ଘ ବର୍ଷଧରି ସୀମା ବିବାଦ ଲାଗ ରହିଥିବାବେଳେ ଉଭୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ସୀମା ନିର୍ଦ୍ଧାରଣ ନ ହେବାରୁ ନାଳରେ ପୋଲଟିଏ ମଧ୍ୟ ନିର୍ମାଣ ହୋଇପାରୁନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୂମିହୀନ ଯୋଗୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇ ଅନେକ ଯୁବକ ଦାଦନ ଖଟିବାକୁ ଯାଉଥିବା ଦେଖିବାକୁ ମିଳୁଛି।

ଜିଲା ମୁଖ୍ୟାଳୟରୁ ୫୦କି.ମି. ଦୂର ପାକଟିଆ ପଞ୍ଚାୟତର ପକପକା, ବାରୁବେଡ଼ା, ଜାମୁଗଣ୍ଡିଆ ଓ ଭାଦୁଅ ଗ୍ରାମ ଝାଡ଼ଖଣ୍ଡ ଏବଂ ଓଡ଼ିଶା ସୀମାରେ ରହିଛି। ପଞ୍ଚାୟତର ଜନସଂଖ୍ୟା ୫ହଜାରରୁ ଅଧିକ ଥିବା ବେଳେ ୮୦ପ୍ରତିଶତ ଲୋକ ଅନୁସୂଚିତ ଜନଜାତିର। ଏହି ଗ୍ରାମର ଅଧିବାସୀମାନେ ବିଶେଷ ଭାବେ ଝାଡ଼ଖଣ୍ଡ ଉପରେ ନିର୍ଭରଶୀଳ। ୩ନଂ. ୱାର୍ଡରେ ବସବାସ କରୁଥିବା ୧୩୦ରୁ ଊର୍ଦ୍ଧ୍ୱ ପରିବାର ଭୂମିହୀନ। ଦୀର୍ଘ ବର୍ଷ ଧରି ସରକାରଙ୍କୁ ଜରିମାନା ବାବଦରେ ବାର୍ଷିକ ୩୬୦ଟଙ୍କା ପୈଠ କରୁଥିଲେ ମଧ୍ୟ ଅଦ୍ୟାବଧି ଜମିପଟ୍ଟା ପାଇ ପାରିନାହାନ୍ତି। ଉଚ୍ଚ ଶିକ୍ଷା ପାଇଁ ବାସସ୍ଥାନ ପ୍ରମାଣପତ୍ର ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବନ୍ଧା ହେଉଛି ଡୋରି। ଫଳରେ ସାବାଳକ ହେବା ପୂର୍ବରୁ କେତେଜଣ ଦାଦନ ଖଟିବାକୁ ତାମିଲନାଡ଼ୁ ଓ ଆନ୍ଧ୍ରପ୍ରଦେଶ ଯାଉଛନ୍ତି। ପକପକା ଗ୍ରାମରୁ ମାତ୍ର ୧୦୦ମିଟର ଦୂରରେ ରହିଛି ଝାଡ଼ଖଣ୍ଡ-ଓଡ଼ିଶାର ସୀମାନାଳ। ଶହ ଶହ ବର୍ଷ ଧରି ସୀମା ନିର୍ଦ୍ଧାରଣ ହେଉ ନ ଥିବାରୁ ଲୋକେ ଏହି ନାଳକୁ ଉଭୟ ରାଜ୍ୟର ସୀମା ନାଳ ଭାବେ ପରିଚୟ ଦେଇଛନ୍ତି। ଆବଶ୍ୟକତା ଅନୁଯାୟୀ ☞ପୃଷ୍ଠା-୪

## ହବିଷିଆଳିଙ୍କ ମୁଣ୍ଡ ଫଟାଇଲା ପୋଲିସ

ପୁରୀ ଅଫିସ, ୭।୧୧

### ଅଭିଯୁକ୍ତ ହାବିଲଦାର ନିଲମ୍ବିତ

ଖାକିରେ ପୁଣି ଲାଗିଛି ଦାଗ। ଶ୍ରୀମନ୍ଦିରରେ ସୋମବାର ଜଣେ ହବିଷିଆଳିଙ୍କୁ ପୋଲିସ ଦୁର୍ବ୍ୟବହାର କରିବା ସହ ମାଡ଼ ମାରି ମୁଣ୍ଡ ଫଟାଇଦେଇଛି। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ହବିଷିଆଳି ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ଅଞ୍ଚଳର ୬୫ ବର୍ଷୀୟା ମାଧୁରୀ ଦାଶ। ସେ ପୁରୀ ବାସେଳି ସାହିରେ ରହି କାର୍ତ୍ତିକ ବ୍ରତ ପାଳନ କରୁଥିବାବେଳେ ମହାପ୍ରଭୁଙ୍କ ଦୁର୍ଲଭ ଲକ୍ଷ୍ମୀନୃସିଂହ ବେଶ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଆସିଥିଲେ। ଏହି ସମୟରେ ସେ ପୋଲିସ ମାଡ଼ର ଶିକାର ହୋଇଥିଲେ। ଏହି ଘଟଣାରେ ଅଭିଯୁକ୍ତ ପୋଲିସ କର୍ମଚାରୀ ତଥା ଓଏସ୍‌ଏପି ବାଟାଲିୟନର ହାବିଲଦାର ପ୍ରଶାନ୍ତ କୁମାର ଦଳାଇଙ୍କୁ ନିଲମ୍ବନ କରାଯାଇଛି। ପୋଲିସର ଏଭଳି କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯାଇଛି।

ସୂଚନା ଅନୁଯାୟୀ, ସମ୍ପ୍ରତି ପବିତ୍ର ପଞ୍ଚକ ଚାଲିଛି। ପଞ୍ଚକର ଚତୁର୍ଥ ଦିନରେ ସୋମବାର ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ଦର୍ଶନ ପାଇଁ ☞ପୃଷ୍ଠା-୪






## ବାଇକ୍ ଚୋର ସନ୍ଦେହରେ ପିଟି ମାରିଦେଲେ

**ବରପାଲି,୭।୧୧(ଡି.ଏନ.ଏ.):** ବାଇକ୍ ଚୋର ସନ୍ଦେହରେ ବରଗଡ଼ ଜିଲା ବରପାଲି ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସୁବର୍ଣ୍ଣପୁର ଜିଲା ଗଜବନ୍ଧ ଗ୍ରାମର ଯୋଗେଶ୍ୱର ମେହେର(୨୨)। ପୋଲିସ ଏହି ଘଟଣାରେ ୭ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏ ନେଇ ବରପାଲି ଥାନାରେ ଦଫା ୩୦୨, ୩୪ରେ ଏକ ମାମଲା (ନଂ.୩୬୦।୨୨) ରୁଜୁ ହୋଇଛି। ସୂଚନା ଅନୁସାରେ, ଯୋଗେଶ୍ୱର ରବିବାର ବାଇକ୍ ଯୋଗେ ରାମପୁର ପଟୁ ଫେରୁଥିବା ବେଳେ କେତେକ ଯୁବକ ସଂଘବଦ୍ଧ ଭାବେ ତାଙ୍କୁ ପିଟି ପିଟି ଲହୁଲୁହାଣ କରିଦେଇଥିଲେ। ଖବର ପାଇ ବରପାଲି ପୋଲିସ ବଳିଟିକ୍ରା ନିକଟରୁ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର ☞ପୃଷ୍ଠା-୧୧


**ଆଜିର ସମ୍ପାଦକୀୟ**

**୬ ବର୍ଷ ପରେ**


## ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ପାଇଁ ୧୦% କୋଟା କାଏମ

### ସଂରକ୍ଷଣ ପ୍ରଦାନରେ ସମ୍ବିଧାନର ଉଲ୍ଲଂଘନ ହେଉନି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୭।୧୧(ପି.ଟି.)



ଅଣସଂରକ୍ଷିତ ବର୍ଗର ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍)ଙ୍କ ନିମନ୍ତେ ସରକାରୀ ଚାକିରି ଓ ନାମଲେଖାରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ପ୍ରଦାନ ନିମନ୍ତେ ସମ୍ବିଧାନର ୧୦୩ତମ ସଂଶୋଧନକୁ ସୁପ୍ରିମକୋର୍ଟ ସୋମବାର କାଏମ୍ ରଖିଛନ୍ତି। ହିତାଧିକାରୀମାନେ ସରକାରୀ, ଘରୋଇ, ଅଣଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ ନାମଲେଖା ସାଙ୍ଗକୁ ସରକାରୀ ନିଯୁକ୍ତିରେ ଏହି ସୁବିଧା ପାଇପାରିବେ। ପ୍ରଧାନ ବିଚାରପତି (ସିଜେଆଇ) ୟୁ.ୟୁ. ଲଳିତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଦିନେଶ ମାହେଶ୍ୱରୀ, ଏସ୍. ରବୀନ୍ଦ୍ର ଭଟ୍ଟ, ବେଲା ଏମ୍. ତ୍ରିବେଦୀ ଏବଂ ଜେ.ବି. ପର୍ଦ୍ଦିୱାଲାଙ୍କୁ ନେଇ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ୩:୨

#### ସପକ୍ଷରେ ୩, ବିରୋଧରେ ୨ ବିଚାରପତି ମତ ରଖିଲେ

ସଂଖ୍ୟାଗରିଷ୍ଠ ମତରେ ଇଡବ୍ଲ୍ୟୁଏସ୍ କୋଟାକୁ କାଏମ୍ ରଖିଛନ୍ତି। ଏଥିପାଇଁ କରାଯାଇଥିବା ସଂଶୋଧନ ସମ୍ବିଧାନର ଉଲ୍ଲଂଘନ କରୁନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ରାୟ କେନ୍ଦ୍ର ସରକାରଙ୍କ ପାଇଁ ଏକ ବଡ଼ ବିଜୟ ବୋଲି କୁହାଯାଉଛି।

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ସମ୍ବିଧାନର ୧୦୩ତମ ସଂଶୋଧନ ବଳରେ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ନିମନ୍ତେ ୧୦% ସଂରକ୍ଷଣ ବ୍ୟବସ୍ଥା କରିଥିବାବେଳେ ଏହାର ବୈଧତାକୁ ଚ୍ୟାଲେଞ୍ଜ କରି ୪୦ଟି ପିଟିଶନ ଦାଏର ହୋଇଥିଲା। ୫ ଜଣିଆ ପୀଠ ୪ଟି ଭିନ୍ନ ରାୟ ଘୋଷଣା କରିଛନ୍ତି। ଜଷ୍ଟିସ୍ ଦିନେଶ ମାହେଶ୍ୱରୀ, ☞ପୃଷ୍ଠା-୧୧

# ପ୍ରଲୋଭନ କାମ ଦେଲାନି

ଭୁବନେଶ୍ୱର,୭।୧୧(ବ୍ୟୁରୋ)

ଧାମନଗର ଉପନିର୍ବାଚନ ଫଳାଫଳ ରାଜ୍ୟରେ ଏକ ନୂତନ ବାତାବରଣ ସୃଷ୍ଟି କରିଛି। ବିଜେଡି ପ୍ରାର୍ଥୀ ଅବନ୍ତୀ ଦାସ ୯୮୮୧ ଖଣ୍ଡ ଭୋଟ୍‌ରେ ହାରିବା ପରେ ଆଶ୍ଚର୍ଯ୍ୟଜନକ ଭାବେ ସେହି ପରାଜୟ ଶାସକ ଦଳ ଭିତରେ ଚାପା ଉଲ୍ଲାସ ସୃଷ୍ଟି କରିଛି। ବିଜେଡିର ଗୋଟିଏ ଗୋଷ୍ଠୀ ଶକ୍ତିଶାଳୀ ହୋଇପଡ଼ିଥିବା ହେତୁ ଦଳର ଟାଣୁଆ ନେତା ଓ କର୍ମୀ ନିଜକୁ ଅସହାୟ ମନେ କରିଆସୁଥିଲେ। ଦଳୀୟ ନେତାଙ୍କୁ ଦୁର୍ବ୍ୟବହାର କରୁଥିବା ଏହି ତଥାକଥିତ ଶକ୍ତିଶାଳୀ ଗୋଷ୍ଠୀ ଏବେ ଲୋକଙ୍କ ଦ୍ୱାରା ଆଦୃତ ନୁହେଁ ବୋଲି ସ୍ପଷ୍ଟ ହୋଇଯାଇଛି। ସେଥିପାଇଁ ନିଜକୁ ଦୁର୍ବଳ ଅନୁଭବ କରୁଥିବା ପୁରୁଖା ନେତାମାନେ ଏବେ ଆଶ୍ୱସ୍ତ ମନେ କରୁଛନ୍ତି ବୋଲି ଖୋଲାଖୋଲି କହୁଛନ୍ତି। ଶାସକ ଦଳର ବହୁ ନେତା ଏହି ଫଳାଫଳକୁ ନେଇ ବେଶ୍ ଉତ୍ସାହିତ ଥିବା କଥାକୁ ବର୍ତ୍ତମାନ ବିରୋଧୀ ମଧ୍ୟ ଇଙ୍ଗିତ କରିବା ଆରମ୍ଭ କରିଦେଲେଣି। ଅନ୍ୟପଟେ ପରାଜୟକୁ ନେଇ ସମୀକ୍ଷା ହେବ ବୋଲି ବିଜେଡି ବିଧାୟକ ଦେବୀ ମିଶ୍ର କହିବା ପରେ ଅଣଦେଖା ଅବସ୍ଥାରେ ଥିବା ଦଳୀୟ ନେତାଙ୍କୁ ଏହା ଆହୁରି ସୁହାଇଛି। ଶାସକ ଦଳର କୌଣସି ନେତା ସିଧାସଳଖ ନିଜ ଖୁସିକୁ ଜାହିର କରୁ ନ ଥିଲେ ମଧ୍ୟ ତାଙ୍କ ସମର୍ଥକମାନଙ୍କ ନିକଟରେ ଏହା ବ୍ୟକ୍ତ କରିବାରେ ଲାଗିପଡ଼ିଛନ୍ତି। ଅନ୍ୟପଟେ ଧାମନଗର ଫଳାଫଳ ପ୍ରକାଶ ପାଇବା ପୂର୍ବ ପର୍ଯ୍ୟନ୍ତ ଶାସକ ଦଳର ପ୍ରଦର୍ଶନ ନେଇ ବହୁ ବରିଷ୍ଠ ନେତା ରାଜଧାନୀରେ ରହି ଅଙ୍କକଷିବାରେ ଲାଗିପଡ଼ିଥିଲେ। ଧାମନଗର ପ୍ରଚାର ସମୟରେ ୩ ଯାଜପୁର ନେତାଙ୍କ ମଧ୍ୟରେ ସାଧାରଣରେ ମତାନ୍ତର ଏବଂ କଥା କଟାକଟି ବିଷୟ ନେଇ ଅନେକ ଆଲୋଚନା ଚାଲିଛି।

ସୂଚନାଯୋଗ୍ୟ ଯେ, ୨୦୧୯ ସାଧାରଣ ନିର୍ବାଚନରେ ଧାମନଗର ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କଠାରୁ ୪୬୨୫ ଖଣ୍ଡ ଭୋଟ୍‌ରେ ଜିତିଥିଲେ। ଏହି ନିର୍ବାଚନରେ ବିଷ୍ଣୁ ସେଠୀ ମୋଟ୍ ୮୦,୧୧୧ ଖଣ୍ଡ ଭୋଟ୍ ପାଇଥିଲେ। ଯାହା ମୋଟ୍ ଭୋଟ୍ ପ୍ରତିଶତର ୪୭.୪୭% ଅଟେ। ସେହିପରି ରାଜେନ୍ଦ୍ର ଦାସଙ୍କୁ ମୋଟ୍ ୭୫,୪୮୬ ଖଣ୍ଡ ଭୋଟ୍ ମିଳିଥିଲା। ଏହା ମୋଟ୍ ଭୋଟ୍ ପ୍ରତିଶତର ୪୫.୬୭ ପ୍ରତିଶତ। ସେହିପରି କଂଗ୍ରେସ ଏହି ଆସନରୁ ବିଦ୍ୟାଧର ଜେନାଙ୍କୁ ପ୍ରାର୍ଥୀ କରିଥିବା ବେଳେ ତାଙ୍କୁ ମୋଟ୍ ୭,୩୦୩ ଖଣ୍ଡ ଭୋଟ୍ ମିଳିଥିଲା, ଯାହା ମୋଟ୍ ଭୋଟ୍ ପ୍ରତିଶତର ୪.୪୨ % ହେବ।

ବିଷ୍ଣୁ ସେଠୀଙ୍କ ବିୟୋଗ ପରେ ଗତ ନଭେମ୍ବର ୩ ତାରିଖରେ ଧାମନଗରରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ରବିବାର ଏହାର ଫଳାଫଳ ପ୍ରକାଶ ପାଇଛି। ଏହି ଆସନରୁ ଭାଜପାର ବିଷ୍ଣୁଙ୍କ ପୁଅ ସୂର୍ଯ୍ୟବଂଶୀ ସୁରଜଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ବିଜେଡି ଅବନ୍ତୀ ଦାସଙ୍କୁ ପ୍ରାର୍ଥୀ କରିଥିଲା। ବିଜେଡି ଟିକେଟରୁ ବଞ୍ଚିତ ହେବା ପରେ ରାଜେନ୍ଦ୍ର ଦାସ ସ୍ୱାଧୀନ ପ୍ରାର୍ଥୀ ଭାବେ ଉପନିର୍ବାଚନ ଲଢ଼ିଥିଲେ। କଂଗ୍ରେସ ଏହି ଆସନରୁ ବାବା ହରେକୃଷ୍ଣ ସେଠୀଙ୍କୁ ପ୍ରାର୍ଥୀ କରିଥିଲା। ☞ପୃଷ୍ଠା-୪




## ଖବରକାଗଜ ପଢ଼ିଲାବେଳେ ଜୀବନ ଚାଲିଗଲା

ରାଜସ୍ଥାନ ବାରମୁଲାରେ ଜଣେ ବ୍ୟକ୍ତି ପେପର୍ ପଢ଼ୁଥିବା ବେଳେ ତାଙ୍କ ମୃତ୍ୟୁ ଘଟିଛି। ଶନିବାର ସକାଳ ପ୍ରାୟ ୧୦ଟାବେଳେ ୬୧ ବର୍ଷୀୟ ଦିଲିପ କୁମାର ମଦାନି ଡେଣ୍ଟାଲ୍ କ୍ଲିନିକ୍‌କୁ ଯାଇଥିଲେ। ସେଠାରେ ଖବରକାଗଜ ବସି ପଢ଼ିଲାବେଳେ ସେ ହଠାତ୍ ମୂର୍ଚ୍ଛାଚାଲିଯାଇଥିଲେ। କ୍ଲିନିକ କର୍ମଚାରୀ ତୁରନ୍ତ ଦିଲିପଙ୍କୁ ଡାକ୍ତରଖାନା ନେଇଯାଇଥିଲେ ହେଁ ସଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତେବେ ଉକ୍ତ ଘଟଣା ସିସିଟିଭିରେ କଏଦ ହୋଇଥିବାବେଳେ ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି।

### ସଂକ୍ଷେପରେ

## ଦିଲ୍ଲୀରେ ବୁଧବାରଠାରୁ ଖୋଲିବ ସ୍କୁଲ

ନୂଆଦିଲ୍ଲୀ, ୭।୧୧: ବାୟୁ ପ୍ରଦୂଷଣର ମାତ୍ରା ନିୟନ୍ତ୍ରଣକୁ ଆସିବା ପରେ ବୁଧବାରଠାରୁ ଦିଲ୍ଲୀର ସମସ୍ତ ପ୍ରାଇମେରୀ ସ୍କୁଲ ଖୋଲିବା ନେଇ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିସହ ୫୦% କର୍ମଚାରୀ ୱାର୍କଫ୍ରମ୍ ହୋମ୍ କରିବା ନେଇ ସରକାର ଯେଉଁ ନିର୍ଦ୍ଦେଶ ଦେଇଥିଲେ ତାହାକୁ ରଦ୍ଦ କରିଦିଆଯାଇଛି। ଦିଲ୍ଲୀର ବାୟୁ ପ୍ରଦୂଷଣସ୍ତର ନିୟମିତ ଭାବେ ହ୍ରାସ ହେବାରେ ଲାଗିଛି। କୃଷକଙ୍କ ନଡ଼ା ପୋଡ଼ି କମିଥିବା ଦିଲ୍ଲୀ ଏନ୍‌ଭାଇରନ୍‌ମେଣ୍ଟ ମନ୍ତ୍ରୀ ଗୋପାଳ ରାୟ କହିଛନ୍ତି। ଦିଲ୍ଲୀ ବାୟୁ ପ୍ରଦୂଷଣରେ ହ୍ରାସ ନେଇ ରବିବାର କେନ୍ଦ୍ରୀୟ ଏୟାର କ୍ୱାଲିଟି ପ୍ୟାନେଲ୍ ନନ୍-ଡିଜେଲ୍ ଲାଇଟ୍ ମୋଟର ଭେହିକଲ୍ ଉପରୁ କଟକଣା ହଟାଇବାର ନିର୍ଦ୍ଦେଶ ଦେଇଥିଲେ।

## ସିଜେଆଇ ଜଷ୍ଟିସ୍ ଲଳିତଙ୍କୁ ବିଦାୟ ସମ୍ବର୍ଦ୍ଧନା


ବିଦାୟୀ ସମ୍ବର୍ଦ୍ଧନା ବେଳେ ସିଜେଆଇ ୟୁୟୁ ଲଳିତଙ୍କ ସହ ଜଷ୍ଟିସ୍ ଚନ୍ଦ୍ରଚୂଡ଼।

ନୂଆଦିଲ୍ଲୀ,୭।୧୧(ପି.ଟି.): ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଉଦୟ ଉମେଶ ଲଳିତଙ୍କୁ ସୋମବାର ସୁପ୍ରିମକୋର୍ଟ ପରିସରରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସେ ସୁପ୍ରିମକୋର୍ଟରେ ବିତାଇଥିବା ୩୭ ବର୍ଷର ସ୍ମୃତିକୁ ମନେପକାଇ ଭାବବିହ୍ୱଳ ହୋଇଯାଇଥିଲେ। ଜଣେ ଆଇନଜୀବୀ ଓ ବିଚାରପତି ଭାବେ ସେ ତାଙ୍କ କାର୍ଯ୍ୟକୁ ଉପଭୋଗ କରିଥିବା କହିଛନ୍ତି। ମଙ୍ଗଳବାର ସିଜେଆଇ ଲଳିତ ଅବସର ନେବେ। ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ତାଙ୍କ ଉତ୍ତରାଧିକାରୀ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ୭୪ ଦିନ କାର୍ଯ୍ୟକାଳ ମଧ୍ୟରେ ଜଷ୍ଟିସ୍ ଲଳିତ ନ୍ୟାୟିକ ବ୍ୟବସ୍ଥାରେ ଆଣିଥିବା ସଂସ୍କାର କାର୍ଯ୍ୟ ଜାରି ରହିବ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। ସେ ଦେଶର ୫୦ତମ ପ୍ରଧାନ ବିଚାରପତି ଭାବେ ବୁଧବାର ଶପଥ ଗ୍ରହଣ କରିବେ।

## ହିନ୍ଦୁକୁ ନେଇ କଂଗ୍ରେସ ନେତାଙ୍କ ବିବାଦୀୟ ମନ୍ତବ୍ୟ

ବେଙ୍ଗାଲୁରୁ,୭।୧୧: ହିନ୍ଦୁ ଶବ୍ଦକୁ ନେଇ କର୍ଣ୍ଣାଟକର ବରିଷ୍ଠ କଂଗ୍ରେସ ନେତା ସତୀଶ ଲକ୍ଷ୍ମଣରାଓ ଜାର୍କିହୋଲି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ହିନ୍ଦୁର ଏକ ଅଶ୍ଳୀଳ ଅର୍ଥ ରହିଛି। ଏହି ଧର୍ମ ଭାରତରେ ସୃଷ୍ଟି ହୋଇନାହିଁ, ପାରସ୍ୟରୁ ଆସିଥିବା ଜାର୍କିହୋଲି କହିଛନ୍ତି। ଭାରତ ସହ ଆଦୌ ସମ୍ପୃକ୍ତ ନ ଥିବା ଏହି ଶବ୍ଦକୁ ଲୋକେ କିପରି ଗ୍ରହଣ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ହିନ୍ଦୁ ଶବ୍ଦକୁ ନେଇ ବିତର୍କ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ତାଙ୍କ ବକ୍ତବ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଶାସକ ଭାଜପା ପକ୍ଷରୁ ନିନ୍ଦା କରାଯାଇଛି। ହିନ୍ଦୁମାନଙ୍କୁ ଅପମାନିତ ଓ ଉତ୍ତେଜିତ କରିବା ଲାଗି କଂଗ୍ରେସ ନେତା ଏଭଳି ବିବାଦୀୟ ମନ୍ତବ୍ୟ ଦେଇଥିବା କର୍ଣ୍ଣାଟକ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅଶ୍ୱଥନାରାୟଣ କହିଛନ୍ତି। ଅଯଥା ବିବାଦ ସୃଷ୍ଟି ନକରି ଲୋକଙ୍କ ଭାବାବେଗ ଓ ସଂସ୍କୃତିକୁ ସମ୍ମାନ ଦେବା ଲାଗି ସେ ପରାମର୍ଶ ଦେଇଛନ୍ତି।

## ସଞ୍ଜୀୟ୍ ଭଣ୍ଡାରୀଙ୍କୁ ପ୍ରତ୍ୟର୍ପଣ କରିବ ବ୍ରିଟେନ

ଲଣ୍ଡନ,୭।୧୧(ପି.ଟି.): ଟିକସ ଫାଙ୍କି ଏବଂ ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତ ଅସ୍ତ୍ର ବ୍ୟବସାୟୀ ତଥା ମଧ୍ୟସ୍ଥ ସଞ୍ଜୟ ଭଣ୍ଡାରୀଙ୍କୁ ଭାରତ ପ୍ରତ୍ୟର୍ପଣ କରିବା ଲାଗି ବ୍ରିଟେନ୍‌ର ଏକ ଅଦାଲତ ସୋମବାର ରାୟ ପ୍ରଦାନ କରିଛନ୍ତି। ୬୦ ବର୍ଷୀୟ ଭଣ୍ଡାରୀଙ୍କୁ



ଫେରାଇ ଆଣିବା ଲାଗି ଭାରତ ସରକାର ଦୁଇଥର ବ୍ରିଟେନକୁ ଅନୁରୋଧ କରିଥିଲେ। ପୂର୍ବରୁ ଲଣ୍ଡନର ୱେଷ୍ଟମିନିଷ୍ଟର ମାଜିଷ୍ଟ୍ରେଟ୍ କୋର୍ଟରେ ଶୁଣାଣି ବେଳେ ଭଣ୍ଡାରୀଙ୍କୁ ପ୍ରତ୍ୟର୍ପଣ କରିବାରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ଜିଲା ଜଜ୍ ମିଚେଲ ସ୍ନୋ କହିଥିଲେ। ପ୍ରତ୍ୟର୍ପଣ ଉପରେ ନିଷ୍ପତ୍ତି ନେବା ଲାଗି ମାମଲାକୁ ବ୍ରିଟେନ ଗୃହମନ୍ତ୍ରୀ ସୁଏଲା ବ୍ରେଭରମ୍ୟାନ୍‌ଙ୍କ ପାଖକୁ ପଠାଯାଇଥିଲା। ଭାରତ ଆସିବା ପରେ ତାଙ୍କୁ ନୂଆଦିଲ୍ଲୀର ତିହାର ଜେଲ୍‌ରେ ସ୍ୱତନ୍ତ୍ର ପ୍ରକୋଷ୍ଠରେ ରଖାଯିବା ସହ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିଲେ।

# ପାଶ୍ଚାତ୍ୟରେ 'ଅଣୁ ଅସ୍ତ୍ର' ଛନକା

### ପୁଟିନ୍-ମାକ୍ରଁ ଆଲୋଚନା ପରେ



ମସ୍କୋ/କିଭ୍, ୭।୧୧

ୟୁକ୍ରେନ୍ ଉପରେ ଆକ୍ରମଣ କରି ହରଡ଼ଘଣାରେ ପଡ଼ିଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିକଟରେ ତାଙ୍କ ଫ୍ରାନ୍ସ ପ୍ରତିପକ୍ଷ ଇମାନ୍ୱେଲ ମାକ୍ରଁଙ୍କ ସହ କଥା ହୋଇଥିଲେ। ବାର୍ତ୍ତାଳାପ ବେଳେ ସେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷରେ ଜାପାନ ଉପରେ ଆମେରିକା ପକ୍ଷରୁ ନିକ୍ଷେପ କରାଯାଇଥିବା ପରମାଣୁ ବୋମା ସମ୍ପର୍କରେ ଅବତାରଣା କରିଥିଲେ। ଏହି ଆକ୍ରମଣ ପରେ ଜାପାନ ଆତ୍ମସମର୍ପଣ କରିଥିଲା। ତେଣୁ ବିଜୟ ହାସଲ ପାଇଁ ବଡ଼ ସହରଗୁଡ଼ିକୁ ଟାର୍ଗେଟ କରିବା ଆବଶ୍ୟକ ନୁହେଁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ଏହାର ଏକ ଦୃଷ୍ଟାନ୍ତ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରଁଙ୍କୁ ପୁଟିନ୍ କହିଥିବା ନେଇ କେତେକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ହଇଚଇ ସୃଷ୍ଟି ହୋଇଛି। ପୁଟିନ୍ କିଭ୍‌କୁ ଛାଡ଼ି ପୂର୍ବ ୟୁକ୍ରେନ୍‌ରେ ଆଣବିକ ଅସ୍ତ୍ର ପ୍ରୟୋଗର ନିଷ୍ପତ୍ତି ନେଇପାରନ୍ତି ବୋଲି ଏହି ବାର୍ତ୍ତାଳାପରୁ ସଙ୍କେତ ମିଳୁଥିବା ଉକ୍ତ ରିପୋର୍ଟରେ ଆଶଙ୍କା ବ୍ୟକ୍ତ କରାଯାଇଛି। ଗତ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠାରୁ ଆଣବିକ ଅସ୍ତ୍ର ଭୟ ବଢ଼ିବାରେ ଲାଗିଛି। କିଭ୍‌କୁ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ସାମରିକ ସହାୟତା ଦେଇଆସୁଛନ୍ତି। ୟୁକ୍ରେନ୍ ରୁଷିଆ ବିରୋଧରେ 'ଡାର୍ଟି ବମ୍' ବ୍ୟବହାର କରିପାରେ ବୋଲି ନିକଟରେ ମସ୍କୋ ଆଶଙ୍କା ବ୍ୟକ୍ତ କରିଥିଲା। ଏଭଳି ସ୍ଥିତିରେ ମାକ୍ରଁଙ୍କ ସହ କଥା ହେବାବେଳେ ପୁଟିନ୍‌ଙ୍କ ପାଟିରୁ 'ପରମାଣୁ ବୋମା' ବାହାରିବା ଆଉ ଏକ ସମ୍ଭାବ୍ୟ ବିଧ୍ୱଂସକୁ ସୂଚାଉଥିବା କୁହାଯାଉଛି। ୟୁକ୍ରେନ୍ ଯୁଦ୍ଧର ଅବସାନ ଲାଗି ପୁଟିନ୍ ଟାକ୍ଟିକାଲ ୱେପନ ପ୍ରୟୋଗ କରିପାରନ୍ତି ବୋଲି ପାଶ୍ଚାତ୍ୟର ନେତାମାନଙ୍କ ମନରେ ଛନକା ପଶିଛି। ପ୍ରକାଶ ଯେ, ୧୯୪୫ ଅଗଷ୍ଟ ୬ରେ ଜାପାନର ହିରୋଶିମା ଉପରେ ଆମେରିକା ପ୍ରଥମ ପରମାଣୁ ବୋମା ପକାଇଥିଲା। ଏହାର ୩ ଦିନ ପରେ ନାଗାସାକିକୁ ଆଣବିକ ଅସ୍ତ୍ରରେ ଟାର୍ଗେଟ କରିଥିଲା। ପ୍ରଥମ ବୋମାକୁ 'ଲିଟିଲ୍ ବୟ' କୁହାଯାଇଥିବାବେଳେ ଦ୍ୱିତୀୟ ବୋମାକୁ 'ଫ୍ୟାଟ୍ ମ୍ୟାନ୍' ନାମକରଣ କରାଯାଇଥିଲା। ଏହି ଆକ୍ରମଣରେ ୩,୫୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ। ସେବେଠୁ ଅଦ୍ୟାବଧି କୌଣସି ଯୁଦ୍ଧରେ ଆଣବିକ ଅସ୍ତ୍ର ପ୍ରୟୋଗ କରାଯାଇନାହିଁ। ପୁଟିନ୍ ପାଶ୍ଚାତ୍ୟକୁ ବାରମ୍ବାର ଅଣୁ ଅସ୍ତ୍ର ପ୍ରୟୋଗର ଧମକ ଦେଉଥିବାବେଳେ ଏହାର ପରିଣାମ ଭୟଙ୍କର ହେବ ବୋଲି ଆମେରିକା ନେତୃତ୍ୱାଧୀନ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ଚେତାବନୀ ଦେଉଛି। ଏଭଳି ସମୟରେ ପୃଥିବୀ ନିଦ୍ରାବସ୍ଥାରେ ଆଣବିକ ଯୁଦ୍ଧ ଆଡ଼କୁ ଅଗ୍ରସର ହେଉଥିବା ନେଇ ମଣିଷ ଜାତିକୁ ସତର୍କ କରାଇଛି ପ୍ରଳୟର ପ୍ରତୀକାତ୍ମକ ଘଣ୍ଟା ଡୁମ୍ସକ୍ଲକ୍। ଆମେରିକା ଓ ରୁଷିଆ ମଧ୍ୟରେ ଆଣବିକ ଅସ୍ତ୍ର ପ୍ରତିଯୋଗିତା ଆରମ୍ଭ ହେବାର ୨ ବର୍ଷ ପୂର୍ବରୁ ଅର୍ଥାତ୍ ୧୯୪୭ରେ ଡୁମ୍ସଡେ କ୍ଲକ୍ ପ୍ରତିଷ୍ଠା କରାଯାଇଥିଲା। ସେବେଠୁ ଅଦ୍ୟାବଧି ଏହାକୁ ୨୪ ଥର ରିସେଟ୍ କରାଗଲାଣି। ୭୫ ବର୍ଷ ମଧ୍ୟରେ ଏହି କ୍ଲକ୍ ୨୪ ଥର ଘୂରିଲାଣି। ଶୀତଳଯୁଦ୍ଧ ଶେଷ ହେବା ପରେ ୧୯୯୧ ଜାନୁୟାରୀ ମଧ୍ୟରାତ୍ରିରେ ଏହା ସବୁଠୁ ଅଧିକ ବେଗରେ ଗତି କରିଥିଲା।

### ଡୁମ୍ସଡେ କ୍ଲକ୍ କ'ଣ



ଡୁମ୍ସଡେ କ୍ଲକ୍ ହେଉଛି ଖ୍ରୀଷ୍ଟିଆନ, ଇହୁଦୀ ଓ ଇସ୍‌ଲାମ ଧର୍ମଗ୍ରନ୍ଥରେ ଉଲ୍ଲିଖିତ ପୃଥିବୀର ଅନ୍ତ ଏବଂ ମଣିଷର ଶେଷ ବିଚାର ଦିନ। ଏହାକୁ କେହି କେହି 'ପ୍ରଳୟ ଦିବସ' ଭାବେ ମଧ୍ୟ ଅଭିହିତ କରିଥାଆନ୍ତି। ଡୁମ୍ସ କ୍ଲକ୍ ଏକ ପ୍ରତୀକ, ଯାହାକି ମଣିଷ ଦ୍ୱାରା ବିକଶିତ କାରିଗରି ପୃଥିବୀକୁ କେତେ ଧ୍ୱଂସାଭିମୁଖୀ କରାଉଛି ତାହା ଦର୍ଶାଇଥାଏ। ପ୍ରଳୟ ରାତିକୁ କେତେ ମିନିଟ ବାକି ଅଛି ସେନେଇ ଅଣଲାଭକାରୀ ସଙ୍ଗଠନ ଆଟମିକ୍ ସାଇଣ୍ଟିଷ୍ଟସ ଦ୍ୱାରା ପ୍ରତିବର୍ଷ ନିର୍ଦ୍ଧାରିତ ବୁଲେଟିନ୍ ମଣିଷ ଜାତିକୁ ପ୍ରତୀକାତ୍ମକ ଭାବେ ସତର୍କ କରାଇଥାଏ। ଧରାପୃଷ୍ଠରେ ଆମକୁ ତିଷ୍ଠିବାକୁ ହେଲେ ଆଣବିକ ଅସ୍ତ୍ର ପ୍ରୟୋଗଜନିତ ବିପଦକୁ ଏଡ଼ାଇବାକୁ ପଡ଼ିବ ବୋଲି ଡୁମ୍ସଡେ କ୍ଲକ୍ ସନ୍ଦେଶ ଦେଇଥାଏ।

## ଶାହରୁଖ, ସଲ୍‌ମାନଙ୍କଠୁ ବଳିଗଲା ଇମ୍ରାନ୍‌ଙ୍କ ଆକ୍ଟିଂ


ଜମିଆତ୍ ଉଲେମା-ଇ-ଇସ୍‌ଲାମ ଫାଜଲ

ଇସ୍‌ଲାମାବାଦ୍, ୭।୧୧

ଅଭିନୟରେ ପାକ୍ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ବଲିଉଡ଼ର ସୁପରଷ୍ଟାର ଶାହରୁଖ ଓ ସଲମାନଙ୍କୁ ହରାଇ ଦେବେ ବୋଲି ପାକିସ୍ତାନର ବରିଷ୍ଠ ରାଜନେତା ତଥା ଜମିଆତ୍ ଉଲେମା-ଇ-ଇସ୍‌ଲାମ ଫାଜଲ (ଜେୟୁଆଇ-ଏଫ୍) ପାର୍ଟି ମୁଖ୍ୟ ମୌଲାନା ଫଜଲୁର ରେହମାନ ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟା ଦେଇ କହିଛନ୍ତି। ସେ କହିଛନ୍ତି ଯେ, ଇମ୍ରାନ୍‌ଙ୍କ ଉପରକୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ତାଙ୍କର ସନ୍ଦେହ ହେଉଛି। ଘଟଣା ସମ୍ପର୍କରେ ଶୁଣିବା ପରେ ଇମ୍ରାନ୍‌ଙ୍କୁ ନେଇ ମନରେ ସହାନୁଭୂତି ଭାବ ଆସିଥିଲା କିନ୍ତୁ ବର୍ତ୍ତମାନ ଇମ୍ରାନ୍‌ଙ୍କ କାର୍ଯ୍ୟକଳାପ ଦେଖିବା ପରେ ଏହା ପ୍ରହସନ ଭଳି ଲାଗୁଛି। ସରକାର ବିରୋଧୀ ରାଲି ବେଳେ ତାଙ୍କ ଉପରକୁ ଗୁଳିମାଡ଼ କରାଯାଇଥିଲା। ଡାହାଣ ଗୋଡ଼ରେ ଗୁଳିବାଜିବା ଯୋଗୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସର୍ଜରି ପରେ ଇମ୍ରାନ୍ ରବିବାର ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିଲେ।

# ଟୁଇଟର ଇଣ୍ଡିଆରୁ ୯୦% କର୍ମଚାରୀ ବିଦା

### ବଞ୍ଚିଯାଇଛି ୧୨ ଜଣଙ୍କ ଚାକିରି

ନୂଆଦିଲ୍ଲୀ, ୭।୧୧

ସୋସିଆଲ ମିଡିଆ ଜାଏଣ୍ଟ କୁହାଯାଉଥିବା ଟୁଇଟରର ମାଲିକାନା ବିଶ୍ୱର ସବୁଠୁ ଧନୀ ଏଲନ ମସ୍କଙ୍କ ହାତକୁ ଚାଲିଯିବା କମ୍ପାନୀ କର୍ମଚାରୀଙ୍କ ପାଇଁ ଏକ ଘୋର ବିପତ୍ତି ଆଣି ଦେଇଥିବା କହିବା କୌଣସି କ୍ଷେତ୍ରରେ ଭୁଲ ହେବନାହିଁ। ବର୍ତ୍ତମାନ ସୁଦ୍ଧା ଟୁଇଟର ଇଣ୍ଡିଆରୁ ୯୦% କର୍ମଚାରୀଙ୍କୁ କମ୍ପାନୀ ବାହାର କରିସାରିଛି। ଟୁଇଟର ଇଣ୍ଡିଆରେ ଏବେ ୧୨ଜଣ କର୍ମଚାରୀ ଥିବାବେଳେ ଏହାର ପ୍ରଡକ୍ଟ ଏବଂ ଇଞ୍ଜିନିୟରିଂ ଟିମ୍‌ରୁ ପ୍ରାୟ ୭୦% କର୍ମଚାରୀଙ୍କୁ ଛଟେଇ କରାଯାଇଛି। ପୂର୍ବରୁ କମ୍ପାନୀରେ ୨୦୦ ଭାରତୀୟ କର୍ମଚାରୀ କାମ କରୁଥିଲେ। ଭାରତ ରାଜଧାନୀ ଦିଲ୍ଲୀ, ମୁମ୍ବାଇ ଓ ବେଙ୍ଗାଲୁରୁରେ ଟୁଇଟରର ତିନିଟି ବ୍ରାଞ୍ଚ କାର୍ଯ୍ୟ କରୁଛି। ଭାରତରେ ଗ୍ଲୋବାଲ ଇଣ୍ଟରନେଟ୍ କମ୍ପାନୀ ଗୁଗଲ, ମେଟା ଓ ଟୁଇଟର ବେଶ୍ ଆଦୃତ ଲାଭ କରିଛି। ୟୁଜର୍ସମାନଙ୍କ ଗୋପନୀୟତାକୁ ନେଇ ଏହି କମ୍ପାନୀଗୁଡ଼ିକ ଉପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବହୁ ନିୟମ ଲାଗୁ କରାଯାଇଛି। ବର୍ତ୍ତମାନ ଟୁଇଟର କମ୍ପାନୀର ମାର୍କେଟ ଭାଲ୍ୟୁ ଉପରେ ନକାରାତ୍ମକ ପ୍ରଭାବ ବଢ଼ିଥିବାବେଳେ ୟୁଜରଙ୍କ ପ୍ରତି ଟୁଇଟର ରେସ୍ପନ୍ସ ମଧ୍ୟ କମିଯାଇଛି। କାଲିଫର୍ନିଆ ସାନ୍-ଫ୍ରାନ୍ସିସ୍କୋରେ ଥିବା ଏହାର ମୁଖ୍ୟାଳୟରେ ୫୦%ରୁ ଊର୍ଦ୍ଧ୍ୱ କର୍ମଚାରୀ ବିଦା ହୋଇସାରିଲେଣି। ମୋଟ ଉପରେ ଟୁଇଟରରେ ବର୍ତ୍ତମାନ ୩,୭୦୦ କର୍ମଚାରୀ କାମ କରୁଛନ୍ତି।

## ରାଜସାକ୍ଷୀ ହେବେ ସିସୋଡିଆଙ୍କ ସହଯୋଗୀ

### ଦିଲ୍ଲୀ ଅବକାରୀ ଦୁର୍ନୀତି


ଦିନେଶ ଆରୋରା

ନୂଆଦିଲ୍ଲୀ,୭।୧୧

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ଘନିଷ୍ଠ ସହଯୋଗୀ ଦିନେଶ ଆରୋରା ରାଜସାକ୍ଷୀ ହେବା ଲାଗି ନିଷ୍ପତ୍ତି ନେଇଛନ୍ତି। ଏହା ସିସୋଡିଆଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି କୁହାଯାଉଛି। ମାମଲାର ସାକ୍ଷୀ ଭାବେ ଆରୋରାଙ୍କୁ ଆଗୁଆ ଜାମିନରେ ନେବା ଲାଗି ସିବିଆଇ ଅଦାଲତଙ୍କ ଅନୁମତି ଲୋଡ଼ିଛି। ମାମଲାର ଅନ୍ୟ ଅଭିଯୁକ୍ତମାନଙ୍କ ସହ ବ୍ୟବସାୟୀ ଆରୋରାଙ୍କର ଘନିଷ୍ଠ ସମ୍ପର୍କ ରହିଛି। ନୂଆ ଅବକାରୀ ନୀତିରେ ମଦ ଲାଇସେନ୍ସ ପ୍ରଦାନରେ ହୋଇଥିବା ଅର୍ଥ କାରବାର ସହ ସେ ସମ୍ପୃକ୍ତ ଥିଲେ। ତେବେ କମିଶନ କାରବାରରେ ସେ ଲାଭବାନ୍ ହୋଇ ନ ଥିଲେ। ସେ ତଦନ୍ତରେ ସହଯୋଗ କରୁଥିବା ସିବିଆଇ କହିଛି। ରାଜଧାନୀରେ ମଦ ବିକ୍ରି ପାଇଁ ଦିଲ୍ଲୀ ସରକାର ଆଣିଥିବା ନୂଆ ଅବକାରୀ ନୀତିରେ ଅନିୟମିତତା ରହିଥିବା ନେଇ ଉପରାଜ୍ୟପାଳ ଅଭିଯୋଗ ଆଣିଥିଲେ। ଏଥିସହ ସେ ସିବିଆଇକୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନୂଆ ନୀତିକୁ ରଦ୍ଦ କରି ପୁନର୍ବାର ପୁରୁଣା ନୀତି କାର୍ଯ୍ୟକାରୀ କରିଥିଲେ।


କଶ୍ମୀର ଉପତ୍ୟକାରେ ସୋମବାର ତୁଷାରପାତ ହୋଇଛି। ଗୁଲମାର୍ଗର ତାପମାତ୍ରା ବିୟୁକ୍ତ ୪.୫ ଡିଗ୍ରୀ ସେଲ୍‌ସିୟସ୍‌କୁ ଖସିଆସିଛି।

## ୩ ଦୋଷୀଙ୍କୁ ମୁକ୍ତ କଲେ ସୁପ୍ରିମକୋର୍ଟ

### ୨୦୧୨ ବଳାତ୍କାର ହତ୍ୟା ମାମଲା

ନୂଆଦିଲ୍ଲୀ,୭।୧୧

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ଘଟଣାର କିଛି ମାସ ପୂର୍ବରୁ ୨୦୧୨ ଫେବୃୟାରୀରେ ଦିଲ୍ଲୀର ଜଣେ ୧୯ ବର୍ଷୀୟା ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ଏହି ମାମଲାରେ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରା ଦୋଷୀସାବ୍ୟସ୍ତ ୩ ଜଣଙ୍କୁ ସୁପ୍ରିମକୋର୍ଟ ସୋମବାର ମୁକ୍ତ କରିଦେଇଛନ୍ତି। ଅପହରଣ ହେବାର କିଛିଦିନ ପରେ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ହରିୟାଣାର ରେୱାରି ଜିଲା ଅନ୍ତର୍ଗତ ଏକ ବିଲରୁ ମିଳିଥିଲା। ତାଙ୍କ ଦେହରେ ଅନେକ କ୍ଷତଚିହ୍ନ ଥିଲା। ଦିଲ୍ଲୀର ନାଜଫଗଡ଼ ଥାନାରେ ଅପହରଣ, ବଳାତ୍କାର ଓ ହତ୍ୟା ମାମଲା ରୁଜୁ ହୋଇଥିଲା। ଦିଲ୍ଲୀର ଏକ ଅଦାଲତ ମାମଲାର ବିଚାର କରି ୨୦୧୪ ଫେବୃୟାରୀରେ ଅଭିଯୁକ୍ତ ରବିକୁମାର, ରାହୁଲ ଏବଂ ବିନୋଦଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ସେମାନଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ। ସେହିବର୍ଷ ଦିଲ୍ଲୀ ହାଇକୋର୍ଟ ସେମାନଙ୍କ ମୃତ୍ୟୁ ଦଣ୍ଡାଦେଶକୁ କାଏମ ରଖିଥିଲେ। ଅପରାଧୀମାନେ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବା ସହ ଦଣ୍ଡ କୋହଳ ଲାଗି ଆବେଦନ କରିଥିଲେ। ପ୍ରଧାନ ବିଚାରପତି ୟୁ.ୟୁ. ଲଳିତ, ଜଷ୍ଟିସ ଏସ୍ ରବୀନ୍ଦ୍ର ଭଟ୍ଟ ଏବଂ ବେଲା ଏମ୍. ତ୍ରିବେଦୀଙ୍କ ଖଣ୍ଡପୀଠ ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେବା ସହ ଅପରାଧୀମାନଙ୍କୁ ମୁକ୍ତ କରିଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଆଫ୍ରିକୀୟ ଚିତାର ଭାରତରେ ପ୍ରଥମ ଶିକାର

ନୂଆଦିଲ୍ଲୀ,୭।୧୧

ଆଫ୍ରିକୀୟ ଦେଶ ନାମିବ୍ୟାରୁ ସେପ୍ଟେମ୍ବର ୧୭ରେ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନକୁ ଅଣାଯାଇଥିବା ଚିତା ଭାରତ ମାଟିରେ ପ୍ରଥମ ଶିକାର କରିଛନ୍ତି। କ୍ୱାରାଣ୍ଟାଇନରେ ଥିବା ୮ଟି ଚିତାଙ୍କ ମଧ୍ୟରୁ ଦୁଇ ଅଣ୍ଡିରା ଚିତା ଫ୍ରେଡି ଏବଂ ଏଲ୍‌ଟନଙ୍କୁ ଗତ ୫ ତାରିଖରେ ଏକ ବୃହତ୍ ଏନ୍‌କ୍ଲୋଜର ମଧ୍ୟରେ ଛଡ଼ାଯାଇଥିଲା। ମୁକ୍ତ ହେବାର ୨୪ ଘଣ୍ଟା ମଧ୍ୟରେ ସେମାନେ ଏକ ହରିଣ ଶିକାର କରିଛନ୍ତି। ଚିତାଗୁଡ଼ିକ ସୁସ୍ଥ, ସକ୍ରିୟ ରହିବା ସହ ପରିବେଶ ସହ ଖାପଖୁଆଇ ଗଲେଣି ବୋଲି ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ଅନ୍ୟ ଚିତାଗୁଡ଼ିକୁ ଖୁବ୍‌ଶୀଘ୍ର ମୁକ୍ତ କରାଯିବ।



## ହିଜାବ ପୋଡ଼ିଲେ କେରଳ ମହିଳା

### ଇରାନ ଆନ୍ଦୋଳନକୁ ସମର୍ଥନ

କୋଝିକୋଡେ,୭।୧୧

ହିଜାବ ବିବାଦ ଥମିବାର ନାଁ ନେଉନି। ଇରାନୀୟ ମହିଳାମାନେ ଦୁଇମାସ ହେଲା ହିଜାବ ବିରୋଧୀ ଆନ୍ଦୋଳନ ଜାରି ରଖିଛନ୍ତି। ଏହି ଆନ୍ଦୋଳନରେ ଶତାଧିକ ମହିଳାଙ୍କ ଜୀବନ ଗଲାଣି। ସେମାନଙ୍କୁ ସମର୍ଥନ ଜଣାଇ କେରଳର କୋଝିକୋଡେଠାରେ ଯୁକ୍ତିବାଦୀ ସଂଗମର ମୁସଲମାନ ମହିଳାମାନେ ରବିବାର ହିଜାବ ପୋଡ଼ିଛନ୍ତି।

କର୍ଣ୍ଣାଟକ ସରକାର ଶିକ୍ଷାନୁଷ୍ଠାନରେ ହିଜାବ ପରିଧାନ ଉପରେ ରୋକ ଲଗାଇବା ପରେ ଏହା ବିରୋଧରେ କରି ବହୁସଂଖ୍ୟାରେ ମୁସଲମାନ ଛାତ୍ରୀ ରାସ୍ତାକୁ ଓହ୍ଲାଇଥିଲେ। ଉଡୁପି ମହିଳା ପ୍ରି-ୟୁନିଭର୍ସିଟି କଲେଜର ୬ ଜଣ ଛାତ୍ରୀ ଏହାର ନେତୃତ୍ୱ ନେଇଥିଲେ। ହିଜାବ ପିନ୍ଧିବା ସେମାନଙ୍କର ଅଧିକାର ବୋଲି ଦାବି କରି ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କର୍ଣ୍ଣାଟକ ହାଇକୋର୍ଟ ସରକାରଙ୍କ ସପକ୍ଷରେ ରାୟ ଦେବା ପରେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ହିଜାବ ପିନ୍ଧିବା ଇସ୍‌ଲାମରେ ଜରୁରୀ ପ୍ରଥା ନୁହେଁ ବୋଲି ସ୍ୱତନ୍ତ୍ର ଖଣ୍ଡପୀଠ କହିଥିଲେ।

ଗତ ସେପ୍ଟେମ୍ବରରେ ଇରାନରେ ହିଜାବ ବିରୋଧରେ ପ୍ରତିବାଦର ସ୍ୱର ଉଠିଥିଲା। ସେଠାର ହିଜାବକୁ ବିରୋଧ କରୁଥିବା ମହସା ଅମିନି ନାମ୍ନୀ ମହିଳାଙ୍କର ପୋଲିସ ହାଜତରେ ମୃତ୍ୟୁ ପରେ ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା। ବିକ୍ଷୋଭ ୧୫୦ରୁ ଊର୍ଦ୍ଧ୍ୱ ସହରକୁ ବ୍ୟାପିଥିବାବେଳେ ଏହାକୁ ଦମନ କରିବାକୁ ଯାଇ ପୋଲିସ କାର୍ଯ୍ୟାନୁଷ୍ଠାନରେ ୯୨ ଜଣ ପ୍ରାଣ ହରାଇଥିବା ଏକ ଏନ୍‌ଜିଓ ପକ୍ଷରୁ କୁହାଯାଇଥିଲା। ଇରାନ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ବିଭିନ୍ନ ଦେଶରେ ବିରୋଧ କରାଯିବା ସହ ଆନ୍ଦୋଳନକାରୀ ମହିଳାଙ୍କ ସମର୍ଥନରେ ଶୋଭାଯାତ୍ରା କରାଯାଇଛି।


କୋଝିକୋଡ଼େଠାରେ ଯୁକ୍ତିବାଦୀ ସଂଗମର ମୁସଲମାନ ମହିଳାମାନେ ହିଜାବ ପୋଡୁଛନ୍ତି।

କୋଝିକୋଡେଠାରେ ରବିବାର କେରଳ ଯୁକ୍ତିବାଦୀ ସଙ୍ଗମ୍‌ର ସେମିନାର ପରେ ମୁସଲମାନ ମହିଳାମାନେ ହିଜାବ ପୋଡ଼ିଥିଲେ। ୬ ଜଣ ମହିଳା ଏହାର ନେତୃତ୍ୱ ନେଇଥିଲେ। ଭାରତରେ ହିଜାବ ପୋଡ଼ି ପ୍ରଥମ ଘଟଣା। ଇରାନରେ ହିଜାବ ପିନ୍ଧିବାକୁ ବାଧ୍ୟତାମୂଳକ କରାଯିବା ପ୍ରତିବାଦରେ ମହିଳାମାନେ ବିକ୍ଷୋଭ ଚଳାଇଥିବାବେଳେ ସେମାନଙ୍କ ସମର୍ଥନରେ କେରଳର ମୁସଲମାନ ମହିଳାମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୭୮,୪୪,୮୩୬ | ୬୬,୦୬,୦୩୫ | ୬୧,୭୫,୮୩,୩୪୦ |
| ଭାରତ | ୪,୪୬,୬୧,୫୧୬ | ୫,୩୦,୫୦୯ | ୪,୪୧,୧୬,୪୯୧ |
| ଓଡ଼ିଶା | ୧୩,୩୬,୨୬୬ | ୯୨୦୪(+୫୩) | ୧୩,୨୬,୮୬୨ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ତୀର ମାରି ଗର୍ଭଣୀ ହାତୀକୁ ମାରିଦେଲେ

**କେନ୍ଦୁଝର/ତେଲକୋଇ, ୭।୧୧(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ ତାଳପଦା ସେକ୍ସନ ତାଳପଦା ବିଟ୍ ଅଧୀନ କୁଳିଆପାଳ ନିକଟ କଳାପାଟ ସଂରକ୍ଷିତ ଜଙ୍ଗଲରୁ ବନ ବିଭାଗ ଏକ ମାଈ ହାତୀ ଓ ଶାବକର ଗଳିତ ମୃତଦେହ ଠାବ କରିଛି। ମା' ହାତୀକୁ ତୀର ବିଦ୍ଧ କରି ହତ୍ୟା କରାଯାଇଥିବା ବ୍ୟବଚ୍ଛେଦରୁ ଜଣାପଡ଼ିଛି। ବ୍ୟବଚ୍ଛେଦରେ ମୃତ ମାଈ ହାତୀର ଶରୀରରୁ ତୀର ବାହାରିଛି। ତୀରଟି ପାକସ୍ଥଳୀ ଦେଇ ଗର୍ଭାଶୟକୁ ଭେଦ କରିଥିଲା। ଅସହ୍ୟ ଯନ୍ତ୍ରଣା ଯୋଗୁ ଅପରିପକ୍ୱ ଛୁଆ ହାତୀ ଜନ୍ମ ଦେବା ପରେ ମା' ହାତୀଟିର ମୃତ୍ୟୁ ଘଟିଛି ବୋଲି ବ୍ୟବଚ୍ଛେଦ କରିଥିବା ପ୍ରାଣୀ ଚିକିତ୍ସକ ଡା. କୈଳାଶ ଚନ୍ଦ୍ର ମଲ୍ଲିକ ପ୍ରକାଶ କରିଛନ୍ତି। ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ପାଖାପାଖି ଦୁଇ ସପ୍ତାହ ତଳୁ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଖବରପାଇ କେନ୍ଦୁଝର

## ମା' ଓ ଛୁଆର ଗଳିତ ମୃତଦେହ ଜବତ

ଡିଏଫ୍ଓ ଏଚ୍ଡି ଧନ୍‌ରାଜ, ତେଲକୋଇ ରେଞ୍ଜର ଶିବାଜୀମୋହନ ରାଓ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ସୂଚନା ମୁତାବକ, ସୋମବାର କଳାପାଟ ଗ୍ରାମର କିଛି ଲୋକେ ଉକ୍ତ ଜଙ୍ଗଲକୁ ଯାଇଥିବା ବେଳେ ଦୁର୍ଗନ୍ଧ ହୋଇଥିଲା। ସେଠାରେ ଦୁଇ ହାତୀର ଗଳିତ ମୃତଦେହ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ପରେ ତାଳପଦା ସେକ୍ସନ ବନ କର୍ମଚାରୀ ସଂରକ୍ଷିତ ଜଙ୍ଗଲକୁ ଯାଇ ଖୋଜାଖୋଜି କରି ମୃତଦେହ ଠାବ କରିଥିଲେ। ମାଈ ହାତୀ ମୃତଦେହର ବାମ ପଟ ପେଟରେ ତୀର ବିଦ୍ଧ ହୋଇଥିବା ଦାଗ ଥିବାରୁ ବିଷଯୁକ୍ତ ତୀରରେ ହାତୀର ମୃତ୍ୟୁ ହୋଇଥିବା କୁହାଯାଇଥିଲା। ଏନେଇ ଡିଏଫ୍ଓ କହିଛନ୍ତି, ହାତୀ ସ୍ଥାନୀୟ ଅଞ୍ଚଳରେ ବହୁ ଚାଷଜମି କ୍ଷତି କରିଛନ୍ତି। ତେଣୁ କେହି ଚାଷୀ ଉକ୍ତ ହାତୀକୁ ତୀର ମାରିଥାଇପାରନ୍ତି। ମୃତ ହାତୀର ବ୍ୟବଚ୍ଛେଦ ହୋଇଛି ଏବଂ ଅଧିକ ତଦନ୍ତ ଜାରି ରହିଥିବା ସେ କହିଛନ୍ତି। ଅନ୍ୟପକ୍ଷେ କେନ୍ଦୁଝର ଡିଭିଜନର ୭ଟି ରେଞ୍ଜରେ ସମୁଦାୟ ୧୨୫ ହାତୀଙ୍କ ଚଳପ୍ରଚଳ ରହିଛି। ତେଲକୋଇ ରେଞ୍ଜ ତାଳପଦା ସେକ୍ସନ ତାଳପଦା ବିଟ୍‌ରେ ଗତ ୫ ଦିନ ମଧ୍ୟରେ ହାତୀଙ୍କ ଚଳପ୍ରଚଳ ନେଇ ରିପୋର୍ଟ କରାଯାଇନାହିଁ। ଏହି ଦୁଇ ମୃତ ହାତୀ ସେଠାକୁ କିପରି ଆସିଲେ ଏବଂ ପୂର୍ବରୁ ରିପୋର୍ଟ ହୋଇଛି କି ନାହିଁ ତାହା ତଦନ୍ତ ଦାବି ହୋଇଛି। ତେବେ ହାତୀ ଜଗିବା ପାଇଁ ନିୟୋଜିତ ଥିବା ସ୍କ୍ୱାଡ୍ କର୍ମଚାରୀଙ୍କୁ ଘରୋଇ କାମ, ବନୀକରଣ, ଅଫିସ କାମ ଆଦିରେ ନିୟୋଜିତ କରାଯାଉଥିବାରୁ ହାତୀମାନଙ୍କର ନିରୀକ୍ଷଣ ଠିକ୍ ଭାବରେ ହୋଇପାରୁନାହିଁ ବୋଲି କୁହାଯାଉଛି।



ଜଙ୍ଗଲରେ ଠାବ ମା' ଓ ଛୁଆହାତୀର ଗଳିତ ମୃତଦେହ।

## ସନ୍ଦେହରେ ହାତୀ ଟ୍ରାକିଂ ବ୍ୟବସ୍ଥା

କେନ୍ଦୁଝର ଜିଲାରେ ହାତୀମାନଙ୍କ ଚଳପ୍ରଚଳ ନିରୀକ୍ଷଣ ଓ ହାତୀମାନଙ୍କ ସୁରକ୍ଷା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପ୍ରତ୍ୟେକ ଦିନ ହାତୀ ସ୍କ୍ୱାଡ୍ ତଥା ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡମାନେ ନିଜ ନିଜ ବନାଞ୍ଚଳରେ ହାତୀର ଉପସ୍ଥିତି ନେଇ ଏକ ଆପ୍ ମାଧ୍ୟମରେ ରିପୋର୍ଟ କରିଥାନ୍ତି। ମାତ୍ର ଏହି ଘଟଣାରେ ଦୀର୍ଘ ଦିନ ଧରି ହାତୀ ମୃତ୍ୟୁବରଣ କରିଥିଲେ ହେଁ କିପରି ବନ ବିଭାଗ ଜାଣିପାରିଲେ ନାହିଁ, ଏ ନେଇ ହାତୀର ଉପସ୍ଥିତି ନେଇ ଦୈନନ୍ଦିନ ଦିଆଯାଉଥିବା ରିପୋର୍ଟ ଉପରେ ସନ୍ଦେହ ସୃଷ୍ଟି ହେଉଛି। ଏଣୁ ବନ କର୍ମଚାରୀମାନେ ଅଞ୍ଚଳକୁ ଯାଉ ନ ଥିବା ଏବଂ ଠିକ୍ ଟ୍ରାକିଂ ନ କରି ରିପୋର୍ଟ ଦେଉଥିବା ସ୍ପଷ୍ଟ ହୋଇଛି। ପୂର୍ବରୁ ମଧ୍ୟ ଏଭଳି ଅବହେଳା ପରିଲକ୍ଷିତ ହୋଇ ଆସୁଥିଲେ ହେଁ ବିଭାଗ ପକ୍ଷରୁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇନାହିଁ। ଫଳରେ ସୋମବାର ପୁଣି ୨ଟି ହାତୀର ମୃତଦେହ ଠାବ ହେବା ପରିବେଶବିତ୍ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

## ୨ ବର୍ଷରେ ୧୨ ହାତୀଙ୍କ ମୃତ୍ୟୁ

ଗତ ଜୁନ୍ ୨୬ରେ ଉକ୍ତ ବନାଞ୍ଚଳର କଳାପାଟ ସଂରକ୍ଷିତ ଜଙ୍ଗଲରେ ଏକ ହାତୀର ଗଳିତ ଶବ ବନ ବିଭାଗ ଉଦ୍ଧାର କରିଥିଲା। କିଛି ମାସ ତଳେ ସଦର ରେଞ୍ଜରେ ୨ ହାତୀ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଥିଲେ ଏବଂ ୨୦୨୧-୨୨ରେ କେନ୍ଦୁଝର ଡିଭିଜନରେ ୬ ହାତୀ ମୃତ୍ୟୁବରଣ କରିଥିବା ବେଳେ ୨୦୨୨-୨୩ ଅଦ୍ୟାବଧି ୬ ହାତୀ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।





ରାଷ୍ଟ୍ରପତି ଭବନରେ ସୋମବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଗତ୍‌ସିଂହପୁରର ଖୁଲଣା ବାରିକ ଓ ବ୍ରହ୍ମପୁରର ଶିବାନୀ ଦାଶଙ୍କୁ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ ପୁରସ୍କାର ପ୍ରଦାନ କରୁଛନ୍ତି।

# ଓଡ଼ିଶାର ୩ଜଣଙ୍କୁ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ ପୁରସ୍କାର

**ଭୁବନେଶ୍ୱର, ୭।୧୧(ବ୍ୟୁରୋ)**

ନର୍ସିଂ ସେବା କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ଲାଗି ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ୨୦୨୧ ପାଇଁ ସୋମବାର 'ଜାତୀୟ ଫ୍ଲୋରେନ୍ସ ନାଇଟଙ୍ଗେଲ ପୁରସ୍କାର' ଦିଆଯାଇଛି। ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶର ବିଭିନ୍ନ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକରୁ ମୋଟ ୫୧ଜଣଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ୧୭ଜଣ ଏଏନ୍‌ଏମ୍ ଥିବାବେଳେ ୪ଜଣ ଏଲ୍‌ଏଚ୍‌ଭି ଏବଂ ୩୦ଜଣ ନର୍ସ ରହିଛନ୍ତି। ଏମାନଙ୍କ ମଧ୍ୟରେ ଓଡ଼ିଶାରୁ ୩ଜଣ ଜାତୀୟ ଫ୍ଲୋରେନ୍ସ ନାଇଟଙ୍ଗେଲ ପୁରସ୍କାର ପାଇଛନ୍ତି। ସେମାନେ ହେଲେ ଏଏନ୍‌ଏମ୍ ଦମୟନ୍ତୀ ରାଉତ, ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟର ନର୍ସ ଖୁଲଣା ବାରିକ ଓ ବ୍ରହ୍ମପୁର ଏମ୍‌କେସିଜିର ନର୍ସିଂ ଅଫିସର ଶିବାନୀ ଦାଶ। ସେହିଭଳି ମହାରାଷ୍ଟ୍ର ଓ କର୍ନାଟକରୁ ସର୍ବାଧିକ ୪ଜଣ ଲେଖାଏ ଥିବାବେଳେ ରାଜସ୍ଥାନ, ମଣିପୁର ଓ ଗୁଜରାଟରୁ ୩ଜଣ ଲେଖାଏ, ଆଣ୍ଡାମାନ ନିକୋବର, ବିହାର, ଦିଲ୍ଲୀ, ଉତ୍ତରପ୍ରଦେଶ, ତାମିଲନାଡୁ, ପୁଡୁଚେରୀ, ପଶ୍ଚିମବଙ୍ଗ, ଉତ୍ତରାଖଣ୍ଡ, କେରଳ ଓ ସିକ୍କିମରୁ ୨ଜଣ ଲେଖାଏ, ତ୍ରିପୁରା, ପଞ୍ଜାବ, ମିଜୋରାମ, ଅରୁଣାଚଳ ପ୍ରଦେଶ, ମେଘାଳୟ, ଆନ୍ଧ୍ରପ୍ରଦେଶ, ଲାକ୍ଷାଦ୍ୱୀପ, ଚଣ୍ଡିଗଡ଼, ଜମ୍ମୁ କଶ୍ମୀର, ହିମାଚଳ ପ୍ରଦେଶ ଓ ହରିୟାଣାରୁ ଜଣେ ଲେଖାଏ ରହିଛନ୍ତି। ସୂଚନାଯୋଗ୍ୟ, ସମାଜ ପ୍ରତି ନର୍ସିଂ ବୃତ୍ତିଧାରୀମାନଙ୍କ ପ୍ରଶଂସନୀୟ କାର୍ଯ୍ୟକୁ ସ୍ୱୀକୃତି ପ୍ରଦାନ କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ପକ୍ଷରୁ ୧୯୭୩ ମସିହାରୁ ଜାତୀୟ ଫ୍ଲୋରେନ୍ସ ନାଇଟଙ୍ଗେଲ ପୁରସ୍କାର ଆରମ୍ଭ କରାଯାଇଥିଲା।

# ସମୁଦ୍ରରେ ବୁଡ଼ିଗଲେ ୩: ଜଣେ ମୃତ, ୨ ଉଦ୍ଧାର

**ଗଞ୍ଜାମ,୭।୧୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ରମ୍ଭା ଥାନା ଅନ୍ତର୍ଗତ ବଟେଶ୍ୱର ଶୈବପୀଠ ନିକଟସ୍ଥ ସମୁଦ୍ରକୁ ଗାଧେଇବାକୁ ଯାଇଥିବା ବେଳେ ପାଣିରେ ବୁଡ଼ି ସୋମବାର ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ହୁମ୍ମା ଅଞ୍ଚଳର ରବୀନ୍ଦ୍ର ସ୍ୱାଇଁଙ୍କ ପୁଅ ଗାୟତ୍ରୀ ଜଗନ୍ନାଥ (୧୫)। ଅପରାହ୍ଣରେ ଜଗନ୍ନାଥ ଓ ତାଙ୍କ ୨ ସାଙ୍ଗ ବଟେଶ୍ୱର ସମୁଦ୍ରକୁ ଗାଧେଇବାକୁ ଯାଇଥିବା ବେଳେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକ ୩ଜଣଙ୍କୁ ଉଦ୍ଧାରକରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ। କିନ୍ତୁ ସେଠାରେ ଜଗନ୍ନାଥଙ୍କ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ପୁଅର ମୃତ୍ୟୁକୁ ନେଇ ପରିବାର ଲୋକେ ଦୁଃଖିତ ଥିବା ବେଳେ ବାପା ରବୀନ୍ଦ୍ର ପୁଅର ଚକ୍ଷୁଦାନ କରିବେ ବୋଲି କହିଛନ୍ତି। ମୃତକ ଜଣଙ୍କ ହୁମ୍ମା ବୀରଭଦ୍ର ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ର ବୋଲି ଜଣାପଡ଼ିଛି।




# ଅନୁପ ସାଏଙ୍କୁ ଆଶ୍ୱସ୍ତି

## ତଳ କୋର୍ଟ ରାୟ ଉପରେ ହାଇକୋର୍ଟଙ୍କ ରହିତାଦେଶ

**ଝାରସୁଗୁଡ଼ା ଅଫିସ,୭।୧୧**

ବହୁଚର୍ଚ୍ଚିତ କଳ୍ପନା ଦାଶ ଓ ଝିଅ ବବ୍‌ଲି ଦାଶଙ୍କ ହତ୍ୟା ମାମଲାରେ ବ୍ରଜରାଜନଗର ପୂର୍ବତନ ବିଧାୟକ ଅନୁପ ସାଏଙ୍କୁ ଛତିଶଗଡ ବିଳାସପୁର ହାଇକୋର୍ଟ ଗତ ଗୁରୁବାର ଜାମିନ ଦେଇଥିଲେ। ହାଇକୋର୍ଟ ଜଷ୍ଟିସ୍ ସଞ୍ଜୟ କୁମାର ଅଗ୍ରୱାଲ ଓ ଦୀପକ କୁମାର ତିୱାରୀଙ୍କୁ ନେଇ ଗଠିତ ୨ଜଣିଆ ବେଞ୍ଚ ଏହାର ରାୟ ଶୁଣାଣି କରିଛନ୍ତି। ଅନୁପଙ୍କ ପକ୍ଷରୁ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଅଭିଷେକ ସିହ୍ନା, ସମର୍ଥ ସିଂହ ମାରହାସ ଓ ଶ୍ରୀୟା ଜୟସ୍ୱାଲ ସାକ୍ଷ୍ୟପ୍ରମାଣ ସହିତ ସୁପ୍ରିମକୋର୍ଟଙ୍କ କେତେକ ମାମଲାର ରାୟ କୋର୍ଟରେ ଉପସ୍ଥାପନ କରିଥିଲେ। ଏସବୁ ବିଚାରକୁ ନେଇ କୋର୍ଟ ରାୟ ପ୍ରକାଶ କରି ଅନୁପଙ୍କୁ ଜାମିନ ମଞ୍ଜୁର କରିଛନ୍ତି। ୪ଦିନ ପରେ ସୋମବାର ହାଇକୋର୍ଟଙ୍କ ରାୟ ବିଧିବଦ୍ଧ ଭାବେ ପ୍ରକାଶ ପାଇଛି। ଏହି ରାୟରେ ତଳକୋର୍ଟ ଜାରି କରିଥିବା ସମସ୍ତ ଦଣ୍ଡାଦେଶ ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ଜଣେ ଜାମିନଦାର ଓ ୧ଲକ୍ଷ ଟଙ୍କାର ବେଲବଣ୍ଡ ସହ ଆସନ୍ତା ୨୦ତାରିଖ ମଧ୍ୟରେ ତଳକୋର୍ଟ ରାୟଗଡରେ ଅନୁପ ହାଜର ହୋଇ ଜାମିନରେ ଯିବେ। ଏହାଛଡ଼ା ତଳକୋର୍ଟର ସମସ୍ତ ଧାର୍ଯ୍ୟ ତାରିଖରେ ସେ କୋର୍ଟରେ ହାଜର ହେବେ। ସୂଚନାଯୋଗ୍ୟ ୨୦୧୬ମସିହାରେ ଛତିଶଗଡ ଚକ୍ରଧରନଗର ଥାନା ଅଞ୍ଚଳ ରାସ୍ତାରେ ୨ ମୃତଦେହକୁ ପୋଲିସ୍ ଜବତ କରିଥିଲା। ପାରିପାର୍ଶ୍ୱିକ ସ୍ଥିତିକୁ ଆଧାରକରି ପୋଲିସ ହତ୍ୟା ମାମଲା (ନଂ.୧୫୮/୧୬) ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ପରେ ଉଭୟ ମୃତଦେହ ବ୍ରଜରାଜନଗରର କଳ୍ପନା ଦାଶ ଓ ତାଙ୍କ ନାବାଳିକା ଝିଅ ବବ୍‌ଲି ଦାଶଙ୍କର ବୋଲି ଜଣାପଡିଥିଲା। ଏହି ମାମଲାରେ ଦୀର୍ଘ ୪ବର୍ଷ ପରେ ୨୦୨୦ ଫେବୃୟାରୀ ୧୩ରେ ପୋଲିସ ପୂର୍ବତନ ବିଧାୟକ ଅନୁପ ସାଏ ଓ ତାଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ଗିରଫକରି ରାୟଗଡ ଜେଲ୍ ହାଜତକୁ ପଠାଇ ଦେଇଥିଲା । ରାୟଗଡ କୋର୍ଟରେ ଏହାର ବିଚାର ଚାଲିଥିବାବେଳେ ବର୍ଦ୍ଧନ ଟପ୍ପୋଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଥିଲେ। କୋର୍ଟରେ ମାମଲାର ବିଚାର ଚାଲିଥିବାବେଳେ ଗତ ଏପ୍ରିଲ ୨ତାରିଖରେ ଜିଲା ଦୌରାଜଜ୍ ଅନୁପଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ଏହାକୁ ନେଇ ଅନୁପ ଛତିଶଗଡର ବିଳାସପୁର ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।



# ଦୁର୍ଘଟଣାରେ ଗଲା ୫ ଜୀବନ

**ଉତ୍ତରଓଡ଼ିଶାର ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ସୋମବାର ଦୁଇଟି ମର୍ମନ୍ତୁଦ ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ହୋଇଛି। ବାଲେଶ୍ୱର ସିମୁଳିଆ ଥାନା ଅଞ୍ଚଳରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାରେ ୨ ଯୁବକଙ୍କ ପ୍ରାଣହାନି ଘଟିଛି।**



୧୬ ନଂ. ଜାତୀୟ ରାଜପଥରେ ଦୁର୍ଘଟଣାଗ୍ରସ୍ତ ଗାଡି।

## କାର୍ ଉପରେ ମାଡ଼ିଗଲା ଟ୍ୟାଙ୍କର, ୩ ମୃତ

**ସିମୁଳିଆ/ସୋର, ୭।୧୧(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ଥାନାଠାରୁ ପ୍ରାୟ ୫କି.ମି. ଦୂର ୧୬ନଂ. ଜାତୀୟ ରାଜପଥର ଚିଙ୍ଗୁଡି ଛକ ନିକଟରେ ସୋମବାର ସିରିଜି ଦୁର୍ଘଟଣା ଘଟି ୩ଜଣଙ୍କ ଜୀବନ ଯାଇଛି। ଏକ ତେଲ ଟ୍ୟାଙ୍କର ଭାରସାମ୍ୟ ହରାଇ ଦୁଇଟି କାର୍ ଉପରେ ମାଡିଯିବାରୁ ଏଭଳି ଦୁର୍ଘଟଣା ଘଟିଛି। ଅନ୍ୟ ୪ଜଣ ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। କାର୍‌ରେ ଥିବା ସମସ୍ତ ଯାତ୍ରୀ ଜଗନ୍ନାଥଙ୍କ ଦର୍ଶନ ଲାଗି ପୁରୀ ଯାଉଥିଲେ ବୋଲି ଜଣାପଡିଛି। ସକାଳ ପ୍ରାୟ ସାଢେ ୬ଟା ବେଳେ ପେଟ୍ରୋଲ ନ ଥିବା ଏକ ଖାଲି ଟ୍ୟାଙ୍କର(ନଂ. ଓଡି ୦୧ ଏ କ୍ୟୁ ୦୭୩୧) ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଚିଙ୍ଗୁଡି ଛକ ନିକଟରେ ଡାହାଣ ପଟ ଆଗ ଚକ ଫାଟିଯାଇଥିଲା। ଫଳରେ ବିପରୀତ ଦିଗରେ କୋଲକାତାରୁ ପୁରୀ ଅଭିମୁଖେ ଯାଉଥିବା ଦୁଇଟି କାର୍ (ନଂ.ଡବ୍ଲ୍ୟୁ ବି ୨୪ୱାଇ ୯୩୨୩) ଓ (ନଂ. ଓବ୍ଲ୍ୟୁ ବି ୫୮ ବିଇ ୧୫୩୨) ଉପରକୁ ମାଡି ଯାଇଥିଲା। ଘଟଣାସ୍ଥଳରେ କାର୍ ଡ୍ରାଇଭର ଇବ୍ରାହିମ କାଜି(୩୫) ଓ ବସିଥିବା ପାର୍ବତୀ ଦାସ(୫୦)ଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ଗୁରୁତର ହୋଇଥିବା ଶଙ୍କର ରାଓ(୪୫) ନାମକ ବ୍ୟକ୍ତିଙ୍କର ସୋର ମେଡିକାଲରେ ମୃତ୍ୟୁ ହୋଇଥିଲା। ଏହି ଦୁଇଟି କାରରେ ୨ଶିଶୁଙ୍କ ସମେତ ମୋଟ ୭ଜଣ ଥିଲେ। ଆହତମାନେ ମେଡିକାଲରୁ ଚିକିତ୍ସା ହୋଇ କୋଲକାତା ଫେରିଯାଇଥିବା ବେଳେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଦୁର୍ଘଟଣାସ୍ଥଳରୁ ଟ୍ୟାଙ୍କର ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ଦୁଇଟି କାର୍, ଟ୍ୟାଙ୍କରକୁ ଜବତ କରିଛି।

## ଗଛରେ ପିଟି ହୋଇ ୨ବାଇକ୍ ଆରୋହୀ ମୃତ

**ଠାକୁରମୁଣ୍ଡା,୭।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-କରଞ୍ଜିଆ ୫୩ନଂ. ରାଜ୍ୟ ରାଜପଥର ପାଟବିଲ ନିକଟରେ ସୋମବାର ରାସ୍ତା ପାର୍ଶ୍ୱ ଗଛରେ ଏକ ବାଇକ୍ ପିଟି ହେବାରୁ ୨ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ନିକଟସ୍ଥ ବିସିପୁର (ବୁରୁ ସାହି) ଗ୍ରାମର ମୋହନ ମୁର୍ମୁ (୨୪) ଓ ଅର୍ଜୁନ ସୋରେନ (୨୨)। ସୂଚନା ଅନୁଯାୟୀ, ମୋହନ ଓ ଅର୍ଜୁନ କରଞ୍ଜିଆରୁ କାମ ସାରି ଅପରାହ୍ଣରେ ବାଇକ୍ ଯୋଗେ ବିଶିପୁର ଫେରୁଥିଲେ। ପାଟିବିଲ ନିକଟରେ ଭାରସାମ୍ୟ ହରାଇ ବାଇକ୍‌ଟି ଏକ ଗଛରେ ପିଟି ହୋଇ ଯାଇଥିଲା। ଫଳରେ ଉଭୟ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ କରଞ୍ଜିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। କରଞ୍ଜିଆ ଥାନା ଆଇଆଇସି ରଞ୍ଜନ କୁମାର ସେଠୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।



**ଆଜିର ମନ୍ତବ୍ୟ**

“ପ୍ରଧାନ ବିଚାରପତି ଭାବେ ୭୪ ଦିନର କାର୍ଯ୍ୟକାଳ ମଧ୍ୟରେ ଜଷ୍ଟିସ୍ ଉଦୟ ଉମେଶ ଲଳିତ ନ୍ୟାୟିକ ବ୍ୟବସ୍ଥାରେ ଆଣିଥିବା ସଂସ୍କାର କାର୍ଯ୍ୟ ଜାରି ରହିବ।

– ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ପରବର୍ତ୍ତୀ ସିଜେଆଇ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅନନ୍ୟା
ପରିବାରବର୍ଗ


ବଦ୍ରୀନାଥ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ନୁହେଁ ସେ ଘିଅ**
**ତାକୁ ଗମ୍ଭିରୀ ଶିକାରେ ଥୁଅ।**

ଝିଅ ପ୍ରତି ଅଧିକ ଯତ୍ନଶୀଳ ମନୋଭାବ ପୋଷଣ କରିବା ଉଚିତ। ବୟସ ବାଉଳାରେ ସେ ଯେମିତି ଅବାଟରେ ପାଦ ନ ପକାଏ। ସେଥିଲାଗି ତା' ଉପରେ ସତର୍କ ଦୃଷ୍ଟି ଦିଆଯିବା ଜରୁରୀ ହୋଇଥାଏ। ଘିଅକୁ ଶିକାରେ ରଖାଯିବା ଭଳି ଝିଅକୁ ନିଜ ଆକଟ ମଧ୍ୟରେ ରଖିବା ଉଚିତ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

**ଝଡ଼ ବରଷା;**
**କାଠ ଚାଉଳ ଥିଲେ ଭରସା।**

ଝଡ଼ି ବର୍ଷା ବେଳେ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଥାଏ। ଫଳସ୍ୱରୂପ ହୁସିଆର ବ୍ୟକ୍ତି ବହୁ ପୂର୍ବରୁ ଘର ମଧ୍ୟରେ ଖାଦ୍ୟପେୟ ତଥା ଜାଳେଣି ସାମଗ୍ରୀମାନ ମହଜୁଦ କରି ରଖିଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଏଏସ୍ଓ ଲିଖିତ ପରୀକ୍ଷାରେ ୧୧୦୪ କୃତକାର୍ଯ୍ୟ

### ୧୪ରୁ ପ୍ରମାଣପତ୍ର ଯାଞ୍ଚ

**କଟକ ଅଫିସ,୭।୧୧**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍ଓ) ପଦ ପାଇଁ ଅନୁଷ୍ଠିତ ଲିଖିତ ପରୀକ୍ଷାର ଫଳାଫଳ ସୋମବାର ପ୍ରକାଶ ପାଇଛି। ଲିଖିତ ପରୀକ୍ଷାରେ ୧୧୦୪ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଆସନ୍ତା ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ଓପିଏସ୍‌ସି କାର୍ଯ୍ୟାଳୟରେ ସେମାନଙ୍କ ପ୍ରମାଣପତ୍ର ଯାଞ୍ଚ କରାଯିବ। ଏଥିରେ ସଫଳ ପରୀକ୍ଷାର୍ଥୀ ୨୭ତାରିଖରେ କମ୍ପ୍ୟୁଟର ସ୍କିଲ ଟେଷ୍ଟ ଦେବେ। ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ରୋଲ୍ ନମ୍ବର ଓପିଏସ୍‌ସି ୱେବସାଇଟ୍ www.opsc.gov.inରେ ପ୍ରକାଶ ପାଇଛି।

## ପ୍ରଥମ ପୃଷ୍ଠାରୁ...

## ଅନ୍ତହୀନ ସୀମାନ୍ତ...

ଲୋକେ ସେହି ନାଳ ପାର ହୋଇ ଝାଡ଼ଖଣ୍ଡ ରାଜ୍ୟରୁ ହାଟ ସଉଦା କରୁଥିବାବେଳେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଘରୋଇ ଚିକିତ୍ସାଳୟକୁ ଯାଇଥାନ୍ତି।

**ସ୍ୱାସ୍ଥ୍ୟସେବା:** ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟସେବାରେ ତାଲା ପଡ଼ିଛି। ସେବା ଯୋଗାଉଥିବା କାର୍ଯ୍ୟାଳୟ ବର୍ଷତମାମ ବନ୍ଦ ରହୁଥିବାରୁ ଲୁଟାବୁଦାରେ ଲୁଚିବାକୁ ବସିଛି। ଗ୍ରାମରେ ଏକ ଏଏନ୍‌ଏମ୍ ସେଣ୍ଟର ରହିଥିଲେ ମଧ୍ୟ ମାସକୁ ଥରେ କି ଦୁଇ ଥର ଏହା ଖୋଲାଯାଇଥାଏ। ପାନୀୟ ଜଳର ଅଭାବ ଦୂର ପାଇଁ ନିଯୁକ୍ତି ପାଇଥିବା କର୍ମଚାରୀ ଜଣକ ଉକ୍ତ ସେଣ୍ଟରରେ ରହୁ ନ ଥିବାରୁ ପ୍ରାୟ ସମୟ କାର୍ଯ୍ୟାଳୟରେ ତାଲା ଝୁଲୁଥାଏ। ଗୁରୁତର ରୋଗୀଙ୍କୁ ଚିକିତ୍ସା ନିମନ୍ତେ ୫କି.ମି. ଦୂର ପାକଟିଆଠାରେ ଥିବା ପିଏଚ୍‌ସିକୁ ନିଆଯାଉଥିଲେ ମଧ୍ୟ ଡାକ୍ତର ନ ଥିବାରୁ ଗାଁ ଲୋକେ ସର୍ବନିମ୍ନ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରହୁଛନ୍ତି। ଫାର୍ମାସିଷ୍ଟଙ୍କ ହାତରେ ସ୍ୱାସ୍ଥ୍ୟସେବା ଚାଲିଛି। ଲୋକେ ଝାଡ଼ଖଣ୍ଡର ଅସ୍ତି, କାଶିଆବେଡ଼ା ଓ ଦୁଲୁକିକୋଚାକୁ ଯାଇ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥାନ୍ତି। ପ୍ରସୂତିମାନଙ୍କୁ ୩୦କି.ମି. ଦୂର ଶୀର୍ଷା ଡାକ୍ତରଖାନାକୁ ନେବାକୁ ପଡୁଥିବାବେଳେ ଗୁରୁତର ରୋଗୀଙ୍କୁ ୮୦କି.ମି. ଦୂର ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ନେବାକୁ ପଡ଼ିଥାଏ।

**ଶିକ୍ଷା:** ପକପକା ଓ ଜାମୁଗଣ୍ଡିଆ ଗ୍ରାମରେ ବିଦ୍ୟାଳୟଟିଏ ନ ଥିବାରୁ ନିକଟସ୍ଥ ବାରୁବେଡ଼ା ଓ ଭାଦୁଅ ଗ୍ରାମକୁ ପିଲାମାନେ ପାଠପଢ଼ିବାକୁ ଯାଇଥାନ୍ତି। ପ୍ରାଥମିକ ଶିକ୍ଷା ଗ୍ରହଣ କରିବା ପରେ ଉଚ୍ଚ ଶିକ୍ଷା ପାଇଁ ୫କି.ମି. ଦୂର ପାକଟିଆଠାରେ ବିଦ୍ୟାଳୟ ଥିଲେ ହେଁ ଗମନାଗମନ ସୁବିଧା ନ ଥିବାରୁ ବହୁ ଛାତ୍ରୀଛାତ୍ର ଅଧାରୁ ପାଠପଢ଼ା ଛାଡୁଛନ୍ତି। ଅନ୍ୟପକ୍ଷରେ ଭୂମିହୀନ ପରିବାରକୁ ଜମିପଟ୍ଟା ମିଳୁ ନ ଥିବାରୁ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇ ଶିଶୁ ଶ୍ରମିକ ଭାବେ ବିଭିନ୍ନ ସ୍ଥାନରେ କାମ କରୁଛନ୍ତି। ସେହିପରି ଡୁମୁରୁକୁଦର ଗାଁଟି ପଞ୍ଚାୟତଠାରୁ ବିଚ୍ଛିନ୍ନ ହୋଇପଡ଼ିଛି। ୨କି.ମି. ଦୂର ପାହାଡ଼ ଚଢି ଲୋକେ ପ୍ରତିଦିନ ଜୀବନ ଜୀବିକା ପାଇଁ ବାହାରକୁ ଆସୁଛନ୍ତି। ଗାଁରେ ସ୍କୁଲ ନ ଥିବାରୁ ପାଠପଢ଼ିବା ପାଇଁ ନିକଟସ୍ଥ ଝାଡ଼ଖଣ୍ଡ ରାଜ୍ୟକୁ ଯାଉଛନ୍ତି।

**ଆବାସ ଗୃହ:** ଗ୍ରାମର ଅଧିକାଂଶ ଘର ମାଟି ଛପର, ଟାଇଲ ଓ ଆଜବେଷ୍ଟସ। ଭୂମିହୀନ ପରିବାରକୁ ଜଙ୍ଗଲ ଜମି ପଟ୍ଟା ଯୋଗାଇ ଦିଆ ନ ଯିବାରୁ ଲୋକେ ବିଜୁ ପକ୍କାଘର କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। ସୂଚନାଯୋଗ୍ୟ, ଦୁଇ ବର୍ଷ ଧରି କରୋନା ମହାମାରୀ ପାଇଁ ପକ୍କା ଘର ଯୋଜନା ବନ୍ଦ ପଡ଼ିଥିବାବେଳେ ୨୦୨୨ ସୁଦ୍ଧା ମାତ୍ର ୧୬୫ ହିତାଧିକାରୀଙ୍କୁ ଆବାସ ଗୃହ ମିଳିପାରିଛି। ପଞ୍ଚାୟତରେ ପାଖାପାଖି ଏକ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ରହିଥିବାବେଳେ ମାତ୍ର ହାତଗଣତି ହିତାଧିକାରୀ ଆବାସ ଯୋଜନାରେ ସାମିଲ ହୋଇଛନ୍ତି।

**ଜୀବନ ଜୀବିକା:** ପଞ୍ଚାୟତର ଅଧିକାଂଶ ଲୋକ ଚାଷ ଓ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ପୋଷଣ କରୁଛନ୍ତି। ବନବିଭାଗର କଡ଼ାକଡ଼ି କଟକଣା ଯୋଗୁ ଜଙ୍ଗଲରୁ କେବଳ ଶାଳପତ୍ର ତୋଳି ବିକ୍ରି କରୁଛନ୍ତି। ନିକଟସ୍ଥ ଅଞ୍ଚଳରେ ହାଟ ବଜାର ନ ଥିବାରୁ ଏହି ଶାଳପତ୍ରକୁ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟରେ ଶାଗମାଛ ଦରରେ ବିକ୍ରି କରୁଛନ୍ତି। ଅଧିକାଂଶ ଲୋକ ଭାଗଚାଷୀ ହୋଇଥିବାରୁ ଝାଡ଼ଖଣ୍ଡୀ ହାତୀ ଉପଦ୍ରବ ପାଇଁ ପ୍ରକୃତ ଚାଷୀଙ୍କୁ କ୍ଷତିପୂରଣ ମିଳିପାରୁ ନାହିଁ। କେବଳ ପଲିଥିନ ଓ ୧୦କି.ଗ୍ରା. ଚାଉଳରେ ସନ୍ତୁଷ୍ଟ ହେବାକୁ ପଡୁଛି ବୋଲି ଚାଷୀ ଦିଲ୍ଲୀପ ପାଲ ଏବଂ ଧରଣୀ ପାଲ କହିଛନ୍ତି। ସେହିପରି ୩୦କି.ମି. ଦୂର ସାରସକଣାରେ ଧାନ ମଣ୍ଡି ରହିଛି। ପଥୁରିଆ ଓ ଖାଲଖମା ରାସ୍ତାରେ ସେଠାକୁ ଯାଇ ଧାନ ବିକ୍ରି କରିବା କଷ୍ଟକର ହେଉଛି। ଫଳରେ ଧାନ କିଲୋ ପିଛା ୯/୧୦ଟଙ୍କାରେ ବିକ୍ରି କରିବାକୁ ପଡୁଛି ବୋଲି ଚାଷୀ ଚକ୍ରଧର ପାଲ, ଶଶି ପାଲ ଓ ଲାଲ ମୋହନ ପାଲ ପ୍ରକାଶ କରିଛନ୍ତି। ଚାଷ ପାଇଁ ଉପଯୁକ୍ତ ଜଳସେଚନର ବ୍ୟବସ୍ଥା ନ ଥିବାରୁ ଧାନ ଅମଳ କମ ହେଉଛି। ଝାଡ଼ଖଣ୍ଡ ସରକାରଙ୍କ ପକ୍ଷରୁ ଜଳସେଚନର ବ୍ୟବସ୍ଥା କରାଯାଇଥିବାରୁ ବହୁ ଚାଷୀ ଝାଡ଼ଖଣ୍ଡ ରାଜ୍ୟର ଜମିକୁ ଅଧାଭାଗରେ ଚାଷ କରିବାକୁ ଆଗେଇ ଯାଉଛନ୍ତି।

ଏନେଇ ମୟୂରଭଞ୍ଜ ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତିଙ୍କୁ ପଚାରିବାରେ ସୀମାନ୍ତରେ ଥିବା ଗ୍ରାମଗୁଡ଼ିକର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ପକ୍ଷରୁ ବ୍ୟାପକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଡୁମୁରୁକୁଦର ଗ୍ରାମକୁ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଶିକ୍ଷାରୁ ଦୂରେଇ ଯାଉଥିବା ଛାତ୍ରୀଛାତ୍ରଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ମହାନ୍ତି କହିଛନ୍ତି।

ସାରସକଣା ବିଧାୟକ ବୁଢ଼ାନ୍ ମୁର୍ମୁଙ୍କ କହିବା ହେଲା ଜିଲାପାଳ କିମ୍ବା ଜିଲା ପ୍ରଶାସନ ତାଙ୍କ କଥା ଶୁଣୁନାହାନ୍ତି। ଅଭିଯୋଗ କରିବା ପରେ ଜିଲାପାଳ ଯେଉଁ ନିର୍ଭର ପ୍ରତିଶ୍ରୁତି ଦେଉଛନ୍ତି, ସତେ ଯେପରି ୨୪ଘଣ୍ଟା ମଧ୍ୟରେ ସବୁ କାମ ହୋଇଯିବ। ଏଭଳି ମନଭୁଲାଣିଆ କଥା କହି ଆମକୁ ଭକୁଆ ବନାଉଛନ୍ତି। ସେହିପରି ଅଳ୍ପ ଦିନ ମଧ୍ୟରେ ରାଜ୍ୟକୁ ମିଳିଥିବା ୯ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଗୃହ ମଧ୍ୟରୁ ମୟୂରଭଞ୍ଜ ଜିଲା ପାଇଁ ୧ଲକ୍ଷ ୭୨ହଜାର ୪୬୪ ମଞ୍ଜୁର ହୋଇଛି। ମାତ୍ର ବିଭାଗୀୟ ଅଧିକାରୀମାନେ ହିତାଧିକାରୀ ଚୟନ କରି ଗୃହ ଯୋଗାଇବାରେ ବିଳମ୍ବ କରୁଛନ୍ତି। ନିର୍ବାଚନ ଆସିଲେ ତାହାକୁ ବାଣ୍ଟି ସରକାର ଦଳୀୟ ବାହାବା ନେଇ ନିର୍ବାଚନୀ ବୈତରଣୀ ପାର ହେବେ। ସେହିପରି ସରକାରଙ୍କ ନୂଆ ନିୟମ ଅନୁଯାୟୀ ଦୀର୍ଘଦିନ ଧରି ବସବାସ କରୁଥିବା ଲୋକମାନଙ୍କୁ ଚିହ୍ନଟ କରି ୪ ଡିସିମିଲ ଘରବାରି ଜାଗା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ରାଜସ୍ୱ ନିରୀକ୍ଷକଙ୍କ ମାଧ୍ୟମରେ ରିପୋର୍ଟ ପ୍ରସ୍ତୁତ କରି ହିତାଧିକାରୀଙ୍କୁ ପ୍ରଦାନ ପରେ ବିନା ପଟ୍ଟାରେ ଆବାସ ଯୋଜନା ମିଳିପାରିବ। ମାତ୍ର ସଚେତନତା ଅଭାବରୁ ଲୋକେ ସରକାରଙ୍କ ଜନକଲ୍ୟାଣ ଯୋଜନାରୁ ବଞ୍ଚିତ ହୋଇ ଭଙ୍ଗା ଘରେ ଜୀବନ ଅତିବାହିତ କରୁଛନ୍ତି। ସୀମା ନିର୍ଦ୍ଧାରଣକୁ ନେଇ ଜିଲା ପ୍ରଶାସନଠାରୁ ଆରମ୍ଭ କରି ସରକାରଙ୍କ ଦୃଷ୍ଟିକୁ ଆଣିଛି। ୫-ଟି ଅଧୀନରେ କୌଣସି ବିଦ୍ୟାଳୟ ଆସି ନ ଥିବା ବେଳେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ ସରକାରଙ୍କଠାରେ ଦାବି ଉପସ୍ଥାପନ କରିବି। ସର୍ବୋପରି ଭାଜପା ବିଧାୟକ ଓ ମନ୍ତ୍ରୀ ବାରମ୍ବାର ଜିଲାପାଳଙ୍କୁ ଭେଟି ଲୋକଙ୍କ ସମସ୍ୟା ପ୍ରତି ଅବଗତ କରୁଥିଲେ ମଧ୍ୟ ଜିଲା କିମ୍ବା ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସୀମାନ୍ତବର୍ତ୍ତୀ ଅଞ୍ଚଳବାସୀ ଦୟନୀୟ ଜୀବନ ବିତାଉଛନ୍ତି ବୋଲି ବିଧାୟକ କହିଛନ୍ତି।

## ପ୍ରଲୋଭନ କାମ...

ଏହି ଉପନିର୍ବାଚନ ଫଳାଫଳ ରବିବାର ପ୍ରକାଶ ପାଇଥିବା ବେଳେ ବିଜେଡି ପ୍ରାର୍ଥୀ ଅବନ୍ତୀ ଦାସଙ୍କଠାରୁ ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ୯୮୮୧ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଏହି ଉପନିର୍ବାଚନରେ ମୋଟ୍ ୧,୬୩,୬୮୨ ଖଣ୍ଡ ଭୋଟିଂ ହୋଇଥିଲା। ସେଥିରୁ ସୂର୍ଯ୍ୟବଂଶୀଙ୍କୁ ମୋଟ୍ ୮୦,୩୫୧ ଖଣ୍ଡ ଭୋଟ୍ ମିଳିଛି। ଏହା ମୋଟ୍ ଭୋଟ୍ ପ୍ରତିଶତର ୪୯.୦୯%। ଅବନ୍ତୀଙ୍କୁ ୭୦,୪୭୦ ଭୋଟ୍ ମିଳିଥିବା ବେଳେ ଏହା ମୋଟ୍ ଭୋଟ ପ୍ରତିଶତର ୪୩.୦୫ ପ୍ରତିଶତ। ସେହିପରି ବିଜେଡି ବିଦ୍ରୋହୀ ପ୍ରାର୍ଥୀ ରାଜେନ୍ଦ୍ରଙ୍କୁ ୮,୧୫୩ ଖଣ୍ଡ ଭୋଟ୍ ମିଳିଛି। କଂଗ୍ରେସ ପ୍ରାର୍ଥୀ ବାବା ହରେକୃଷ୍ଣଙ୍କୁ ୩,୫୬୧ ଖଣ୍ଡ ଭୋଟ୍ ମିଳିଛି। ଏହାସହ ନୋଟାରେ ୬୫୦ ଖଣ୍ଡ ଭୋଟ୍ ପଡ଼ିଛି। ରାଜେନ୍ଦ୍ର ୪.୯୮ ପ୍ରତିଶତ ଭୋଟ୍ ରଖିବାରେ ସକ୍ଷମ ହୋଇଛନ୍ତି। ତେବେ ଗତ ୨୦୧୯ ସାଧାରଣ ନିର୍ବାଚନ ତୁଳନାରେ ଭାଜପାର ଭୋଟ୍ ୧.୬୨ ପ୍ରତିଶତ ବଢ଼ିଥିବା ବେଳେ ବିଜେଡିର ୨.୬୨ ପ୍ରତିଶତ କମିଛି।

ନିର୍ବାଚନର ଏଭଳି ଫଳାଫଳ ଆସିବା ପରେ ରାଜନୈତିକ ମହଲରେ ଆଲୋଚନା ଯେ, କେବଳ ଟଙ୍କାରେ ନିର୍ବାଚନ ଜିତି ହେବନାହିଁ। ସେଥିପାଇଁ ଉପଯୁକ୍ତ ରାଜନୈତିକ କଳ ଦରକାର। ଯିଏ କି ଅର୍ଥର ପ୍ରଭାବ ଭୋଟରଙ୍କ ପାଖରେ ପହଞ୍ଚାଇପାରିବ। ସେଥିରେ ବିଜେଡି ଏଥର ବିଫଳ ହୋଇଛି। କାରଣ ଧାମନଗରରେ ଆଲୋଚନା, ସମ୍ପୃକ୍ତ ତଥାକଥିତ ଶକ୍ତିଶାଳୀ ନେତାମାନେ ସେହି ଟଙ୍କା ଖର୍ଚ୍ଚ କରିବା ବଦଳରେ ହଡପ କରିଛନ୍ତି। ସେମାନଙ୍କର ଦଳୀୟ କର୍ମୀଙ୍କ ସହ କୌଣସି ସମ୍ପର୍କ ନାହିଁ। ଏଥିସହିତ ପୂର୍ବରୁ ଯେଉଁ ହିସାବ କରାଯାଉଥିଲା କି ସରକାରୀ ଅଧିକାରୀଙ୍କ ମାଧ୍ୟମରେ ଅର୍ଥ ପହଞ୍ଚିଯିବ, ତାହା ଠିକ୍ ଭାବେ ହୋଇପାରିଲା ନାହିଁ। ଧାମନଗର ଫଳାଫଳ ନବୀନଙ୍କ କାର୍ଯ୍ୟ ବିରୋଧରେ ଯେତିକି ଯାଇନାହିଁ, ତାଠାରୁ ଅଧିକ ଯାଜପୁର ଶକ୍ତିଶାଳୀ ଗୋଷ୍ଠୀର ହାମ୍ବଡା ନୀତି ଯୋଗୁ ଏହି ବିଫଳତା ବିଜେଡିକୁ ଭୋଗିବାକୁ ପଡ଼ିଲା ବୋଲି ସ୍ଥାନୀୟ କର୍ମୀ କହୁଛନ୍ତି। ଏଥିସହିତ ଏହା ମଧ୍ୟ ଆଲୋଚନା ହେଉଛି, ୨୦୨୪ ପାଇଁ ଏହି ବଳବାନ ଗୋଷ୍ଠୀ ପ୍ରସ୍ତୁତ କରୁଥିବା ବିକଳ୍ପ ପ୍ରାର୍ଥୀ ତାଲିକାର ପ୍ରଥମ ବିପର୍ଯ୍ୟୟ ଧାମନଗରରେ ଦେଖିବାକୁ ମିଳିଲା। ସେଥିପାଇଁ ଯେଉଁଠାରେ ବିକଳ୍ପ ପ୍ରାର୍ଥୀ ଦିଆଯିବ ସେଠାରେ ନୂତନ ରାଜେନ୍ଦ୍ର ଦାସ ଜନ୍ମ ନେବେ ବୋଲି କୁହାକୁହି ହେଉଛନ୍ତି। ସେହିପରି ଏସ୍‌ଏଚ୍‌ଜି ମହିଳାଙ୍କୁ ଧରି ବିଜେଡି ସବୁଠି ଗଡ଼ ଜିତିଯିବ ବୋଲି ଯାହା ଭାବୁଥିଲା ସେକଥା ମଧ୍ୟ କାମ ଦେଲାନି। କାରଣ ଏସ୍‌ଏଚଜି ମହିଳାମାନେ ମଧ୍ୟ ଉପନିର୍ବାଚନରେ ବିଜେଡିକୁ ସମର୍ଥନ ଦେଲେନାହିଁ। ଅର୍ଥାତ୍ ୨୦୨୪ରେ ଏସ୍‌ଏଚ୍‌ଜିମାନଙ୍କ ଭରସାରେ ବିଜେଡି ନିର୍ବାଚନ ଲଢ଼ିବାକୁ ଡରିପାରେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଉଭୟ ସରକାରୀ ଓ ବେସରକାରୀ ଭାବେ ଧାମନଗର ଏସ୍‌ଏଚ୍‌ଜିଙ୍କୁ ନିର୍ବାଚନ ପୂର୍ବରୁ ବିପୁଳ ଅର୍ଥ ଯୋଗାଇ ଦିଆଯାଇଥିବା ବେଳେ ତାହାସବୁ ପାଣିରେ ପଡ଼ିଲା।

ଧାମନଗର ଦାୟିତ୍ୱରେ ଥିବା ଯାଜପୁରର ଜଣେ ନେତ୍ରୀ ନିଜ ନାମ ଗୋପନ ରଖି କହିଛନ୍ତି, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସଙ୍କୁ ଦଳ ସେଠାରେ ପ୍ରାର୍ଥୀ ନ କରିବା ପ୍ରଥମ ଭୁଲ୍ ଥିଲା। ପ୍ରାର୍ଥୀ ଚୟନରେ ଦଳ ପୂର୍ବରୁ କେବେହେଲେ ଏଭଳି ଭୁଲ୍ କରି ନ ଥିଲା। ରାଜେନ୍ଦ୍ରଙ୍କ ସପକ୍ଷରେ ଅଧିକ ସମର୍ଥନ ଥିବା ସତ୍ତ୍ୱେ ଏହାକୁ ଅଣଦେଖା କରାଗଲା, ଯାହାଫଳରେ ରାଜେନ୍ଦ୍ରଙ୍କ ଭୋଟ୍‌କୁ ଶେଷ ପର୍ଯ୍ୟନ୍ତ ବି ଶାସକ ଦଳ ନିଜ ସପକ୍ଷରେ ନେଇପାରିଲା ନାହିଁ। ରାଜେନ୍ଦ୍ରଙ୍କୁ ଟିକେଟ ନ ମିଳିବାରୁ ବିଜେଡି ବିରୋଧୀ ହାୱା କର୍ମୀ ମହଲରେ ରହିଲା। ସେହିପରି ଯାଜପୁର ଜିଲା ନେତାଙ୍କ ଅତ୍ୟଧିକ ମାମଲତି ଲୋକଙ୍କ ଭିତରେ ଭେଦଭାବ ସୃଷ୍ଟି ହେଲା। ପ୍ରଥମରୁ ହିଁ ଯାଜପୁର ନେତାଙ୍କୁ ନେଇ ଆରମ୍ଭ ହୋଇଥିବା ଭେଦଭାବ ଶେଷ ଯାଏ ଚାଲିଲା। ବରିଷ୍ଠ ନେତାଙ୍କୁ ନିର୍ବାଚନ ପରିଚାଳନା ଦାୟିତ୍ୱ ଦେବା ପରିବର୍ତ୍ତେ ଅନଭିଜ୍ଞ ବ୍ୟକ୍ତିଙ୍କୁ ଆଗକୁ ଛାଡ଼ିବା ମହଙ୍ଗା ସାବ୍ୟସ୍ତ ହେଲା। ମାତ୍ରାଧିକ ଟଙ୍କା ଉପନିର୍ବାଚନରେ ଖର୍ଚ୍ଚ ହେବା କଥା ବିଗତ ଦିନରୁ ଆଲୋଚନା ହେବା କାରଣରୁ ବିଜେଡିର ଆଗଧାଡ଼ିର କର୍ମୀମାନେ ମଧ୍ୟ ଏହାର ଫାଇଦା ଉଠାଇଲେ।

ଅନ୍ୟପଟେ ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଧାମନଗର ଭଳି ରାଜ୍ୟର ୧୪୭ ନିର୍ବାଚନମଣ୍ଡଳୀରେ ରାଜେନ୍ଦ୍ର ଦାସ ବାହାରିବେ ଏବଂ ବିଜେଡି ସେହିସବୁ ସ୍ଥାନରେ ସମାନ ସ୍ଥିତି ଭୋଗିବ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ବିଜେଡିର ପରାଜୟ ଯୋଗୁ ଶାସକ ଦଳ ଭିତରେ ଫାଟ ସୃଷ୍ଟି ହୋଇସାରିଥିବା ରାଜ୍ୟକୁ ଏକ ସନ୍ଦେଶ ଗଲା। ଧାମନଗର ପରେ ଆସନ୍ତା ଡିସେମ୍ବର ୫ ତାରିଖରେ ବରଗଡ଼ ଜିଲାର ପଦ୍ମପୁର ବିଧାନସଭା ଆସନରେ ଉପନିର୍ବାଚନ ହେବ। ଏବେ ଧାମନଗରରେ ବିଜେଡି ହାରିବା ପରେ ପଦ୍ମପୁର ଫଳାଫଳ ଉପରେ ସମସ୍ତଙ୍କ ନଜର ରହିଛି।

## ହବିଷିଆଳିଙ୍କ ମୁଣ୍ଡ ଫଟାଇଲା...

ଶ୍ରୀମନ୍ଦିରରେ ପ୍ରବଳ ଗହଳି ହୋଇଥିଲା। ଏହି ସମୟରେ ଅର୍ଥାତ ପୂର୍ବାହ୍ନ ପ୍ରାୟ ୯ଟାରେ ମାଧୁରୀ ଦର୍ଶନ କରିବାକୁ ଯାଇ ଶ୍ରୀମନ୍ଦିର ଜଗମୋହନ ନିକଟ ଘଣ୍ଟିଦୁଆରେ ଠିଆ ହୋଇଥିଲେ। ତେବେ ସେଠାରେ ମୁତୟନ ଥିବା ହାବିଲଦାର ଦଳାଇ ହଠାତ ତାଙ୍କୁ କାହିଁକି ଏଠାରେ ଠିଆ ହୋଇଛୁ ବୋଲି କହି ଦୁର୍ବ୍ୟବହାର କରିବା ସହ ମାଡ଼ ମାରି ତାଙ୍କ ମୁଣ୍ଡ ଫଟାଇ ଦେଇଥିଲେ। ଫଳରେ ମାଧୁରୀଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେ ଚିତ୍କାର କରି ମୁଣ୍ଡକୁ ହାତରେ ଚାପି ଧରି ସେଠାରେ ବସି ପଡ଼ି ଥିଲେ। ସେଠାରେ ଉପସ୍ଥିତ ଥିବା ଶ୍ରଦ୍ଧାଳୁମାନେ ତାଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଚିକିତ୍ସା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଖବର ପାଇ ଏସ୍‌ପି ଡ. କନୱର ବିଶାଲ ସିଂ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତ ମାଧୁରୀଙ୍କୁ ଭେଟି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏସ୍‌ପି ସିଂ କହିଛନ୍ତି, ମେଡିକାଲ ଯାଇ ଆହତ ହବିଷିଆଳିଙ୍କୁ ଭେଟିଛି। ତାଙ୍କ ବୟାନ ଭିତ୍ତିରେ ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ଓଏସ୍‌ପି ବାଟାଲିୟନର ଅଭିଯୁକ୍ତ ହାବିଲଦାର ପ୍ରଶାନ୍ତ କୁମାର ଦଳାଇଙ୍କୁ ସସ୍‌ପେଣ୍ଡ କରାଯାଇଛି। ତାଙ୍କ ସମେତ ଘଟଣାସ୍ଥଳରେ ଥିବା ଅନ୍ୟ ବ୍ୟକ୍ତିଙ୍କର ବୟାନ ନିଆଯିବ। ଅତିରିକ୍ତ ଏସ୍‌ପି ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ସମ୍ପୃକ୍ତ ହବିଷିଆଳିଙ୍କ ଚିକିତ୍ସା ସମୟରେ ଡିଏସ୍‌ପି ର୍‍ୟାଙ୍କର ଅଫିସର ଉପସ୍ଥିତ ଥିଲେ। ହବିଷିଆଳି ଜଣକ ଏବେ ସୁସ୍ଥ ଅଛନ୍ତି। ଏଭଳି ଘଟଣା କାହିଁକି ଘଟିଲା ତାହା ତଦନ୍ତ ପରେ ଜଣାପଡ଼ିବ। ତେବେ ଭବିଷ୍ୟତରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ ସେଥିଲାଗି ପଦକ୍ଷେପ ନିଆଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ:** ନିଜ ପରିସରରେ ଅନ୍ୟମାନଙ୍କ ସକାଶେ ପରାମର୍ଶ ଦାତା ହୋଇ ପ୍ରଶଂସିତ ହେବେ। ବାଣିଜ୍ୟ, ବ୍ୟବସାୟ ଓ କଳାସାହିତ୍ୟରେ ସମସ୍ୟା ସମାଧାନ ହେବ। ରାଜନୀତି, ଯାତ୍ରା ଓ କଚେରି ମାମଲାରେ ଆଶାଜନକ ଫଳ ପାଇବେ। ଅର୍ଥଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**ବୃଷ:** ପାପଯୁକ୍ତ ରାହୁ ହେତୁ ଭାବପ୍ରବଣତା ବୃଦ୍ଧି ପାଇବ ଓ ମନୋବଳ ହ୍ରାସ ପାଇବ। କର୍ମକ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଆହାର ବିହାରରେ ସଂଯମ ବ୍ୟତିରେକ ସ୍ୱାସ୍ଥ୍ୟହାନି ସମ୍ଭାବନା ରହିଛି। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ସମାଲୋଚନାତ୍ମକ ମନ୍ତବ୍ୟ ଦେବେ।

**ମିଥୁନ:** ଚନ୍ଦ୍ରଙ୍କ ଅଶୁଭଦୃଷ୍ଟିରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମୟାନୁକ୍ରମେ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ଆଜି ଦିନଟିରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବା ସୁଯୋଗ ପାଇବେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ।

**କର୍କଟ:** ସରକାରୀ ଅନୁଦାନପ୍ରାପ୍ତ ଯୋଗୁ ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। ସବୁକଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ। ଅଫିସ୍ ସମୟରେ ଶୁଭଖବର ପାଇ ଉଲ୍ଲସିତ ହେବେ। ଆଳସ୍ୟ ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି।

**ସିଂହ:** ପରିବାର ବୋଝ ବୃଦ୍ଧିପାଇବା କାରଣରୁ ଆର୍ଥିକ ଅନଟନର ସମ୍ମୁଖୀନ ହେବେ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ପରୋକ୍ଷଭାବରେ ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧିପାଇବ। ଆଧାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି।

**କନ୍ୟା:** ଚନ୍ଦ୍ରଙ୍କ କୁପ୍ରଭାବରୁ ବୃଥା ଅନିଷ୍ଟ ଆଶଙ୍କା କରି ମାନସିକ ସ୍ତରରେ ଅସୁସ୍ଥତା ଅନୁଭବ କରିବେ। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଅପରାହ୍ନେ ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସରେ ସମୟ ଅତିବାହିତ କରିବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ତୁଳା:** ଆଜି ଏକ ଭିନ୍ନ ପରିବେଶରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଏଜେନ୍ସି, କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ସାମ୍ବାଦିକତାରେ ଉଚ୍ଚ ପ୍ରଶଂସିତ ହେବେ। ଭଲ ବୁଝାମଣା ହେତୁ ପରିବାରରେ ସୁଖଶାନ୍ତି ରାଜୁତି କରିବ। ଏହା ସାଙ୍ଗକୁ ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିବେ।

**ବିଛା:** ପ୍ରତ୍ୟେକ କ୍ଷେତ୍ରରେ ସଂଯମ ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଯେଉଁ କାମ ହେଉନା କାହିଁକି, ତରବରିଆ ପଦକ୍ଷେପ ନେଲେ ହଇରାଣ ହେବେ। ଯେତେ ଭଲ କାମ କଲେ କ'ଣ ହେବ, ଟିକିଏ ଟିକିଏ କଥାରେ ଚିହ୍ନାପଡ଼ି ସମାଲୋଚିତ ହେବେ। ରାଜନୀତି, ପ୍ରେସ୍, ପବ୍ଲିକେଶନ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧିପାଇବ।

**ଧନୁ:** କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। କରଜଦାତାଙ୍କ ଚାପ କ୍ରମଶଃ ବୃଦ୍ଧି ପାଇବା କାରଣରୁ ଦୁଶ୍ଚିନ୍ତାଗ୍ରସ୍ତ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆନନ୍ଦିତ ହେବେ। ଅବହେଳିତ କାମ ସକାଶେ ଅନୁତାପ କରିବାକୁ ପଡ଼ିପାରେ।

**ମକର:** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଆଜି ଦିନରେ ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଭଲ। ପରିସ୍ଥିତିରେ ପଡ଼ି ଦୁଇ ପଇସା ଜାଗାରେ ଛପଇସା ଖର୍ଚ୍ଚ କରିବାକୁ ବାଧ୍ୟ ହେବେ।

**କୁମ୍ଭ:** କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଖଳଲୋକଙ୍କ କଥାରେ ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିପାରନ୍ତି। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଅବସର ବିନୋଦନ କ୍ଷେତ୍ରରେ ପଡ଼ୋଶୀଙ୍କ ସହ ମିଷ୍ଟାଳାପରେ ମାତିରହିବେ।

**ମୀନ:** ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହେବ। ଚୁପ୍‌ଚାପ୍ କଥାକୁ ଅନ୍ୟମାନେ ଭିନ୍ନ ଦୃଷ୍ଟିକୋଣରୁ ବିଚାର କରିବେ। ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଧନ୍ଦାମୂଳକ ଶିକ୍ଷାରେ ସଫଳତା ଲାଭ କରିବେ।

ଆଜି ନଭେମ୍ବର ୮ କାର୍ତ୍ତିକ ପୂର୍ଣ୍ଣମୀ ମଙ୍ଗଳବାର, ଅପରାହ୍ନ ଘ.୦୪।୩୨ ଗତେ ମାର୍ଗଶିର କୃଷ୍ଣ ପ୍ରତିପଦା, କାର୍ତ୍ତିକ ବ୍ରତ ଉଦ୍‌ଯାପନ, ଶରତରାସ ସମାପ୍ତି, ବାଲିଯାତ୍ରା, ଗୁରୁନାନକ ଜୟନ୍ତୀ, ଦ୍ୱିଜା/ମେଷ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ପ୍ରାତଃ ଘ.୦୫।୫୪ ଗତେ, ଘ.୦୬।୩୯ ମଧ୍ୟେ, ଘ.୦୮।୪୨ ଗତେ, ଘ.୧୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୧୭ ଗତେ, ଘ.୦୩।୪୧ ମଧ୍ୟେ ରାହୁକାଳ।(ଆଜି କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ, ଗ୍ରହଣ ସ୍ପର୍ଶ ଘ.୦୨।୩୮ମି.୧୪ସେ.,ମୋକ୍ଷ ସନ୍ଧ୍ୟା ଘ. ୦୬।୧୮ମି.୪୭,ସେ., ପାକତ୍ୟାଗ: ସୂର୍ଯ୍ୟୋଦୟରୁ ସନ୍ଧ୍ୟା ଘ.୦୬।୧୯ ମି, ପର୍ଯ୍ୟନ୍ତ। ଗ୍ରହଣ ଦର୍ଶନେ ମିଥୁନ, ବିଛା, ଧନୁ, ମକର, କୁମ୍ଭ ଓ ମୀନ ରାଶି ପାଇଁ ଶୁଭ। )



# classifieds

**Everyday**
0674-2580101, 2549302




**SALE**

**6BHK Triplex 56,00,000/- finishing Hanspal, 3BHK Duplex core house Balianta. 8093465134.** D-1925

**Duplex sale at Bhubaneswar @45 lakhs only- 9777433701, 9439206202.** D-74144

ଭୁବନେଶ୍ୱର ଗ୍ୟାରେଜ ଛକରେ **30** ରୋଡ୍ ଥାଇ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। **9827119799.** D-1883

ଭୁବନେଶ୍ୱର ପିତାପଲ୍ଲୀ ଛକରୁ **200 mtr.** ଦୂରତାରେ **BDA yellow zone** ପ୍ଲଟ୍ **Boundary** ସହ ମିଳୁଛି । **7848882166.** D-74142

4BHK Duplex near Nandankanan Square. Land-1300, construction-1800, Price-85lakhs. 8984071303. D-1950

**Boundary made gharabari plot available at Padhansahi, Sundarpada, Backside Aryan Engineering College (Bank finance available). 9337958544, 6370834658.** D-74145

ଭୁବନେଶ୍ୱର ନଖରା ଘରବାରି SC plot sqft.-130/, General- 350/-. 9439660381. D-74146

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା **East College mainroad 200mtr.** ଦୂରତାରେ **SC/ General** ପ୍ଲଟ୍ **gated society** ଥାଇ ବିକ୍ରିହେବ। **8093419724, 9776602067.** D-74127

For sale- Car, Bike, Scooty, ସରକାରୀ ଜାଗା ସହିତ ଘର, At- Bhubaneswar. Ph- 9777097322. D-1948

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296




**Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-74140

**ACCOMMODATION**

Required a 4-5Bedrooms/ 4Bathrooms individual good condition residential rented building with Two Car parking for a Family for minimum Three Years agreement at BJB Nagar/ Lewis road/ Surya Nagar/ Nayapalli/ Satyanagar/ Forest Park at Bhubaneswar. Owner please contact: 8917654187. D-73726




Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73994

**Relax, Refresh your body, Mind at Saikrupa Spa with best therapies. 8984068077.** D-1863




Home Service- Colour, Packers Movers, At- Bhubaneswar. Ph- 9777097322. D-1949




ଘରେ ବାସ୍ତୁଦୋଷ ଯୋଗୁ ଅଶାନ୍ତି, ଧନହାନି ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହୁଛି କି? 7978736177. D-74302

**AFFIDAVIT**

ମୁଁ ପରମାନନ୍ଦ ପଣ୍ଡା, ପି: ୯ମାଧ ପଣ୍ଡା, ମାନ୍ୟବର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍, ଆଳି, ଓଡ଼ିଶାଙ୍କ ସମ୍ମୁଖରେ ସତ୍ୟପାଠ ନଂ.-୫୨୪ ତା.୨୦।୧୦।୨୦୨୨ ଜରିଆରେ ଜଣାଉଅଛି ଯେ ମୋ ପତ୍ନୀର ସଠିକ ନାମ ରଞ୍ଜୁଲତା ପଣ୍ଡା ଓ ସଠିକ୍ ଜନ୍ମ ତାରିଖ ୦୮।୦୪।୧୯୭୦ ଅଟେ ଏବଂ ବର୍ତ୍ତମାନଠାରୁ ସବୁକ୍ଷେତ୍ରରେ ଏହାକୁ ହିଁ କାର୍ଯ୍ୟକାରୀ କରାଯିବ। ଧ-୧୯୫୨

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

# ଚାକିରି ନାଁରେ ଲୋକଙ୍କୁ ମମତା ବୋକା ବନାଉଛନ୍ତି: ଶୁଭେନ୍ଦୁ



ଶୁଭେନ୍ଦୁ ଅଧିକାରୀ

**ନୂଆଦିଲ୍ଲୀ, ୭।୧୧**

ଆଗକୁ ଆସୁଛି ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନ। ଏହାକୁ ଦୃଷ୍ଟିରେ ରଖି ମମତା ବାନାର୍ଜୀ ସରକାର ନକଲି ଚାକିରି ନାଁରେ ଲୋକଙ୍କୁ ବୋକା ବନାଇବା ଆରମ୍ଭ କରିଦେଇଛନ୍ତି। ରାଜ୍ୟ ସରକାର ନିଯୁକ୍ତି ସମ୍ପର୍କିତ ଭ୍ରମାତ୍ମକ ତଥ୍ୟ ଦେଉଛନ୍ତି। ଏହାର

## ତଦନ୍ତ କରାଇବା ଲାଗି କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି

ଉପଯୁକ୍ତ ତଦନ୍ତ କରାଇବା ଲାଗି ପଶ୍ଚିମବଙ୍ଗ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ସୋମବାର କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂଙ୍କୁ ପତ୍ର ଲେଖିଛନ୍ତି।

ଶୁଭେନ୍ଦୁ ତାଙ୍କ ପତ୍ରରେ ମମତା ସରକାରଙ୍କ ନାମରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ପଶ୍ଚିମବଙ୍ଗ ସରକାର ଏବେ ନକଲି ନିଯୁକ୍ତି ପ୍ରସ୍ତୁତି ସହ ଭ୍ରମାତ୍ମକ ତଥ୍ୟ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ବିଶେଷଭାବେ ଗ୍ରାମାଞ୍ଚଳରେ ନକଲି ଚାକିରି ସୃଷ୍ଟି କରାଇବା ସହ ଜବ୍‌କାର୍ଡର ଦୁରୁପଯୋଗ କରି କେନ୍ଦ୍ରକୁ ଭ୍ରମାତ୍ମକ ତଥ୍ୟ ଦେଇ ଅନୁଦାନ ପାଇଁ ଦାବି କରୁଛନ୍ତି। ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବାରୁ ମୁଖ୍ୟମନ୍ତ୍ରୀ ମମତା ସରକାରୀ କଳକୁ ଏଭଳି ବେଆଇନ କାର୍ଯ୍ୟରେ ଲଗାଇ ଦେଇଛନ୍ତି। ତେଣୁ ଏହି ଘଟଣାରେ ସିବିଆଇ କିମ୍ବା ଅନ୍ୟ କୌଣସି କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ଏହାର ତଦନ୍ତ କରାଇବାକୁ କେନ୍ଦ୍ରମନ୍ତ୍ରୀ ଗିରିରାଜଙ୍କୁ ଲେଖିଥିବା ପତ୍ରରେ ଶୁଭେନ୍ଦୁ ଅନୁରୋଧ କରିଛନ୍ତି।



ଗୁଜରାଟ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ସୋମବାର ରାଜକୋଟଠାରେ ଆୟୋଜିତ ଏକ ରୋଡ୍ ଶୋ'ରେ ସାମିଲ ହୋଇଛନ୍ତି ଆମ୍ ଆଦ୍‌ମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ।

# ମୁଖ୍ୟମନ୍ତ୍ରୀ କହିଥିଲେ, ଏବେ ଧାମନଗର ଦାୟିତ୍ୱ ନିଅନ୍ତୁ: ସୂର୍ଯ୍ୟବଂଶୀ



ଧୂଷୁରୀ ବଜାରରେ ନବନିର୍ବାଚିତ ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଭଦ୍ରକ ଅଫିସ/ଧାମନଗର, ୭।୧୧(ସ୍ୱ.ପ୍ର./ଡି.ଏନ୍.ଏ.)**

ଉପନିର୍ବାଚନ ପାଇଁ ଭର୍ଚ୍ଚୁଆଲ ପ୍ରଚାର ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧାମନଗର ଦାୟିତ୍ୱ ନେବେ ବୋଲି କହିଥିଲେ। ସେ ତାଙ୍କ ପ୍ରତିଶ୍ରୁତି ରକ୍ଷା କରି ଧାମନଗର ଦାୟିତ୍ୱ ନିଅନ୍ତୁ। ତାଙ୍କ ଦଳର ପ୍ରାର୍ଥୀ ହାରିଯାଇଥିଲେ ବି ଧାମନଗର ତାଙ୍କର, ସେ ତା'ର ଦାୟିତ୍ୱ ନିଅନ୍ତୁ ବୋଲି ସୋମବାର ନବନିର୍ବାଚିତ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ପ୍ରତିକ୍ରିୟାରେ କହିଛନ୍ତି।

ଉପନିର୍ବାଚନରେ ବିଜୟଲାଭ କରିବା ପରେ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରି ବିଧାୟକ ଭାବେ ଧାମନଗର ସେବା ଆରମ୍ଭ କରିବେ ବୋଲି ସୂର୍ଯ୍ୟବଂଶୀ କହିଥିଲେ। ସେହି ଅନୁଯାୟୀ ସୋମବାର ଶୈବପୀଠ ଆରଡ଼ିକୁ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ସେ ଯାଇଥିଲେ। ଆରଡ଼ିକୁ ଯିବା ବାଟରେ ଧୂଷୁରୀଠାରେ ଭାଜପାର ବହୁସଂଖ୍ୟକ କର୍ମୀ ଓ ଜନସାଧାରଣ ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ସୂର୍ଯ୍ୟବଂଶୀ ମଧ ଗାଡ଼ିରୁ ଓହ୍ଲାଇ ଧୂଷୁରୀ ବଜାରରେ ଚାଲି ଚାଲି ଯାଇ ଲୋକଙ୍କୁ ପ୍ରତି ନମସ୍କାର କରିବା ସହ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ସେ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଥିଲେ, ମୁଁ କଠିନ ପରିସ୍ଥିତିରେ ନିର୍ବାଚନକୁ ଓହ୍ଲାଇଥିଲି। ଏକ ବଡ଼ ପରିବାର ମୋତେ ନିର୍ବାଚନରେ ସହଯୋଗ କରିଥିଲା। ଧାମନଗରବାସୀ ମୋତେ ଯେଉଁ ସ୍ନେହ ଶ୍ରଦ୍ଧା ଦେଇଛନ୍ତି, ସେହି ଆଧାରରେ ମୁଁ ମୋର କର୍ତ୍ତବ୍ୟ ସମ୍ପାଦନ କରିବି। କିଛି ସମୟ ସେଠାରେ ରହି ବାବା ଆଖଣ୍ଡଳମଣିଙ୍କ ଦର୍ଶନ ଅଭିମୁଖେ ଯାତ୍ରା କରିଥିଲେ।

ସେହିପରି ଧାମନଗର ବିଧାନସଭା କ୍ଷେତ୍ର ପ୍ରବେଶ ପଥ ସରପୁର, ବରୁଣାଇ, ଅସୁରାଳି, କୋଠାର, ସୂର୍ଯ୍ୟପୁର, ବେତାଳିଗାଁ ଆଦି ବିଭିନ୍ନ ଛକରେ ଦଳୀୟ କର୍ମୀଙ୍କ ସହ ଜନସାଧାରଣ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ତାଙ୍କ ସହ ଉପନିର୍ବାଚନରେ ମଙ୍ଗୁଆଳ ସାଜିଥିବା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ବଦ୍ରି ନାରାୟଣ ଧଳ, ଜିଲା ସଭାପତି ହେମନ୍ତ ପାଢ଼ୀ, ସମ୍ପାଦକ ମନୋଜ ମଲ୍ଲିକ, ମନସ୍ମିତା ଖୁଣ୍ଟିଆ, ଅଶୋକ ପୁହାଣ, ଚତୁର୍ଭୁଜ ନାୟକ, ବୈକୁଣ୍ଠ ସାହୁ ପ୍ରମୁଖ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ଉପନିର୍ବାଚନରେ ବିଜୟ ନେଇ ଧାମନଗର ଅଞ୍ଚଳରେ ଭାଜପା ନେତା ଓ କର୍ମୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ନବନିର୍ବାଚିତ ବିଧାୟକଙ୍କୁ ନେଇ ଭାଜପା ଏଭଳି ଭିନ୍ନ ଢଙ୍ଗରେ ବିଜୟ ଉତ୍ସବ ପାଳନ କରିଛି।

# ହେମନ୍ତ ସୋରେନଙ୍କୁ ଆଶ୍ୱସ୍ତି

## ବେଆଇନ ଖଣି ଖନନ ମାମଲା: ଝାଡ଼ଖଣ୍ଡ ହାଇକୋର୍ଟ ରାୟ ସୁପ୍ରିମକୋର୍ଟରେ ଖାରଜ

**ନୂଆଦିଲ୍ଲୀ,୭।୧୧**

ବେଆଇନ ଖଣି ଖନନ ଦୁର୍ନୀତି ମାମଲାର ତଦନ୍ତ ପାଇଁ ଝାଡ଼ଖଣ୍ଡ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ



ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଫଳରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଆଶ୍ୱସ୍ତି ମିଳିଛି। ଖଣି ଲିଜ୍ ଆବଣ୍ଟନରେ ଅନିୟମିତତା ଏବଂ ସେଲ୍ କମ୍ପାନୀଗୁଡ଼ିକ ଜରିଆରେ ମନିଲଣ୍ଡରିଂ ଅଭିଯୋଗର ତଦନ୍ତ ପାଇଁ ଦାଏର ଜନସ୍ୱାର୍ଥ ମାମଲା(ପିଆଇଏଲ୍)କୁ ହାଇକୋର୍ଟ ଗ୍ରହଣ କରିଥିଲେ। ତେବେ ପିଆଇଏଲ୍ ଗ୍ରହଣୀୟ ନୁହେଁ କହି ପ୍ରଧାନ ବିଚାରପତି ୟୁ.ୟୁ. ଲଳିତ, ଜଷ୍ଟିସ ଏସ୍. ରବୀନ୍ଦ୍ର ଭଟ୍ଟ ଏବଂ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠ ହାଇକୋର୍ଟଙ୍କ ୨୦୨୨ ଜୁନ୍ ୩ ରାୟକୁ ଖାରଜ କରିଦେଇଛନ୍ତି।

# କଂଗ୍ରେସର ଟୁଇଟର ଆକାଉଣ୍ଟ ବନ୍ଦ ଲାଗି କୋର୍ଟ ନିର୍ଦ୍ଦେଶ

**ବେଙ୍ଗାଲୁରୁ,୭।୧୧**

କଂଗ୍ରେସର ଟୁଇଟର ଆକାଉଣ୍ଟ ସାମୟିକ ଭାବେ ବନ୍ଦ କରିବା ଲାଗି ବେଙ୍ଗାଲୁରୁର ଏକ ଅଦାଲତ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରା ବେଳେ କନ୍ନଡ ଚଳଚ୍ଚିତ୍ର କେଜିଏଫ୍-୨ର ଗୀତ ବଜାଯିବାକୁ ନେଇ ଦଳ ବିରୋଧରେ ମ୍ୟୁଜିକ୍ କମ୍ପାନୀ କପିରାଇଟ୍ ଉଲ୍ଲଂଘନ ମାମଲା ଦାଏର କରିଥିଲା। ଏମ୍‌ଆରଟି ମ୍ୟୁଜିକ୍ ପରିଚାଳକ ଏମ୍. ନବୀନ କୁମାରଙ୍କ ପକ୍ଷରୁ ରାହୁଲଙ୍କ ସମେତ ୩ ଜଣ କଂଗ୍ରେସ ନେତାଙ୍କ ବିରୋଧରେ ଏତଲା ଦିଆଯାଇଥିଲା।




# ଭଦ୍ରକ ଜିଲାରେ କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା

**ଭଣ୍ଡାରିପୋଖରୀ,୭।୧୧(ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦାଠାରୁ କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ଶୁଭାରମ୍ଭ ହୋଇଛି। ଜିଲା ସଭାପତି ସୁବ୍ରତ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶୋଭାଯାତ୍ରାରେ ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଅନନ୍ତ ପ୍ରସାଦ ସେଠୀ, ରାଜ୍ୟ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ା, ଯୁବ ସଭାପତି ସ୍ମୃତିରଞ୍ଜନ ଲେଙ୍କା, ବିଶ୍ୱ ମହାନ୍ତି, ବିସ୍ମୟ ମହାପାତ୍ର ପ୍ରମୁଖ ଯୋଗଦେଇ କଂଗ୍ରେସର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ କର୍ମୀମାନଙ୍କୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଗୋଲକ ବେହେରା, ଅଶୋକ ଦାସ, ମଧୁମିତା ସେଠୀ, ଜିଲା ମହିଳା ସଭାନେତ୍ରୀ ସବିତା ଚନ୍ଦ, ଦିଗମ୍ବର ଦାସ, ନଳିନୀ ମହାନ୍ତି, ଅଜୟ ସାହୁ, ଅକ୍ଷୟ ତ୍ରିପାଠୀ, ପ୍ରଶାନ୍ତ ସାହୁ ପ୍ରମୁଖ ଏଥିରେ ସାମିଲ ଥିଲେ। ବ୍ଲକ ଅଧୀନ ୨୩ ପଞ୍ଚାୟତର ଶତାଧିକ କଂଗ୍ରେସ କର୍ମୀ ଏଥିରେ ଯୋଗ ଦେଇଥିବାବେଳେ ଆଖୁଆପଦାଠାରୁ ଧାମନଗର ଛକ ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଛି। ମଙ୍ଗଳବାର ଭଦ୍ରକ ଅଭିମୁଖେ ପଦଯାତ୍ରା ଆରମ୍ଭ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି।



ପଦଯାତ୍ରାରେ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଦଳୀୟ ନେତୃବୃନ୍ଦ।

# 'ତଦନ୍ତ କମିଶନ ସତ୍ତ୍ୱେ ପଦୋନ୍ନତି କେମିତି'

## ଆଇପିଏସ୍ ଅଫିସରଙ୍କ ବିରୋଧରେ ଛାତ୍ର କଂଗ୍ରେସର ଅଭିଯୋଗ

**ଭୁବନେଶ୍ୱର,୭।୧୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛତା ଓ ସାଧୁତାର ଆହ୍ୱାନକୁ ଗୃହ ବିଭାଗର ଉଚ୍ଚପଦସ୍ଥ ଅଫିସର ବେଖାତିର କରୁଛନ୍ତି। ଏ ବାବଦରେ ସରକାରଙ୍କ ପାଖରେ ତଥ୍ୟ ରହିଛି ନା ଜାଣିଶୁଣି ସରକାର ଏହାକୁ ଏଡ଼େଇ ଯାଉଛନ୍ତି ବୋଲି ଛାତ୍ର କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅଖିଳେଶ ଯାଦବ ପ୍ରଶ୍ନ କରିଛନ୍ତି। ଅଖିଳେଶ ସୋମବାର କଂଗ୍ରେସ ଭବନରେ ଏକ ଖବରଦାତା ସମ୍ମିଳନୀ ଜରିଆରେ କହିଛନ୍ତି, ଦୀପ୍ତେଶ ପଟ୍ଟନାୟକ ଯିଏକି ଜଣେ ଆଇପିଏସ ଅଫିସର ସେ ଅନୈତିକ କାର୍ଯ୍ୟରେ ସମ୍ପୃକ୍ତ। ସେ ସାଧାରଣ ଜନତାଙ୍କ ସେବକ। ଲୋକଙ୍କ ଟିକସ ଅର୍ଥରେ ଦରମାପ୍ରାପ୍ତ ହୁଅନ୍ତି। ମାତ୍ର ତାଙ୍କ କାର୍ଯ୍ୟକ୍ରମକୁ ଯଦି ଅନୁଧ୍ୟାନ କରାଯାଏ, ତେବେ ରାଜ୍ୟର ସାଧାରଣ ଜନତା ଏଥିରେ ଆଶ୍ଚର୍ଯ୍ୟାନ୍ୱିତ ହେବେ। ସେ ରାଉରକେଲା ଏସ୍‌ପି ଭାବେ କାର୍ଯ୍ୟରତ ଥିବାବେଳେ ତାଙ୍କ ବିରୋଧରେ ତଦନ୍ତ କମିଶନ ବିସିଥିବା ସତ୍ତ୍ୱେ ତାଙ୍କୁ କିପରି ପଦୋନ୍ନତି ମିଳିଲା। ତାଙ୍କ ପଦୋନ୍ନତିକୁ ଆମ୍ଭେ ନୁହେଁ ରାଜ୍ୟ ଓକିଲ ସଂଘ ମଧ୍ୟ ନିନ୍ଦା କରିଛି। ସେ ଜଣେ ବିଶୃଙ୍ଖଳିତ ଅଫିସର ବୋଲି ପ୍ରମାଣିତ ହୋଇଛି। ତାଙ୍କ ବିରୋଧରେ ନାଇଡୁ କମିଶନ ତଦନ୍ତ କରୁଥିଲେ। ସରକାରୀ ନିୟମ ଉଲ୍ଲଂଘନ କରି ସେ ବାରମ୍ବାର ବିଦେଶରେ ଅୟେସ କରିଛନ୍ତି। ଏହାର ତଦନ୍ତ ନିତାନ୍ତ ହେବା ଜରୁରୀ। ଏହିସବୁ ବ୍ୟୟବହୁଳ ଜୀବନଶୈଳୀ ଉପରେ ରାଜ୍ୟ ଭିଜିଲାନ୍ସ ଓ କେନ୍ଦ୍ରର ଇଡି ବିଭାଗର ନଜର ଅଛି ନା ନାହିଁ। ତାହା ଜାଣିବା ଦରକାର। ସରକାରୀ ନିୟମ ଅନୁସାରେ ସେ ତାଙ୍କର ସମ୍ପତ୍ତି ତଥ୍ୟ ଏପର୍ଯ୍ୟନ୍ତ ସରକାରଙ୍କୁ କାହିଁକି ଦେଇ ନାହାନ୍ତି। ସରକାର ମଧ୍ୟ ଏହି ଘଟଣାରେ ନୀରବ ରହୁଛନ୍ତି। ଦୀପ୍ତେଶ ପଟ୍ଟନାୟକ ଏକ ଉଦାହରଣ ମାତ୍ର। ଏପରି ଅନେକ ଆଇପିଏସ ଓ ଆଇଏଏସ୍ ଅଫିସର ଯିଏକି ଆମ ଟିକସ ପଇସାରେ ଦରମାପ୍ରାପ୍ତ ହୁଅନ୍ତି ସେମାନେ ନିଜ ଦାୟିତ୍ୱ ତୁଲାଇବାରେ ଚରମ ଅବହେଳା ପ୍ରଦର୍ଶନ କରୁଥିବା ବେଳେ ସରକାର ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ବୋଲି ଯାଦବ କହିଛନ୍ତି।

## ସଂକ୍ଷେପରେ

### ରଘୁନାଥ ହେଲେ ବନ୍ଦର ପାଇକାରୀ ଭଣ୍ଡାର ସଭାପତି



ପାରାଦୀପ,୭।୧୧(ସ୍ୱ.ପ୍ର.): ପାରାଦୀପ ବନ୍ଦର ପାଇକାରୀ ସମବାୟ ଭଣ୍ଡାର ଲିମିଟେଡର ସୋମବାର କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି। ଏଥିରେ କୁଜଙ୍ଗ ଅଞ୍ଚଳର ରଘୁନାଥ ସାହୁ ନିର୍ଦ୍ୱନ୍ଦ୍ୱରେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଉକ୍ତ ଭଣ୍ଡାରର ୪ ଟି ଜୋନ କୁଜଙ୍ଗ, ପାରାଦୀପ, ତିର୍ତ୍ତୋଲ, ଏରସମା ହୋଇଥିବାବେଳେ ୧୫ ଜଣ ନିର୍ଦ୍ଦେଶକ ମଣ୍ଡଳୀ ଅଛନ୍ତି। ସେମାନଙ୍କ ମଧ୍ୟରୁ କେବଳ ରଘୁନାଥ ସଭାପତି ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଆଉ କେହି ଆବେଦନ କରି ନ ଥିବାରୁ ନିର୍ବାଚନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର ଓ ରାଖାଲଚନ୍ଦ୍ର ଦାସ ତାଙ୍କୁ ସଭାପତି ଭାବେ ଘୋଷଣା କରିଥିଲେ। ଏନେଇ ସମ୍ପାଦକ ରଞ୍ଜିତ ସାହୁ ଓ ଅନଞ୍ଜ କର୍ମକର୍ତ୍ତାମାନେ ସାହୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ସମାଜ ହିତ ଚିନ୍ତନ ଅଭିଯାନ ଆରମ୍ଭ

ଜଗତ୍‌ସିଂହପୁର ଅଫିସ, ୭।୧୧: ବିଶ୍ୱହିନ୍ଦୁ ପରିଷଦ ସ୍ଥାପନର ୬୦ବର୍ଷ ପୂର୍ତ୍ତି ୨୦୨୪ରେ ପାଳନ ହେବ। ଏହାକୁ ସଫଳ କରିବା ନେଇ ସମାଜ ହିତଚିନ୍ତନ ଅଭିଯାନ ଆରମ୍ଭ ହୋଇଛି। ଏହା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଜଗତ୍‌ସିଂହପୁର ଜିଲା ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବଜରଙ୍ଗ ଦଳ ଏହି ଅଭିଯାନକୁ ସଫଳ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଏନେଇ ସ୍ଥାନୀୟ ମ୍ୟୁନିସିପାଲଟି ହୋମିଓପାଥିକ ଚିକିତ୍ସାଳୟ ନିକଟ ପରିଷଦ କାର୍ଯ୍ୟାଳୟ ପରିସରରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦ ଜଗତ୍‌ସିଂହପୁର ଜିଲା ସଭାପତି ପଣ୍ଡିତ ପ୍ରଫୁଲ ସାହୁ କହିଛନ୍ତି, ସାମାଜିକ ଚିନ୍ତନ ଅଭିଯାନ ମାଧ୍ୟମରେ ସମାଜର ପ୍ରତ୍ୟେକ ସମ୍ପ୍ରଦାୟକୁ ସମ୍ପର୍କ କରିବା ଲକ୍ଷ୍ୟ ରହିଛି। ବିଶେଷକରି ସମୃଦ୍ଧ ହିନ୍ଦୁ ସମାଜ ଗଠନ ଓ ରାଷ୍ଟ୍ର ହିତ ନିମନ୍ତେ ସେମାନଙ୍କୁ ବିନିଯୋଗ କରିବା ହେଉଛି ମୂଳଲକ୍ଷ୍ୟ । ଅନ୍ୟମାନଙ୍କ ମଧ୍ୟରେ ଅଜୟ ଦାସ, ଜିଲା ସମ୍ପାଦକ ନଳିନୀ ଓଝା, ଉପସଭାପତି ମାନସ ରଞ୍ଜନ ସ୍ୱାଇଁ, ବଜରଙ୍ଗ ଦଳ ପ୍ରମୁଖ ଶ୍ୟାମସୁନ୍ଦର ସାହୁ, ସହ ସଂଯୋଜକ ସୂର୍ଯ୍ୟକାନ୍ତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

### ହାଇସ୍କୁଲ କାର୍ଯ୍ୟାଳୟରୁ ଚୋରି

ତିର୍ତ୍ତୋଲ,୭।୧୧(ଡି.ଏନ.ଏ.): ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଛପଡା ପଞ୍ଚାୟତ ଅନ୍ତର୍ଗତ ଗନାଇଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ସାହୁ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ରବିବାର ବିଦ୍ୟାଳୟ ଛୁଟି ଥିଲା। ସୋମବାର ବିଦ୍ୟାଳୟକୁ କର୍ମଚାରୀ ପୂର୍ଣ୍ଣିମା ବେହେରା ଆସିଥିବା ବେଳେ ଅଫିସ କାର୍ଯ୍ୟାଳୟର ଆଲମିରା ଭଙ୍ଗାଯାଇଥିବା ଦେଖି ଭରତଙ୍କୁ ଅବଗତ କରାଇଥିଲେ। ଆଲମିରାରୁ ଜରୁରୀ ଦସ୍ତାବିଜ ଚୋରି ହୋଇଥିବା ଜଣାପଡ଼ିଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଏସ୍‌ଆଇ ସୌମେନ୍ଦ୍ର ନାୟକ କହିଛନ୍ତି।

# 'ପାରାଦୀପ ଦେଶର ଅର୍ଥନୈତିକ ମୁଖଶାଳା'

ପାରାଦୀପ, ୭।୧୧ (ସ୍ୱ.ପ୍ର.)




ପାରାଦୀପ ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥିମାନେ।

## କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ

ପାରାଦୀପର ସମୁଦ୍ର ବେଳାଭୂମି ବିଜୁ ମଇଦାନରେ ସୋମବାର ସନ୍ଧ୍ୟାରେ ୨୭ତମ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଏମ୍‌ପି ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରଶାନ୍ତ ମୁଦୁଲି, ସମ୍ବିତ ରାଉତରାୟ, ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ବନ୍ଦର ଅଧ୍ୟକ୍ଷ ପି.ଏଲ ହାରାନ୍ଧ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଆଇଓସିଏଲ ମୁଖ୍ୟ ପରିଚାଳକ ମୁକେଶ ମୋହନ, ଇଫକୋ ନିର୍ଦ୍ଦେଶକ କେ.ଜେ.ପଟେଲ, ଏଏମ୍‌ଏନ୍‌ଏସ ନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି, ପିପିଏଲ କର୍ପୋରେଟ ମୁଖ୍ୟ ସୁଧୀର ରଞ୍ଜନ ମିଶ୍ର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍କରଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ତଥା ବାଲିଯାତ୍ରା କମିଟି ଅଧ୍ୟକ୍ଷା ପାରୁଲ ପଟୱାରୀ ଏଥିରେ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ମଲ୍ଲିକ ନୌବାଣିଜ୍ୟ ପରମ୍ପରା ସମ୍ପର୍କରେ କହିବା ସହ ପାରାଦୀପର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ପାରାଦୀପ ବିକାଶ କରୁଛି। ଏହା ଦେଶର ଅର୍ଥନୈତିକ ମୁଖଶାଳା ପାଲଟିଛି କିନ୍ତୁ ଏଠାକାର ଲୋକେ ଏବେବି ରୋଜଗାର ପାଇଁ ଦାଦନ ଖଟିବାକୁ ଯିବା ବିଡମ୍ବନା ବୋଲି କହିଥିଲେ। ଏହି ଅବସରରେ ବାଲିଯାତ୍ରା ସ୍ମରଣିକା ଉନ୍ମୋଚିତ ହୋଇଥିଲା। ବାଲିଯାତ୍ରାରେ ଶତାଧିକ ଷ୍ଟଲ ସହ ପଲ୍ଲିଶ୍ରୀ ମେଳା, ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ସ୍ୱତନ୍ତ୍ର ଷ୍ଟଲ ସହ ଅନେକ କମ୍ପାନୀ ସେମାନଙ୍କ ବିପଣୀ ଷ୍ଟଲ ଖୋଲିଛନ୍ତି। ପ୍ରଥମ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇନାହିଁ। ଶାସକ ପ୍ରଶାସକଙ୍କ ଗସ୍ତ ବେଳେ ବ୍ୟାପକ ଆତସବାଜି ହୋଇଥିଲା।

# ଯୁଗ୍ମ ଜନଶୁଣାଣିରେ ୨୧୯ ଅଭିଯୋଗ



ଜନଶୁଣାଣି ଶିବିରରେ ଜିଲାପାଳ ପାରୁଲ ପଟୱାରି ଓ ଅନ୍ୟ ଅଧିକାରୀମାନେ ଅଭିଯୋଗଗୁଡ଼ିକୁ ଶୁଣୁଛନ୍ତି।

ବାଲିକୁଦା, ୭।୧୧(ସ୍ୱ.ପ୍ର.)

ବାଲିକୁଦା ବ୍ଲକ କାର୍ଯ୍ୟାଳୟରେ ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାରୁଲ ପଟୱାରୀ ଅଧ୍ୟକ୍ଷତା କରିଥିଲେ। ଉପ ଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଏସଡ଼ିପିଓ ରମେଶ ଚନ୍ଦ୍ର ସିଂ, ବିଡ଼ିଓ ଜିତେନ୍ଦ୍ର ନାୟକ, ତହସିଲଦାର ଅଂଶୁମାନ ଶତପଥୀ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗଗୁଡ଼ିକୁ ଶୁଣିଥିଲେ। ଶିବିରରେ ମୋଟ ୨୧୯ ଅଭିଯୋଗ ହୋଇଥିଲା। ଏହି ଅବସରରେ ୪ ଗୋଷ୍ଠୀଗତ ଓ ୨୧୫ ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା।

ସେଥିରୁ ୧୩୨ ଆବାସ ଯୋଜନା, ୧୮ ଖାଉଟି ସାମଗ୍ରୀ ସମ୍ପର୍କିତ, ୩୫ ଭତ୍ତା ସମ୍ବନ୍ଧୀୟ, ରେଡ୍‌କ୍ରସ ସହାୟତା ପାଇଁ ୧, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨, ପୋଲିସ ସହାୟତା ନିମନ୍ତେ ୧ ଏବଂ ୧୬ ଅନ୍ୟାନ୍ୟ ଅଭିଯୋଗ ଦାଖଲ ହୋଇଥିଲା। ଜିଲାପାଳ ପଟୱାରି ଅଭିଯୋଗଗୁଡ଼ିକୁ ଶୁଣିବା ସହ ବିଭାଗୀୟ ଅଧିକାରୀମାନଙ୍କୁ ସମାଧାନ କରିବା ପାଇଁ ତାଗିଦ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ସଞ୍ଜୟ ଦାସ, ସାମାଜିକ ସୁରକ୍ଷା ଅଧିକାରିଣୀ ଜ୍ୟୋତିର୍ମୟୀ ସ୍ୱାଇଁ, ସାଗର ବେହେରା, ନିର୍ବାହୀ ଯନ୍ତ୍ରୀ ଦୀପ୍ତିରେଖା ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗୋଚର ଜମିରେ ବେଆଇନ ପାଣିଟାଙ୍କି ନିର୍ମାଣକୁ ବିରୋଧ

ବାଲିଆ,୭।୧୧(ସ୍ୱ.ପ୍ର.)

ବିରିଡି ବ୍ଲକ ବାଗଲପୁର ପଞ୍ଚାୟତରେ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଗୋଚର ଜମିରେ ବେଆଇନ ପାଣିଟାଙ୍କି ନିର୍ମାଣକୁ ନେଇ କେତେଜଣ ଯୁବକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପଞ୍ଚାୟତର ଅନ୍ୟସ୍ଥାନରେ ଥିବା ସରକାରୀ ଜାଗାରେ ଏହି ପାଣିଟାଙ୍କି କରା ନଯାଇ ଗୋଚର ଜମିରେ ଏହାକୁ କରାଯାଉଛି ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ୬ ମାସ ପୂର୍ବେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଏହାପରେ ତହସିଲଦାର।

ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ କାର୍ଯ୍ୟ ବନ୍ଦ କରିଥିଲେ। ଏବେ ପୁନର୍ବାର କାର୍ଯ୍ୟ ଆରମ୍ଭ ହେଉଥିବାରୁ ଜ୍ୟୋତିରଞ୍ଜନ ବେହେରା, ଦିବ୍ୟ ରଞ୍ଜନ ବେହେରା, ଭୁବନ ସାହୁ, ଦିବାକର ବେହରା, ପିନା ମଲିକ, ପପୁ ବେହେରା,ସୁବାଶିଷ ଭୋଇ ପ୍ରମୁଖ ପ୍ରତିବାଦ କରିଛନ୍ତି। ଏସମ୍ପର୍କରେ ସ୍ଥାନୀୟ ସରପଞ୍ଚ ତରୁଣ କୁମାର ଦାସ କହିଛନ୍ତି, ଯେ ପଞ୍ଚାୟତ ପକ୍ଷରୁ ଲୋକଙ୍କ ପାଖରେ ପାନୀୟ ଜଳ ପହଞ୍ଚାଇବାକୁ ଉଦ୍ୟମ କରାଯାଉଛି। ତେଣୁ ସରକାର ଯେଉଁଠି ଜାଗା ଦେଲେ ବା ଦେବେ କାର୍ଯ୍ୟ କରାଯିବାରେ କୌଣସି ଅସୁବିଧା ନାହିଁ।



ଗୋଚର ଜମିରେ ପାଣିଟାଙ୍କି ନିର୍ମାଣ ପାଇଁ ଗାତ ଖୋଳାଯାଇଛି।

## ଜୁଆଖେଳ ଅଭିଯୋଗରେ ୭ ଗିରଫ

ରଘୁନାଥପୁର,୭।୧୧(ଡି.ଏନ୍.ଏ.)

ରଘୁନାଥପୁର ଥାନା ଗୋପାଳପୁର ମହେନ୍ଦ୍ର ସାହୁ ଛକ ନିକଟରେ ଜୁଆ ଖେଳ ହେଉଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ୭ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୨,୮୪୦ ଟଙ୍କା ସମେତ ଗୋଟିଏ ବାଇକ୍ ଜବତ କରିଛି। ଅଭିଯୁକ୍ତମାନେ ହେଲେ ସୁକାନ୍ତ ରାଉତ, ପ୍ରଶାନ୍ତ ସାହୁ ଓ ମୁରଲୀଧର ଜେନା, ସଞ୍ଜୟ ବେହେରା, ଅଶୋକ ଦାସ ପାପୁନ ମହାରଣା ଓ ଧୀରେନ୍ଦ୍ର ବିନ୍ଧାଣି। ଏନେଇ ପୋଲିସ ମାମଲା (ନଂ. ୨୦୭/୨୨) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ବୋଲି ଆଇଆଇସି ରାଜକିଶୋର ବେହେରା କହିଛନ୍ତି।

## 'କାର୍ତ୍ତିକ ମାସରେ ଗୀତା ପାଠକଲେ ପୁଣ୍ୟ ମିଳେ'

ବିରିଡି,୭।୧୧(ଡି.ଏନ୍.ଏ.)

ବିରିଡି ବ୍ଲକ ରାୟ ରଘୁନାଥପୁର ଗ୍ରାମର ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପ୍ରବଚନ ଓ ଭଜନ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଶନରରେଟ ପୋଲିସରେ କାର୍ଯ୍ୟରତ ଅଧିକାରୀ ନୀଳାମ୍ବର ସାହୁ ଯୋଗଦେଇ କହିଛନ୍ତି. କାର୍ତ୍ତିକମାସରେ ରାଧା ଦାମୋଦରଙ୍କ ସେବା କଲେ ମୁକ୍ତି ମିଳେ। ଏହି ମାସରେ ବିଷ୍ଣୁ ଉପାସନା, କାର୍ତ୍ତିକ ମହାତ୍ମ୍ୟ ଓ ଭାଗବତ ଗୀତା ପାଠ କଲେ ପୁଣ୍ୟ ମିଳେ। ରଘୁନାଥପୁର ଗ୍ରାମର ଆଇନଜୀବୀ ରଶ୍ମୀକାନ୍ତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାୟ ରଘୁନାଥପୁର ଉତ୍କଳ ଯାଦବ ସଂଘ ପକ୍ଷରୁ ଧବଳେଶ୍ୱରଙ୍କ ପୀଠରେ ପୂଜାର୍ଚ୍ଚନା, ହୋମ ଯଜ୍ଞ ଆଦି କରାଯାଇ ଦିବ୍ୟାଙ୍ଗମାନଙ୍କ ଦ୍ୱାରା ଭଜନ ସମାରୋହ କରାଯାଇଥିଲା। କାର୍ଯ୍ୟକ୍ରମରେ ଜଗନ୍ନାଥ ବେହେରା, ହୃଷିକେଶ ବେହେରା, ସନାତନ ବେହେରା, ସୁକାନ୍ତ ବେହେରା ଓ ମୁରଲିଧର ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ସର୍ବସାଧାରଣ ସ୍ଥାନରୁ ଜୀବ ହତ୍ୟା ବନ୍ଦ କର

ତିର୍ତ୍ତୋଲ, ୭।୧୧ (ଡି.ଏନ.ଏ.)

### ହାଇକୋର୍ଟର ଆଶ୍ରୟ ନେବେ ପଦ୍ମଶ୍ରୀ ବାବା ବଳିଆ



ରାସ୍ତା ପାର୍ଶ୍ୱରେ ଓ ସର୍ବସାଧାରଣ ସ୍ଥାନରେ ଖାଦ୍ୟ ପାଇଁ ଜୀବ ହତ୍ୟା କରାଯିବା ଘଟଣାକୁ ତିର୍ତ୍ତୋଲ ବ୍ଲକ ଅରିଲୋ ଶିଶୁ ଅନନ୍ତ ଆଶ୍ରମର ପ୍ରଦ୍ମଶ୍ରୀ ବାବା ବଳିଆ ବିରୋଧ କରିଛନ୍ତି। ଏଥିଲାଗି ସେ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନକୁ ଲିଖିତ ଭାବରେ ଅବଗତ କରାଇଛନ୍ତି। ସର୍ବସାଧାରଣ ସ୍ଥାନରେ ଓ ସର୍ବସମ୍ମୁଖରେ ଜୀବହତ୍ୟା କରାଯିବା ଦ୍ୱାରା ପଥଚାରୀଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ସରକାର ଏହି ସମସ୍ୟାର ସମାଧାନ ଲାଗି ପଦକ୍ଷେପ ନ ନେଲେ ସେ ଆଇନର ଆଶ୍ରୟ ନେବେ, ଏପରିକି ଆବଶ୍ୟକ ହେଲେ ହାଇକୋର୍ଟ ଯିବେ ବୋଲି ସୂଚନା ଦେଇଛନ୍ତି। ଆଶ୍ରମ ପରିସରରେ ସୋମବାର ଏକ ଖବରଦାତା ସମ୍ମିଳନୀରେ ବାବା ବଳିଆ ଏହା କହିଛନ୍ତି। ମଙ୍ଗଳବାର ଛାଡ଼ଖାଇ ପରଠାରୁ ସାରା ରାଜ୍ୟରେ ବହୁ ମାତ୍ରାରେ ରାସ୍ତା ପାର୍ଶ୍ୱ ଓ ସର୍ବସାଧାରଣ ସ୍ଥାନରେ ଖାଦ୍ୟ ଲାଗି ଜୀବ ହତ୍ୟା କରାଯିବା ସମ୍ଭାବନା ରହିଛି। ସର୍ବସାଧାରଣରେ ଏପରି କାର୍ଯ୍ୟ ଯେପିରି ନ ହୁଏ ସେନେଇ ପଦକ୍ଷେପ ନେବାକୁ ସେ ପ୍ରଶାସନକୁ ନିବେଦନ କରିଛନ୍ତି। ଆମିଷ ପରିବର୍ତ୍ତେ ନିରାମିଶ ଭକ୍ଷଣ କରିବାକୁ ସେ ମାନବ ସମାଜକୁ ଆହ୍ୱାନ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଆଶ୍ରମର ସଚିବ ସ୍ୱାମୀ ଡକ୍ଟର ଚିଦାନନ୍ଦ ବ୍ରହ୍ମଚାରୀ, ପ୍ରବଚକ ଗୋପାଳଙ୍କ ସମେତ ଅନ୍ୟ ଅନ୍ତେବାସୀ ଉପସ୍ଥିତ ଥିଲେ।

# ଭିତରକନିକାରେ ପ୍ରଶିକ୍ଷଣ ନେଲେ ୪୩ ବନପାଳ



ରାଜନଗର, ୭।୧୧(ଡି.ଏନ.ଏ.)

ଭିତରକନିକା ଜାତୀୟ ଉଦ୍ୟାନର ବିଭବ, ଜୈବ ବିବିଧତା, ହେନ୍ତାଳବଣ, ବଉଳା କୁମ୍ଭୀର, ନାନା ପ୍ରଜାତିର ସରୀସୃପ, ହରିଣ, ବାର୍‌ହାଙ୍କ ସହିତ ଦେଶ ବିଦେଶରୁ ଆସୁଥିବା ବିଦେଶାଗତ ପକ୍ଷୀ ବସବାସ କରୁଛନ୍ତି। କେନ୍ଦୁଝର ଚମ୍ପୁଆସ୍ଥିତ ନିକୋଲଶନ ଫରେଷ୍ଟ ଟ୍ରେନିଂ ସେଣ୍ଟରର ୪୩ ଜଣ ବନପାଳ ଦିନିକିଆ ପରିଭ୍ରମଣରେ ଆସି ପ୍ରଶିକ୍ଷଣ ମାଧ୍ୟମରେ ଜ୍ଞାନ ଆହରଣ କରିଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ରେଞ୍ଜ ଅଫିସର ମାନସ କୁମାର ଦାସ, ଫରେଷ୍ଟର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟ ଗାର୍ଡ ସୁନୀଲ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଭିତରକନିକା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ପରେ ୪୩ ଜଣ ବନପାଳ ବନ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ମ୍ୟାନଗ୍ରୁଭ ମେଟା ନର୍ସରି, କ୍ରୋକୋଡାଇଲ ହାଚେରି, ବୋଟ ଲାଇବ୍ରେରି, ଧଳା କୁମ୍ଭୀର ଗୋରୀ, ମଲ୍ଲି, ଶ୍ୱେତାଙ୍କୁ ଦେଖିଥିଲେ।

# ଆଳି ଯାଦବ ମହାସଭା ଧୋଆଞ୍ଚଳ କମିଟି ଗଠିତ

ଆଳି,୭।୧୧(ଡି.ଏନ. ଏ. )

ଆଳି ଯାଦବ ମହାସଭାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଧୋଆଞ୍ଚଳରେ ଏକ କମିଟି ସୋମବାର ଗଠିତ ହୋଇଛି। ଆଳି ଯାଦବ ମହାସଭା କାର୍ଯ୍ୟକାରିଣୀର ବୈଠକ ପ୍ରାଧ୍ୟାପକ ଶେଖର ଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଧୋଆଞ୍ଚଳର କୁସୁମୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଦବ ମହାସଭାର ରାଜ୍ୟ ଓ କେନ୍ଦ୍ରାପଡ଼ା ଜିଲା କାର୍ଯ୍ୟକାରିଣୀର ଅନେକ କର୍ମକର୍ତ୍ତା ଯୋଗ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ପ୍ରଭାକର ପଲେଇ, କାର୍ଯ୍ୟକାରୀ ସଭାପତି ବିଜୟ କୁମାର ପରିଡା, ଉପସଭାପତି ଚିନ୍ମୟ ଦାସ, ମନୋଜ କୁମାର ପରିଡା, ବିଶି କେଶନ ଦାସ, ସମ୍ପାଦକ ପ୍ରଭାତ କୁମାର ଦାସ, ରାଜ୍ୟ ସମ୍ପାଦିକା ସୁଜାତା ବାରିକ, ଏରଡ଼ଙ୍ଗ ଗ୍ରାମପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ପୁରୁଷୋତ୍ତମ ପଲାଇ ପ୍ରମୁଖ ଯୋଗଦେଇ ଥିଲେ। ବୈଠକରେ ମୁଖ୍ୟତଃ ସଙ୍ଗଠନ ବିଷୟରେ ଆଲୋଚନା କରାଯାଇ ଆଗାମୀ ମାସ ସୁଦ୍ଧା ପଞ୍ଚାୟତ କମିଟିଗୁଡିକ ପୁନର୍ଗଠନ କରାଯିବାକୁ ସ୍ଥିର କରାଯାଇଛି। ଆଳି ଯାଦବ ମହାସଭା ସାଧାରଣ ସମ୍ପାଦକ ମଧୁସୂଦନ ଦାସଙ୍କ ଉଦ୍ଦେଶ୍ୟ ଜ୍ଞାପନ ପରେ ୧୧ଟି ପଞ୍ଚାୟତର ପ୍ରତିନିଧି ମାନଙ୍କୁ ନେଇ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ପାଳିମିରୁ ନିରଞ୍ଜନ ଦାସ, ଏରଡ଼ଙ୍ଗ ବିନୟ ପରିଡା, ପେତପଡ଼ାରୁ ଶିବ ପ୍ରସାଦ ବେହେରା, ସଂସିଧାରୁ ପ୍ରମୋଦ ନାୟକ, ଡିମିରପାଳରୁ କୈଳାସ ଚନ୍ଦ୍ର ବୋଇତି, ଆରଗଳରୁ ଅମରେଶ ଦାସ, ଜୁଆଣିଆରୁ ବସନ୍ତ ପରିଡା, ଗୋବିନ୍ଦପୁର ନିରଞ୍ଜନ ଦାସ, କେତୁଆପାଳ ଜଗବନ୍ଧୁ ଦାସ, ଦେସାହିରୁ ବ୍ରଜକିଶୋର ପୃଷ୍ଟିଙ୍କୁ ରଖାଯାଇଛି। ଶେଷରେ ହୃଷୀକେଶ ଦାସ ଧନ୍ୟବାଦ ଦେଇଥିଲେ।




ବୈଠକରେ ଯୋଗଦେଇଥିବା ଯାଦବ ମହାସଭାର ସଦସ୍ୟମାନେ।

# ପୁନରୁଦ୍ଧାର ଦାବିରେ ଆମରଣ ଅନଶନ

### ଶ୍ରୀ ଶାରଳା ସମବାୟ ସୂତାକଳ

ତିର୍ତ୍ତୋଲ,୭।୧୧ (ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ନାଉଶିରାସ୍ଥିତ ଶ୍ରୀ ଶାରଳା ସମବାୟ ସୂତାକଳର ପୁନରୁଦ୍ଧାର ଦାବିରେ ଏହା ସମ୍ମୁଖରେ କଂଗ୍ରେସ ନେତା ଇଂ.ହିମାଂଶୁ ଭୂଷଣ ମଲ୍ଲିକ ଓ ସାମାଜିକକର୍ମୀ ଜ୍ୟୋତି ରଞ୍ଜନ ମଲ୍ଲିକ ଆମରଣ ଅନଶନରେ ବସିଛନ୍ତି। ଏହି ସୂତାକଳକୁ ଋଣମୁକ୍ତ କରି ପୁନର୍ବାର କାର୍ଯ୍ୟକ୍ଷମ କରିବାକୁ ସେମାନେ ଦାବି କରିଛନ୍ତି। ଏନେଇ ୨ ମାସ ତଳେ ମଲ୍ଲିକଙ୍କ ନେତୃତ୍ୱରେ କଂଗ୍ରେସକର୍ମୀମାନେ ତିର୍ତ୍ତୋଲରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଏହାସତ୍ତ୍ୱେ କୌଣସି ପଦକ୍ଷେପ ନିଆ ନ ଯିବାରୁ ପୁନର୍ବାର ଅନଶନ ଆରମ୍ଭ ହୋଇଛି ବୋଲି ମଲ୍ଲିକ କହିଛନ୍ତି। ଏଥିରେ ସୂତାକଳର ପୂର୍ବତନ କର୍ମଚାରୀ ନୃସିଂହ କାଣ୍ଡି, ସାବିତ୍ରୀ କାଣ୍ଡି, ଫଗୁନାଥ ଖଟୁଆ, ଦୁର୍ଯ୍ୟୋଧନ ସାହୁ, ନାରାୟଣ ବାରିକ, ଅକ୍ଷୟ ସ୍ୱାଇଁଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ପୂର୍ବତନ କର୍ମଚାରୀ ଯୋଗଦାନ କରିଥିଲେ। ଅନଶନକୁ ସମର୍ଥନ ଜଣାଇ ନେହୁର ପଡିଆ ବଜାର କମିଟିର ସଭାପତି ନରହରି ମିଶ୍ର, ସମ୍ପାଦକ ବଟକୃଷ୍ଣ ଦାଶ, ଉପ ସଭାପତି ନରେଶ ମହାପାତ୍ର, କୋଷାଧ୍ୟକ୍ଷ ନିରଞ୍ଜନ ପ୍ରଧାନ ପ୍ରମୁଖ ସାମିଲ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରତିମା ମଲ୍ଲିକ, ନିହାର ରଞ୍ଜନ ନାୟକ, ଦେବ ପ୍ରସାଦ ନାୟକ, ସର୍ବେଶ୍ୱର ପଣ୍ଡା, ପ୍ରଶାନ୍ତ ଦାସ, ମନୋରଞ୍ଜନ ଜେନା ଓ ଆର୍ତ୍ତତ୍ରାଣ ପଣ୍ଡା ପ୍ରମୁଖ ଅନଶନରେ ବସିଛନ୍ତି।




ଆମରଣ ଅନଶନରେ ବସିଥିବା କଂଗ୍ରେସ ନେତା ହିମାଂଶୁ ମଲ୍ଲିକ ଓ ଜ୍ୟୋତି ରଞ୍ଜନ ମଲ୍ଲିକଙ୍କ ସହ ଅନ୍ୟମାନେ।

# ୭ ମାସରେ ୯୧୪ ପରିବାରକୁ ୧୦୦ ଦିନର କାମ

**କେନ୍ଦ୍ରାପଡ଼ା ଅଫିସ, ୭।୧୧**

ଗ୍ରାମାଞ୍ଚଳ ଲୋକଙ୍କୁ ରୋଜଗାରକ୍ଷମ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୦୫ରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଲାଗୁ ହୋଇଥିଲା। ଏହି ଯୋଜନା କେନ୍ଦ୍ରାପଡ଼ା ଜିଲାରେ ବାଟବଣା ହୋଇଛି। ଜିଲାର ମୋଟ ଜବ୍‌କାର୍ଡଧାରୀ ୩,୨୯,୬୦୫ ପରିବାର ମଧ୍ୟରୁ ୭ ମାସରେ ମାତ୍ର ୯୧୪ଟିକୁ ୧୦୦ ଦିନର କାର୍ଯ୍ୟ ମିଳିଛି। ସେହିପରି ଆର୍ଥିକ ବର୍ଷର ୭ ମାସ ବିତିଥିଲେ ମଧ୍ୟ ଆହୁରି ୬୫,୪୭୬ ପ୍ରକଳ୍ପ ଅଧୁରା ପଡ଼ିଛି। ଶ୍ରମିକ ବଦଳରେ ମେଶିନ ଦ୍ୱାରା କାର୍ଯ୍ୟ ହେଉଥିବା ଅଭିଯୋଗ ବାରମ୍ବାର ହେଉଥିଲେ ମଧ୍ୟ ଏହାର ନିରାକରଣ ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ଦେଖାଯାଉନାହିଁ। ଜିଲାର ଡେରାବିଶ ଓ ଗରଦପୁର ବ୍ଲକ ଅଞ୍ଚଳର ୪୨ଟି ପରିବାରକୁ ୧୦୦ଦିନର କାର୍ଯ୍ୟ ମିଳିଥିବା ବେଳେ ମାର୍ଶାଘାଇରେ ମାତ୍ର ୫୨ ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ଏହା ୬୦ ପରିବାରରେ ସୀମିତ ଅଛି। ଅପରପକ୍ଷରେ ଏହି ସମୟ ଅବଧି ମଧ୍ୟରେ ବଲାଙ୍ଗୀର ଜିଲାରେ ୧୩,୮୨୯, ଗଞ୍ଜାମରେ ୩୬,୬୧୦, କଳାହାଣ୍ଡିରେ ୮,୧୭୦, କନ୍ଧମାଳରେ ୧୯,୪୨୧, କେନ୍ଦୁଝରରେ ୯,୧୯୮, କୋରାପୁଟରେ ୯,୭୪୫, ନବରଙ୍ଗପୁରରେ ୮,୩୪୩, ନୂଆପଡ଼ାରେ ୮,୦୧୩ ଓ ସୁନ୍ଦରଗଡ଼ ଜିଲାରେ ୮,୩୨୮ ପରିବାରକୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଛି।


କେନ୍ଦ୍ରାପଡ଼ା ଅଞ୍ଚଳରେ ଜେସିବି ମାଧ୍ୟମରେ କାମ କରାଯାଉଛି।

ତଥ୍ୟ ଅନୁଯାୟୀ, ରାଜୀବ ଗାନ୍ଧୀ ସେବା କେନ୍ଦ୍ର ନିର୍ମାଣ ପାଇଁ ରାଜକନିକା ବ୍ଲକ ଅଧୀନ ତ୍ରୈଲୋକ୍ୟପୁର ପଞ୍ଚାୟତକୁ ମଞ୍ଜୁରୀ ମିଳିଥିବା ବେଳେ ଅଦ୍ୟାବଧି କାର୍ଯ୍ୟ ଆରମ୍ଭ ହୋଇନାହିଁ। ସେହିପରି ଆଳି ବ୍ଲକ ଭୂଇଁପୁର ଓ ଦେସାହି ପଞ୍ଚାୟତରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଏହା ବ୍ୟତୀତ ଅଙ୍ଗନୱାଡି ଓ ଅନ୍ୟ ଗ୍ରାମାଞ୍ଚଳର ଭିତ୍ତିଭୂମି ପାଇଁ ୩,୮୮୨ ପ୍ରକଳ୍ପ, ମରୁଡ଼ି ଭିତ୍ତିଭୂମି ପାଇଁ ୧୨,୯୫୫ ପ୍ରକଳ୍ପ, ବନ୍ୟା ନିରାକରଣ ପାଇଁ ୮୨ ପ୍ରକଳ୍ପ, ଭୂମି ଉନ୍ନତୀକରଣ ପାଇଁ ୪୯୭୧ ପ୍ରକଳ୍ପ, କ୍ଷୁଦ୍ର ଜଳସେଚନ ପାଇଁ ୩୬୨ ପ୍ରକଳ୍ପ, ଅନ୍ୟ କାର୍ଯ୍ୟ ପାଇଁ ୮ ପ୍ରକଳ୍ପ, ଖେଳପଡ଼ିଆ ପାଇଁ ୪୭ ପ୍ରକଳ୍ପ, ଗ୍ରାମାଞ୍ଚଳ ରାସ୍ତା ସଂଯୋଗ ପାଇଁ ୧୫,୦୩୪ ପ୍ରକଳ୍ପ, ଗ୍ରାମାଞ୍ଚଳ ପରିମଳ ପାଇଁ ୧୭୧୩ ପ୍ରକଳ୍ପ, ଜଳ ଅମଳ ପାଇଁ ୧୦,୭୪୬ ପ୍ରକଳ୍ପ ଓ ଭୂମି ଉନ୍ନତୀକରଣ ପାଇଁ ୧୩,୨୯୪ ପ୍ରକଳ୍ପ ଅଦ୍ୟାବଧି ଅସମ୍ପୂର୍ଣ୍ଣ ଅଛି। ଏ ସମ୍ପର୍କରେ ଜଜାଙ୍ଗ ଗ୍ରାମର ହରେକୃଷ୍ଣ ବେହେରା କହିଛନ୍ତି, ଜିଲାରେ ଏହି କର୍ମନିଯୁକ୍ତି ଯୋଜନା ପ୍ରହସନ ପାଲଟିଛି। ଫଳରେ ଜିଲାର ଯୁବବର୍ଗ କାମ ଅନ୍ୱେଷଣରେ ଜିଲା ଓ ରାଜ୍ୟ ବାହାରକୁ ଯାଉଛନ୍ତି। ଏଥିସହ ଦାଦନ ଶ୍ରମିକ ଭାବେ କାର୍ଯ୍ୟକରି ସେଠାରେ ନିର୍ଯାତିତ ହେଉଥିବା ଖବର ବର୍ଷ ସାରା ଶୁଣିବାକୁ ମିଳୁଛି। କଂସାର ଗ୍ରାମର ନିରଞ୍ଜନ ପରିଡ଼ା କହିଛନ୍ତି, ବିଭିନ୍ନ ପ୍ରକଳ୍ପରେ ଶ୍ରମିକଙ୍କ ପରିବର୍ତ୍ତେ ମେଶିନ ଦ୍ୱାରା କାର୍ଯ୍ୟ ହେଉଛି। ଏ ନେଇ ଜିଲା ପ୍ରଶାସନ ନିକଟରେ ବହୁବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳରେ ଶ୍ରମିକ କର୍ମନିଯୁକ୍ତି ନ ପାଇ ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଶ୍ରମିକ ନେତା ଗୟାଧର ଧଳ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଖଣି କିମ୍ବା ଶିଳ୍ପ ନାହିଁ। ଲୋକ ସମ୍ବଳ ଅଧିକ ଥିବାରୁ କର୍ମନିଯୁକ୍ତି ଏକ ସମସ୍ୟା ହୋଇଛି। ସରକାରଙ୍କ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ ପାଇଁ ମୋଟ ୮,୨୫,୩୩୯ ଜଣ ଜବ୍‌କାର୍ଡଧାରୀ ଭାବେ ନାମ ପଞ୍ଜୀକରଣ କରିଛନ୍ତି। ଏମାନଙ୍କୁ ଅନ୍ୟୂନ ୧୦୦ ଦିନର କାମ ଯୋଗାଇଦେବା ସ୍ଥାନୀୟ ଲୋକ ପ୍ରତିନିଧି ଓ ପ୍ରଶାସକଙ୍କ ଲକ୍ଷ୍ୟ ରହିବା କଥା। ତେବେ ଯୋଜନାରେ ମେଶିନ ଲଗାଉଥିବାରୁ ଶ୍ରମିକଙ୍କୁ କାର୍ଯ୍ୟ ମିଳୁନାହିଁ। ଫଳରେ ଜିଲାର ବହୁ ଉନ୍ନୟନ ପ୍ରକଳ୍ପ ଅଧା ପଡ଼ିରହିଛି। ଏ ସମ୍ପର୍କରେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପଣ୍ଡାଙ୍କୁ ପଚାରିବାରେ ଚଳିତବର୍ଷ ବର୍ଷା ଓ ବନ୍ୟା ଯୋଗୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟକାରୀରେ ମନ୍ଥରତା ଆସିଥିଲା। ଏବେ ଏହାକୁ ତ୍ୱରାନ୍ୱିତ କରାଯାଉଛି ବୋଲି ସେ କହିଛନ୍ତି।

- ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାଟବଣା
- ଯୋଜନାରେ ବାକି ଅଛି ୬୫ ହଜାରରୁ ଅଧିକ ପ୍ରକଳ୍ପ
- ଶ୍ରମିକ ପରିବର୍ତ୍ତେ ମେଶିନରେ କାର୍ଯ୍ୟ ଅଭିଯୋଗ

## ସଂକ୍ଷେପରେ

### ବଡ଼ପଲ୍ଲୀରେ ୨ ପ୍ରକଳ୍ପ ସହ ମୋ ସେବା କେନ୍ଦ୍ର ଲୋକାର୍ପଣ



ରାଜନଗର, ୭।୧୧(ଡି.ଏନ.ଏ.): ରାଜନଗର ବ୍ଲକ ଅନ୍ତର୍ଗତ କୋଇଲିପୁର ପଞ୍ଚାୟତର ବଡ଼ପଲ୍ଲୀଠାରେ ନିର୍ମିତ ହୋଇଥିବା କଠିନ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣର କେନ୍ଦ୍ର ଓ ହରଗୌରୀ ବଜାର ହାଟପିଣ୍ଡି, ସୁବ୍ରତ ପ୍ରତିହାରୀଙ୍କ ମୋ ସେବା କେନ୍ଦ୍ରକୁ ସୋମବାର ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଲୋକାର୍ପଣ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ କେନ୍ଦ୍ରାପଡା ଜିଲାପରିଷଦ ଉପାଧକ୍ଷ ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଆଇଆଇସି ଶ୍ରୀକାନ୍ତ କୁମାର ବାରିକ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମିଶନ ଶକ୍ତି ମହିଳା ନାରୀନେତ୍ରୀ ଧରିତ୍ରୀ ସାହୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ନିରଞ୍ଜନ ରାଉତ, ସମିତିସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ମହିଳା ବିଜେଡି ସଭାନେତ୍ରୀ ରଶ୍ମି ରଞ୍ଜିତା ସ୍ୱାଇଁ, ବ୍ଲକ ଛାତ୍ର ବିଜେଡି ସଭାପତି ମନୋଜ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

### ଗୋସିଗାଁରେ କାର୍ତ୍ତିକେଶ୍ୱର ପୂଜା

ରାଜନଗର, ୭।୧୧(ଡି.ଏନ.ଏ.) ରାଜନଗର ବ୍ଲକ ଗୋସିଗାଁସ୍ଥିତ ଶୈବପୀଠ ଶ୍ରୀ ଶ୍ରୀ ଗର୍ତ୍ତେଶ୍ୱର ମହାଦେବଙ୍କ ପରିସରରେ ଦେବ ସେନାପତି ଶ୍ରୀକାର୍ତ୍ତିକେଶ୍ୱରଙ୍କ ପୂଜା ଆରମ୍ଭ ହୋଇଯାଇଛି। ରବିବାର ସକାଳେ କଳସ ଶୋଭାଯାତ୍ରା ସହ ପୂଜାନୀତି ଆରମ୍ଭ ହୋଇଥିଲା। ମଙ୍ଗଳବାର ଗ୍ରହଣ ତିଥି ଥିବାରୁ ସୋମବାର ବିଳମ୍ବିତ ରାତ୍ରିରେ ଶ୍ରୀକାର୍ତ୍ତିକେଶ୍ୱରଙ୍କ ମୃଣ୍ମୟ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇ ବିସର୍ଜନ କରାଯିବ। ଏହି କାର୍ଯ୍ୟକୁ ପୂଜକ ଅକ୍ଷୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ହେଉଛି। ସନ୍ଧ୍ୟାରେ ଅଞ୍ଚଳର ଯୁବ କଳାକାରମାନଙ୍କୁ ନେଇ ଭଜନ, ପାଲା ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହାକୁ ସାନବଡଗୋପାଳପୁର ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀ ଶ୍ରୀ କାର୍ତ୍ତିକେଶ୍ୱର ପୂଜା କମିଟିର ମୁଖ୍ୟ ଶରତ କୁମାର ରାଉତଙ୍କ ସମେତ ସମସ୍ତ ସଭ୍ୟମାନେ ପରିଚାଳନା କରୁଛନ୍ତି। ସେହିପରି ରାଜନଗରର ମାଛ ମାର୍କେଟ, ଗଳିଦାଣ୍ଡଠାରେ ଶ୍ରୀକାର୍ତ୍ତିକେଶ୍ୱରଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି।



## ରାଜନଗରରେ ଭାଜପାର ବିଜୟ ଉତ୍ସବ

ରାଜନଗର, ୭।୧୧(ଡି.ଏନ.ଏ.)

ଧାମନଗର ଉପନିର୍ବାଚନର ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ବିଜୟ ପରେ ରାଜନଗର ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି। ସୋମବାର ଅପରାହ୍ନରେ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରୁ ଏହି ବିଜୟ ଶୋଭାଯାତ୍ରା ବାହାରି ତ୍ରିନାଥବଜାର, ବୀଣାପାଣି ବଜାର ପରିକ୍ରମା କରିବା ସହ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଭାଜପା ନେତା ଭୁବନ ମୋହନ ଜେନା, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, କୋଇଲିପୁର ସରପଞ୍ଚ ଦିଲୀପ ରାଉତ, ବାଲିସାହିପାଟଣା ସରପଞ୍ଚ କୈଳାସ ପରିଡା, ଶ୍ରୀନିବାସ ରଣା, ନାରୀନେତ୍ରୀ ସୁମିତ୍ରା ରାଉତ, ସୁବାସ ଚନ୍ଦ୍ର ରାଉତ, ମେଘଶ୍ୟାମ ସାହୁ ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଚ୍ଚ ପ୍ରଶଂସା କରିଥିଲେ। ନବନିର୍ବାଚିତ ବିଧାୟକ ସୂରଜଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ବିଜୟ ଉତ୍ସବରେ ରାଜନଗର ନିର୍ବାଚନ ମଣ୍ଡଳୀର ଶତାଧିକ ଭାଜପା କର୍ମୀ ସାମିଲ ହୋଇଥିଲେ।

# କାଉପଡ଼ା ପଞ୍ଚାୟତରେ: ୫୬୭ ଅଭିଯୋଗ


ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯାଗ ଶୁଣାଣି କରୁଛନ୍ତି।

**ଡେରାବିଶ ୭।୧୧(ସ୍ୱ.ପ୍ର.)**

ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ନମିତା ବାରିକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ୫୬୭ ଅଭିଯୋଗର ଶୁଣାଣି କରିଥିଲେ। କେତେକ ଅଭିଯୋଗର ତ୍ୱରିତ ସମାଧାନ ହୋଇଥିବାବେଳେ ଅନ୍ୟଗୁଡ଼ିକୁ ବିଭାଗୀୟ ଅଧିକାରୀଙ୍କ ନିକଟକୁ ବିଡିଓ ପଠାଇଥିଲେ। କାଉପଡ଼ା ସରପଞ୍ଚ ପ୍ରତାପ କୁମାର ବେହେରା, ସମିତିସଭ୍ୟା ମିଳନପ୍ରଭା ମଲିକ ଶିବିରରେ ଉପସ୍ଥିତ ଥିଲେ। ଏଥିରେ ବ୍ଲକ ପ୍ରଶାସନ ପକ୍ଷରୁ ୨୨ରୁ ଅଧିକ ଷ୍ଟଲ ଖୋଲାଯିବା ସହ ବିଭିନ୍ନ ବିଭାଗର ସମ୍ପ୍ରସାରଣ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର ଅଭିଯୋଗ ଗ୍ରହଣ କରିଥିଲେ। ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଚିତ୍ତରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଏକ ସ୍ୱାସ୍ଥ୍ୟ ଶିବିରରେ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ରାଶନ ସାମଗ୍ରୀ, ଭତ୍ତା, ବାସଗୃହ ଯୋଜନାରୁ ବଞ୍ଚିତ ଥିବା ହିତାଧିକାରୀମାନେ ସେମାନଙ୍କ ଅଭିଯୋଗ ପ୍ରଦାନ କରିବା ସହ ବିଭିନ୍ନ ଗ୍ରାମରେ ଗ୍ରାମ୍ୟ ରାସ୍ତା ନିର୍ମାଣ ଓ ମରାମତି ହେବାକୁ ବହୁ ଲୋକ ଅଭିଯୋଗ ଦାଖଲ କରିଥିଲେ। ସୋମବାର ଏହି କାର୍ଯ୍ୟକ୍ରମରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଳେଇ, ଏବିଡିଓ ଭଞ୍ଜ କିଶୋର ନାୟକ, ଭାରପ୍ରାପ୍ତ ତହସିଲଦାର ପୁରୁଷୋତ୍ତମ ଦାସ, ବ୍ଲକ ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ସନ୍ଧ୍ୟାରାଣୀ ପରିଡ଼ା, ଜୀବିକା ମିଶନର ସଂଯୋଜକ ହିମାଂଶୁ ଭୂଷଣ ଭଦ୍ର, ବ୍ଲକ ମଙ୍ଗଳ ଅଧିକାରୀ ରଶ୍ମି ଦେବୀ, ଗ୍ରାମ୍ୟ ଜଳଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ବିଭୁ ପ୍ରସାଦ ଦାସ ଓ ଦେବାଶିଷ ଧଳ, ସହକାରୀ ମତ୍ସ୍ୟ ବିଭାଗ ଅଧିକାରୀ ପ୍ରେୟସୀ ସାମଲ, ଉଦ୍ୟାନ କୃଷି ବିଭାଗ ଅଧିକାରୀ ଶୁଭଶ୍ରୀ ମଲ୍ଲିକ ପ୍ରମୁଖ ଅଧିକରୀ ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରବୀର କୁମାର ଜେନା, ଗ୍ରାମ ରୋଜଗାର ସେବକ ସନ୍ଧ୍ୟାରାଣୀ ସାହୁ, ଶରତ କୁମାର ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଓମ୍ ଶାନ୍ତି ପକ୍ଷରୁ ଆତ୍ମନିର୍ଭର କୃଷକ ଅଭିଯାନ

**ରାଜନଗର, ୭।୧୧(ଡି.ଏନ.ଏ.)**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ରାଜନଗର ଶାଖା ପରିସରରେ ଆତ୍ମନିର୍ଭର କୃଷକ ଅଭିଯାନ ପଦଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଅକ୍ଟୋବର ୩୦ ଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଜିଲାର ବିଭିନ୍ନ ବ୍ଲକ ପରିକ୍ରମା କରିବା ପରେ ସୋମବାର ରାଜନଗରଠାରେ ଉଦ୍‌ଯାପିତ ହୋଇଥିଲା। କଟକ ଶାଖାର ସଞ୍ଚାଳିକା ବ୍ରହ୍ମାକୁମାରୀ ସନ୍ଧ୍ୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କନିକା ରେଞ୍ଜ ଅଫିସର ମାନସ କୁମାର ଦାସ ଯୋଗଦେଇ ଆତ୍ମନିର୍ଭର କୃଷକ ଅଭିଯାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା ଶାଖାର ବ୍ରହ୍ମାକୁମାରୀ ସ୍ନେହ, ପଟ୍ଟାମୁଣ୍ଡାଇ ଶାଖାର ବ୍ରହ୍ମାକୁମାରୀ ଶଶୀ, ରାଜକନିକା ଶାଖାର ବ୍ରହ୍ମାକୁମାରୀ ଲୀନା, କଟକ ଶାଖାର ବ୍ରହ୍ମାକୁମାରୀ ସୁଧା, ସାଇଖୁଣ୍ଟା ଗରଦପୁର ଶାଖାର ବ୍ରହ୍ମାକୁମାରୀ ସ୍ୱର୍ଣ୍ଣ ପ୍ରମୁଖ ଯୋଗଦେଇଥିଲେ। ରାଜନଗର ଶାଖାର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ନିର୍ମଳା ଭଉଣୀ ଏହି ଅଭିଯାନ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ବ୍ରହ୍ମାକୁମାର ମାନସ, ବ୍ରହ୍ମାକୁମାର ଦଧିବାବନ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ରାଜନଗର ବ୍ଲକର ସଫଳ ଚାଷୀ ଅମର କୁମାର ସ୍ୱାଇଁ, ପ୍ରତାପ ଦାସ, ନିତ୍ୟାନନ୍ଦ ଦାସ, ଦିଲୀପ ସେଠୀ, ମହିଷାସୁର ସରପଞ୍ଚ ଅଶୋକ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ମାର୍ଶାଘାଇ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ: ୨୩୦ ଅଭିଯୋଗ



ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ମାର୍ଶାଘାଇ, ୭।୧୧ (ଡି.ଏନ.ଏ.)**

ଏହି ବ୍ଲକର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମର ସୋମବାର ମାର୍ଶାଘାଇ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହା ପଲ୍ଲୀର ପ୍ରଶାସନ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟର ଅନ୍ତିମ ପଞ୍ଚାୟତ ଥିଲା। ଏଥିରେ ମୋଟ ୨୩୦ ଅଭିଯୋଗ ଗ୍ରହଣ କରାଯାଇଥିଲା। କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ ଦୁର୍ଗାପ୍ରସାଦ ମହାରଣା, ବିଡିଓ ଉମାଶଙ୍କର ବେହେରା, ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ଅତିରିକ୍ତ ତହସିଲଦାର ଅଶୋକ ବେହେରା, ପ୍ରଫୁଲ୍ଲ କୁମାର ବିଶ୍ୱାଳ, ସରପଞ୍ଚ ଭାଗବତ ବେହେରା, ସଭ୍ୟ ପ୍ରସନ୍ନ ସାହୁ ଯୋଗଦେଇ ଲୋକମାନଙ୍କ ଅଭିଯୋଗ ଶୁଣିଥିଲେ। ୧୪ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ବ୍ୟାଙ୍କ୍ ଲିଙ୍କେଜ୍ ପ୍ରଦାନ କରାଯାଇଥିବା ବେଳେ ଗ୍ରାମୀଣ କୌଶଲ୍ୟ ଯୋଜନାରେ ୧୨ଜଣ ଓ ୨୫ ଜଣ ଅଣସଂଗଠିତ ଶ୍ରମିକଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ସୁକନ୍ୟା ସମୃଦ୍ଧି ଯୋଜନାରେ ୧୫ଜଣ ଓ ଭତ୍ତା ପାଇଁ ୭ଜଣ ଆବେଦନ କରିଥିଲେ। ଗୋପାଳନ ପାଇଁ ୨୪ ଜଣ, ଶୂନ୍ୟରୁ ୫ ବର୍ଷ ପର୍ଯ୍ୟନ୍ତ ୫୮ ଶିଶୁଙ୍କ ଆଧାର ପଞ୍ଜୀକରଣ କରାଯାଇଥିଲା। ୧୦ଟି ମାଟି ଓ ୪ ଗୋଟି ପାଣି ପରୀକ୍ଷା କରାଯାଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ସିଡିପିଓ ପ୍ରୀତିଲତା ପାଢ଼ୀ, ବ୍ଲକ ଜୀବିକା ମିଶନର ବିପିଏମ୍ ସଂଜ୍ଞା ସାଗରିକା ପଣ୍ଡା, ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡା. ସାଇକ୍ରିଷ୍ଟା ଜେନା, ଯୋଗାଣ ଅଧିକାରିଣୀ ରଶ୍ମିପ୍ରଭା ସାହୁ, ଉଦ୍ୟାନ ବିଭାଗ ଅଧିକାରୀ ଶରତ କୁମାର ବେହୁରା ଯୋଗଦେଇଥିବା ବେଳେ ସରୋଜକାନ୍ତ ନାୟକ ମଞ୍ଚ ପରିଚାଳନା କରିଥିଲେ।

# ଟିଣଛପର ଘର ପରେ ସୁକଲାଲ୍‌ଙ୍କ ମୁହଁରେ ଫୁଟିଲା ହସ

**‘ଶ୍ମଶାନ ନିକଟରେ ୪୦ ବର୍ଷ ଧରି ପଲିଥିନ୍ ତଳେ ବିତୁଛି ଜୀବନ’ ଘଟଣା**

- ‘ଧରିତ୍ରୀ’ ଖବରର ପ୍ରଭାବ

**ମହାକାଳପଡ଼ା,୭।୧୧(ଡି.ଏନ.ଏ.)**


ବୃଦ୍ଧ ସୁକଲାଲ୍‌ଙ୍କ ଟିଣଗୃହ ନିର୍ମାଣ କରିଥିବା ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସଦସ୍ୟମାନେ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପେଟଛେଲା ପଞ୍ଚାୟତ ବି.ବି. କଲୋନୀ ଗ୍ରାମ ଶ୍ମଶାନ ନିକଟରେ ଦୀର୍ଘ ୪୦ବର୍ଷ ଧରି ଅସହାୟ ବୃଦ୍ଧ ସୁକଲାଲ୍ ଦେବନାଥ (୭୨) ପଲିଥିନ ତଳେ ଜୀବନ ବିତାଉଛନ୍ତି। ଏ ସମ୍ପର୍କରେ ଅଗଷ୍ଟ ୨୬ରେ ‘ଧରିତ୍ରୀ’ରେ ଖବର ପ୍ରକାଶିତ ହେବା ପରେ ପ୍ରଶାସନ ପକ୍ଷରୁ ରାଶନ କାର୍ଡ ଓ ଚାଉଳ ପ୍ରଦାନ କରାଯାଇଥିଲା। ପରେ କେନ୍ଦ୍ରାପଡ଼ାସ୍ଥିତ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ କର୍ମକର୍ତ୍ତା ପହଞ୍ଚି ବୃଦ୍ଧଙ୍କ ଦୁଃଖ ହୃଦୟଙ୍ଗମ କରିଥିଲେ। ସୋମବାର ପୂର୍ବାହ୍ନରେ ଟ୍ରଷ୍ଟ କାର୍ଯ୍ୟକର୍ତ୍ତାମାନେ ପହଞ୍ଚି ଏହି ଅସହାୟ ବୃଦ୍ଧଙ୍କ ଛିଣ୍ଡା ପଲିଥିନ କାଢ଼ି ନୂତନ ଟିଣ ପକାଇଛନ୍ତି। ପରେ ବୃଦ୍ଧଙ୍କର ଦୈନନ୍ଦିନ ଜୀବନ ଅତିବାହିତ କରିବାକୁ ଆଉ କିଛି ସମସ୍ୟା ରହିବ ନାହିଁ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଅସହାୟ ବୃଦ୍ଧଙ୍କ ଘର ନିର୍ମାଣ ପରେ ସୁକଲାଲ୍‌ଙ୍କ ମୁହଁରେ ହସ ଫୁଟିଛି। ସେଥିପାଇଁ ସେ ‘ଧରିତ୍ରୀ’ ଓ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କୁ ସାଧୁବାଦ ଜଣାଇଛନ୍ତି। ସ୍ତ୍ରୀଙ୍କ ମୃତ୍ୟୁ ପରେ ୩ ପୁଅ ସୁକଲାଲ୍‌ଙ୍କୁ ଅଣଦେଖା କରୁଥିଲେ। ସୁକଲାଲ୍ ବାଧ୍ୟହୋଇ ଗାଁ ଶ୍ମଶାନ ନିକଟରେ ଛିଣ୍ଡା ପଲିଥିନ ତଳେ ୪୦ବର୍ଷ ଧରି ଜୀବନ ଅତିବାହିତ କରୁଥିଲେ। ପିଲାମାନେ ନିଜ ମାତାପିତାଙ୍କୁ ପଚାରୁ ନ ଥିବାବେଳେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ବୃଦ୍ଧଙ୍କ ନିକଟରେ ପହଞ୍ଚି ସହାୟତାର ହାତ ବଢ଼ାଇଥିବାରୁ ଗ୍ରାମବାସୀ ସାଧୁବାଦ ଜଣାଇଛନ୍ତି। ସୁକଲାଲ୍‌ଙ୍କ ନୂତନ ଗୃହ ନିର୍ମାଣରେ ଟ୍ରଷ୍ଟ ସଭାପତି ଦମନ ମହାନ୍ତି, ଶାନ୍ତନୁ ମଲିକ, ରାଜେଶ ପଣ୍ଡା, କେଦାର ସ୍ୱାଇଁ, ବିନୋଦ ପଣ୍ଡା, ସନ୍ତୋଷ ପଟ୍ଟନାୟକ, କାଳନ୍ଦୀ ମଲିକ, ଜୟନ୍ତ ମଲ୍ଲିକ, ଭାବଗ୍ରାହୀ ସାହୁ, ସୁବାଶିଷ ସିଂ, ଅଜୟ ସେଠୀ, ବିକାଶ ମହାରଣା, ହେମନ୍ତ ସାମଲ, ବଣ୍ଟି କାନୁନ୍‌ଗୋ, ଜୟନ୍ତ ଜେନା, ସାଗର ଜେନା ପ୍ରମୁଖ ସହାୟତା କରିଛନ୍ତି।

# ସୋଲ ବଦଳରେ ପ୍ଲାଷ୍ଟିକ କର୍କର ଡଙ୍ଗା ଭାସିବ

**ସୋଲର ଅଭାବ**

- କାର୍ତ୍ତିକ ପୂର୍ଣ୍ଣିମାରେ ନଦୀରେ ଭାସିବନି ସୋଲଡଙ୍ଗା

**ପାଟକୁରା, ୭।୧୧(ଡି.ଏନ୍.ଏ.)**

କାର୍ତ୍ତିକ ପୂର୍ଣ୍ଣିମାରେ ଏଣିକି ଆଉ ସୋଲଡଙ୍ଗା ନଦୀରେ ଭାସିବନାହିଁ। ସୋଲ ବଦଳରେ ପ୍ଲାଷ୍ଟିକ କର୍କ କିମ୍ବା ଆକ୍ରିଲିକ୍‌ରେ ତିଆରି ଡଙ୍ଗାକୁ ମହିଳାମାନେ ନଦୀରେ ଭସାଇବେ। ସୋଲର ଅଭାବ ସାଙ୍ଗକୁ କାରିଗର ମାଳିଙ୍କୁ ସରକାରୀ ପ୍ରୋତ୍ସାହନ ଥିବାରୁ ଏହାର ମୁଖ୍ୟ କାରଣ ବୋଲି ଜଣାଯାଇଛି। ଫଳରେ ମାଳୀମାନଙ୍କର ଏକ ପାରମ୍ପରିକ ପେସା ସୋଲ ତିଆରି ସାମଗ୍ରୀ ଗୁରୁତ୍ୱର ଭାବେ ବାଧାପ୍ରାପ୍ତ ହୋଇଛି। ବିଲବାଡ଼ିରେ କୃଷକମାନେ ରାସାୟନିକ ସାର ବ୍ୟବହାର କରୁଥିବାରୁ ଏହାର ବିଷାକ୍ତ ପ୍ରକ୍ରିୟାରେ ସୋଲ ଗଛଗୁଡ଼ିକ ମରିଯାଉଛି। ଯାହା କିଛି ରହୁଛି ସ୍ଥାନୀୟ ଲୋକମାନେ ଏହାକୁ କାଟି ଜାଳ କରୁଛନ୍ତି। ଫଳରେ ସୋଲ ସାମଗ୍ରୀ ପାଇଁ ମିଳୁନାହିଁ। ତା’ ବଦଳରେ କାରିଗରମାନେ କର୍କ କିମ୍ବା ଅକ୍ରିଲିକ୍ ବ୍ୟବହାର କରୁଛନ୍ତି। ବିବାହ, ବ୍ରତ, ଘର ପ୍ରତିଷ୍ଠା ବିଭିନ୍ନ ପୂଜାରେ ସୋଲ ମାଳ ଓ ସୋଲ ମୁକୁଟ ଆବଶ୍ୟକ ଥିବାରୁ କାରିଗରମାନେ ଅଧିକ ମୂଲ୍ୟରେ କ୍ରୟ କରି କାମ ଚଳାଇ ଦେଉଛନ୍ତି। ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଦେଇ ସୋଲଚାଷ କରାଗଲେ ଅଭାବ ପୂରଣ ହୋଇଯାଆନ୍ତା ବୋଲି ଗରଦପୁର ବ୍ଲକ ପଦ୍ମପୁର ପଞ୍ଚାୟତ ଅଧୀନ ନୂଆପଡ଼ା ଗାଁର ସୋଲ କାରିଗର ନିରଞ୍ଜନ ରଣା ମତବ୍ୟକ୍ତ କରିଛନ୍ତି। ଏଥିସହ କାରିଗରମାନଙ୍କୁ କିଛି ଆର୍ଥିକ ସହାୟତା ମିଳିଲେ ପାରମ୍ପରିକ ସୋଲ କାମ ବଞ୍ଚିରହନ୍ତା। ତାଙ୍କ ବାପା ଅଜା ଅମଳରୁ ଏହି ପେସା କରି ଚଳି ଆସୁଥିବାରୁ ସେ ଏହାକୁ ଛାଡ଼ିପାରୁନାହାନ୍ତି। ତେବେ ଏହି କାର୍ଯ୍ୟରେ ତାଙ୍କର ସ୍ତ୍ରୀ, ସାନଭାଇ ଓ ସେମାନଙ୍କ ଛୋଟ ପିଲାମାନେ ସହାୟତା କରୁଛନ୍ତି। ଡଙ୍ଗାଗୁଡ଼ିକ ୧୦ଟଙ୍କା, ୩୦ଟଙ୍କା, ୫୦ଟଙ୍କାରେ ବିକିଲେ ମଧ୍ୟ କୁଟୁମ୍ବ ଚଳାଇ ହେଉନାହିଁ ବୋଲି ସେ କହିଛନ୍ତି।


ନୂଆପଡ଼ାର ନିରଞ୍ଜନ ରଣା ପରିବାର ସହ ଡଙ୍ଗା ତିଆରି କରୁଛନ୍ତି।

# ପରକୀୟା ପ୍ରୀତି ଯୋଗୁ ଜୀବନ ଗଲା

**ମନୋଜ ହତ୍ୟା ଘଟଣାର ପର୍ଦ୍ଦାଫାଶ**

■ମହିଳାଙ୍କ ସମେତ ୩ ଅଭିଯୁକ୍ତ ଜେଲ୍ ଗଲେ

■ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ ପୋଲିସର ପଛଘୁଞ୍ଚା

ବରୀ, ୭।୧୧(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅନ୍ତର୍ଗତ ଧୁମାତ ଗ୍ରାମର ମନୋଜ ଗୋଛାୟତ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି । ପରକୀୟା ପ୍ରୀତି ଯୋଗୁ ତାଙ୍କୁ ହତ୍ୟା କରାଯାଇ ବାଲିଘାଟରେ ପୋତି ଦିଆଯାଇଥିଲା । ଏହି ଘଟଣାରେ ପୋଲିସ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ମହାକାଳପଡ଼ାର କୁନି ପରିଡା, ତାଙ୍କ ସ୍ୱାମୀ କ୍ଷୀରୋଦ ପରିଡା ଓ ଗମ୍ଭୁଁ ଗ୍ରାମର ଅଭୟ ନାୟକ ଓରଫ ବାବୁଲା। ସେମାନଙ୍କୁ ଅଲଗା ଅଲଗା ଜେରା କରିବା ପରେ ହତ୍ୟା ରହସ୍ୟ ଖୋଲିଥିଲା। ଅଭିଯୁକ୍ତମାନେ ହତ୍ୟାର ଡେମୋ ଦେଖିବା ପରେ ପୋଲିସ ସେମାନଙ୍କୁ ଗିରଫ ଦର୍ଶାଇ କୋର୍ଟ ଚାଲାଣ କରିଥିଲା।

ସୂଚନା ଅନୁଯାୟୀ, ମନୋଜ କିଛି ଦିନ ହେବ ନିଖୋଜ ଥିଲେ। ଏ ସଂକ୍ରାନ୍ତରେ ଗତମାସ ୧୫ ତାରିଖରେ ତାଙ୍କ ବାପା ତପନ ଗୋଛାୟତ ନିକିରାଇ ଥାନାରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଥାନା ଅଧିକାରୀ ଗ୍ରହଣ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇ ନ ଥିଲେ। ପରବର୍ତ୍ତୀ ଅବସ୍ଥାରେ ମନୋଜ ବ୍ୟବହାର କରୁଥିବା ବାଇକ୍ ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ଇନ୍ଦୁପୁର ପୋଲ ନିକଟରେ ପଡିଥିବା ଦେଖିବାକୁ ମିଳିଥିଲା। ଏହାର କିଛିଦିନ ପରେ ମହାକାଳପଡ଼ା ବାଲିଘାଟରୁ ବାଲି ଉଠାଣ ସମୟରେ ଏକ ଖପୁରୀ ସହ କିଛି ହାଡ଼ ମିଳିଥିଲା। ଏ ସଂକ୍ରାନ୍ତରେ ଖବର ପାଇବା ପରେ ମନୋଜଙ୍କ ପରିବାର ଲୋକେ ଘଟଣାସ୍ଥଳେ ପହଞ୍ଚି ଥିଲେ। ଖପୁରୀ ପଡିଥିବା ସ୍ଥାନରୁ ମିଳିଥିବା ମନୋଜଙ୍କ ପୋଷାକକୁ ପରିବାର ଲୋକେ ଚିହ୍ନଟ କରିଥିଲେ। ଏହାପରେ ତପନ ବରୀ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରି ତାଙ୍କ ପୁଅକୁ ସୁପରିକଳ୍ପିତ ଭାବେ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଥିଲେ । ପୋଲିସ ଏକ ହତ୍ୟା ମାମଲା(ନଂ.୩୨୯/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପୋଲିସ ବୈଷୟିକ ଟିମ୍ ଜରିଆରେ ଖପୁରୀ, ହାଡ ସହିତ ଅନ୍ୟ ନମୂନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଥିଲା। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଯାଜପୁର ଏସ୍‌ପି ରାହୁଲ ପିଆର ଘଟଣାସ୍ଥଳ ପରିଦର୍ଶନ କରିବା ସହ ଖୁବ୍ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ପରକୀୟା ପ୍ରୀତି ଯୋଗୁ ମନୋଜକୁ ହତ୍ୟା କରାଯାଇଛି ବୋଲି ସାଧାରଣରେ ଚର୍ଚ୍ଚା ହୋଇଥିଲା। ଏହାକୁ ନଜରରେ ରଖି ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ, ବରୀ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ସ୍ଥାନୀୟ ମହାକାଳପଡ଼ାର କୁନି ପରିଡା, ତାଙ୍କ ସ୍ୱାମୀ କ୍ଷୀରୋଦ ପରିଡା ଓ ଗମ୍ଭୁଁ ଗ୍ରାମର ଅଭୟ ନାୟକ ଓରଫ ବାବୁଲାଙ୍କୁ ଉଠାଇ ଆଣିବା ପରେ ଏହି ହତ୍ୟା ଘଟଣାର ରହସ୍ୟ ସାମ୍ନାକୁ ଆସିଥିଲା। ତେବେ ଏହି ଘଟଣା ସମ୍ପର୍କରେ ପୋଲିସ ଗଣମାଧ୍ୟମକୁ କୌଣସି ସୂଚନା ଦେବାକୁ ପଛଘୁଞ୍ଚା ଦେଇଥିଲା। କେଉଁ ଉଦ୍ଦେଶ୍ୟ ପୋଲିସ ଏପରି ପଦକ୍ଷେପ ନେଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ସ୍ୱାଇଁଙ୍କୁ ପଚାରିବାରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି । ଜିଲାସ୍ତରୀୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଗଣମାଧ୍ୟମକୁ ସୂଚନା ଦିଆଯିବାର କାର୍ଯ୍ୟକ୍ରମ ରହିଛି ବୋଲି କହିଛନ୍ତି ।


ପୋଲିସ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରୁଛି ।

# ପାଣି ନାହିଁ, ଉଜୁଡ଼ିବ ଶତାଧିକ ଏକର ଜମିର ଧାନ ଫସଲ


ଚାଷୀମାନେ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

**ମନ୍ତ୍ରୀଙ୍କୁ ଦୁଃଖ ଜଣାଇଲେ ଚାଷୀ**

କାଳିଆପାଣି,୭।୧୧(ଡି.ଏନ.ଏ.)

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ପିମ୍ପୁଡିଆ ସର୍କଲରେ ଶତାଧିକ ଏକର ଜମିର ଧାନ ଫସଲ ଉଜୁଡିବାକୁ ବସିଛି। ଆବଶ୍ୟକ ପାଣି ଅଭାବରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ତୁରନ୍ତ ଏଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଗ୍ରାମ୍ୟ ଓ ଦକ୍ଷତା ବିକାଶ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡାଇଙ୍କୁ ଭେଟି ଅନୁରୋଧ କରିଛନ୍ତି।

ସୂଚନା ଅନୁଯାୟୀ, ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ପିମ୍ପୁଡିଆ ସର୍କଲରେ ଥିବା ଜମିରେ ଜଳ ସଙ୍କଟ ଦେଖାଦେଇଛି। ମହାଗିରି ପାଣି ପଞ୍ଚାୟତ ଅଧୀନରେ ଶତାଧିକ ଏକର ଚାଷ ଜମି ରହିଛି । ସମ୍ପୃକ୍ତ ଚାଷ ଜମି ଉପର ଭାଗରେ ରେଙ୍ଗାଲି ବାମ କେନାଲ ଯାଇଛି । ପିମ୍ପୁଡିଆ ପଞ୍ଚାୟତ ପିମ୍ପୁଡିଆ ଗ୍ରାମଠାରେ ରେଙ୍ଗାଲି କେନାଲରୁ ଶାଖା କେନାଲ ନିର୍ମାଣ ହୋଇଛି । ରେଙ୍ଗାଲି କେନାଲରେ ପାଣି ଆସିବା ପୂର୍ବରୁ ଉପର ମୁଣ୍ଡରେ ଥିବା ଝରଣା ଜଳ ଆସି ଚାଷ ଜମିରେ ମାଡୁଥିଲା । କେନାଲ ହେବା ଦ୍ୱାରା ଏବେ ଚାଷ ଜମିକୁ ସେହି ପାଣି ଆସି ପାରୁନାହିଁ । ଫଳରେ ଚାଷ ପାଇଁ ଜଳର ସଙ୍କଟ ଦେଖା ଦେଇଛି। ରେଙ୍ଗାଲି କେନାଲ ନିର୍ମାଣ ହେବା ପରେ ଉପର ଭାଗର ଜଳ ସମ୍ପୂର୍ଣ୍ଣ ଭାବେ ଜମିରେ ମାଡିବା ବନ୍ଦ ହୋଇଯାଇଛି । ଅନ୍ୟପକ୍ଷେ ରେଙ୍ଗାଲି କେନାଲରେ ନିର୍ମାଣ ହୋଇଥିବା ଆନିକଟକୁ ରେଙ୍ଗାଲି ଜଳ ପହଞ୍ଚି ପାରୁନାହିଁ । ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଖୁବ କମ ଜଳ ରେଙ୍ଗାଲି କେନାଲରେ ପ୍ରବାହିତ ହେଉଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏବେ ଧାନ ଠୋର ହେଉଥିବା ବେଳେ ଜଳ ସଙ୍କଟରୁ ଧାନ ଗଛ ମରିବା ଆରମ୍ଭ ହୋଇଛି । ଏଥିପାଇଁ ଚାଷୀମାନେ ଉପାୟ ଶୂନ୍ୟ ହୋଇପଡିଛନ୍ତି । ଶାଖା କେନାଲରୁ ଏକ ଆନିକଟ ନିର୍ମାଣ କରି ପିମ୍ପୁଡିଆ, ଜେମାଦେଇପୁର, କୁହିକା ଓ ବାମ୍ଫିଲୋ ଆଦି ଗ୍ରାମର ଚାଷ ଜମିକୁ ଜଳ ଯୋଗାଣ ହୋଇପାରିବ। ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଚାଷୀ ତଥା ମହାଗିରୀ ପାଣି ପଞ୍ଚାୟତ ପକ୍ଷରୁ ଦୀପକ ନାୟକ , ସୁବାସ ଚନ୍ଦ୍ର ପରିଡା, ସୁବ୍ରତ ମହାପାତ୍ର ପ୍ରମୁଖ ଦକ୍ଷତା ବିକାଶ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ଇଂ. ଘଡାଇଙ୍କୁ ଏକ ପତ୍ର ଲେଖି ଜଳ ଯୋଗାଣ ପାଇଁ ଅନୁରୋଧ କରିଛନ୍ତି।

# ବିଚ୍ଛେଦର ଅନ୍ତ ଘଟିଲା, ସଂସାର କରିବେ ଦମ୍ପତି

**ନ୍ୟାୟାଧୀଶଙ୍କ ମାନବିକତାକୁ ପ୍ରଶଂସା**

ପଟ୍ଟାମୁଣ୍ଡାଇ, ୭।୧୧(ସ୍ୱ.ପ୍ର.)

ବିବାହ ବନ୍ଧନରେ ଦମ୍ପତି ବାନ୍ଧି ହେବା ସମୟରେ ୭ ଜନ୍ମ ପାଇଁ ଏକାଠି ରହିବାର ପ୍ରତିଜ୍ଞା କରିଥାନ୍ତି। ହେଲେ ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ଏମିତି କିଛି ଘଟଣା ଯାହାକୁ ନେଇ ପରିବାର ମଧ୍ୟରେ ବିବାଦ ସୃଷ୍ଟି ହୋଇଥାଏ। ଉଭୟେ ଅଲଗା ହେବାର ନିଷ୍ପତ୍ତି ନେଇ ଶେଷରେ ଛାଡ଼ପତ୍ର ପାଇଁ ଅଦାଲତର ଆଶ୍ରୟ ନିଅନ୍ତି। ନ୍ୟାୟାଧୀଶ ଘଟଣାକୁ ଗୁରୁତର ସହ ଶୁଣି ମାନବିକତା ଦୃଷ୍ଟିରୁ ଆପୋସ ସମାଧାନ କରି ଭାଙ୍ଗି ଯାଇଥିବା ସଂସାରକୁ ଯୋଡ଼ି ସ୍ତ୍ରୀସ୍ୱାମୀଙ୍କୁ ଶାଶୁଘରକୁ ପଠାଇ ପ୍ରଶଂସନୀୟ ହୋଇଛନ୍ତି। ଏଭଳି ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲା ଫାମିଲି କୋର୍ଟରେ। ରାଜନଗର ବ୍ଲକ ଜଗନ୍ନାଥପୁର ଗ୍ରାମର ପ୍ରମୋଦ କୁମାର ବଳ (୩୦) ୨୦୧୯ରେ ତନ୍ତିଆପାଳ ମେରାଇନ ଥାନା ଅଧୀନ ଭୋପାଳ ଗାଁର କୃଷ୍ଣଚନ୍ଦ୍ର ନାୟକଙ୍କ ଝିଅ ଜିତାରାଣୀ (୨୯)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ୨୦୨୦ରେ କୌଣସି କାରଣରୁ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ବିବାଦ ହୋଇଥିଲା। ଜିତାରାଣୀ ନିଜର ଶିଶୁ କନ୍ୟା ସହ ବାପ ଘରେ ରହୁଥିଲେ। ସେ କେନ୍ଦ୍ରାପଡ଼ା ଫାମିଲି କୋର୍ଟର ୨୦୨୦ ଫେବୃୟାରୀ ୨ରେ ଆଶ୍ରୟ ନେଇଥିଲେ। ଏ ନେଇ କୋର୍ଟରେ ନଂ. ୧୬୪/୨୦୨୦ରେ ମାମଲା ରୁଜୁ ହୋଇଥିଲା। ନ୍ୟାୟାଧୀଶ ବିକାଶ କୁମାର ଦେବତା ୨୦୨୨ ଅକ୍ଟୋବର ୨୮ରେ ଉଭୟ ସ୍ତ୍ରୀସ୍ୱାମୀଙ୍କ ବିଷୟ ଜାଣିବା ପରେ ଆପୋସ ସମାଧାନ କରି ଦମ୍ପତିଙ୍କୁ ଶାଶୁଘରକୁ ପଠାଇ ମାନବିକତାର ପରିଚୟ ଦେଇଛନ୍ତି। ନ୍ୟାୟାଧୀଶଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ଏହି ମାମଲାକୁ ଜିତାରାଣୀଙ୍କ ପକ୍ଷରୁ ଆଇନଜୀବୀ ସୁରେଶ କୁମାର ନରେନ୍ଦ୍ର ଓ ପ୍ରମୋଦଙ୍କ ପକ୍ଷରୁ ବିଚିତ୍ର କୁମାର ସାହୁ ପରିଚାଳନା କରୁଥିଲେ।


ଆପୋସ ସମାଧାନ ପରେ ଫାମିଲି କୋର୍ଟରେ ନ୍ୟାୟାଧୀଶଙ୍କ ସହ ଦମ୍ପତି ଓ ଆଇନଜୀବୀ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

**metroselfie@gmail.com**


@ ହେମନ୍ତ


@ କାଦମ୍ବିନୀ


@ ମିଲନ୍


@ ଶଶିକାନ୍ତ


@ ସ୍ମୃତିପ୍ରକାଶ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖୁଲଣାଙ୍କୁ ଜାତୀୟ ଫ୍ଲୋରେନ୍ସ ନାଇଟ୍‌ଙ୍ଗେଲ ପୁରସ୍କାର

**ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଷ୍ଟ୍ରପତି ପୁରସ୍କାର**

ଜଗତ୍‌ସିଂହପୁର ଅଫିସ, ୭।୧୧

ଗୁଣାତ୍ମକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ନର୍ସ ଖୁଲଣା ବାରିକ ଜାତୀୟ ଫ୍ଲୋରେନ୍ସ ନାଇଟଙ୍ଗେଲ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏହି ଉପଲକ୍ଷେ ସୋମବାର ନୂଆଦିଲ୍ଲୀଠାରେ ରାଷ୍ଟ୍ରପତି ଭବନରେ ଏକ ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ଖୁଲଣାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାର୍ଟିଫିକେଟ୍ ଓ ମେଡାଲ ପ୍ରଦାନ କରି ସମ୍ମାନିତ କରିଛନ୍ତି। ପରବର୍ତ୍ତୀ ସମୟରେ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ଖୁଲଣାଙ୍କ ଏହି ସମ୍ମାନ ଜିଲା ପାଇଁ ଗୌରବ ଆଣି ଦେଇଛି। ଏ ସମ୍ପର୍କରେ ଖୁଲଣା କହିଛନ୍ତି, ତାଙ୍କୁ ଯେଉଁ ସମ୍ମାନ ମିଳିଛି ସେଥିରେ ସେ ବହୁ ମାତ୍ରାରେ ଖୁସି ଅନୁଭବ କରୁଛନ୍ତି। ଗର୍ଭବତୀ ମହିଳାଙ୍କ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସେବା ବିଶେଷକରି ଗର୍ଭ ନିରୋଧକ ସଚେତନତାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କେବଳ ସେତିକି ନୁହେଁ, ଏଚ୍‌ଆଇଭି, ଏଡ୍‌ସ ନିରାକରଣ ଅଭିଯାନ, ବାତ୍ୟା ଓ ବନ୍ୟା ସମୟରେ ସେ ନିଷ୍ଠାର ସହ କାମ କରିଛନ୍ତି।ବାତ୍ୟା ଫନି ସମୟରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୦୦ରୁ ଊର୍ଦ୍ଧ୍ୱ ଗର୍ଭବତୀ ଭର୍ତ୍ତି ହୋଇଥିଲେ। ସେମାନଙ୍କ ରହିବା ସହ ନିରାପଦ ପ୍ରସବ ଓ ପରବର୍ତ୍ତୀ ସେବା ଯୋଗାଇବା କ୍ଷେତ୍ରରେ ସେ ପ୍ରମୁଖ ଭୂମିକା ନିଭାଇଛନ୍ତି। ଏସବୁ କାରଣରୁ ତାଙ୍କୁ ରାଷ୍ଟ୍ରପତି ସମ୍ମାନିତ କରିଛନ୍ତି ବୋଲି ଖୁଲଣା କହିଛନ୍ତି । ସୂଚନାଯୋଗ୍ୟ, ଖୁଲଣା ଦୀର୍ଘ ଦୁଇ ଦଶନ୍ଧି ଧରି ସ୍ୱାସ୍ଥ୍ୟ ବିଭାଗରେ ଜଣେ ଦାୟିତ୍ୱପୂର୍ଣ୍ଣ କର୍ମଚାରୀ ଭାବେ କାର୍ଯ୍ୟ କରି ଆସୁଛନ୍ତି।

# ଜଳସମ୍ପଦ ସହକାରୀ ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀଙ୍କ ତଦାରଖ

**ଲୁଣାନଦୀ ବନ୍ଧରେ ୪୦ ଫୁଟ୍ ଦବିବା ଘଟଣା**

ଡେରାବିଶ ୭।୧୧(ସ୍ୱ.ପ୍ର.)

ମାର୍ଶଘାଇ ବ୍ଲକ ଅନ୍ତର୍ଗତ ଜଳପୋକ ପଞ୍ଚାୟତ ପକ୍ଷୋଟଠାରେ ଲୁଣାନଦୀ ବନ୍ଧରେ ୪୦ ଫୁଟ ଲମ୍ବର ମାଟି ଦବିବା ଘଟଣା ନେଇ ଶନିବାରଠାରୁ ୩ ଦିନ ହେବ ଲୁଣା–ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳର ୩ଟି ପଞ୍ଚାୟତର ନଦୀକୂଳିଆ ଅଧିବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ତେବେ ୩ଦିନ ପରେ ସୋମବାର ଜଳସମ୍ପଦ ବିଭାଗର ସହକାରୀ ମୁଖ୍ୟଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ, କଟକ ନର୍ଥ ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ ବେହେରା ପ୍ରମୁଖ ଘଟଣାସ୍ଥଳକୁ ଆସି ବନ୍ଧର ସ୍ଥିତି ତଦାରଖ କରିଛନ୍ତି।

ପକ୍ଷୋଟଠାରେ ଶନିବାର ୪୦ଫୁଟ ନଦୀବନ୍ଧ ଦବିଥିବା ବେଳେ ରବିବାର ଏହା ଦୁଇଗୁଣିତ ହୋଇଥିଲା। ସୋମବାର ବନ୍ଧ ଆଉ ଦବି ନ ଥିବା ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି। ବନ୍ୟା ଓ ବର୍ଷା ପରେ ନଦୀବନ୍ଧ ପାର୍ଶ୍ୱରେ ଥିବା ପକ୍ଷୋଟ, ଜଳପୋକ, କଣିବାଙ୍କ, ଶିଶୁଆ, ଷଠିଲୋ, ପୁରୁଷୋତ୍ତମପୁର ପ୍ରଭୃତି ଗ୍ରାମରେ ଥିବା ଖାଲୁଆ ସ୍ଥାନ ଓ ପାଟନାଳୀରେ ଜମି ରହିଥିବା ପାଣି ଶୁଖିଲା ପଡ଼ିଥିବା ଲୁଣାନଦୀକୁ ଝର ମାଧ୍ୟମରେ ପ୍ରବେଶ କରୁଛି। ଫଳରେ ବାଲିରେ ନିର୍ମିତ ହୋଇଥିବା ବନ୍ଧ ପ୍ରତି ବିପଦ ଦେଖାଦେଇଥିବା ଶିଶୁଆ ଗ୍ରାମର ଶିକ୍ଷାବିତ୍ ଉତ୍ତମ ଚରଣ ସ୍ୱାଇଁ କହିଛନ୍ତି। ଉତ୍ତମଙ୍କ ସୂଚନା ଅନୁଯାୟୀ, ଲୁଣାନଦୀ ବନ୍ଧରେ ନଦୀ ପାର୍ଶ୍ୱସ୍ଥ ଗ୍ରାମଗୁଡ଼ିକରେ ଜମି ରହୁଥିବା ବର୍ଷା ଓ ବନ୍ୟାଜଳ ନିଷ୍କାସନ ପାଇଁ ଜଳପୋକ, ପୁରୁଷୋତ୍ତମପୁର ଓ ବସୁପୁରଠାରେ ୩ଟି ସ୍ଲୁଇସ୍ ଗେଟ୍ ରହିଛି। ଏହି ସ୍ଲୁଇସ୍ ଗେଟ୍ ଦେଇ ଜଳ ନିଷ୍କାସନ ହୋଇଥାଏ। ମାତ୍ର ଜଳସମ୍ପଦ ବିଭାଗର ନର୍ଥ ଡିଭିଜନ୍ ଅଧୀନରେ ଥିବା ପୁନ୍ଦାଳ ଉପଖଣ୍ଡ ସହକାରୀ ଯନ୍ତ୍ରୀଙ୍କ ବେପରୁଆ ନୀତି ପାଇଁ ୩ ଟି ଯାକ ସ୍ଲୁଇସ୍ ଗେଟ୍ ଭାଙ୍ଗି ଯାଇ ଅଚଳ ଅବସ୍ଥାରେ ରହିଛି। ଏଥିଯୋଗୁ ନଦୀକୁ ବନ୍ଧ ଦେଇ ଝର ସୃଷ୍ଟି ହୋଇଥିବା ଉତ୍ତମ କହିଛନ୍ତି। ଏହି ସ୍ଲୁଇସ୍ ଗେଟ୍‌କୁ ତୁରନ୍ତ ମରାମତି କରାଯାଇ କାର୍ଯ୍ୟକ୍ଷମ କରାଗଲେ ଏଭଳି ବିପଦ ଟଳି ପାରେ ବୋଲି ସେ କହିଛନ୍ତି। ଅପରପକ୍ଷରେ ଲୁଣା ନଦୀବନ୍ଧ ସନ୍ନିକଟ ସ୍ଥାନରୁ ବେଆଇନ ଭାବେ ବାଲି ଉଠାଣକୁ ବନ୍ଦ କରିବାକୁ ପକ୍ଷୋଟ ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି। ନଦୀବନ୍ଧ ସନ୍ନିକଟ ସ୍ଥାନରୁ ଦୈନିକ ହଜାରରୁ ଊର୍ଦ୍ଧ୍ୱ ଟ୍ରିପ୍ ବାଲି ଉଠାଯାଉଛି। ଏଥିଯୋଗୁ ନଦୀବନ୍ଧ ପ୍ରତି ବିପଦ ଦେଖାଦେଇଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ନଦୀବନ୍ଧ ଦବିବା ସ୍ଥିର ହୋଇଥିଲେ ମଧ୍ୟ ବନ୍ଧକଡ଼ରେ ଥିବା ଗ୍ରାମବାସୀ ଏବେବି ଭୟଭୀତ ଅବସ୍ଥାରେ ଅଛନ୍ତି। ଏ ବିଷୟରେ ଗସ୍ତରେ ଆସିଥିବା ବିଭାଗୀୟ ସହକାରୀ ମୁଖ୍ୟଯନ୍ତ୍ରୀ ରଥଙ୍କୁ ପଚାରିବାର ଦବିଥିବା ନଦୀବନ୍ଧ ସ୍ଥାନଟିକୁ ପରିଦର୍ଶନ କରିଛି। ତେବେ ପାର୍ଶ୍ୱରେ ଥିବା ଗ୍ରାମ ପଟରୁ ନଦୀବନ୍ଧ ତଳେ ଏବେବି ଝର ଯୋଗେ ପାଣି ଆସୁଛି। ତେବେ ଏ ବିଷୟରେ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ ରିପୋର୍ଟ ଦେବା ପରେ ମୁଖ୍ୟଯନ୍ତ୍ରୀ ଘଟଣାସ୍ଥଳକୁ ଆସିବେ। ଅପରପକ୍ଷେ ସୋମବାର ସନ୍ଧ୍ୟାରେ ନଦୀବନ୍ଧର ସ୍ଥାୟୀ ପ୍ରତିକାର ପାଇଁ କେନ୍ଦ୍ରାପଡ଼ା ଜିଲାପାଳଙ୍କ ସହ ଆଲୋଚନା କରିଥିବା ନେଇ ମୁଖ୍ୟ ଯନ୍ତ୍ରୀ ରଥ ସୂଚନା ଦେଇଥିଲେ।


ଜଳସମ୍ପଦ ବିଭାଗ ସହକାରୀ ମୁଖ୍ୟଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ, ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ ବେହେରା ଲୁଣା ନଦୀବନ୍ଧ ଦବିବା ସ୍ଥିତି ଅନୁଧ୍ୟାନ କରୁଛନ୍ତି।

**ଆଜି ସକାଳ ୬ ଯାଏ ସର୍ବସାଧାରଣ ଦର୍ଶନ ବନ୍ଦ**

ପୁରୀ ଅଫିସ, ୭।୧୧: ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀମନ୍ଦିର ନୀତିକାନ୍ତିକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯାଇଛି। ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ପଡୁଛି। ଏଥିପାଇଁ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଗ୍ରହଣ ନୀତିକୁ ଦୃଷ୍ଟିରେ ରଖି ୭ତାରିଖ ସୋମବାର ରାତ୍ରପହୁଡ଼ଠାରୁ ୮ତାରିଖ ମଙ୍ଗଳବାର ସକାଳ ୬ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି।

**ସଂକ୍ଷେପରେ**

## ଗୁଳିଫୁଟି ଯୁବକ ଗୁରୁତର

**ଦାରିଙ୍ଗବାଡ଼ି,୭।୧୧(ଡି.ଏନ.ଏ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନାଠାରୁ ମାତ୍ର ଦୁଇ ଶହ ମିଟର ଦୂରରେ ନିଜ ପାଖରେ ଥିବା ଦେଶୀ ବନ୍ଧୁକରୁ ଗୁଳି ଫୁଟି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କୋଟଗଡ଼ ଥାନା ଅଞ୍ଚଳର ଏଲିଅ ସୁନାମାଝୀ। ଏଲିଅ ଏକ ବସ୍ତାରେ ଗୁଳିଭର୍ତ୍ତି ବନ୍ଧୁକଟି ଲୁଚାଇ ରଖିଥିବା ବେଳେ କୌଣସି ପ୍ରକାରେ ହାତ ପାପୁଲିରେ ଫୁଟି ଯାଇଥିଲା। ପୋଲିସ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରୁ ଅଧିକ ଚିକିତ୍ସା ଲାଗି ତାଙ୍କୁ ପୋଲିସ ହେପାଜତରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି। ଅନ୍ୟପକ୍ଷରେ ଦାରିଙ୍ଗବାଡ଼ି ପଞ୍ଚାୟତ କାର୍ଯ୍ୟାଳୟ ଏବଂ ବ୍ଲକ କାର୍ଯ୍ୟାଳୟ ନିକଟରେ ଏହି ଘଟଣା ଘଟିଥିବାରୁ ପୋଲିସ ଏହାକୁ ଗୁରୁତ୍ୱର ସହ ନେଇଛି। ଏଲିଅ ବନ୍ଧୁକ ଧରି କୋଟଗଡ଼ ଅଞ୍ଚଳରୁ ଦାରିଙ୍ଗବାଡିକୁ କାହିଁକି ଆସିଥିଲେ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ଆଇଆଇସି କୌଶିକ ମାଝୀ କହିଛନ୍ତି। ଏ ନେଇ ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ କରିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି।

## ରେଲ୍‌ୱେ ସାଇଡିଂ ମ୍ୟାନେଜରଙ୍କୁ ହତ୍ୟା

**ଟେନ୍‌ସା/ଲହୁଣୀପଡ଼ା, ୭।୧୧ (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ବରସୁଆଁ ରେଲ୍‌ୱେ ସାଇଡିଂଠାରେ ଏକ ଘରୋଇ ଖଣି କମ୍ପାନୀରେ କାମ କରୁଥିବା ମୋତିରାମ ପାଲ(୫୯)ଙ୍କୁ ରବିବାର ବିଳମ୍ବିତ ରାତିରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଖବରପାଇ ସୋମବାର ସକାଳେ ଲହୁଣୀପଡ଼ା ଥାନା ଓ ଟେନ୍‌ସା ଫାଣ୍ଡି ପୋଲିସ ସମେତ ସାଇଣ୍ଟିଫିକ ଦଳ ସନ୍ଧାନୀ କୁକୁର ସହ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ତେବେ ହତ୍ୟାକାରୀ ଓ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡି ନାହିଁ। ପ୍ରକାଶ ଯେ, ମୋତିରାମ ଘରୋଇ ଖଣି କମ୍ପାନୀର ବରସୁଆଁ ରେଲ୍‌ୱେ ସାଇଡିଂ ମ୍ୟାନେଜର ଭାବେ ଦାୟିତ୍ୱ ତୁଲାଇବା ସହିତ କମ୍ପାନୀ ଗେଷ୍ଟ ହାଉସରେ ଏକୁଟିଆ ରହୁଥିଲେ। ପ୍ରତ୍ୟେକ ଦିନ ପରି ରବିବାର ରାତିରେ ମଧ ସେ କାମ ସାରି ବରସୁଆଁ ସ୍ଥିତ କମ୍ପାନୀ ଗେଷ୍ଟ ହାଉସକୁ ଯାଇଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଲୁହାଛଡ଼ରେ ପିଟି ହତ୍ୟା କରିଥିଲେ। ସୋମବାର ସକାଳୁ ରୋଷେୟା ଚା ଦେବା ପାଇଁ ଯାଇଥିବାବେଳେ ହତ୍ୟାକାଣ୍ଡ ଦେଖି ସମସ୍ତଙ୍କୁ ସୂଚନା ଦେଇଥିଲେ। ହତ୍ୟାକାଣ୍ଡର ପ୍ରକୃତ ତଥ୍ୟ ସାମ୍ନାକୁ ଆସି ନ ଥିଲେ ମଧ ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଲହୁଣୀପଡ଼ା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି କହିଛନ୍ତି।



ଆର୍ଟିଷ୍ଟ ଆସୋସିଏଶନ ଅଫ୍ ଓଡ଼ିଶା (ଆଓ) ପକ୍ଷରୁ ଭୁବନେଶ୍ୱର ଏକାମ୍ର ହାଟଠାରେ ଚାଲିଥିବା ଜାତୀୟ ଚିତ୍ରଶିଳ୍ପୀ କର୍ମଶାଳା ଓ ଚଳଚ୍ଚିତ୍ର ଉତ୍ସବ 'ଚିତ୍ରାଞ୍ଜଳି'ର ସୋମବାର ଦ୍ୱିତୀୟ ଦିବସରେ ଅଂଶଗ୍ରହଣ କରିଥିବା ଯୁବ ଚିତ୍ରଶିଳ୍ପୀମାନେ ଚିତ୍ର ଅଙ୍କନ କରୁଛନ୍ତି।

# ସାଧୁତା, ସଚ୍ଚୋଟତାର ସହ ଦାୟିତ୍ୱ ପାଳନ କର: ଡିଜିପି

## ଡିଏସ୍‌ପି ପ୍ରୋବେଶନର୍‌ଙ୍କ ଦୀକ୍ଷାନ୍ତ ସମାରୋହ

**କଟକ ଅଫିସ,୭।୧୧**

ଜନସାଧାରଣଙ୍କୁ ଉପଯୁକ୍ତ ସେବା ଓ ସୁରକ୍ଷା ପ୍ରଦାନ କରିବା ପୋଲିସର ପ୍ରାଥମିକ କର୍ତ୍ତବ୍ୟ। ନିଜର କର୍ତ୍ତବ୍ୟ ଏବଂ ଦାୟିତ୍ୱକୁ ସାଧୁତା ଓ ସଚ୍ଚୋଟତାର ସହ ପାଳନ କରିବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ସୁନୀଲ କୁମାର ବଂଶଲ ଆହ୍ୱାନ ଦେଇଛନ୍ତି।

ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ୍ ଏକାଡେମୀଠାରେ ସୋମବାର ଆୟୋଜିତ ୬ଷ୍ଠ ବ୍ୟାଚ୍ ଡିଏସ୍‌ପି ପ୍ରୋବେଶନର୍‌ଙ୍କ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ ଡିଜିପି ବଂଶଲ ଯୋଗଦେଇ ୧୩ ଜଣ ଡିଏସ୍‌ପି ପ୍ରୋବେଶନର୍‌ଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇ କହିଥିଲେ, ପୋଲିସ୍ ପ୍ରତି ସାଧାରଣ ଲୋକଙ୍କ ଆଶା ଓ ଆକାଂକ୍ଷା ସବୁବେଳେ ରହିଥାଏ। ତେଣୁ ପୋଲିସ କର୍ମଚାରୀମାନେ କାର୍ଯ୍ୟକ୍ଷେତ୍ରରେ ସାଧୁ, ନିରପେକ୍ଷ ଏବଂ ନ୍ୟାୟବାଦୀ ହେବା ଆବଶ୍ୟକ। ମହିଳା ଓ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧ ପ୍ରତି ସମ୍ବେଦନଶୀଳ ହେବା ସହ ସୁଚାରୁ ରୂପେ ଆଇନ୍ ପାଳନ କରିବା ଓ ସାଧାରଣ ଜନତାଙ୍କ ସୁରକ୍ଷା ନିମନ୍ତେ ନବନିଯୁକ୍ତ ଡିଏସ୍‌ପିମାନଙ୍କ ନିକଟରେ ଗୁରୁଦାୟିତ୍ୱ ରହିଛି। ଏହି ଦାୟିତ୍ୱକୁ ଠିକ୍ ଭାବେ ପାଳନ କରିବା ସହ ଆଗାମୀ ଦିନରେ ଓଡ଼ିଶା ପୋଲିସ୍‌ର ସୁନାମ ବଢ଼ାଇବାକୁ ଡିଜିପି ନବାଗତ ଡିଏସ୍‌ପିମାନଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ପ୍ରତିଦିନ ପୋଲିସ୍ ସମ୍ମୁଖରେ ବିଭିନ୍ନ ଚ୍ୟାଲେଞ୍ଜ ରହିଥାଏ। ପ୍ରତିଟି କ୍ଷେତ୍ରରେ ଓ ପ୍ରତି ମୁହୂର୍ତ୍ତରେ ବିଭିନ୍ନ ଚ୍ୟାଲେଞ୍ଜକୁ ସଫଳତାର ସହ ପ୍ରତିହତ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ। ଅତୀତରେ ମାଓବାଦୀ ସମସ୍ୟାକୁ ଓଡ଼ିଶା ପୋଲିସ୍ ସଫଳତାର ସହ ମୁକାବିଲା କରିଛି। ତଥାପି ଚ୍ୟାଲେଞ୍ଜ ବାକି ରହିଛି। ଆଗାମୀ ଦିନରେ ଏହି ସମସ୍ୟାର ମୁକାବିଲା କରିବା ନିମନ୍ତେ ଗୁରୁ ଦାୟିତ୍ୱ ଅର୍ପଣ କରାଯିବ ବୋଲି ବୋଲି ଡିଜିପି କହିଛନ୍ତି। ନବନିଯୁକ୍ତ ଡିଏସ୍‌ପିମାନେ ୫-ଟି ନିୟମାବଳୀକୁ କାର୍ଯ୍ୟକ୍ଷେତ୍ରରେ ଠିକ୍ ଭାବେ ପାଳନ କରିବାକୁ ଡିଜିପି ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ପ୍ରୋବେଶନର୍ ଡିଏସ୍‌ପିମାନଙ୍କ ଦ୍ୱାରା ଚିତ୍ତାକର୍ଷକ ପରେଡ୍ ପ୍ରଦର୍ଶନ କରାଯାଇଥିଲା। ଟ୍ରେନିଂ ସମୟରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଡିଏସ୍‌ପି ପ୍ରୋବେଶନର୍ ସଚିନ୍ ପଟେଲ୍, ସୁବ୍ରତ କୁମାର, ଉପାସନା ପାଢ଼ୀ, ମୀନାକ୍ଷୀ ଠାକୁର ଏବଂ ରଶ୍ମିରଞ୍ଜନ ସେନାପତିଙ୍କୁ ଡିଜିପି ସମ୍ବର୍ଦ୍ଧିତ କରିବା ସହ ୧୨ ଜଣଙ୍କୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଟ୍ରଫି ପ୍ରଦାନ କରିଥିଲେ। ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ୍ ଏକାଡେମୀର ନିର୍ଦ୍ଦେଶକ ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ, ଆଇଜି ଏସ୍. ସାଇନିଙ୍କ ସମେତ ପୋଲିସ୍ ବିଭାଗର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।



ଡିଜିପି ସୁନୀଲ କୁମାର ବଂଶଲ ଏବଂ ବରିଷ୍ଠ ଅଧିକାରୀଙ୍କ ସହ ଡିଏସ୍‌ପି ପ୍ରୋବେଶନର୍‌ମାନେ।

# କଳାହାଣ୍ଡି-କନ୍ଧମାଳ ସୀମାନ୍ତରେ କୋମ୍ବିଂ

## ଛତ୍ରଭଙ୍ଗ ଦେଲେ ମାଓବାଦୀ, ବିଭିନ୍ନ ସାମଗ୍ରୀ ଜବତ

**ଭବାନୀପାଟଣା,୭।୧୧(ସ୍ୱ.ପ୍ର.)**

କଳାହାଣ୍ଡି ଓ କନ୍ଧମାଳ ଜିଲା ସୀମାନ୍ତ ମଦନପୁର ରାମପୁର ଥାନା ଅନ୍ତର୍ଗତ ପାଙ୍ଗାବାଜୁ ସଂରକ୍ଷିତ ଜଙ୍ଗଲରେ ଡିଭିଏଫ୍ ଓ ଏସ୍‌ଓଜି ପକ୍ଷରୁ ମିଳିତ କୋମ୍ବିଂ ଅପରେଶନ କରାଯାଇଛି। ଏହି ସମୟରେ ଯବାନଙ୍କୁ ଦେଖି ଛତ୍ରଭଙ୍ଗ ଦେଇଛନ୍ତି ମାଓବାଦୀ। ବର୍ତ୍ତମାନ ସୁଦ୍ଧା ପାଙ୍ଗାବାଜୁ ସଂରକ୍ଷିତ ଜଙ୍ଗଲରେ କୋମ୍ବିଂ ଅପରେଶନ ଜାରି ରହିଥିବା ନେଇ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, କିଛି ଦିନ ହେଲା ପାଙ୍ଗାବାଜୁ ସଂରକ୍ଷିତ ଜଙ୍ଗଲରେ ମାଓବାଦୀଙ୍କ ଚଳପ୍ରଚଳ ନେଇ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ଏହା ପରେ ଏସଓଜି, ଡିଭିଏଫକୁ ନେଇ ଏକ ଆଣ୍ଟି ମାଓବାଦୀ ଅପରେଶନ ଲଞ୍ଚ କରିଥିଲେ। ପାଙ୍ଗାବାଜୁ ସଂରକ୍ଷିତ ଜଙ୍ଗଲରେ ଯବାନଙ୍କ କୋମ୍ବିଂ ଅପରେଶନ ବେଳେ ମାଓବାଦୀ ଏହାର ଖବର ପାଇ ଛତ୍ରଭଙ୍ଗ ଦେଇଥିଲେ। କାଲେସୁର ଗାଁ ନିକଟରୁ ଯବାନମାନେ ଏକ ମାଓବାଦୀ କ୍ୟାମ୍ପ ଠାବ କରିଥିଲେ। କ୍ୟାମ୍ପରୁ ଅନେକ ମାଓବାଦୀ ପୁସ୍ତକ, ବ୍ୟାନର ସହ ବହୁ ସାମଗ୍ରୀ ଜବତ କରାଯାଇଛି।




ଜବତ ସାମଗ୍ରୀ।

# ଦୁର୍ଘଟଣାରେ ଭାଜପା ନେତ୍ରୀ ସୁନୀତି ମୁଣ୍ଡ ଗୁରୁତର

**ଜୁନାଗଡ଼,୭।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ମଥୁରା ପୁରୁଣା ଚିନିକଳ ନିକଟରେ ସୋମବାର ପୂର୍ବାହ୍ନରେ ଭୁବନେଶ୍ୱର ଭାଜପା ମେୟର ପାର୍ଥିନୀ ତଥା କଳାହାଣ୍ଡି ବିକାଶ ପରିଷଦ ଅଧକ୍ଷା ସୁନୀତି ମୁଣ୍ଡ (୪୭) କାର ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି।

ପ୍ରକାଶ ଯେ, ଜୁନାଗଡ଼ ବ୍ଲକ ଆଟିଗାଁରୁ ସୁନୀତି ନିଜ କାର୍ ଯୋଗେ ମହିଚଲା ଗ୍ରାମକୁ ଯାଉଥିଲେ। ମଥୁରା ପୁରୁଣା ଚିନିକଳ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଗଛରେ ପିଟି ହୋଇଥିଲେ। ଏଥିରେ ତାଙ୍କ ମୁହଁ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ପରେ ଦଳୀୟ ନେତାଙ୍କ ସହାୟତାରେ ଜୁନାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କାରରେ ଥିବା ମାକରଶୋଲା ଗ୍ରାମର ତାଙ୍କ କକା ତ୍ରିନାଥ ମୁଣ୍ଡ (୭୦) ମଧ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଜୁନାଗଡ଼ ଡାକ୍ତରଖାନାରେ ସୁନୀତିଙ୍କ ଚିକିତ୍ସା ବେଳେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ, ଅବସରପ୍ରାପ୍ତ ସେନା କର୍ମଚାରୀ ଦୀପ୍ତି ଲୋଚନ ମୁଣ୍ଡ ପ୍ରମୁଖ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ।



ଜୁନାଗଡ଼ ଡାକ୍ତରଖାନାରେ ସୁନୀତି ଚିକିତ୍ସିତ ହେଉଛନ୍ତି।

# ଡକାୟତି ଯୋଜନା କରୁଥିଲେ, ଉଠାଇ ନେଲା ପୋଲିସ

**ବଲାଙ୍ଗୀର ଅଫିସ, ୭।୧୧**

ବଲାଙ୍ଗୀର ସହର ମାଲଗୋଦାମପଡାର ୬ ଜଣ ଯୁବକଙ୍କୁ ଟାଉନ୍ ଥାନା ପୋଲିସ ସୋମବାର ସନ୍ଧ୍ୟାରେ ଉଠାଇ ନେଇଛି। ଏହି ଯୁବକମାନେ ବଡ ଧରଣର ଡକାୟତି ଯୋଜନା କରୁଥିଲେ ବୋଲି କୁହାଯାଇଛି। ସେମାନଙ୍କଠାରୁ ଖଣ୍ଡା, ଭୁଜାଲି ଭଳି ମାରଣାସ୍ତ୍ର ଜବତ କରାଯାଇଛି। ସମସ୍ତ ୬ଜଣଙ୍କୁ ଥାନାକୁ ଆଣିଲା ପରେ ଏସ୍‌ପି ନୀତିନ କୁଶଲକର ଜେରା କରିଛନ୍ତି। ଅଭିଯୁକ୍ତମାନଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ସହରର ବିଭିନ୍ନ ସ୍ଥାନକୁ ନେଇ ଅଭିଯୁକ୍ତଙ୍କୁ ସ୍ପଟ୍ ଭେରିଫିକେଶନ କରାଯାଇଛି। ଅଟକ ୬ ଜଣ ବିଭିନ୍ନ ଆପରାଧିକ ଘଟଣାରେ ସମ୍ପୃକ୍ତ ଥିବା ଜଣାପଡିଛି। ବଲାଙ୍ଗୀର ସହର ଏବଂ ଆଖପାଖ ଅଞ୍ଚଳରେ ଏହି ଡକାୟତ ଦଳ ବଡଧରଣ ଡକାୟତି ଯୋଜନା କରିଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ପୋଲିସ ୬ ଜଣଙ୍କୁ କାବୁ କରଛି। ଘଟଣା ସମ୍ପର୍କରେ ତଦନ୍ତ ଚାଲିଛି ପରେ ସୂଚନା ଦିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଲକ୍ଷ୍ମୀନୃସିଂହ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

**ପୁରୀ ଅଫିସ, ୭।୧୧**

କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ବୈକୁଣ୍ଠ ଚତୁର୍ଦ୍ଦଶୀ ତିଥିରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହୋଇଛି। ଏଥିପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ପରମ୍ପରା ଅନୁଯାୟୀ, ଶ୍ରୀକ୍ଷେତ୍ରସ୍ଥିତ ଚକ୍ରନୃସିଂହଙ୍କ ନିକଟରୁ ମହାପ୍ରଭୁଙ୍କ ପାଖକୁ ଆଜ୍ଞାମାଳ ଆସିଥିଲା। ଶ୍ରୀମନ୍ଦିରରେ ଅବକାଶ ନୀତି ପରେ ଲକ୍ଷ୍ମୀନୃସିଂହ ବେଶ ଆରମ୍ଭ ହୋଇଥିଲା। ସେବାୟତମାନେ ରତ୍ନଭଣ୍ଡାରରୁ ଆଣିଥିବା ସୁବର୍ଣ୍ଣ ଅଳଙ୍କାରରେ ଶ୍ରୀବିଗ୍ରହମାନଙ୍କୁ ସଜ୍ଜିତ କରିଥିଲେ। ସୋଲ ଓ ଜରିରେ ଡାଲି କରାଯାଇ ସେଥିରେ ରଙ୍ଗବେରଙ୍ଗର ଫୁଲ ସବୁ ଚତୁର୍ଦ୍ଧାବିଗ୍ରହଙ୍କ ଶ୍ରୀମସ୍ତକରେ ଲଗାଯାଇଥିଲା। ଏହି ଡାଲ ମଝି ମଝିରେ ଠିଆପାଖୁଡ଼ା ଆକୃତିର ସ୍ୱର୍ଣ୍ଣକିଆ ଖଞ୍ଜାଯାଇଥିଲା। ଠାକୁରମାନେ ସୁବର୍ଣ୍ଣର ଶ୍ରୀଭୁଜ, ଶ୍ରୀପୟର, କୀରିଟ, କୁଣ୍ଡଳ, ଚନ୍ଦ୍ରିକା ସହ ପ୍ରଭୁ ଶ୍ରୀବଳଭଦ୍ର ହସ୍ତରେ ହଳମୂଷଳ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ ଶଙ୍ଖ ଓ ଚକ୍ର ଧାରଣ କରିଥିଲେ। ଗୋପାଳ ବଲ୍ଲଭ, ବାଳଭୋଗ ଓ ସକାଳ ଧୂପ ଶେଷ ହେବା ପର୍ଯ୍ୟନ୍ତ ଏହି ବେଶ ରହିଥିଲା।

## ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ...

ପ୍ରଥମ ପୃଷ୍ଠାରୁ...

୨୭ରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଶୁଣାଣି ବେଳା ଏମ୍. ତ୍ରିବେଦୀ ଏବଂ ଜେ.ବି. ପର୍ଡିୱାଲା କୋଟା ଆଇନକୁ କାଏମ ରଖିଥିବାବେଳେ ସିଜେଆଇ ଜଷ୍ଟିସ୍ ଲଳିତ ଏବଂ ଜଷ୍ଟିସ ଏସ୍. ରବୀନ୍ଦ୍ର ଭଟ୍ଟ ଏହାକୁ ବିରୋଧ କରିଥିଲେ। ବିଚାରପତିମାନେ କୋର୍ଟରୁମ୍‌ରେ ୩୫ ମିନିଟରୁ ଊର୍ଦ୍ଧ୍ୱ ସମୟ ଧରି ୪ଟି ଭିନ୍ନ ରାୟକୁ ଶୁଣାଇଥିଲେ। ୧୦୩ତମ ସଂଶୋଧନକୁ ସମ୍ବିଧାନର ମୌଳିକ ଢାଞ୍ଚାର ପରିବର୍ତ୍ତନ କୁହାଯାଇ ପାରିବ ନାହିଁ ବୋଲି ଜଷ୍ଟିସ୍ ମାହେଶ୍ୱରୀ କହିଥିଲେ। ପାତରଅନ୍ତର ଦର୍ଶାଇ ଉକ୍ତ ସଂଶୋଧନକୁ ହଟାଇ ଦିଆଯାଇ ପାରିବ ନାହିଁ। ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ସୁବିଧା ଲାଗି ପାର୍ଲାମେଣ୍ଟ ସକାରାତ୍ମକ ପଦକ୍ଷେପ ନେଇଥିବା ଜଷ୍ଟିସ୍ ତ୍ରିବେଦୀ ମତ ଦେଇଥିଲେ। ସେହିପରି ଜଷ୍ଟିସ୍ ପର୍ଡିୱାଲା ସେମାନଙ୍କ ସହ ସହମତ ହୋଇ ସଂଶୋଧନ ବୈଧ ବୋଲି ମତ ରଖିଥିଲେ। ସାମାଜିକ ନ୍ୟାୟ ସୁନିଶ୍ଚିତ କରିବା ସଂରକ୍ଷଣର ଉଦ୍ଦେଶ୍ୟ। ତେବେ ଏହା ଅନିର୍ଦ୍ଦିଷ୍ଟ କାଳ ଯାଏ ଜାରି ରହିବା ଉଚିତ ନୁହେଁ ବୋଲି ଜଷ୍ଟିସ୍ ପର୍ଡିୱାଲା କହିଥିଲେ।

ଅନ୍ୟପକ୍ଷରେ ଜଷ୍ଟିସ ଏସ୍. ରବୀନ୍ଦ୍ର ଭଟ୍ଟ ଇଡବ୍ଲ୍ୟୁଏସ୍ କୋଟା ଉପରେ ସମ୍ବିଧାନ ସଂଶୋଧନକୁ ନେଇ ଅସହମତି ପ୍ରକାଶ କରିବା ସହ ଏହାକୁ ଅଗ୍ରାହ୍ୟ କରିଥିଲେ। ସିଜେଆଇ ମଧ ଜଷ୍ଟିସ ଭଟ୍ଟଙ୍କ ଟିପ୍ପଣୀ ଉପରେ ସହମତି ପ୍ରକାଶ କରିଥିଲେ। ଇଡବ୍ଲ୍ୟୁଏସ୍ କୋଟା ପାଇଁ ସମ୍ବିଧାନ ସଂଶୋଧନର ବୈଧତାକୁ ନେଇ ପ୍ରଶ୍ନ ଉଠିଥିବାବେଳେ ସର୍ବୋଚ୍ଚ ଅଦାଲତ ସେପ୍ଟେମ୍ବର ବେଳେ ତତ୍କାଳୀନ ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଏବଂ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋଟା ସପକ୍ଷରେ ଯୁକ୍ତି ଉପସ୍ଥାପନ କରିଥିଲେ। ଅନ୍ୟପକ୍ଷରେ ଶିକ୍ଷାବିତ୍ ମୋହନ ଗୋପାଳ ଖଣ୍ଡପୀଠରେ କୋଟାକୁ ବିରୋଧ କରିଥିଲେ। ଏଭଳି କପଟତାପୂର୍ଣ୍ଣ ଏବଂ ପଛଦ୍ୱାର ଉଦ୍ୟମ ସଂରକ୍ଷଣର ଧାରଣାକୁ ନଷ୍ଟ କରିଦେବ ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ତାମିଲନାଡୁ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶେଖର ନାଫେଡ୍ ଇଡବ୍ଲ୍ୟୁଏସ୍ କୋଟାକୁ ବିରୋଧ କରି କହିଥିଲେ, ଆର୍ଥିକ ଦୃଷ୍ଟିରୁ ବର୍ଗୀକରଣ କରାଯାଇପାରିବ ନାହିଁ। ସଂରକ୍ଷଣ କାଏମ ରଖିବା ଲାଗି ନିଷ୍ପତ୍ତି ନେବା ପୂର୍ବରୁ ସୁପ୍ରିମକୋର୍ଟ ଇନ୍ଦିରା ସାୱ୍ନି (ମଣ୍ଡଳ) ରାୟକୁ ଅନୁଧ୍ୟାନ କରିବା ଲାଗି ସେ ଅନୁରୋଧ କରିଥିଲେ।

## ବାଇକ୍ ଚୋର ସନ୍ଦେହରେ...

କରି ବରପାଲି ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯୋଗେଶ୍ୱରଙ୍କ ମୃତ୍ୟୁ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଗତ ଅକ୍ଟୋବର ୨୭ତାରିଖରେ ବଳିଚ୍କ୍ରାର ରାଜେନ୍ଦ୍ର ଭୋଇଙ୍କ ଏକ ବାଇକ୍ ଚୋରି ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଯୋଗେଶ୍ୱରଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରି ତାଙ୍କ ଉପରେ ଏଭଳି ଆକ୍ରମଣ କରାଯାଇଥିବା ପୋଲିସ ଅନୁମାନ କରୁଛି।

**VSS Institute of Medical Sciences & Research (VIMSAR),**
Ayur Vihar, Burla, Sambalpur, Odisha-768017
**Walk-in-Interview for selection of Senior Residents/ Tutors in various disciplines of VIMSAR**
Advt. No. 892/ Director/VIMSAR/ Dt. 05.11.2022
**No.E-609:** Applications are invited from eligible candidates to fill up the above mentioned vacant posts at VIMSAR. The details of educational qualification, selection procedure, terms and conditions etc. are published in the institute website: www.vimsar.ac.in.
Date of Walk-in-Interview: 23.11.2022 [Wednesday]
**Sd./- Director, VIMSAR, Burla**
OIPR-11056/11/0033/2223

**OFFICE OF THE DEAN & PRINCIPAL**
M.K.C.G. MEDICAL COLLEGE, BRAHMAPUR-760004, ODISHA
Tel:0680 2292746/Fax:0680 2292809/email:mkcgmc.bam@gmail.com/ Website:www.mkcgmch.org.
No.11245/MCB-2022/Welfare/Brahmapur/Dated 05th Nov. 2022
**CORRIGENDUM**
**(VEHICLE PARKING)**
**No.E-606:** The last date for submission of tender & opening of technical bid for parking of vehicle inside the MKCG Medical College & Hospital campus may be read as 28.11.2022 instead of 4.11.2022 as per tender published for parking of vehicle vide No.11182, Dt.4.11.2022 in Dharitri. The other terms & conditions remain unchanged.
**Sd./- Dean & Principal, MKCG Medical College, Berhampur**
OIPR-10013/11/0008/2223

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-2409 OSIC GST No. 21AAACO2101M1Z1
**TENDER CALL NOTICE**
Tender Notice No.4804/OSIC/MKT Dt.07.11.2022
The OSIC Ltd., Cuttack invites sealed bids from experienced MSME's for supply of RCC Fencing post, Chain link Wire mesh (GI) & binding wire(GI) for APC DMF work in Keonjhar District. The detail schedules, terms and conditions of the tender document along with the specification of requirement can be downloaded from www.osicltd.in . Any addendum/corrigendum/cancellation of Tender etc. will appear in OSIC Ltd. website. www.osicltd.in only and the responsibility lies with the bidders to download the same before last date of submission of bids.
**By order of MD**
**Sd/-Manager(Mktg)**
OIPR-14073/11/0116/2223

**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894
Tel. No. : 0674-2395391, Fax : 0674-2395291, Website : www.oscsc.in
**Tender No. 16062/P-II/76/2021/PDS** **Dt.: 07.11.2022**
Managing Director, Odisha State Civil Supplies Corporation Ltd., invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the Work | Selection and appointment of transport contractor for inter-district transportation of Custom Milled Rice (CMR) from source districts to recipient districts in the State of Odisha |
| 2 | Availability of bid document in the portal | **From 08.11.2022** |
| 3 | Last Date / Time for receipt of bids in the portal | **Dt.14.11.2022 up to 5.00 P.M.** |
| 4 | Date/Time of Opening of Technical bid | **Dt.15.11.2022 at 11.00 A.M.** |
| 5 | Name and address of the Officer Inviting Tender | **Managing Director, OSCSC Ltd., C/2, Nayapalli, Bhubaneswar** |

Tender Documents & other details can be seen from the e-procurement portal **www.oscsc.in**, **www.foododisha.in** & **www.tendersodisha.gov.in**. Amendments / corrigendum / cancellation / retenders etc. if any shall be published only in above websites.
**By Order of Managing Director**
**Sd/- General Manager (PDS)**

**ODISHA PUBLIC SERVICE COMMISSION**
19, DR. P. K. PARIJA ROAD, CUTTACK - 753001
**NOTICE**
No.10208/PSC, Dt.07.11.2022
(DR-IV) (2PH-01-2021-22)
**No.D-211:** The Commission have conducted Written examination for recruitment to the post of Assistant Section Officer, pursuant to Advertisement No. 26 of 2021-22 on 27.08.2022. On the basis of the said examination, 1104 no. of candidates have provisionally qualified to appear for the Document Verification at the Office of the Commission, 19, Dr. P. K. Parija Road, Cuttack- 753001 which will be conducted from 14.11.2022 to 18.11.2022. The list of Roll Numbers of these candidates is available at the Website of the Commission i.e. www.opsc.gov.in.
It is also made clear that the candidature of these candidates for the above recruitment is purely provisional. The candidature is liable for rejection in the event of inadequacy/ deficiency found at any stage before or after the verification of original certificates/ documents and is subject to fulfilment of terms & conditions laid down in the Advertisement.
2. The detailed Programme for Verification of Original Certificates/ Documents will be notified later. Similarly, the detailed programme for the Computer Skill Test, likely to be conducted on 27.11.2022, will be notified later. The candidates are advised to visit the website of the Commission at www.opsc.gov.in regularly to keep track of publication of various notices to this effect.
OIPR-12002/11/0195/2223 **Sd./- Secretary**

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ: କ୍ରମାଗତ ୨ଦିନ ଲାଗି ଷ୍ଟକ୍ ବଜାରର କାରବାର ବୃଦ୍ଧି ପାଇଛି। ଫଳରେ ଶେୟାର ବଜାରର ନିବେଶକମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୨୩୫ (୨୩୪.୭୯) ପଏଣ୍ଟ ବୃଦ୍ଧି ଘଟି ୬୧,୧୮୫ (୬୧,୧୮୫.୧୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୮୬ (୮୫.୬୫) ପଏଣ୍ଟ ବଢ଼ି ୧୮,୨୦୩ (୧୮,୨୦୨.୮୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ବିଶେଷ କରି ସୋମବାର ଦଲାଲ ଷ୍ଟ୍ରିଟ୍‌ରେ ବ୍ରିଟାନିଆର ଉଚ୍ଚ ଫଳାଫଳ ସାଙ୍ଗକୁ ବ୍ୟାଙ୍କିଙ୍ଗ,ଏଫ୍ଏମ୍‌ସିଜି, ତୈଳ ଏବଂ ଔଷଧ ଆଦି ନିବେଶରେ ମଧ୍ୟ ଅଭିବୃଦ୍ଧି ଘଟିଥିବା ଦେଖାଯାଇଛି।

# ଅକ୍ଟୋବରରେ ୪୮% ବୃଦ୍ଧି ପାଇଛି ଗାଡ଼ି ବିକ୍ରି



■୨ ଚକିଆ ସେଗ୍‌ମେଣ୍ଟରେ ୫୧% ଅଭିବୃଦ୍ଧି
■ଏସ୍‌ୟୁଭି, ପ୍ରିମିୟମ୍ କାର୍‌ର ଅଧିକ ଚାହିଦା

ନୂଆଦିଲ୍ଲୀ, ୭।୧୧

ଚଳିତ ବର୍ଷର ପାର୍ବଣ ଅବସରରେ ଗାଡିର ଖୁଚୁରା ବିକ୍ରି ଆଶାତୀତ ଭାବେ ବୃଦ୍ଧି ପାଇଛି। ବିଶେଷକରି ଚଳିତ ବର୍ଷ ଅକ୍ଟୋବରରେ ଗାଡି ବିକ୍ରି ୪୮% ବୃଦ୍ଧି ପାଇଥିବା ଫେଡେରେଶନ୍ ଅଫ୍ ଅଟୋ ମୋବାଇଲ୍ ଡିଲର୍ସ ଆସୋସିଏଶନ୍ (ଫାଡା) ପକ୍ଷରୁ ସୋମବାର ଜାରି କରାଯାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏପରିକି ଚଳିତ ବର୍ଷ ଅକ୍ଟୋବରରେ ୨୦,୯୪,୩୭୮ ୟୁନିଟ୍ ଯାନବାହନ ବିକ୍ରି ହୋଇଥିଲା। ହେଲେ ଗତବର୍ଷ ଏହି ଅବଧି ମଧ୍ୟରେ ୧୪,୧୮,୭୨୬ ୟୁନିଟ୍ ଥିଲା। ଗତ ବର୍ଷର ବିକ୍ରି ତୁଳନାରେ ଚଳିତ ବର୍ଷର ବିକ୍ରିପରିମାଣ ୪୮% ଅଭିବୃଦ୍ଧି କରିଛି। ସେହିପରି ୨୦୧୯ରେ ମଧ୍ୟ ୧୯,୩୩,୪୮୪ ୟୁନିଟ୍ ଗାଡି ବିକ୍ରି ହୋଇଥିଲା। ୨୦୧୯ର ବିକ୍ରି ତୁଳନାରେ ୨୦୨୨ ଅକ୍ଟୋବରର ବିକ୍ରି ୮% ଅଧିକ ରହିଛି। ସେହିଭଳି ୨୦୧୯ ପ୍ରି-କୋଭିଡ୍ ମାସ ସହ ତୁଳନା କଲେ ମଧ୍ୟ ଚଳିତ ବର୍ଷ ପ୍ରଥମ ଥର ପାଇଁ ଯାନବାହନ ବିକ୍ରି ୮% ବୃଦ୍ଧି ପାଇଛି ବୋଲି ଫାଡାର ସଭାପତି ମନୀଷ ରାଜ ସିଙ୍ଘାନିଆ ମତ ପ୍ରକାଶ କରିଛନ୍ତି। ଅପରପକ୍ଷରେ ୨୦୨୨ ଅକ୍ଟୋବରରେ ୨ ଚକିଆ ଯାନ ବିକ୍ରି ୫୧% ହୋଇଥିବା ବେଳେ ୩ ଚାକିଆ ଯାନ ବିକ୍ରି ୬୬%, ଯାତ୍ରୀବାହୀ ଯାନ ୪୧%, ଟ୍ରାକ୍ଟର ୧୭ % ଏବଂ ବାଣିଜ୍ୟିକ ଯାନ ୨୫% ବୃଦ୍ଧି ପାଇଥିବା ଜଣାପଡିଛି।

ଏ ସମ୍ପର୍କରେ ଫାଡାର ସଭାପତି କହିଛନ୍ତି, ଚଳିତ ବର୍ଷର ପାର୍ବଣ ଉପଲକ୍ଷେ ଅଟୋ ଶିଳ୍ପ ପୂର୍ବ ବର୍ଷ ଅପେକ୍ଷା ଭଲ ବ୍ୟବସାୟ କରିଛି। ପ୍ରଥମ ଥର ପାଇଁ ପ୍ରତ୍ୟେକ ବର୍ଗର ଗ୍ରାହକମାନେ ବହୁଳ ସଂଖ୍ୟାରେ ବଜାରକୁ ଆସି ଯାନବାହନ କିଣିଥିଲେ। ତେଣୁ ବିଗତ ୪ବର୍ଷ (୨୦୧୯-୨୨) ମଧ୍ୟରେ ଯାନବାହନ ବିକ୍ରି ସର୍ବୋତ୍ତମ ହୋଇପାରିଥିଲା ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ୨୦୨୧ ଅକ୍ଟୋବରରେ ଟ୍ରାକ୍ଟର ବିକ୍ରି ୪୫,୪୪୫ ୟୁନିଟ ହୋଇଥିବା ବେଳେ ୨୦୨୨ ଅକ୍ଟୋବରରେ ଏହା ୫୩,୩୬୨ ୟୁନିଟକୁ ବୃଦ୍ଧି ସହ ୧୭% ଅଭିବୃଦ୍ଧି କରିଛି। ଏହି ସମୟ ମଧ୍ୟରେ ୨ଚକିଆ ଯାନ ବିକ୍ରି ୧୦,୩୯,୮୪୫ ୟୁନିଟରୁ ୧୫,୭୧,୧୬୫ ୟୁନିଟ୍‌କୁ ବୃଦ୍ଧି ପାଇ ୫୧% ଅଭିବୃଦ୍ଧି ଘଟିଛି। ସେହିପରି ୩ ଚକିଆ ଯାନ ବିକ୍ରି ଗତ ବର୍ଷ ତୁଳନାରେ ୬୬%କୁ ବୃଦ୍ଧି ହୋଇ ୬୬,୭୬୩ ୟୁନିଟ୍‌ରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ ସାରା ଦେଶରେ ୪୨ ଦିନର ଉତ୍ସବ ହେଉଥିବା ସମୟରେ ଯାନବାହନ ବିକ୍ରି ୨୯%ବୃଦ୍ଧି ପାଇ ୨୮,୮୮,୧୩୧ ୟୁନିଟରେ ପହଞ୍ଚିଛି, ଯାହାକି ଗତବର୍ଷ ୨୨,୪୨,୧୩୯ ୟୁନିଟ୍ ରହିଥିଲା। ଏହି ପରିପ୍ରେକ୍ଷୀରେ ୨ ଚକିଆ ଯାନ ୨୬%, ୩ ଚିକିଆ ଯାନ ୬୮%, ସିଭି ସେଗମେଣ୍ଟ ୨୯%, ଯାତ୍ରୀବାହୀ ଯାନ ୩୪% ଏବଂ ଟ୍ରାକ୍ଟର ୩୦% ବିକ୍ରି ହୋଇଛି ବୋଲି ଫାଡା ପକ୍ଷରୁ ଜାରି କରାଯାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ସାମ୍‌ସଙ୍ଗ ୧ନଂ. ସ୍ମାର୍ଟଫୋନ୍ କମ୍ପାନୀ

ନୂଆଦିଲ୍ଲୀ, ୭।୧୧

ଦେଶର ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ ସାମ୍‌ସଙ୍ଗ କ୍ରମାଗତ ୧୦ ବର୍ଷ ହେବ ବଜାର ଲିଡର ଭାବେ ବିବେଚିତ ହୋଇଛି। ଏପରିକି ଭାରତରେ କମ୍ପାନୀ ତା'ର ବିସ୍ତୃତ ସ୍ମାର୍ଟଫୋନ୍ ବଜାରକୁ ଆଗକୁ ବଢାଇବା ଜାରି ରଖିଛି। ଚଳିତ ବର୍ଷ ସପ୍ଟେମ୍ବର ଓ ଅକ୍ଟୋବର ମଧ୍ୟରେ ସାମସଙ୍ଗର ସ୍ମାର୍ଟଫୋନ୍, ୱେୟାରେବୁଲ ଓ ଟାବ୍‌ଲେଟ୍‌ଗୁଡିକର ବିକ୍ରି ପରିମାଣ ୧୪,୪୦୦ କୋଟି ଟଙ୍କା ରହିଥିବା ଜଣାପଡିଛି। ପାର୍ବଣ ସମୟରେ ପ୍ରିମିୟମ ଡିଭାଇସ୍‌ଗୁଡିକ ପାଇଁ କମ୍ପାନୀର ମଜଭୁତ ଚାହିଦା ସମର୍ଥନରେ ସ୍ମାର୍ଟଫୋନ୍ ବିକ୍ରି ୨ ଅଙ୍କରେ ଅଭିବୃଦ୍ଧି ଘଟିଛି। ଏ ସମ୍ପର୍କରେ ସାମ୍‌ସଙ୍ଗ ଇଣ୍ଡିଆର ମୋବାଇଲ ବିଜ୍‌ନେସ୍ ବିଭାଗର ପ୍ରଡକ୍ଟ ମାର୍କେଟିଙ୍ଗ୍ ମୁଖ୍ୟ ଓ ବରିଷ୍ଠ ନିର୍ଦ୍ଦେଶକ ଆଦିତ୍ୟ ବବର୍ କହିଛନ୍ତି ଯେ, ଗାଲାକ୍ସି ଏସ୍୨୨ ସିରିଜ୍ ଓ ନିକଟରେ ଶୁଭାରମ୍ଭ ହୋଇଥିବା ଫୋଲ୍ଡେବୁଲ ସ୍ମାର୍ଟଫୋନ୍ ଭଳି ପ୍ରିମିୟମ ଡିଭାଇସ୍‌ଗୁଡିକ ପାଇଁ ରହିଥିବା ମଜଭୁତ ଉପଭୋକ୍ତା ଚାହିଦା ସମର୍ଥନରେ ଚଳିତ ଆର୍ଥିକ ବର୍ଷରେ ସାମ୍‌ସଙ୍ଗ ଇଣ୍ଡିଆ ରେକର୍ଡ ସଂଖ୍ୟକ ସ୍ମାର୍ଟଫୋନ୍ ବିକ୍ରି କରିଛି। ସେହିପରି ଗତବର୍ଷ ତୁଳନାରେ ଚଳିତ ବର୍ଷ କମ୍ପାନୀର ପ୍ରିମିୟମ ସ୍ମାର୍ଟଫୋନ୍ ବିକ୍ରି ପ୍ରାୟ ୨ଗୁଣ ବୃଦ୍ଧି ପାଇଛି।

# ଦିଗପହଣ୍ଡିରେ ଟ୍ରେଣ୍ଡ୍‌ସର ଏକ୍ସକ୍ଲୁସିଭ ଷ୍ଟୋର




ଭୁବନେଶ୍ୱର,୭।୧୧

ରିଲାଏନ୍ସ ରିଟେଲ୍‌ର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ ଟ୍ରେଣ୍ଡ୍‌ସର ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋର ଗଞ୍ଜାମ ଜିଲାର ଦିଗପହଣ୍ଡି ସହରରେ ଶୁଭାରମ୍ଭ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଯେ ୫୨୦୦ ବର୍ଗଫୁଟ ପରିମିତ ସ୍ଥାନରେ ନବନିର୍ମିତ ଏହି ଷ୍ଟୋରରେ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡ୍‌ସ ୱିୟର ଏବଂ ଫ୍ୟାଶନ ଆସେସୋରିଜ ଅତି ସ୍ୱତନ୍ତ୍ର ମୂଲ୍ୟରେ ଏବଂ ଚମତ୍କାର କିଣାକିଣିର ଅନୁଭୂତି ସହିତ ପାଇପାରିବେ। ଏପରିକି ଷ୍ଟୋର୍‌ର ସ୍ୱତନ୍ତ୍ର ଉଦଘାଟନୀ ଅଫର ସହ ଆକର୍ଷଣୀୟ ଫ୍ୟାଶନ ଓ ଲୋଭନୀୟ ମୂଲ୍ୟର ବ୍ୟାପକ ସମ୍ଭାର ମଧ୍ୟ ରହିଛି। ଯେପରିକି ୩୯୯୯ ଟଙ୍କାର କିଣାକିଣି କରନ୍ତୁ ଏବଂ ମାତ୍ର ୧୯୯ ଟଙ୍କାରେ ଏକ ଆକର୍ଷଣୀୟ ଉପହାର ପାଆନ୍ତୁ। କେବଳ ସେତିକି ନୁହେଁ, ୨୯୯୯ ଟଙ୍କାର କିଣାକିଣି ଉପରେ ଗ୍ରାହକମାନେ ୧୫୦୦ ଟଙ୍କା ମୂଲ୍ୟର କୁପନ୍ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ବିଶେଷ କରି ଦିଗପହଣ୍ଡି ସହରରେ ଏହି ଅତ୍ୟାଧୁନିକ ଷ୍ଟୋରର ମଡର୍ନ ଲୁକ୍ ଏବଂ ପରିବେଶ ସହ ସ୍ଥାନୀୟ ଗ୍ରାହକମାନଙ୍କ ମନଲାଖି ଉଚ୍ଚମାନର ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଚାଣ୍ଡାଇଜ ସମ୍ଭାର ଓ ସୁଲଭ ମୂଲ୍ୟ ଏହାକୁ ଅଧିକ ଆକର୍ଷଣୀୟ କରି ତୋଳିଛି। ସେହିଭଳି ଦିଗପହଣ୍ଡି ସହର ତଥା ଏହା ନିକଟବର୍ତ୍ତୀ ଅଞ୍ଚଳର ଗ୍ରାହକମାନେ ଏହାର ଫାଇଦା ଉଠାଇପାରିବେ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ସେହିପରି ଟ୍ରେଣ୍ଡ୍‌ସ ବାସ୍ତବରେ ଭାରତର ଫ୍ୟାଶନ କ୍ଷେତ୍ରକୁ ଲୋକାଭିମୁଖୀ କରି ଫ୍ୟାଶନରେ ଗଣତନ୍ତ୍ରର ବିକାଶ କରିଛି। ଏହା ଭାରତରେ ଗ୍ରାହକଙ୍କ ସମ୍ପର୍କ ସୁଦୃଢ଼ ସହ ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭ କରି ଟିୟର ୧, ଟିୟର ୨ ସହର ଏବଂ ଆହୁରି ଅଧିକ ସ୍ଥାନରେ ଭାରତୀୟ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିଛି ।

# ବିଓଆଇ ପକ୍ଷରୁ ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର,୭।୧୧

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଗତ ୩୧ ଅକ୍ଟୋବର ୨୦୨୨ରିଖଠାରୁ ଚଳିତ ମାସ ୬ ତାରିଖ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର କର୍ମଚାରୀ ଓ ଗ୍ରାହକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବ୍ୟାଙ୍କ ପକ୍ଷରୁ ସତର୍କତା ସଚେତନତା ଉପରେ ଶପଥ ପାଠ, ମାନବଶୃଙ୍ଖଳ, କର୍ମଚାରୀ ଓ ଗ୍ରାହକମାନଙ୍କ ପାଇଁ ୱାର୍କଶପ୍ ଓ କର୍ମଚାରୀ ଏବଂ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅତିଥି ବକ୍ତା ରୂପେ ଯୋଗ ଦେଇଥିବା ସିବିଆଇ ଓ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଆୟୋଜନ କରାଯାଇଥିଲା। ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ମଳୟ ଦାସ ଏସ୍ ଓ ଉପ-ଆଞ୍ଚଳିକ ପ୍ରବନ୍ଧକ ଅଶୋକ କୁମାର ଜେନା ସମସ୍ତଙ୍କୁ ସମ୍ବୋଧନ କରିଥିଲେ। ଏଥିରେ ବ୍ୟାଙ୍କର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।



# ଜିଲା ଜଙ୍ଗଲ କାର୍ଯ୍ୟାଳୟକୁ ଲିଫ୍ ବ୍ଲୋୟର ପ୍ରଦାନ



ଭୁବନେଶ୍ୱର,୭।୧୧

ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ୍ ପକ୍ଷରୁ ନିକଟରେ ଝାରସୁଗୁଡ଼ା ଜିଲା ଜଙ୍ଗଲ କାର୍ଯ୍ୟାଳୟକୁ ଲିଫ୍ ବ୍ଲୋୟର ପ୍ରଦାନ କରାଯାଇଛି। ଏପରିକି ବେଦାନ୍ତ ଲିଃ'ର ସିଇଓ ସୁନୀଲ ଗୁପ୍ତା ଉକ୍ତ ଯନ୍ତ୍ରପାତି (ଲିଫ ବ୍ଲୋୟର) କୁ ଜିଲା ଜଙ୍ଗଲ ଅଧିକାରୀ ଲଳିତ କୁମାର ପାତ୍ରଙ୍କୁ ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ପ୍ରତି ବର୍ଷ ଶୀତଋତୁରେ ଜଙ୍ଗଲର ବିଭିନ୍ନ ସ୍ଥାନରେ ନିଆଁ ଲାଗି ଲକ୍ଷ ଲକ୍ଷ ଟଙ୍କାର ଜଙ୍ଗଲଜାତ ସମ୍ପତ୍ତି ସାଙ୍ଗକୁ ପାରିପାର୍ଶ୍ୱିକ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ। ବିଶେଷ କରି ଜଙ୍ଗଲରେ ଶୁଖିଲା ଡାଳପତ୍ର ଭଳି ଦହନଶୀଳ ପଦାର୍ଥ ଗଦା ହେବା ଦ୍ୱାରା ନିଆଁ ଲାଗିବାର ଯଥେଷ୍ଟ ସମ୍ଭାବନା ଥାଏ। ତେଣୁ ଉକ୍ତ ନିଆଁକୁ ରୋକିବା ପାଇଁ ଲିଫ୍ ବ୍ଲୋୟର ବେଶ୍ ସହାୟତା ପ୍ରଦାନ କରିବ। ଫଳରେ ଜଙ୍ଗଲର ନିଆଁକୁ ସହଜରେ ରୋକା ଯାଇପାରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ସୁନୀଲ କହିଛନ୍ତି, କମ୍ପାନୀର ଏଭଳି ପଦକ୍ଷେପ ଦ୍ୱାରା ଆମେ ସ୍ଥାନୀୟ ପ୍ରଶାସନକୁ ସମର୍ଥନ ଜାରି ରଖିଛୁ, ଯାହା ମାଧ୍ୟମରେ ଆମେ ଆମ ଗୋଷ୍ଠୀଙ୍କୁ ସୁରକ୍ଷା ଦେଇପାରିବୁ। ଜିରୋ ହାର୍ମ, ଜିରୋ ବର୍ଜ୍ୟ ଓ ଜିରୋ ଡିସଚାର୍ଜ ନୀତିକୁ ଆପଣାଇ ଆମେ ସର୍ବଦା ଗୋଷ୍ଠୀ ସହ କାର୍ଯ୍ୟ କରୁଛୁ। ସେହିଭଳି ଝାରସୁଗୁଡା ଜିଲା ଜଙ୍ଗଲ ଅଧିକାରୀ ଲଳିତ କୁମାର ପାତ୍ର କହିଛନ୍ତି, ବିଶେଷ କରି ଶରତ ଓ ଶୀତ ଋତୁରେ ଜଙ୍ଗଲର ବିଭିନ୍ନ ସ୍ଥାନରେ ନିଆଁ ଲାଗିଥାଏ। କାରଣ ଜଙ୍ଗଲର ଶୁଖିଲା ଡାଳ ପତ୍ର ଯୋଗୁ ନିଆଁ ଲାଗିବାର ଅଧିକ ସମ୍ଭାବନା ଥାଏ। ଉକ୍ତ ନିଆଁକୁ ରୋକିବା ପାଇଁ ଜିଲା ପ୍ରଶାସନକୁ ବେଦାନ୍ତ ଆବଶ୍ୟକ ଯନ୍ତ୍ରପାତି ଯୋଗାଇ ଦେଇଥିବାରୁ ମୁଁ ବେଦାନ୍ତକୁ ଧନ୍ୟବାଦ ଜଣାଉଛି।


CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385 8637280816, 7894447167, 9338226625

ମୁଦ୍ରା ଯୋଜନା
ଅଧୀନରେ ଘରେ ବସି
50000ରୁ 5000000
ପର୍ଯ୍ୟନ୍ତ ଋଣ ପାଆନ୍ତୁ
ସୁଧ 2% ଛାଡ଼ 40%
ସମ୍ପର୍କ କରନ୍ତୁ
ଠିକଣା: ମ.ନଂ. 675, ଗ୍ରାମ ଲୋହାରି ଜାଟୁ
ତହସିଲ- ବୱାନି ଖେଡ଼ା, ଜିଲା- ଭିୱାନି
8950329763

NATIONAL FINANCE
ଭାରତର ନଂ-୧ କମ୍ପାନୀ
ନ୍ୟାସନାଲ ଫାଇନାନ୍ସ
(Govt. Registered)
ପର୍ସନାଲ, ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ସବୁପ୍ରକାର ଋଣ।
48 hours ଲୋନ୍ ପାଇଁ Agent ଆମନ୍ତ୍ରିତ।
2% interest 40% discount under all Government schemes
9499474088

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଫୁର୍‌ସତ

# ସରହଦ ଊର୍ଦ୍ଧ୍ୱରେ ପ୍ରେମ

**୨୮ ବର୍ଷୀୟ ମେକାନିକ୍‌ଙ୍କୁ ବାହାହେବା ପାଇଁ ପାକିସ୍ତାନ ଗଲେ ପୋଲାଣ୍ଡର ୮୩ ବର୍ଷୀୟା ମହିଳା**



**ଇସ୍‌ଲାମାବାଦ:** ପ୍ରେମ ସୀମା ସରହଦ, ବାଧା ବନ୍ଧନ କି ବୟସ ମାନେନା। ଏ କଥା ପ୍ରମାଣିତ ହୋଇଛି ପୋଲାଣ୍ଡର ଜଣେ ୮୩ ବର୍ଷୀୟା ମହିଳାଙ୍କ କ୍ଷେତ୍ରରେ, ଯିଏକି ନିଜ ୨୮ ବର୍ଷୀୟ ପୁରୁଷ ବନ୍ଧୁଙ୍କୁ ବାହାହେବା ପାଇଁ ପାକିସ୍ତାନ ଚାଲିଯାଇଛନ୍ତି। ତାଙ୍କ ନାଁ ବ୍ରୋମା। ଅଟୋ ମେକାନିକ୍ ହାଫିଜ୍ ମହମ୍ମଦ ନଦିମ୍ ପାକିସ୍ତାନର ହାଫିଜବାଦ୍‌ରେ ରୁହନ୍ତି। ୬ ବର୍ଷ ତଳେ ସେ ପୋଲାଣ୍ଡର ବ୍ରୋମାଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। କଥା ହେଉ ହେଉ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରସ୍ପରକୁ କେବେ ସାକ୍ଷାତ୍ କରି ନ ଥିଲେ ମଧ୍ୟ ବାହାହେବା ପାଇଁ ଦୁହେଁ ନିଷ୍ପତ୍ତି ନେଇଥିଲେ। ବୟସରେ ଏତେ ବ୍ୟବଧାନ ଥାଇ ବି ପାରମ୍ପରିକ ରୀତିନୀତିରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ଏହି ଯୋଡ଼ି। ବ୍ରୋମା ନାଲି ରଙ୍ଗର ଟ୍ରାଡିଶନାଲ ଡ୍ରେସ୍ ପିନ୍ଧି ବିବାହବେଳେ ଇସ୍‌ଲାମୀୟ ଆଇନ ଓ ପ୍ରଥା ଅନୁଯାୟୀ 'ହକ୍ ମେହର୍' ପାଉଣା ପୈଠ କରିଥିଲେ। ଦୁହେଁ ଏବେ ଭଲରେ ଅଛନ୍ତି ବୋଲି ହାଫିଜ୍ ଗଣମାଧ୍ୟମକୁ ଜଣାଇଛନ୍ତି। ଏହାପୂର୍ବରୁ ହାଫିଜ୍‌ଙ୍କ ବିବାହ ତାଙ୍କର ଜଣେ ସମ୍ପର୍କୀୟା ଭଉଣୀଙ୍କ ସହ ସ୍ଥିର ହୋଇଥିଲା।

ଗତମାସରେ ଆଉ ଏକ ଲଭ୍ ଷ୍ଟୋରି ଶୁଣିବାକୁ ମିଳିଥିଲା। ଫିଲିପାଇନ୍ସର ରଶଦ ମଙ୍ଗାକୋପ୍ (୭୮) ଜଣେ ୧୮ ବର୍ଷୀୟା ଝିଅକୁ ବାହା ହୋଇଥିଲେ। ପୂର୍ବରୁ କୃଷି କାର୍ଯ୍ୟ କରୁଥିବା ରଶଦ କାଗାୟାନର ଏକ ଡିନର ପାର୍ଟିରେ ସ୍ୱଳ୍ପ ବୟସ୍କା ହାଲିମା ଅବ୍‌ଦୁଲାଙ୍କୁ ଦେଖିବା ପରେ ପ୍ରେମରେ ପଡ଼ିଯାଇଥିଲେ। ହାଲିମାଙ୍କୁ ସେତେବେଳେ ୧୫ ବର୍ଷ ହୋଇଥିଲା। ଏହାପୂର୍ବରୁ ରଶଦ ବାହା ହୋଇ ନ ଥିଲେ କି ତାଙ୍କର କେହି ଗର୍ଲଫ୍ରେଣ୍ଡ ବି ନ ଥିଲେ। ଗତ ଅଗଷ୍ଟ ୨୫ରେ ଏହି ପ୍ରେମୀ ଯୁଗଳ ଜୀବନସାଥୀ ପାଲଟିବା ପୂର୍ବରୁ ୩ ବର୍ଷ ଏକାଠି ରହିଥିଲେ।

ଗତ ଅକ୍ଟୋବରରେ ଜଣେ ମହିଳା ନିଜ ଘରଠାରୁ ୧୪,୪୦୦ କିଲୋମିଟର ଯାତ୍ରା କରି କେନିଆର ମାସାଇ ସମ୍ପ୍ରଦାୟର ଜଣେ ଯୁବକଙ୍କୁ ବାହାହେଲେ, ଯିଏକି ତାଙ୍କଠାରୁ ୩୦ ବର୍ଷ ସାନ। ସେହିପରି ଦେବୋରାହ ବାବୁ ନାମ୍ନୀ ଜଣେ ୬୦ ବର୍ଷୀୟା ମହିଳା ସାମାଜିକ ନିନ୍ଦା ଅପବାଦକୁ ଖାତିର ନ କରି ଜଣେ କମ୍ ବୟସର ପୁଅଙ୍କୁ ବାହା ହୋଇଥିଲେ। ୨୦୧୭ ଅକ୍ଟୋବରରେ ଦେବୋରାହ ନିଜ ଝିଅଙ୍କ ସହ ତାଞ୍ଜାନିଆ ଯାତ୍ରା କରୁଥିବାବେଳେ ତାଙ୍କ ସ୍ୱପ୍ନର ମଣିଷ ସଇଟୋଟିଙ୍କୁ ଭେଟିଥିଲେ।



ପଲକ ମୁଚ୍ଛାଲ

# ବାହାହେଲେ ପଲକ

ମୁମ୍ବାଇ

ବଲିଉଡ୍ ଇଣ୍ଡଷ୍ଟ୍ରିର ଜଣାଶୁଣା ଗାୟିକା ପଲକ ମୁଚ୍ଛାଲ ମ୍ୟୁଜିକ୍ କମ୍ପୋଜର ତଥା ସିଙ୍ଗର ମିଥୁନଙ୍କୁ ବିବାହ କରିଛନ୍ତି। ରବିବାର ସକାଳେ ମୁମ୍ବାଇରେ ହିନ୍ଦୁ ରୀତିନୀତି ଅନୁସାରେ ସେମାନଙ୍କ ବାହାଘର ହୋଇଥିଲା। ରବିବାର ସନ୍ଧ୍ୟାରେ ସେମାନେ ରିସେପ୍ସନ୍ ପାର୍ଟିର ଆୟୋଜନ କରିଥିଲେ। ପାର୍ଟିରେ ବଲିଉଡ୍ ଓ ଟେଲି ଜଗତର ଅନେକ କଳାକାର ଯୋଗ ଦେଇଥିଲେ। ପଲକ ଓ ମିଥୁନ କିଛିଦିନ ପ୍ରେମ ସମ୍ପର୍କରେ ରହିବା ପରେ ବିବାହର ନିଷ୍ପତ୍ତି ନେଇଥିଲେ। ପଲକ ହିନ୍ଦୀ ଫିଲ୍ମ ଜଗତକୁ ଅନେକ ହିଟ୍ ଗୀତ ଭେଟି ଦେଇଥିବାବେଳେ ମିଥୁନଙ୍କର ଫ୍ୟାନ୍ ଫଲୋୟର୍ସ ମଧ୍ୟ କମ୍ ନାହାନ୍ତି।

# ଚିକିତ୍ସା ବିଜ୍ଞାନରେ ରେଡିଓଲୋଜି

**ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ**

ଆଧୁନିକ ଚିକିତ୍ସା କ୍ଷେତ୍ରରେ ରେଡିଓଲୋଜିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାକୁ ଦୃଷ୍ଟିରେ ରଖି ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ନଭେମ୍ବର ୮ରେ ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ ପାଳନ କରାଯାଇଥାଏ। ଏହା ଆଧୁନିକ ସ୍ୱାସ୍ଥ୍ୟସେବାରେ ମେଡିକାଲ ଇମେଜିଙ୍ଗର ଭୂମିକାକୁ ପ୍ରୋତ୍ସାହିତ କରିଥାଏ। ୟୁରୋପୀୟ ସୋସାଇଟି ଅଫ୍ ରେଡିଓଲୋଜି, ରେଡିଓଲୋଜିକାଲ ସୋସାଇଟି ଅଫ୍ ଉତ୍ତର ଆମେରିକା ଏବଂ ଆମେରିକୀୟ କଲେଜ ଅଫ୍ ରେଡିଓଲୋଜିର ମିଳିତ ପଦକ୍ଷେପ ଭାବରେ ଏହା ପ୍ରଥମେ ୨୦୧୨ରେ ଏହି ଦିବସ ପାଳନ କରାଯିବା ଲାଗି ନିଷ୍ପତ୍ତି ଗ୍ରହଣ ହୋଇଥିଲା।

୧୮୯୫ ନଭେମ୍ବର ୮ରେ ୱିଲହେଲମ କନରାଡ ରୋଣ୍ଟଜେନ କ୍ୟାଥୋଡ ରଶ୍ମି ଅନୁସନ୍ଧାନ କରିବା ସମୟରେ ଏକ୍ସ-ରେ ଆବିଷ୍କାର କରିଥିଲେ ଏବଂ ସେବେଠାରୁ ରେଡିଓଲୋଜିର ଡାକ୍ତରୀ ବ୍ୟବହାର ପାଇଁ ମୂଳଦୁଆ ପକାଇଥିଲେ। ଏହି ଆବିଷ୍କାର ଇମେଜିଙ୍ଗର ବିଭିନ୍ନ ପଦ୍ଧତିକୁ ଅନ୍ତର୍ଭୁକ୍ତ କରିବା ଏବଂ ଆଧୁନିକ ଚିକିତ୍ସାର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଛି। ୧୦ ଫେବୃୟାରୀ ୨୦୧୧ରେ ୱିଲହେଲମ କନରାଡ ରୋଣ୍ଟଜେନଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ପ୍ରଥମ ୟୁରୋପୀୟ ରେଡିଓଲୋଜି ଦିବସ ଅନୁଷ୍ଠିତ ହୋଇଥିଲା। ୨୮ ନଭେମ୍ବର ୨୦୧୧ରେ ସିକାଗୋରେ ଏହି ଦିବସ ପାଳନ ପାଇଁ ଆନୁଷ୍ଠାନିକ ଭାବରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।


# ମନେ ପଡ଼ନ୍ତି

ଷଷ୍ଠ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଇଂ. ଶିଳାଦିତ୍ୟ ପଟ୍ଟନାୟକ
ଆବିର୍ଭାବ: ଆଶ୍ୱିନ ଶୁକ୍ଳପକ୍ଷ, ଏକାଦଶୀ- ୨୩।୧୦।୧୯୮୪
ତିରୋଧାନ: କାର୍ତ୍ତିକ ପୂର୍ଣ୍ଣିମା ୧୪।୧୧।୨୦୧୬
ଆଜିକୁ ଷଷ୍ଠବର୍ଷ ତଳେ ଏହି ପୁଣ୍ୟ ତିଥିରେ ତୁ ଆମ୍ଭ ସମସ୍ତଙ୍କୁ ଶୋକସାଗରରେ ବୁଡ଼ାଇ ଚିରଦିନ ପାଇଁ ପରମାରାଧ୍ୟଙ୍କ ଆଶ୍ରିତ ହୋଇଗଲୁ। ତୋର ସ୍ଥାନ ଆମ୍ଭ ପରିବାର ପାଇଁ ଅପୂରଣୀୟ। ତୋର ଅଧବସାୟ, କର୍ମନିଷ୍ଠା, ସ୍ନେହପ୍ରବଣତା ଆମ୍ଭ ସମସ୍ତଙ୍କ ପାଇଁ ଜ୍ୱଳନ୍ତ ଉଦାହରଣ ହୋଇ ରହିଗଲା। ପରମେଶ୍ୱର ପରିବାରର ସମସ୍ତଙ୍କୁ ତୋର ଆଦର୍ଶରେ ଅନୁପ୍ରାଣିତ କରନ୍ତୁ, ଏତିକି ମାତ୍ର ପ୍ରାର୍ଥନା।
ପରିବାର ଏବଂ ଆତ୍ମୀୟସ୍ୱଜନ ବୃନ୍ଦ ।
ଧ-୧୯୪୩

WE MISS YOU
KUNU



(04.06.2013 ~ 14.11.2016)
A day spent away from you is as good as a day not worth being alive ...
We Miss You Kunu
With Loving Memory
Felu & Family
Nikirai, Kendrapara
ଧ-୭୩୮୯୧

ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ରାମକୃଷ୍ଣ ମହାପାତ୍ର
ସଂସ୍କୃତ କଲେଜ ରୋଡ୍, ଦୋଳ ମଣ୍ଡପ ସାହି, ପୁରୀ
ଆବିର୍ଭାବ: ୦୨।୧୧।୧୯୪୮
ତିରୋଧାନ: ୦୨।୧୧।୨୦୦୯ (କାର୍ତ୍ତିକ ପୂର୍ଣ୍ଣିମା)
ଆଜି ଆପଣଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ ।
ଧ-୧୯୧୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ଗୁରୁ ଚରଣ ମହାନ୍ତି
୧୦୧, ମଧୁସୂଦନ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୦।୧୧।୧୯୩୩
ତିରୋଧାନ: ୧୮।୧୧।୨୦୨୧
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୯୫୧

ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ପ୍ରଫେସର (ଡଃ)କସ୍ତୁରୀ ଦାସ
ରାଜାବଗିଚା, କଟକ
ଆବିର୍ଭାବ : ୦୪.୦୬.୧୯୪୩ / ତିରୋଧାନ : ୧୩.୧୧.୨୦୧୯
ତୃତୀୟ ଶ୍ରାଦ୍ଧବାର୍ଷିକୀ :୦୮.୧୧.୨୦୨୨
ଆଜିର ଏହି ତୃତୀୟ ଶ୍ରାଦ୍ଧବାର୍ଷିକୀରେ ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ: ସ୍ୱାମୀ-ବିମଳ (ଫୁଲୁ), ପରିବାର-ଦାଦୁଲ,ଇଭା,ଡଲ୍, ମିତୁଲ୍, ପାପୁଲ୍, ରଚିତା, ଭିଆନ୍, କରୁଣାକର ଓ ଉମେଶ, ସହଯୋଗୀ ଓ କର୍ମଚାରୀ ବୃନ୍ଦ ।
ଇଉନିକ ବିଲ୍ଡର୍ସ ଲିମିଟେଡ,
ଡ୍ରିମଲାଇଟ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ
କାଲିଟି ପେପର ମିଲସ୍ ପ୍ରାଇଭେଟ ଲିମିଟେଡ
ଲକ୍ଷ୍ମୀନାରାୟଣ ଚାରିଟେବୁଲ ଟ୍ରଷ୍ଟ ଓ ଫୁଲୁ ଏବଂ ବୁଲୁ ଫାଉଣ୍ଡେସନ୍ ପବ୍ଲିକ ଚାରିଟେବୁଲର ସଦସ୍ୟବୃନ୍ଦ
ଧ-୧୯୫୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଚନ୍ଦ୍ରକାନ୍ତ ବେହେରା
(ଗ୍ରାମ: କେଶପୁର, ହରିବୋଳ କ୍ଷେତ୍ର, ଭଦ୍ରକ)
ଆବିର୍ଭାବ-୨୩।୧୦।୧୯୬୨
ତିରୋଧାନ- ୦୮।୧୧।୨୦୨୧
ମର୍ତ୍ତ୍ୟମଣ୍ଡଳେ ଦେବଦୂତ ସାଜି ଧରାକୁ କଲ ଧନ୍ୟ,
ଗୁରୁ ସମ୍ମାନେ ସମ୍ମାନିତ ହେଲ
ନିର୍ଦ୍ଦେଶକ ସାଜି କଳାକୁ ବାଣ୍ଟିଲ
ଅସହାୟ ଲୋକଙ୍କ ସାହାର ବନିଲ
ଅଦିନରେ ଝଡ଼ିଗଲ ।
ଶୋକସନ୍ତପ୍ତ: କନ୍ୟା- ଚେତନା ଚିନ୍ମୟୀ ଓ ମୃଣାଳ ମୃଣ୍ମୟୀ, ପରିବାରବର୍ଗ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ।
ଧ-୧୯୫୩

# କୋଷ୍ଠକାଠିନ୍ୟର ଘରୋଇ ଉପଚାର

**ଶୀତଦିନ ଆସିଲେ ଅନେକଙ୍କଠାରେ କୋଷ୍ଠକାଠିନ୍ୟ ସମସ୍ୟା ବୃଦ୍ଧିପାଇଥାଏ। ଏହାକୁ ଅଣଦେଖା କଲେ ଧୀରେ ଧୀରେ ଜଟିଳ ରୂପ ନେଇଥାଏ। ଏହା ଦୂର କରିବା ଲାଗି ଅନେକେ ବିଭିନ୍ନ ପ୍ରକାର ଔଷଧ ମଧ୍ୟ ବ୍ୟବହାର କରିଥାନ୍ତି। ହେଲେ ଆପଣ ଚାହିଁଲେ କେତୋଟି ଘରୋଇ ଉପଚାର ଦ୍ୱାରା ମଧ୍ୟ ଏହି ସମସ୍ୟାର ସମାଧାନ କରିପାରିବେ...**



➤ଶୀତଦିନେ ଶରୀରରୁ ଜଳୀୟାଂଶ କମିଯିବାରୁ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଦିଏ। ଏହାକୁ ଦୂର କରିବା ଲାଗି ପ୍ରତିଦିନ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। କମଳାଜୁସ୍, ଅପଲ୍ ଜୁସ୍ ପିଇଲେ ଉପକୃତ ହେବେ।

➤ଖାଦ୍ୟ ତାଲିକାରେ ଫାଇବରଯୁକ୍ତ ଖାଦ୍ୟର ମାତ୍ରା ବୃଦ୍ଧି କରିବା ଦ୍ୱାରା ମଧ୍ୟ ଏହି ସମସ୍ୟାକୁ କେତେକାଂଶରେ କମାଯାଇପାରେ।

➤ଯଥା ସମ୍ଭବ ଫାଷ୍ଟ ଫୁଡ୍ , ଅନ୍ୟ ତେଲ ମସଲାଯୁକ୍ତ ଖାଦ୍ୟ ଏବଂ ରେଡି ଟୁ ଇଟ୍ ବା ଫ୍ରୋଜେନ୍ କିମ୍ବା ପ୍ରୋସେସ୍ଡ୍ ଖାଦ୍ୟ ଖାଇବାଠାରୁ ଦୂରେଇ ରୁହନ୍ତୁ। ଆଲକହଲ୍ କିମ୍ବା ନିଶାଦ୍ରବ୍ୟ ସେବନ ଅଭ୍ୟାସ ଥିଲେ ସେଥିରୁ ନିବୃତ୍ତ ରୁହନ୍ତୁ।

➤ପ୍ରତିଦିନ କିଛି ସମୟ ଶାରୀରିକ ବ୍ୟାୟାମ କରନ୍ତୁ। କାରଣ ଏହାଦ୍ୱାରା ଶରୀରରେ ମେଟାବଲିଜମ୍ ସ୍ତର ଠିକ୍ ରହିବା ସହ ହଜମ କ୍ରିୟା ଭଲ ଭାବେ ହୋଇଥାଏ । ଫଳରେ ମଳତ୍ୟାଗ ସମୟରେ ଅଧିକ କଷ୍ଟ ହୋଇ ନ ଥାଏ।

➤ବିଭିନ୍ନ ଔଷଧ ବିଶେଷକରି କେତେକ ପେନ୍‌କିଲର ସେବନ ଯୋଗୁ ଅନେକଙ୍କଠାରେ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଦେଇଥାଏ। ସେହିପରି ଭିଟାମିନ୍ ଏବଂ ଆଇରନ୍ ସପ୍ଲିମେଣ୍ଟ ମଧ୍ୟ ଅନେକଙ୍କଠାରେ ଏହି ସମସ୍ୟା ସୃଷ୍ଟି କରିଥାଏ। ଏଭଳି ଅସୁବିଧା ହେଲେ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ପରିବର୍ତ୍ତନ କରିପାରିବେ କିମ୍ବା ଝାଡ଼ା ପତଳା ହେବା ଲାଗି ଔଷଧ ଖାଇପାରିବେ।

➤ରାତିରେ ଶୋଇବା ପୂର୍ବରୁ ତ୍ରିଫଳା ଚୂର୍ଣ୍ଣ କିମ୍ବା ବଟିକା ଖାଇ ଉଷୁମପାଣି ପିଇବା ଦ୍ୱାରା ସକାଳେ ଆରାମ ଲାଗିଥାଏ।

# ଗ୍ଲିଟର ଆଇଶ୍ୟାଡୋ



**ମୁହଁକୁ ଅଧିକ ଆକର୍ଷଣୀୟ କରିବା ଲାଗି ଆଇ ମେକ୍‌ଅପ୍‌ରେ ବର୍ତ୍ତମାନ ଗ୍ଲିଟର ଆଇଶ୍ୟାଡୋ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି। ଯଦି ଆପଣ ବି ଏହି ମେକ୍‌ଅପ୍ ନେଇ ଡିଫରେଣ୍ଟ ଲୁକ୍ ପାଇବାକୁ ଚାହୁଁଛନ୍ତି ତେବେ ଜାଣିରଖନ୍ତୁ ଏହାକୁ ବ୍ୟବହାର କରିବାର କେତୋଟି ଉପାୟ...**

❖ଗ୍ଲିଟର ଆଇଶ୍ୟାଡୋକୁ ପାର୍ଟି, ଫଙ୍କଶନ ଆଦି ସମୟରେ ଲଗାଇଲେ ଭଲ ଲାଗିଥାଏ। ଏଥିପାଇଁ ନିଜ ଡ୍ରେସ୍ କଲର ସହ ମ୍ୟାଚ୍ କରୁଥିବା ଆଇଶ୍ୟାଡୋ ବାଛନ୍ତୁ। ଯଦି ତାହା ଉପଲବ୍ଧ ନାହିଁ ତେବେ ସବୁ ପୋଷାକର ରଙ୍ଗ ସହ ମ୍ୟାଚ୍ କରୁଥିବା ଭଳି ୟୁନିଭର୍ସାଲ୍ ରଙ୍ଗ ଯଥା- ହ୍ୱାଇଟ୍, ସିଲ୍‌ଭର, ଗୋଲ୍ଡେନ୍ ଆଦି ବାଛନ୍ତୁ।

❖ଆଇଶ୍ୟାଡୋ ଲଗାଇବା ପୂର୍ବରୁ ପ୍ରାଇମର ଲଗାଇବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ଗ୍ଲିଟରର ସୁନ୍ଦରତା ଆହୁରି ଅଧିକ ବଢ଼ିଯାଇଥାଏ ଏବଂ ଏହା ଦୀର୍ଘ ସମୟ ପାଇଁ ମଧ୍ୟ ରହିଥାଏ।

❖ଯଦି ଆପଣ ବେସ୍ କଲର ଲଗାଇବା ପରେ ଏହାକୁ ବ୍ୟବହାର କରୁଛନ୍ତି ତେବେ ମେକ୍‌ଅପ୍ ଅପେକ୍ଷାକୃତ ଅଧିକ ଆକର୍ଷଣୀୟ ଲାଗିବ।

❖ଗ୍ଲିଟର ଆଇଶ୍ୟାଡୋ କ୍ରିମ୍ ବେସ୍ଡ୍ ବାଛିଲେ ଭଲ। ଯଦି ନ ମିଳୁଛି ତେବେ ଭେସ୍‌ଲିନ୍ କିମ୍ବା ଜେଲ୍ ଲଗାଇବା ପରେ ଏହାକୁ ଲଗାନ୍ତୁ। ଏପରି କରିବା ଦ୍ୱାରା ଗ୍ଲିଟର ବୋଳି ହୋଇ କିମ୍ବା ଛାଡିଯାଇ ମେକ୍‌ଅପ୍ ଖରାପ ହୋଇ ନ ଥାଏ ଏବଂ ଅପେକ୍ଷାକୃତ ଅଧିକ ସମୟ ମଧ୍ୟ ରହିଥାଏ।

❖ଏହାକୁ ଲଗାଇବା ଲାଗି ଗ୍ଲିଟର ଆପ୍ଲିକେଟର ବ୍ୟବହାର କରନ୍ତୁ। ପ୍ରଥମେ ସିଙ୍ଗଲ୍ କୋଟ୍ ଲଗାଇ ଦେଖନ୍ତୁ। ଠିକ୍ ଭାବେ ଲାଗିଲେ ଧୀରେ ଧୀରେ ଡବଲ କୋଟ୍ ଲଗାନ୍ତୁ।

❖ଏହି ମେକ୍‌ଅପ୍ ଛଡ଼ାଇବା ସମୟରେ କେବଳ ମୁହଁ ଧୋଇବା ପରିବର୍ତ୍ତେ କଟନ୍‌ରେ ବେବି ଅଏଲ୍ କିମ୍ବା ମେକ୍‌ଅପ୍ ରିମୁଭରରେ ଧୀରେ ଧୀରେ ପୋଛନ୍ତୁ।

❖ମନେରଖନ୍ତୁ, ପ୍ରଥମ ଥର ଲଗାଉଥିଲେ କୌଣସି ବ୍ୟୁଟି ଏକ୍ସପର୍ଟଙ୍କଠାରୁ ପରାମର୍ଶ ନିଅନ୍ତୁ। ଠିକ୍ ବ୍ରାଣ୍ଡ ତଥା କ୍ୱାଲିଟି ସମ୍ପର୍କରେ ଜାଣିବା ଦ୍ୱାରା ନା କେବଳ ଆପଣଙ୍କ ଆଖି ଆକର୍ଷଣୀୟ ଲାଗିବ ବରଂ ସୁରକ୍ଷିତ ମଧ୍ୟ ରହିବ।



# ଶୀତରେ ଶିଶୁଙ୍କ ଯତ୍ନ

**ଧୀରେ ଧୀରେ ଅନୁଭୂତ ହେଲାଣି ଶୀତ। ଆଉ ମା'ମାନଙ୍କଠାରେ ବଢୁଛି ପିଲାଙ୍କ ସ୍ୱାସ୍ଥ୍ୟ ଚିନ୍ତା। କାରଣ ବର୍ଷର ଅନ୍ୟଦିନ ତୁଳନାରେ ଏଦିନେ ଶିଶୁଙ୍କଠାରେ ଦେଖାଦେଇଥାଏ ବିଭିନ୍ନ ଥଣ୍ଡାଜନିତ ସ୍ୱାସ୍ଥ୍ୟ ସମସ୍ୟା। ଯେଉଁଥିରୁ ଶିଶୁଙ୍କୁ ରକ୍ଷା କରିବା ଲାଗି ଆବଶ୍ୟକ ବିଭିନ୍ନ ପ୍ରତିଷେଧକ ବ୍ୟବସ୍ଥା...**



**- ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ**

ଶୀତଋତୁର ସ୍ଥାନ ବର୍ଷର ୬ ଋତୁ ମଧ୍ୟରୁ ସ୍ୱତନ୍ତ୍ର। ଏହି ଋତୁ ଆଣେ ଅନେକ ପର୍ବପର୍ବାଣି ଓ ଆନନ୍ଦ ଉଲ୍ଲାସର ଦିନ, ପାଚିଲା ଧାନକ୍ଷେତ, ଅନେକ ଫଳ ପୁଷ୍ପର ସମ୍ଭାର ସମସ୍ତଙ୍କୁ ଆତ୍ମହରା କରିଥାଏ।

ଏହିଦିନେ ଭଳିକି ଭଳି ଶୀତବସ୍ତ୍ର ପିନ୍ଧି ସଭିଏଁ ଏହାର ବେଶ୍ ଆନନ୍ଦ ଉଠାନ୍ତି। ହେଲେ ଏହି ଥଣ୍ଡା ପାଗ ଶିଶୁଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ। କାରଣ ଏହିଦିନେ ପୃଥିବୀ ଦକ୍ଷିଣାୟନ ହେବା ଫଳରେ ସୂର୍ଯ୍ୟଙ୍କ ନିକଟରୁ ଆସୁଥିବା କିରଣ ପୃଥିବୀରେ ତୀର୍ଯ୍ୟକ ଭାବରେ ପଡ଼ିଥାଏ । ଫଳରେ ଭୂପୃଷ୍ଠର ଉତ୍ତାପ କମ୍ ହୋଇଥାଏ । ଉଷ୍ମ ବାୟୁରେ ଅଧିକ ଜଳୀୟ ବାଷ୍ପ ଥିବା ବେଳେ ବାୟୁ ଶୀତଳ ହେଲେ ଜଳୀୟ ବାଷ୍ପ ହ୍ରାସ ପାଏ। ଏହା ତ୍ୱଚାକୁ ଶୁଷ୍କ କରିଦିଏ । ଶୀତଳ ବାୟୁ ଭୂପୃଷ୍ଠରୁ ଊର୍ଦ୍ଧ୍ୱକୁ ଯାଏ ନାହିଁ । ତେଣୁ ଧୂଳିକଣା, ଧୂଆଁ, ଅଙ୍ଗାରକାମ୍ଳ ଭୂପୃଷ୍ଠରେ ରହିଯାଏ । କୁହୁଡ଼ି ସହ ମିଶି ଏହା ସ୍ମଗ୍ ସୃଷ୍ଟିକରେ, ଯାହାକି ଶ୍ୱାସକ୍ରିୟା ପାଇଁ ହାନିକାରକ। ବିଶେଷକରି ଏହା ଶିଶୁର ଛାତି ଭିତରକୁ ଯାଇ ଥଣ୍ଡା ଓ ଶ୍ୱାସଜନିତ ରୋଗ ସୃଷ୍ଟି କରିଥାଏ ।

**ଶୀତରେ ଶିଶୁଙ୍କଠାରେ ଦେଖାଦେଉ ଥିବା ମୁଖ୍ୟ ସମସ୍ୟା:** ଶୀତରେ ସାଧାରଣ ଶିଶୁଙ୍କ ଠାରେ ଥଣ୍ଡାଜ୍ୱର ଦେଖାଦେଇଥାଏ। ଏହା ବ୍ୟତୀତ ଇନ୍‌ଫ୍ଲୁଏଞ୍ଜା, ବ୍ରୋଙ୍କିଓଲାଇଟିସ୍, କ୍ରୁପ୍, ନିମୋନିଆ, ଟନ୍‌ସିଲାଇଟିସ୍ ଓ ଫାରିଞ୍ଜାଇଟିସ୍, ଷ୍ଟୋମାକ୍ ଫ୍ଲୁ ଏବଂ କୋଭିଡ୍-୧୯, କାନପଚା, ଆଜ୍‌ମା, ଚର୍ମରୋଗ, ଡେଙ୍ଗୁ, ମ୍ୟାଲେରିଆ, ଜିଭ ଘା', ତରଳଝାଡ଼ା(ରୋଟା ଓ ନରୋଭାଇରସ୍ ଡାଇରିଆ) ଭଳି ସମସ୍ୟା ବି କେତେକଙ୍କ ଠାରେ ଦେଖିବାକୁ ମିଳିଥାଏ।

ତେବେ ଶୀତରେ ଶିଶୁମାନଙ୍କରଠାରେ ଦେଖାଦେଉଥିବା ପ୍ରଧାନ ରୋଗ ହେଲା ଥଣ୍ଡା। ପ୍ରାୟ ୨୦୦ ପ୍ରକାର ଭୂତାଣୁ ଦ୍ୱାରା ଥଣ୍ଡାରୋଗ ହୋଇଥାଏ । ଏମାନଙ୍କ ମଧ୍ୟରୁ ରାଇନୋ(Rhino) ରେସ୍ପିରେଟରୀ ସିନ୍‌ସିଟିଆଇ ଭାଇରସ୍(R.S.V), କରୋନା ଭୂତାଣୁ, ମିଳିମିଳା ଭୂତାଣୁ ପ୍ରଧାନ। ଥଣ୍ଡା ପ୍ରଥମ ଦିନ ଜ୍ୱର ହୁଏ ଓ ନାକରୁ ତରଳ ଜଳୀୟ ପଦାର୍ଥ ନିର୍ଗତ ହୁଏ। ୩ ଦିନ ପରେ ବହଳିଆ ହୋଇଥାଏ । କମ୍ ରୋଗ ପ୍ରତିରୋଧକ ଥିବା ଶିଶୁମାନଙ୍କର ଅଧିକ ଦିନ ଦେହରେ କାଶ ଥଣ୍ଡା ଲାଗିରହେ।

- ଇନ୍‌ଫ୍ଲୁଏଞ୍ଜା ରୋଗ ଓ କୋଭିଡ୍-୧୯ ଅଧିକ ମାରାତ୍ମକ ହୋଇଥାନ୍ତି । ଲାରିଙ୍ଗୋ ଟାକିଓ ବ୍ରୋଙ୍କାଇଟିସ୍ (Laryngo teacheo Bron-chitis)ରେ ଶିଶୁର ସ୍ୱର ବଦଳିଯାଏ । କାଶ ଲାଗି ରହେ, ଅଣନିଃଶ୍ୱାସୀ ହୁଏ । ବ୍ରୋଙ୍କିଓଲାଇଟିସ୍ ହେଲେ ଶିଶୁଟି ମା'ଠାରୁ ଟାଣି କ୍ଷୀର ଖାଇପାରେ ନାହିଁ। ଅଣନିଃଶ୍ୱାସୀ ହୁଏ । ଏକ୍ଷେତ୍ରରେ ତୁରନ୍ତ ଶିଶୁକୁ ଡାକ୍ତରଖାନାରେ ରଖି ଚିକିତ୍ସା କରିବା ଜରୁରୀ।

-ନିମୋନିଆ ରୋଗ ଷ୍ଟ୍ରେପ୍ଟୋକୋକ୍‌ସ ନିଉମୋନି ବା ନିଉମୋ କୋକସ୍ ଜୀବାଣୁ ଦ୍ୱାରା ହୋଇଥାଏ । ଏଥିରେ ନିଃଶ୍ୱାସର ଗତି ବୃଦ୍ଧି ପାଏ। ନିଷ୍ୱାସନର ଗତି(ଜନ୍ମରୁ-୨ ମାସ ପର୍ଯ୍ୟନ୍ତ ଶିଶୁଙ୍କ ନିଃଶ୍ୱାସର ଗତି ପ୍ରତି ମିନିଟକୁ ୬୦ କିମ୍ବା ୬୦ରୁ ଊର୍ଦ୍ଧ୍ୱ, ୨ମାସରୁ-୧ବର୍ଷ ମଧ୍ୟରେ ଶିଶୁଙ୍କର ୫୦କିମ୍ବା ଊର୍ଦ୍ଧ୍ୱ, ୧ବର୍ଷରୁ -୫ ବର୍ଷ ଶିଶୁଙ୍କର ୪୦କିମ୍ବା ଊର୍ଦ୍ଧ୍ୱ ଏବଂ ୫ରୁ ଅଧିକ ବର୍ଷର ଶିଶୁଙ୍କର ୩୦ କିମ୍ବା ଊର୍ଦ୍ଧ୍ୱ)କୁ ମାପି ସେଥିରୁ ନିମୋନିଆ ଅଛି କି ନାହିଁ ଜାଣିହୁଏ । ନିମୋନିଆ ରୋଗ ହୋଇଥିଲେ ଶୀଘ୍ର ଡାକ୍ତରଙ୍କ ପରାମର୍ଶ ନେଇ ଡାକ୍ତରଖାନାରେ ରଖିବା ଆବଶ୍ୟକ।









**ପ୍ରତିଷେଧକ:** - ଶୀତଦିନ ଆରମ୍ଭରୁ ଶିଶୁଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷାକରିବା ଲାଗି ବହୁ ପ୍ରତିଷେଧକ ବ୍ୟବସ୍ଥା ଆପଣେଇବା ଆବଶ୍ୟକ। ନିମୋନିଆ ନ ହେବା ପାଇଁ ପିସିଭି ବା ନିଉମୋକୋକାଲ ଭାକ୍ସିନ ମିଳୁଛି । ସରକାରୀ ଡାକ୍ତରଖାନା କିମ୍ବା କୌଣସି ଶିଶୁରୋଗ ବିଶେଷଜ୍ଞଙ୍କ ନିକଟରେ ଦେଢ଼ମାସ, ଅଢ଼େଇମାସ ଓ ସାଢ଼େ ୩ ମାସ ବୟସର ଶିଶୁଙ୍କୁ ଏହି ଭାକ୍ସିନ ଦିଅନ୍ତୁ। ଏହାର ବୁଷ୍ଟର ଡୋଜ୍ ୧୫ ମାସ ବୟସରେ ଦିଆଯାଏ । ଏହା ବ୍ୟତୀତ ଫ୍ଲୁ ଏବଂ କରୋନା ପାଇଁ ମିଳୁଥିବା ପ୍ରତିଷେଧକ ଟିକା ଦିଅନ୍ତୁ।

- ଶିଶୁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଶୀତଦିନରେ କମ୍ ରହେ। ଏହାକୁ ବୃଦ୍ଧି କରିବା ଲାଗି ଲେମ୍ବୁ, କମଳା ଇତ୍ୟାଦି ଭିଟାମିନ-ସି ଯୁକ୍ତ ଖାଦ୍ୟ ଖାଇବାକୁ ଦିଅନ୍ତୁ। ଏଦିନେ ତ୍ୱଚା ଶୁଷ୍କ ନ ହେବା ଲାଗି ଅଧିକ ପାଣି ପିଇବାକୁ ଦିଅନ୍ତୁ ଏବଂ ଜୁସ୍, ସୁପ୍ ଆଦି ମଧ୍ୟ ପିଇବାକୁ ଦିଅନ୍ତୁ।

- ଏହିଦିନେ ଶୀତ ଯୋଗୁ ଶୀତବସ୍ତ୍ର ପିନ୍ଧିବା ହେତୁ ପିଲାଙ୍କ ଚର୍ମ ଉପରେ ଆଦୌ ଖରା ପଡ଼େ ନାହିଁ। ଏହାଦ୍ୱାରା ଭିଟାମିନ୍-ଡି କମ୍ ହୋଇଥାଏ। ତେଣୁ ପିଲାଙ୍କୁ ସକାଳୁ କିଛି ସମୟ ସୂର୍ଯ୍ୟାଲୋକରେ ବୁଲାବୁଲି କରାଇବା ଦରକାର।

- ତା'ଛଡ଼ା ଅନେକ ଶିଶୁ ଥଣ୍ଡା ଲାଗୁଥିବାରୁ ଏହିଦିନେ ଗାଧେଇ ନ ଥାନ୍ତି। ଏହାଦ୍ୱାରା ମଧ୍ୟ ଶିଶୁଙ୍କଠାରେ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିଥାଏ। ତେଣୁ ସେମାନଙ୍କୁ ପ୍ରତିଦିନ ଗାଧୋବାକୁ କୁହନ୍ତୁ। ବାହାରକୁ ଗଲେ ଫେରିବା ମାତ୍ରେ ହ୍ୟାଣ୍ଡୱାଶ୍ କରନ୍ତୁ। ଥଣ୍ଡା, କାଶ, ଜ୍ୱର ହୋଇଥିବା କୌଣସି ବ୍ୟକ୍ତିଙ୍କ ନିକଟକୁ ପିଲାଙ୍କୁ ଛାଡ଼ନ୍ତୁ ନାହିଁ।

- ଅନେକ ଅଭିଭାବକ ଥଣ୍ଡା ପବନ ବାଜିଲେ ପିଲାଙ୍କ ଦେହ ଖରାପ ହେବା ଡରରେ ଆଦୌ ବାହାରକୁ ଛାଡି ନ ଥାନ୍ତି। ହେଲେ ଏହାଦ୍ୱାରା ଅଧିକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ତେଣୁ ପିଲାଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ଲାଗି କିଛି ସମୟ ଖରାରେ ଖେଳକୁଦ କରିବାକୁ ଛାଡନ୍ତୁ।

- ତା'ଛଡା ସମ୍ପୂର୍ଣ୍ଣ ଘରେ ରହିବା ଅବା ସ୍କୁଲରେ କୋଠରି ଭିତରେ ଅନେକ ପିଲା ଏକାଠି ରହିବା ଫଳରେ ରୋଗ ସଂକ୍ରମଣର ଅଧିକ ଭୟ ଥାଏ। କାରଣ ଶୀତରେ ଭୂତାଣୁମାନଙ୍କର ସୃଷ୍ଟି ଅଧିକ ହୁଏ । ଏମାନେ ଅଧିକ ଦିନ ବଞ୍ଚିଥାନ୍ତି। ଭୂତାଣୁ ଉପରେ ଆଣ୍ଟିବାୟୋଟିକ୍‌ର ପ୍ରଭାବ ନାହିଁ । ତେଣୁ ଭୂତାଣୁ ଜ୍ୱରରେ ଆଣ୍ଟିବାଓଟିକ୍ ଖାଇବା ଠିକ୍ ନୁହେଁ । ପ୍ରତିଷେଧକ ଟିକା ହିଁ ପ୍ରକୃତ ରକ୍ଷକ।

- ଶିଶୁରୋଗ ବିଶେଷଜ୍ଞ, ଲିଙ୍ଗରାଜ ବିହାର, ପୋଖରୀପୁଟ,ଭୁବନେଶ୍ୱର

# ଘର ସଜାଉଥିଲେ

**ଘର ସଜାଇବା ପାଇଁ ସବୁବେଳେ ଯେ ନୂଆ ଦାମୀ ସାମଗ୍ରୀ କିଣିବେ ତା' ନୁହେଁ, ବରଂ ଅଳ୍ପ ଖର୍ଚ୍ଚରେ ବି ଆପଣଙ୍କ ଘରକୁ ଦେଇ ପାରିବ ଆକର୍ଷଣୀୟ ଲୁକ୍...**



★ଘର ସଜାଇବା ଲାଗି ୱାଲ୍ ହ୍ୟାଙ୍ଗିଙ୍ଗ୍ ବେଷ୍ଟ ଆଇଡିଆ। ଏଥିପାଇଁ ଲଗ ବିଭିନ୍ନ ପେଣ୍ଟିଂ ଲଗାଇପାରିବେ। ଘରେ ଥିବା ପୁରୁଣା ଫଟୋ ଫ୍ରେମ୍‌ରେ କୌଣସି ସୁନ୍ଦର ପ୍ରିଣ୍ଟେଡ୍ ୱାଲ୍‌ପେପର୍, କ୍ୟାଲେଣ୍ଡର ଆଦି କାଟି ମଧ୍ୟ ପୁନର୍ବାର ବ୍ୟବହାର କରିପାରିବେ। ନିଜେ ମଧ୍ୟ ପେଣ୍ଟିଂ କିମ୍ବା ପ୍ୟାଚ୍ ୱାର୍କ କରି କାନ୍ଥରେ ଲଗାଇ ପାରିବେ।

★ଆପଣଙ୍କର ଆର୍ଟ କିମ୍ବା କ୍ରାଫ୍ଟ ୱାର୍କରେ ରୁଚି ଥିଲେ ଥର୍ମୋକୁଲ୍ କିମ୍ବା ଆଇସ୍‌କ୍ରିମ୍ ଷ୍ଟିକ୍‌ରେ ୱାଲ୍ ହ୍ୟାଙ୍ଗିଙ୍ଗ, ଫ୍ଲାୱାର ଭେସ୍ ପ୍ରସ୍ତୁତ କରି ସେଥିରେ ସୁନ୍ଦର ରଙ୍ଗର ଫୁଲ ରଖି ପାରିବେ। ଏହା ମଧ୍ୟ ଆପଣଙ୍କ ଘରର ଇଣ୍ଟେରିଅରକୁ ଅଧିକ ସୁନ୍ଦର କରିବ।

★ଡ୍ରଇଂ ରୁମ୍, ବଡ ହଲ୍ କିମ୍ବା ବାରଣ୍ଡାକୁ ରୟାଲ୍ ଲୁକ୍ ଦେବାକୁ ଚାହୁଁଥିଲେ ନିଜର କୌଣସି ସୁନ୍ଦର ଶାଢି କିମ୍ବା ଏମ୍ବ୍ରଏଡୋରି ବୁଣା ହୋଇଥିବା ଅବା ଅନ୍ୟ କାମ ହୋଇଥିବା କପଡାକୁ ବଡ ଓ ଲମ୍ବା କାର୍ଡବୋର୍ଡ ଉପରେ ଲଗାଇ କାନ୍ଥରେ ଟଙ୍ଗାଇ ପାରିବେ।

★ଘର ସଜାଇବା ଲାଗି ବିଭିନ୍ନ ପ୍ରକାରର ଟାଇଲ୍ ବ୍ୟବହାର କରିପାରିବେ। ଏହା ୱାନ୍ ଟାଇମ୍ ଇନ୍‌ଭେଷ୍ଟମେଣ୍ଟ। ହେଲେ ଆହୁରି କମ୍ ଖର୍ଚ୍ଚରେ କାନ୍ଥ ସଜାଇବାକୁ ଚାହୁଁଥିଲେ ମାର୍କେଟ୍‌ରେ ମିଳୁଥିବା ବିଭିନ୍ନ ପ୍ରକାରର ୱାଲ୍ ପେପର୍ ଲଗାଇ ପାରିବେ।

ଖାଦ୍ୟରୁଚି

# ଦହି-ଚଣା ତରକାରି

**ଆବଶ୍ୟକ ସାମଗ୍ରୀ:** ୧ କପ୍ ବତୁରାଯାଇଥିବା ବୁଟ(କଳାଚଣା), ୧/୨ ଟି ସ୍ପୁନ୍ ଜିରା, ୧/୪ ଟି ସ୍ପୁନ୍ ସୋରିଷ, ୨ଟି ଲେଖାଏଁ ତେଜପତ୍ର ଓ ଶୁଖିଲା ଲଙ୍କା, ଚିମୁଟାଏ ହେଙ୍ଗୁ, ୧ ଟି ସ୍ପୁନ୍ ଅଦା କଞ୍ଚାଲଙ୍କା ବଟା, ୧ ଟି ସ୍ପୁନ୍ ଲାଲ୍ ଲଙ୍କା ପାଉଡର, ୧ କପ୍ ଦହି, ୩ ଟେବଲ୍ ସ୍ପୁନ୍ ବେସନ, ୪ ଟେବଲ୍ ସ୍ପୁନ୍ କଟା ଧନିଆ, ୨ ଟେବୁଲ ସ୍ପୁନ୍ ତେଲ, ଲୁଣ ସ୍ୱାଦାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପ୍ରେସର କୁକରରେ ତେଲ ଗରମକରି ସେଥିରେ ଜିରା, ସୋରିଷ, ତେଜପତ୍ର, ଶୁଖିଲା ଲଙ୍କା ଏବଂ ହେଙ୍ଗୁ ପକାଇ ଗୋଳାନ୍ତୁ। ଏହା ଫୁଟିବା ଆରମ୍ଭ ହେଲେ ବତୁରା ବୁଟ, ଅଦା ଲଙ୍କା ପେଷ୍ଟ, ଲାଲ୍‌ଲଙ୍କା ଗୁଣ୍ଡ, ହଳଦୀଗୁଣ୍ଡ, ଲୁଣ ଏବଂ ୨ କପ୍ ପାଣି ଦିଅନ୍ତୁ। ବର୍ତ୍ତମାନ କୁକର ବନ୍ଦ କରି ୩ଟି ହ୍ୱିସିଲ୍ ହେବା ଯାଏ ରଖନ୍ତୁ। କିଛି ସମୟ ସେହିପରି ଛାଡ଼ି ଦିଅନ୍ତୁ। କୁକରରୁ ବାମ୍ଫ ବାହାରିଯିବା ପରେ ଢାଙ୍କୁଣି ଖୋଲନ୍ତୁ। ଦହି ଏବଂ ବେସନକୁ ଭଲଭାବେ ମିଶାଇ କୁକରରେ ଢାଳନ୍ତୁ। ଚୁଲା ଲଗାଇ ଏହାକୁ ଭଲ ଭାବେ ଘାଣ୍ଟନ୍ତୁ। ନଚେତ୍ ଦହି ଏବଂ ବେସନ ଅଲଗା ହୋଇଯିବା ଫଳରେ ତରକାରିର ଟେଷ୍ଟ ବିଗିଡ଼ିଯାଇପାରେ। ୪ରୁ ୫ମିନିଟ୍ ଗୋଳାଇବା ପରେ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଦହି ଚଣା ତରକାରି। ଏହାକୁ ଖାଇବାର ମଜା ନିଅନ୍ତୁ।



# ନ୍ୟୁଜିଲାଣ୍ଡ ଲାଗି ଇତିହାସ ରଚିବା ସୁଯୋଗ

**ଟି୨୦ ବିଶ୍ୱକପ୍**

ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ଶେଷ ହୋଇଛି। ଏବେ ଆସୁଛି ନକ୍‌ଆଉଟ ପର୍ଯ୍ୟାୟ। ସୁପର-୧୨ରେ ଭଲ ପ୍ରଦର୍ଶନ କରି ପଏଣ୍ଟ ଭିତ୍ତିରେ ୪ଟି ଦଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗ୍ରୁପ୍ 'ଏ'ରୁ ଆସିଛନ୍ତି ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ଏବଂ ଗ୍ରୁପ୍ 'ବି'ରୁ ଭାରତ ଓ ପାକିସ୍ତାନ। ରେକର୍ଡ ଅନୁସାରେ ପୂର୍ବରୁ ଭାରତ, ପାକିସ୍ତାନ ଓ ଇଂଲଣ୍ଡ ଥରେ ଲେଖାଏ ଚାମ୍ପିୟନ ହୋଇସାରିଛନ୍ତି। ଯଦି ଏହି ୩ ଦଳ ମଧ୍ୟରୁ କେଉଁ ଦଳ ଟାଇଟଲ ବିଜୟୀ ହେବ ତେବେ ୱେଷ୍ଟଇଣ୍ଡିଜ ରେକର୍ଡ ସହ ସମକକ୍ଷ ହେବ। କାରଣ ଟୁର୍ନାମେଣ୍ଟ ଇତିହାସରେ ଏକମାତ୍ର ଦଳ ଭାବେ ୱେଷ୍ଟଇଣ୍ଡିଜ ୨୦୧୨ ଓ ୨୦୧୬ରେ ୨ ଥର ଚାମ୍ପିୟନ ହୋଇଛି। ମାତ୍ର ଦୁର୍ଭାଗ୍ୟ ଯେ ଏହି ଦଳ ଏଥର ସୁପର-୧୨ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲା। ଭାରତ ୨୦୦୭, ପାକିସ୍ତାନ ୨୦୦୯ ଓ ଇଂଲଣ୍ଡ ୨୦୧୦ରେ ଚାମ୍ପିୟନ ହୋଇଥିଲେ।



ନ୍ୟୁଜିଲାଣ୍ଡ କ୍ରିକେଟ ଦଳ।

ବାକି ରହିଲା ନ୍ୟୁଜିଲାଣ୍ଡ। ଏହି ଦଳ କେବେହେଲେ ଟ୍ରଫି ଜିତିବାର ସୌଭାଗ୍ୟ ପାଇନାହିଁ। ତେଣୁ ଏଥର ଦଳ ନିକଟରେ ଇତିହାସ ରଚିବାର ସୁଯୋଗ ରହିଛି। ନ୍ୟୁଜିଲାଣ୍ଡ ଏପର୍ଯ୍ୟନ୍ତ ପ୍ରତିଯୋଗିତାର ସମସ୍ତ ସଂସ୍କରଣରେ ଭାଗ ନେଇଆସିଥିଲେ ହେଁ ୨୦୨୧ରେ ସର୍ବାଧିକ ରନରଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏହି ସଂସ୍କରଣରେ ଦଳ ଭଲ ପ୍ରଦର୍ଶନ କରିଥିଲେ ହେଁ ଫାଇନାଲ ହର୍ଡଲ୍ସ ଅତିକ୍ରମ କରିପାରି ନ ଥିଲା। ଗତ ନଭେମ୍ବର ୧୪ରେ ଦୁବାଇରେ ଅନୁଷ୍ଠିତ ଫାଇନାଲରେ ନ୍ୟୁଜିଲାଣ୍ଡ ୨୦ ଓଭରରେ ୪ ଉଇକେଟ ହରାଇ ୧୭୨ ରନ୍ କରିଥିବାବେଳେ ଅଷ୍ଟ୍ରେଲିଆ ୧୮.୫ ଓଭରରେ ମାତ୍ର ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ଅତିକ୍ରମ କରିଯାଇଥିଲା। ଫଳରେ କେନ୍ ୱିଲିୟମସନ୍‌ଙ୍କ ଦଳର ଟ୍ରଫି ଜିତିବା ଆଶା ଅଧୁରା ରହିଯାଇଥିଲା। ଦଳ ୨ ଥର ୨୦୦୭ ଓ ୨୦୧୬ରେ ସେମିଫାଇନାଲରୁ ବିଦାୟ ନେଇଥିଲା। ଅନ୍ୟ ସମସ୍ତ ସଂସ୍କରଣରେ ଦଳର ଅଭିଯାନ ରାଉଣ୍ଡ-୨ରୁ ଶେଷ ହୋଇଥିଲା। ତେଣୁ ଏଥର ଦଳ ନିକଟରେ ପୂର୍ବ ରେକର୍ଡରେ ଉନ୍ନତି ଆଣିବାର ସୁଯୋଗ ରହିଛି।

## ୩ ବିଜୟ, ୧ ପରାଜୟ

ଚଳିତ ସଂସ୍କରଣରେ ର୍‌ୟାଙ୍କିଙ୍ଗ୍ ଦୃଷ୍ଟିରୁ ନ୍ୟୁଜିଲାଣ୍ଡ ସିଧାସଳଖ ସୁପର-୧୨ ଖେଳିଥିଲା। ସିଡ୍‌ନୀରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ତଥା ଘରୋଇ ଅଷ୍ଟ୍ରେଲିଆକୁ ୮୯ ରନ୍‌ରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଯାଇଥିବାବେଳେ ପରବର୍ତ୍ତୀ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୬୫ ରନ୍‌ରେ ହରାଇ ଆଗକୁ ବଢ଼ିଥିଲା। ମାତ୍ର ଏହାର ବିଜୟରେ ବ୍ରେକ୍ ଲଗାଇଥିଲା ଇଂଲଣ୍ଡ। ବ୍ରିସ୍‌ବେନଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଇଂଲଣ୍ଡଠାରୁ ୨୦ ରନ୍‌ରେ ହାରିଯାଇଥିଲା ନ୍ୟୁଜିଲାଣ୍ଡ। ତେବେ ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ୩୫ ରନ୍‌ରେ ହରାଇ ଏହି ଦଳ ଗ୍ରୁପ୍ ଟପ୍ପର ଭାବେ ସେମିଫାଇନାଲରେ ପହଞ୍ଚିଥିଲା। ଆସନ୍ତା ୯ ତାରିଖରେ ନ୍ୟୁଜିଲାଣ୍ଡ ଗ୍ରୁପ୍ 'ବି'ର ଦ୍ୱିତୀୟ ସ୍ଥାନୀୟ ଦଳ ପାକିସ୍ତାନକୁ ଭେଟିବ। ପାକିସ୍ତାନ ବାଧା ଅତିକ୍ରମ କରିପାରିଲେ ଦଳ ଦ୍ୱିତୀୟ ଥର ପାଇଁ ପ୍ରତିଯୋଗିତାର ଫାଇନାଲ ଖେଳିବ।

## ନଜରରେ ଗ୍ଲେନ୍ ଫିଲିପ୍ସ

ଏଥର ନ୍ୟୁଜିଲାଣ୍ଡକୁ ସେମିଫାଇନାଲରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ବ୍ୟାଟର ଗ୍ଲେନ୍ ଫିଲିପ୍ସ। ସେ ଗୋଟିଏ ଶତକ ହାସଲ କରିବା ସହ ୪ ମ୍ୟାଚ୍‌ରୁ ୪୮.୭୫ ଆଭରେଜ୍‌ରେ ଦଳ ପକ୍ଷରୁ ସର୍ବାଧିକ ୧୯୫ ରନ୍ ସଂଗ୍ରହ କରିଛନ୍ତି। ତାଙ୍କ ଷ୍ଟ୍ରାଇକ୍ ହାର ରହିଛି ୧୬୩.୮୬। ସେହିପରି ଡେଭନ କନ୍‌ୱେ ୪୧.୩୩ ଆଭରେଜ୍‌ରେ ୧୨୪ ଓ ୱିଲିୟମସନ ୩୩ ଆଭରେଜ୍‌ରେ ୧୩୨ ରନ୍ କରି ପଛରେ ରହିଛନ୍ତି। ବୋଲିଂରେ ମିଚେଲ ସାଣ୍ଟନର ସର୍ବାଧିକ ୮ଟି, ଟିମ୍ ସୌଦୀ ଓ ଲୋକି ଫର୍ଗୁସନ ୭ଟି ଲେଖାଏ ଏବଂ ଟ୍ରେଣ୍ଟ ବୋଲ୍ଟ ଓ ଇଶ୍ ସୋଧୀ ୬ଟି ଲେଖାଏ ଉଇକେଟ ନେଇ ନ୍ୟୁଜିଲାଣ୍ଡ ସଫଳତାରେ ଭାଗୀଦାର ରହିଛନ୍ତି।

# ପାକିସ୍ତାନ ପାଇଁ କଡ଼ା ପରୀକ୍ଷା

ଟୁର୍ନାମେଣ୍ଟରୁ ଏଲିମିନେଟ୍ ହେବାର ଦ୍ୱାରଦେଶରୁ ଅପ୍ରତ୍ୟାଶିତ ଭାବେ ପ୍ରତ୍ୟାବର୍ତ୍ତନ କରିଥିଲା ପାକିସ୍ତାନ। ନେଦରଲାଣ୍ଡ୍ସ ନିକଟରୁ ଦକ୍ଷିଣ ଆଫ୍ରିକା ପରାଜିତ ହୋଇ ନ ଥିଲେ ଏବେ ସେମିଫାଇନାଲ ଲାଇନ୍‌ଅପ୍ ଭିନ୍ନ ଧରଣର ହୋଇଥାନ୍ତା। ଦକ୍ଷିଣ ଆଫ୍ରିକା ଏହାର କ୍ରିକେଟ ଇତିହାସରେ ସବୁଠାରୁ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ନେଦରଲାଣ୍ଡ୍ସଠାରୁ ମାତ୍ର ୧୩ ରନ୍‌ରେ ହାରିଯିବା ଦ୍ୱାରା ବିଦାୟ ପଥରେ ଥିବା ପାକିସ୍ତାନ ପାଇଁ ସୁଯୋଗ ସୃଷ୍ଟି ହୋଇଥିଲା। ଶେଷ ଗ୍ରୁପ୍ ମ୍ୟାଚ୍‌ରେ ଦଳକୁ ଭାଗ୍ୟ ମଧ୍ୟ ସାଥ୍ ଦେଇଥିଲା। ପ୍ରତିଦ୍ୱନ୍ଦ୍ୱୀ ବାଂଲାଦେଶ ଦକ୍ଷତାଠାରୁ ନିମ୍ନ ଧରଣର ପ୍ରଦର୍ଶନ କରିଥିଲା। ସେମିଫାଇନାଲରେ ପହଞ୍ଚି ଯାଇଥିବାରୁ ପାକିସ୍ତାନ ପାଇଁ ଏବେ ଶ୍ରେଷ୍ଠ ପ୍ରଦର୍ଶନ ଦେବାର ସମୟ ଆସିଛି। ଭାରତଠାରୁ ୪ ଉଇକେଟରେ ଏବଂ ଜିମ୍ବାୱେ ନିକଟରୁ ୧ ରନ୍‌ରେ ହାରିଯିବା ପରେ ପାକିସ୍ତାନର ଆଶା ମଉଳିଥିଲା। ମାତ୍ର ପରବର୍ତ୍ତୀ ୩ ମ୍ୟାଚ୍‌ରେ ଯଥାକ୍ରମେ ନେଦରଲାଣ୍ଡ୍ସ, ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶକୁ ହରାଇ ଦଳ ବଡ଼ ମୁକାବିଲାରେ ପହଞ୍ଚିଯାଇଛି। ଟୁର୍ନାମେଣ୍ଟର ଅନ୍ୟତମ ସଫଳ ଦଳ ହେଉଛି ପାକିସ୍ତାନ। ଏହି ଦଳ ୨୦୦୭ ପ୍ରଥମ ସଂସ୍କରଣରେ ଭାରତଠାରୁ ହାରି ରନରଅପ୍ ହୋଇଥିଲେ ହେଁ ପରବର୍ତ୍ତୀ ୨୦୦୯ ଦ୍ୱିତୀୟ ସଂସ୍କରଣରେ ଚାମ୍ପିୟନ ହେବାର ସୌଭାଗ୍ୟ ପାଇଥିଲା। କେବଳ ସେତିକି ନୁହେଁ ଏହି ଦଳ ୨୦୧୦, ୨୦୧୨ ଓ ୨୦୨୧ରେ ସେମିଫାଇନାଲ ମଧ୍ୟ ଖେଳିଥିଲା।

ଅଧିନାୟକ ବାବର ଆଜମଙ୍କ ବିଫଳତା ଦଳକୁ ଚିନ୍ତାରେ ପକାଇଛି। ବାବର ୫ଟି ମ୍ୟାଚ୍ ଖେଳି ଏପର୍ଯ୍ୟନ୍ତ ମାତ୍ର ୭.୮୦ ଆଭରେଜ୍‌ରେ ୩୯ ରନ୍ କରିପାରିଛନ୍ତି। ଅନ୍ୟତମ ଓପ୍‌ନର ମହମ୍ମଦ ରିଜ୍‌ୱାନ ମଧ୍ୟ ୨୦.୬୦ ଆଭରେଜ୍‌ରେ ୧୦୩ ରନ୍ କରିପାରିଛନ୍ତି। ଶାନ୍ ମାସୁଦ ସର୍ବାଧିକ ୧୩୪ ରନ୍ ସଂଗ୍ରହ କରିଛନ୍ତି। ଇଫ୍‌ତିକାର ଅହମଦ ଓ ଶଦାବ ଖାଁ ମଧ୍ୟ ଭଲ ଯୋଗଦାନ ଦେଇଛନ୍ତି। ବୋଲିଂରେ ଶଦାବ ସର୍ବାଧିକ ୧୦, ଶାହିନ ଶାହା ଆଫ୍ରିଦୀ ୮, ମହମ୍ମଦ ୱାସିମ ୭ ଓ ହାରିସ ରୌଫ ୬ଟି ଉଇକେଟ ନେଇଛନ୍ତି। ତେଣୁ ଆଗାମୀ ମ୍ୟାଚ୍‌ରେ ଟପ୍ ଅର୍ଡର କ୍ଲିକ୍ କରିବା ସହ ପାକିସ୍ତାନକୁ ଦଳଗତ ପ୍ରଦର୍ଶନ ଦେବାକୁ ହେବ। ଗ୍ରୁପ୍ ପର୍ଯ୍ୟାୟ ଅପେକ୍ଷା ଏହି ଦଳ ନକ୍‌ଆଉଟ ମ୍ୟାଚ୍‌ଗୁଡ଼ିକରେ ବିପଜ୍ଜନକ ସାବ୍ୟସ୍ତ ହୋଇଥିବା ଇତିହାସ ରହିଛି। ତେଣୁ ନ୍ୟୁଜିଲାଣ୍ଡକୁ ଆଗାମୀ ମ୍ୟାଚ୍ ସତର୍କତାର ସହ ଖେଳିବାକୁ ହେବ।



ଅଭ୍ୟାସ ଅବସରରେ ବାବର ଆଜମ।

# କୋହଲି ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍

ଦୁବାଇ, ୭।୧୧(ପି.ଟି.)

ଷ୍ଟାର ବ୍ୟାଟର ବିରାଟ କୋହଲି ସୋମବାର ଅକ୍ଟୋବର ମାସ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। ଅଷ୍ଟ୍ରେଲିଆରେ ଚାଲିଥିବା ଟି୨୦ ବିଶ୍ୱକପ୍‌ରେ ତାଙ୍କର ପ୍ରଭାବୀ ପ୍ରଦର୍ଶନ ଯୋଗୁ ଭାରତ ସେମିଫାଇନାଲରେ ପ୍ରବେଶ କରିପାରିଛି। ମହିଳା ବିଭାଗରେ ପାକିସ୍ତାନର ଭେଟେରାନ ଅଲ୍‌ରାଉଣ୍ଡର ନିଦା ଦାର୍ ପ୍ଲେୟର ଅଫ୍ ଦି ମନ୍ଥ୍ ସାବ୍ୟସ୍ତ ହୋଇଛନ୍ତି। ଏସିଆ କପ୍ ଅଭିଯାନରେ ତାଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା। ଦାର୍ ପୁରସ୍କାର ଦୌଡ଼ରେ ଜେମିମା ରୋଡ୍ରିଗୁଏଜ୍ ଓ ଦୀପ୍ତି ଶର୍ମାଙ୍କୁ ପଛରେ ପକାଇ ଦେଇଥିଲେ। ଭାରତର ଏହି ଦୁଇ ଖେଳାଳିଙ୍କର ମଧ୍ୟ ଏସିଆ କପ୍‌ରେ ଭଲ ପ୍ରଦର୍ଶନ ରହିଥିଲା। ବିଶ୍ୱସ୍ତରରେ ମିଡିଆ ପ୍ରତିନିଧି, ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇଥିବା ଖେଳାଳି, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଓ ପଞ୍ଜୀକୃତ ଖେଳପ୍ରେମୀମାନଙ୍କ ଭୋଟ୍ ଜରିଆରେ ବିଜେତାଙ୍କୁ ବଛାଯାଇଥିଲା। ପ୍ରଥମଥର ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଥିବା କୋହଲି ଅକ୍ଟୋବରରେ ୨୦୫ ରନ୍ ସ୍କୋର କରିଛନ୍ତି। ସିଡ୍‌ନୀଠାରେ ନେଦରଲାଣ୍ଡ୍ସ ବିପକ୍ଷରେ ସେ ଏକ ଚମତ୍କାର ଅର୍ଦ୍ଧଶତକ ହାସଲ କରିଥିଲେ। ଏମ୍‌ସିଜିଠାରେ ପାକିସ୍ତାନ ବିପକ୍ଷ ବିଜୟ ମ୍ୟାଚ୍‌ରେ ସେ ଏକ ସ୍ମରଣୀୟ ଇନିଂସ ଖେଳିଥିଲେ। ପୁରୁଷ ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଦୌଡ଼ରେ ଅନ୍ୟ ଯେଉଁ ଖେଳାଳି ଥିଲେ ସେମାନେ ହେଲେ ଦକ୍ଷିଣ ଆଫ୍ରିକୀୟ ଫିନିଶର ଡେଭିଡ୍ ମିଲର ଓ ଫର୍ମରେ ରହିଥିବା ଜିମ୍ବାୱେର ସିକନ୍ଦର ରାଜା। ଟି୨୦ ବିଶ୍ୱକପ୍‌ରେ ସେମାନଙ୍କର ଦଳ ପାଇଁ ବିଶେଷ ଅବଦାନ ରହିଥିଲା। ଅନ୍ୟପକ୍ଷରେ ବାଂଲାଦେଶରେ ଅନୁଷ୍ଠିତ ମହିଳା ଏସିଆ କପ୍‌ରେ ପାକିସ୍ତାନର ସେମିଫାଇନାଲ ପ୍ରବେଶରେ ଦାର୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା।


ବିରାଟ କୋହଲି

# ୩ ବର୍ଗରେ ରାଜ୍ୟ ଚେସ୍

ଭୁବନେଶ୍ୱର, ୭।୧୧
(କ୍ରୀଡ଼ା ପ୍ରତିନିଧି)

ଆସନ୍ତା ୧୧ରୁ ୧୬ ତାରିଖ ମଧ୍ୟରେ ୩ଟି ବର୍ଗରେ ରାଜ୍ୟ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। କୋଭିଡ୍-୧୯ଯୋଗୁ ଦୀର୍ଘଦିନର ବ୍ରେକ୍ ପରେ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ, ମାଷ୍ଟର୍ସ ଚେସ୍ ଫାଉଣ୍ଡେଶନ ଏବଂ ବେଟି ବଚାଓ ଓ ବେଟି ପଢ଼ାଓ, ଦେଶ୍‌କୋ ଆଗେ ବଢାଓ ଅନୁଷ୍ଠାନର ମିଳିତ ଉଦ୍ୟମରେ ଏହି ପ୍ରତିଯୋଗିତା ଆୟୋଜନ ହେବ। ପଟିଆସ୍ଥିତ ମଧୁସୂଦନ ଦେବ ଡିଗ୍ରୀ କଲେଜରେ ପ୍ରଥମେ ୧୫ ବର୍ଷରୁ କମ୍ ବାଳିକା/ବାଳକ ଚାମ୍ପିୟନଶିପ୍ ୧୧ ଓ ୧୨ ତାରିଖରେ ଅନୁଷ୍ଠିତ ହେବ। ଏହାପରେ ୧୩ ବର୍ଷରୁ କମ୍ ବାଳିକା ଓ ବାଳକ ପ୍ରତିଯୋଗିତା ୧୩ ଓ ୧୪ରେ ଏବଂ ରାଜ୍ୟ ମହିଳା ଚେସ୍ ଚାମ୍ପିୟନଶିପ୍ ୧୫ ଓ ୧୬ ତାରିଖରେ ଆୟୋଜନ ହେବ। ଏହି ପ୍ରତିଯୋଗିତାଗୁଡ଼ିକରୁ ପ୍ରଦର୍ଶନ ଭିତ୍ତିରେ ଜାତୀୟ ଚେସ୍ ପାଇଁ ଖେଳାଳି ମନୋନୀତ ହେବେ। ୧୫ ବର୍ଷରୁ କମ୍ ବର୍ଗରେ ଜାତୀୟ ପ୍ରତିଯୋଗିତା ଦିଲ୍ଲୀରେ ନଭେମ୍ବର ୨୮ରୁ ଡିସେମ୍ବର ୬, ୧୩ ବର୍ଷରୁ କମ୍ ପାଇଁ ପୁଡୁଚେରୀରେ ଡିସେମ୍ବର ୧୦ରୁ ୧୮ ଏବଂ ମହିଳା ଚେସ୍ ପାଇଁ ଜାତୀୟ ଟୁର୍ନାମେଣ୍ଟ କୋହ୍ଲାପୁରରେ ଡିସେମ୍ବର ୨୬ରୁ ଜାନୁୟାରୀ ୫ ପର୍ଯ୍ୟନ୍ତ ହେବ। ପ୍ରତି ବର୍ଗର ପ୍ରତିଯୋଗିତା ପାଇଁ ଏଣ୍ଟ୍ରି ଫି' ୩୦୦ ଟଙ୍କା ରଖାଯାଇଛି। ଖେଳାଳିମାନେ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ମାଷ୍ଟର ଚେସ୍ ଫାଉଣ୍ଡେଶନର ସମ୍ପାଦକ ସନ୍ତୋଷ ମହାପାତ୍ର ପ୍ରମୁଖଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।




# ଜାମିନ ମିଳିଲାନି, ଗୁଣତିଲକା ସସ୍‌ପେଣ୍ଡ

ସିଡ୍‌ନୀ/କଲମ୍ବୋ, ୭।୧୧(ପି.ଟି.)

ଶ୍ରୀଲଙ୍କାର ଦନୁଷ୍କା ଗୁଣତିଲକାଙ୍କ ଜାମିନ ଆବେଦନକୁ ସିଡ୍‌ନୀର ଏକ କୋର୍ଟ ଖାରଜ କରିଦେଇଛନ୍ତି। ଅନ୍ୟପଟେ ଦେଶର କ୍ରିକେଟ୍ ବୋର୍ଡ (ଏସ୍‌ଏଲ୍‌ସି) ମଧ୍ୟ ଗୁଣତିଲକାଙ୍କୁ କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରୁ ତୁରନ୍ତ ସସ୍‌ପେଣ୍ଡ କରିଛି। ଅଷ୍ଟ୍ରେଲିଆରୁ ଶ୍ରୀଲଙ୍କା କ୍ରିକେଟ୍ ଦଳର ପ୍ରସ୍ଥାନ ପୂର୍ବରୁ ଜଣେ ମହିଳାଙ୍କୁ ଯୌନଶୋଷଣ କରିଥିବା ଅଭିଯୋଗରେ ପୋଲିସ ୩୧ ବର୍ଷୀୟ ଗୁଣତିଲକାଙ୍କୁ ରବିବାର ପ୍ରତ୍ୟୁଷରେ ଗିରଫ କରିଥିଲା। ବର୍ତ୍ତମାନ ସେ ସରେ ହିଲ୍ସସ୍ଥିତ ଏକ ବନ୍ଦୀଶାଳାରେ ଅଛନ୍ତି। ଭିଡିଓ ଲିଙ୍କ୍ ଜରିଆରେ ତାଙ୍କର ଡାଓନିଂ ସେଣ୍ଟର ଲୋକାଲ କୋର୍ଟରେ ଶୁଣାଣି ହୋଇଥିଲା। 'ସିଡ୍‌ନୀ ମର୍ନିଂ ହେରାଲ୍ଡ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ, ଭର୍ଚୁଆଲ ଉପସ୍ଥିତିରେ ଶୁଣାଣି ବେଳେ ଗୁଣତିଲକା ଏକ ଧୂସର ରଙ୍ଗ ଟି-ଶର୍ଟ ଓ ନୀଳରଙ୍ଗର ଜିନ୍ସ ପରିଧାନ କରିଥିଲେ। ଶୁଣାଣି ପରେ ମାଜିଷ୍ଟ୍ରେଟ୍ ରବର୍ଟ ୱିଲିୟମ୍ସ ଜାମିନ ଆବେଦନକୁ ଖାରଜ କରିଥିବା ତାଙ୍କ ଓକିଲ ଆନନ୍ଦ ଅମରନାଥ ପ୍ରକାଶ କରିଛନ୍ତି। ଶନିବାର ଟି୨୦ ବିଶ୍ୱକପ୍‌ରୁ ବାଦ୍ ପଡ଼ିବା ପରେ ଶ୍ରୀଲଙ୍କା ଟିମ୍ ଗୁଣତିଲକାଙ୍କୁ ଛାଡ଼ି ଅଷ୍ଟ୍ରେଲିଆରୁ ପ୍ରସ୍ଥାନ କରିଛି। ହେଲେ ଦଳର କେତେଜଣ ଅଫିସିଆଲ ସେମାନଙ୍କ ସହ ଫେରିନାହାନ୍ତି। ଅନ୍ୟପକ୍ଷରେ କଲମ୍ବୋରେ ଗୁଣତିଲକାଙ୍କୁ ତୁରନ୍ତ ସସ୍‌ପେଣ୍ଡ କରି ଘଟଣାର ତଦନ୍ତ ପାଇଁ ଦେଶର ସରକାର ଶ୍ରୀଲଙ୍କା କ୍ରିକେଟ ବୋର୍ଡ (ଏସ୍‌ଏଲ୍‌ସି)କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ଏଲ୍‌ସିର କାର୍ଯ୍ୟନିର୍ବାହୀ କମିଟି ତୁରନ୍ତ ଦନୁଷ୍କାଙ୍କୁ କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରୁ ସସ୍‌ପେଣ୍ଡ କରିବା ସହ ଖେଳାଳି ଚୟନ ବେଳେ ତାଙ୍କ ମ୍ୟାଚ୍‌ରେ ବିନା କୌଣସି ରନ୍‌ରେ ଆଉଟ ହୋଇଥିଲେ। ପରେ ଏକ ଇଞ୍ଜୁରି ଯୋଗୁ ସେ ଟୁର୍ନାମେଣ୍ଟରେ ଦଳର ଅବଶିଷ୍ଟ ମ୍ୟାଚ୍‌ରୁ ବାଦ୍ ପଡ଼ିଥିଲେ। ସ୍ଥାନୀୟ ଏକ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଗୁଣତିଲକା ଓ ଜଣେ ମହିଳା କିଛିଦିନ ଧରି ସମ୍ପର୍କରେ ଥିଲେ। ଅନ୍‌ଲାଇନ ଡେଟିଂ ଆପ୍ ଜରିଆରେ ସେମାନଙ୍କର ଯୋଗାଯୋଗ ସ୍ଥାପନ ହୋଇଥିଲା। ଗୁଣତିଲକା ନାମ ବିଚାରକୁ ନ ନେବା ଲାଗି ନିଷ୍ପତ୍ତି ନେଇଛି। ଖେଳାଳି ଜଣକ ଦୋଷୀସାବ୍ୟସ୍ତ ହେଲେ ତାଙ୍କୁ ଦଣ୍ଡିତ କରାଯିବ ବୋଲି କ୍ରିକେଟ୍ ବୋର୍ଡ କହିଛି। ସୂଚନାଯୋଗ୍ୟ, ବାମହାତୀ ବ୍ୟାଟର ଗୁଣତିଲକା ନାମ୍ବିୟା ବିପକ୍ଷ ପ୍ରଥମ ରାଉଣ୍ଡ ବିବାଦରେ ରହିବା ଏହା ପ୍ରଥମ ଦୃଷ୍ଟାନ୍ତ ନୁହେଁ। ୨୦୨୧ରେ ଇଂଲଣ୍ଡ ଟୁର୍ ବେଳେ ସେ ଓ ସାଥୀ ଖେଳାଳି କୁଶାଲ ମେଣ୍ଡିସ ଏବଂ ନିରୋସାନ ଡିକ୍‌ୱେଲା ବାୟୋ-ବବଲ ନିୟମ ଉଲ୍ଲଂଘନ ଅଭିଯୋଗରେ ବର୍ଷକ ପାଇଁ ସସ୍‌ପେଣ୍ଡ ହୋଇଥିଲେ।



# ଜାତୀୟ ସିନିୟର ସୁପର ୭ କ୍ରିକେଟ୍: ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୭।୧୧ (କ୍ରୀଡ଼ା ପ୍ରତିନିଧି):** ଚଳିତ ମାସ ୧୦ରୁ ଉତ୍ତର ପ୍ରଦେଶରେ ୧୭ତମ ଜାତୀୟ ସିନିୟର ସୁପର ୭ କ୍ରିକେଟ୍ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିରେ ଭାଗନେବା ପାଇଁ ୧୩ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ମନୋନୀତ ଦଳ ସୋମବାର ଉତ୍ତର ପ୍ରଦେଶ ଯାତ୍ରା କରିଛି। ଏହି ପ୍ରତିଯୋଗିତାରେ ୨୦ ରାଜ୍ୟ ଅଂଶଗ୍ରହଣ କରୁଛନ୍ତି। ୩ ଦିନର ପ୍ରଶିକ୍ଷଣ ପରେ ପ୍ରଦର୍ଶନଭିତ୍ତିରେ ଓଡ଼ିଶା ଦଳ ମନୋନୀତ ହୋଇଥିଲା। ଓଡ଼ିଶା ସୁପର ୭ କ୍ରିକେଟ୍ ସଂଘ ସଭାପତି ସୌଭାଗ୍ୟଲକ୍ଷ୍ମୀ ଦାସ, ସମ୍ପାଦକ ହେମନ୍ତ କୁମାର ମହାରଣା ଓ ସାମାଜିକ କର୍ମୀ ଦୀନବନ୍ଧୁ ଦାସ ଓଡ଼ିଶା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ: ଉପେନ୍ଦ୍ର ପ୍ରଧାନ (ଅଧିନାୟକ), ସନ୍ତୋଷ ପାତ୍ର, ମନୋଜ ଶବର, ସୁବ୍ରତ ଜେନା, ପ୍ରସାଦ ଜେନା, ଅରବିନ୍ଦ ଗୌଡ଼, ହେମନ୍ତ ଜାନି, ନରସିଂହ ତ୍ରିପାଠୀ, ରାଜେଶ ଜାନି (ଉଇକେଟ କିପର), ନରସିଂହ ନାଥ ସାହୁ, ପବିତ୍ର ଜାଲି, ମୁନା ବେହେରା, ଅର୍ଜୁନ ପଲେଇ। କୋଚ୍: ସନ୍ତୋଷ କୁମାର ଗୌଡ଼, ମ୍ୟାନେଜର: ହଟେଶ୍ୱର ଲେଙ୍କା।

# ଧର୍ମସେନା, ରିଫେଲ ଅମ୍ପାୟର

**ଦୁବାଇ, ୭।୧୧ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ସୋମବାର ଟି୨୦ ବିଶ୍ୱକପ୍ ପାଇଁ ମ୍ୟାଚ ଅଫିସିଆଲଙ୍କ ନାମ ଘୋଷଣା କରିଛି। ଆଡିଲେଡ୍‌ରେ ହେବାକୁ ଥିବା ଭାରତ ବନାମ ଇଂଲଣ୍ଡ ମ୍ୟାଚ୍‌ରେ କୁମାର ଧର୍ମସେନା ଓ ପଲ୍ ରିଫେଲ ଫିଲ୍ଡ ଅମ୍ପାୟର ଦାୟିତ୍ୱ ତୁଲାଇବେ। କ୍ରିସ୍ ଗାଫାନୀଙ୍କୁ ତୃତୀୟ ଅମ୍ପାୟର ଭାବେ ମନୋନୀତ କରାଯାଇଛି। ଏହି ମ୍ୟାଚ୍ ଚଳିତ ମାସ ୧୦ରେ ଖେଳାଯିବ। ସେହିପରି ଆସନ୍ତା ୯ ତାରିଖରେ ସିଡ୍‌ନୀଠାରେ ଖେଳାଯିବାକୁ ଥିବା ନ୍ୟୁଜିଲାଣ୍ଡ-ପାକିସ୍ତାନ ମ୍ୟାଚ୍ ପାଇଁ ମାରାଇସ୍ ଇରାସମସ୍ ଓ ରିଚାର୍ଡ ଇଲିଙ୍ଗୱର୍ଥ ଫିଲ୍ଡ ଅମ୍ପାୟର ଦାୟିତ୍ୱ ତୁଲାଇବେ।

**ଭାରତ-ଇଂଲଣ୍ଡ ସେମିଫାଇନାଲ**

ରିଚାର୍ଡ କେଟଲବୋରୋ ତୃତୀୟ ଅମ୍ପାୟର ରହିବେ। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ନଭେମ୍ବର ୧୩ରେ ଫାଇନାଲ ଖେଳାଯିବ। ଏଥିପାଇଁ ପରେ ଅମ୍ପାୟର ନିଯୁକ୍ତ ହେବେ ବୋଲି ଆଇସିସି କହିଛି।



## ସଂକ୍ଷେପରେ

### ଗାଡ଼ି ଧକ୍କାରେ ମେଡ଼ିକାଲ କର୍ମଚାରୀ ଆହତ

**ଝୁମ୍ପୁରୀ,୭।୧୧(ଡି.ଏନ୍.ଏ.):** ଦଶରଥପୁର ବ୍ଲକ୍ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଗଙ୍ଗାଧର ଜେନା ରବିବାର ସନ୍ଧ୍ୟାରେ ଯାଜପୁରରୁ ମଙ୍ଗଳପୁରକୁ ନିଜ ସ୍କୁଟିରେ ଫେରୁଥିବା ସମୟରେ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି । କାଟିଆ ଛକ ନିକଟରେ ଏକ ଗାଡ଼ି ତାଙ୍କୁ ପଛପଟୁ ଧକ୍କାଦେଇ ଫେରାର ହୋଇଯାଇଥିଲା । ଦଶରଥୁର ଦମକଳ ବାହିନୀ ଗଙ୍ଗାଧରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦଶରଥପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଦୁର୍ଘଟଣା ଖବର ପାଇ ବିଜେଡି ଯୁବନେତା ହିମାଂଶୁ ନାୟକ, ଟୁନା ବିଶ୍ୱାଳ, ଜୟପ୍ରକାଶ ନାୟକ, ବାପି ପଣ୍ଡା, ପ୍ରତାପ ନାୟକ, ଟିଟନ ରାଉତ, ଚିତ୍ତରଞ୍ଜନ ବାରିକ ପ୍ରମୁଖ ମେଡ଼ିକାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

### ରୋଗ ଯନ୍ତ୍ରଣା ସହି ନ ପାରି ବୃଦ୍ଧଙ୍କ ଆତ୍ମହତ୍ୟା

**ଜେନାପୁର,୭।୧୧(ଡି.ଏନ.ଏ.):** ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ପଞ୍ଚାୟତ କବାଟବନ୍ଧ ଗ୍ରାମର ସୁଦାମ ବାଇ (୭୫) ରବିବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଛନ୍ତି । ପୁଲିସ ସୂଚନା ମୁତାବକ ସୁଦାମ ରୋଗ ଯନ୍ତ୍ରଣା ସହି ନ ପାରି ବିଳମ୍ବିତ ରାତିରେ ଏପରି ପଦକ୍ଷେପ ନେଇଛନ୍ତି । ସେ ଘର ଭିତରେ ଥିବା ଏକ ଲୁହା ପାଇପରେ ରଶି ବାନ୍ଧି ଝୁଲି ପଡିଥିଲେ । ସୋମବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ ୨୬/୨୨) ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ଚଣ୍ଡିଖୋଲ,୭।୧୧(ଡି.ଏନ.ଏ.):** ବଡ଼ଚଣା ବ୍ଲକ ପଲେଇ ପଞ୍ଚାୟତ ଅଧୀନ କେଶରାଇପୁର ଗ୍ରାମ ପୋଖରୀରେ ବୁଡି ଜଣେ ବ୍ୟକ୍ତିଙ୍କ ରବିବାର ମୃତ୍ୟୁ ଘଟିଛି । ମୃତକ ହେଲେ ସେହି ଗାଁର ଖଗେଶ୍ୱର ସେଠୀ (୬୩)। ସେ ସନ୍ଧ୍ୟାରେ ଶୌଚ ପାଇଁ ପୋଖରୀକୁ ଯାଇଥିଲେ । ତାଙ୍କର ଗୋଡ଼ ଖସି ଯିବାରୁ ସେ ଗଭୀର ପାଣିକୁ ଖସିପଡ଼ିଥିଲେ । ପରିବାର ଲୋକେ ତାଙ୍କୁ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ସୋମବାର ସକାଳେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ପରିବାର ଲୋକେ ବାଲିଚନ୍ଦ୍ରପୁର ଥାନାକୁ ଖବର ଦେଇଥିଲେ । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

### ଧୁମ୍‌ଧାମ୍‌ରେ ପାଳିତ ହେଉଛି କାର୍ତ୍ତିକେଶ୍ୱର ପୂଜା

**ଚଣ୍ଡିଖୋଲ,୭।୧୧(ଡି.ଏନ.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ପତରାଜପୁର ସିଂହସାହିଠାରେ ପ୍ରତିବର୍ଷ ପରି ଚଳିତ ବର୍ଷ କାର୍ତ୍ତିକେଶ୍ୱର ପୂଜା ଚାଲିଛି । ପ୍ରଥମ ପଞ୍ଚକରୁ ଆରମ୍ଭ ହୋଇଥିବା ଏହି ପୂଜା ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିଥାଏ । ତେବେ ଚଳିତ ବର୍ଷ ପୂର୍ଣ୍ଣିମା ଦିନ ଚନ୍ଦ୍ର ଗ୍ରହଣ ପଡୁଥିବା ହେତୁ ବୁଧବାର ବିସର୍ଜନ କାର୍ଯ୍ୟକ୍ରମ ରହିଛି । ଗତ ୩ ଦିନ ହେବ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହେଉଛି । ମଙ୍ଗଳବାର ରାହାସ ଉତ୍ସବ ଅନୁଷ୍ଠିତ ହେବ । ଗ୍ରାମବାସୀଙ୍କ ସହଯୋଗରେ ଦୀର୍ଘ ବର୍ଷ ହେବ ପୂଜା ହୋଇ ଆସୁଛି । ଗ୍ରାମବାସୀଙ୍କ ସହଯୋଗରେ ଦୈନିକ ମହାପ୍ରସାଦ ସେବନ ଓ ସନ୍ଧ୍ୟା ଆଳତୀ ଚାଲିଛି । ଠାକୁରଙ୍କ ଆଳତୀ ଦର୍ଶନ ପାଇଁ ବ୍ୟାପକ ଭିଡ଼ ପରିଲକ୍ଷିତ ହେଉଛି ।

### ଶତାୟୁ ବୃଦ୍ଧାଙ୍କ ପରଲୋକ

**ଧର୍ମଶାଳା,୭।୧୧(ଡି.ଏନ.ଏ.):** ଧର୍ମଶାଳା ବ୍ଲକ କୁମାରୀ ଗ୍ରାମର ଶତାୟୁ ବୃଦ୍ଧା ପାଲୁଣୀ ସାହୁ(୧୦୯)ଙ୍କ ସୋମବାର ଭୋର ସମୟରେ ପରଲୋକ ଘଟିଛି । ରସୁଲପୁର ବ୍ଲକ ଅର୍ଡିଆ କୁସୁନପୁର ଗ୍ରାମର ସ୍ୱର୍ଗତ ଫକୀର ଚରଣ ସାହୁଙ୍କ ସ୍ତ୍ରୀ ପାଲୁଣୀ ନାତିମାନଙ୍କ ସହିତ ରହୁଥିଲେ। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ଧର୍ମପରାୟଣା ମହିଳା ଥିଲେ। ଏହି ଖବର ଜଣାପଡିବା ପରେ ଅର୍ଡିଆ କୁସୁନପୁରରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶର୍ଯ୍ୟା ନିକଟରେ ନାତି ବାସୁଦେବ ସାହୁ, ଦଶରଥ ସାହୁ, କାଶିନାଥ ସାହୁ, ରୁଷିନାଥ ସାହୁ , ନାତୁଣୀ ବୋହୂ ଓ ଅଣନାତି ନାତୁଣୀମାନେ ଉପସ୍ଥିତ ରହିଥିଲେ। ଅର୍ଡିଆ କୁସୁନପୁରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ସାନ ପୁତୁରା ବିନୋଦ ସାହୁ ମୁଖାଗ୍ନି ଦେଇଥିଲେ ।

# ଭିନ୍ନକ୍ଷମଙ୍କୁ ମିଳୁନି ଆବାସ ଯୋଜନାରେ ଘର

**ଯାଜପୁର ଅଫିସ/କାଏମା(ଡି.ଏନ୍.ଏ.), ୭।୧୧**

ଯାଜପୁର ଜିଲାରେ କେତେକ ଥିଲାବାଲାଙ୍କୁ ପ୍ରଧାନମନ୍ତ୍ରୀ ଆବାସ, ମୋ କୁଡିଆ ଓ ବିଜୁ ପକ୍କାଘର ଯୋଜନାରେ ସାମିଲ କରାଯାଉଥିବା ଅଭିଯୋଗ ହୋଇଆସୁଛି। କିନ୍ତୁ ବିଡ଼ମ୍ବନା ଯେ, ଭିନ୍ନକ୍ଷମମାନଙ୍କୁ ଏହି ଜନହିତକର ଯୋଜନାରେ ପକ୍କା ଘର ମିଳୁନାହିଁ। ଜିଲାର ଅନେକ ଭିନ୍ନକ୍ଷମ ପକ୍କାଘର ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ହେଁ କିଛି ସୁଫଳ ମିଳୁନାହିଁ।

ଜିଲାର ଧର୍ମଶାଳା ବ୍ଲକ କୋଟପୁର ପଞ୍ଚାୟତର ମୁରତପୁର ଗ୍ରାମର ଦୃଷ୍ଟିହୀନ ମାନସ ଦଳାଇ ଓ ଦିବ୍ୟାଙ୍ଗ ପତ୍ନୀ ପ୍ରତିମାଙ୍କୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଭିନ୍ନକ୍ଷମମାନଙ୍କୁ ଆବାସ ଯୋଜନାରେ ସାମିଲ କରିବାକୁ ପୂର୍ବରୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ (ଏସ୍ଏସ୍‌ପିଡି) ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଥିଲେ ହେଁ ତାହାର ସୁଫଳ ମିଳୁ ନଥିବା ପ୍ରତିମାଙ୍କ ସ୍ଥିତିକୁ ଦେଖିଲେ ବାରି ହେଉଛି। ଏହାସହ ଗତ ୮ ମାସ ହେଲା ପ୍ରତିମାଙ୍କ ଭିନ୍ନକ୍ଷମ ଭତ୍ତା ଉଭାନ ହୋଇଯାଇଥିବା ଅଭିଯୋଗ ହୋଇଛି।

ଅସହାୟ ଭିନ୍ନକ୍ଷମମାନଙ୍କ ସହାୟତା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନାମାନ ରହିଛି। ହେଲେ ବହୁ ଅସହାୟ ଏହି ଯୋଜନାଗୁଡ଼ିକରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କୁ ଯୋଜନା ଦ୍ୱାରା ଉପକୃତ କରାଇବା ଦିଗରେ ପ୍ରଶାସନିକ ଅଧିକାରୀ କି ଜନପ୍ରତିନିଧି କାହାରି ଦରଦି ଆଭିମୁଖ୍ୟ ନାହିଁ। ପ୍ରଶାସନିକ କଳ ଫାଇଲ ଚାଷରେ ବ୍ୟସ୍ତ ରହୁଥିବାବେଳେ ଅଧିକାରୀମାନଙ୍କ ପାଖରେ ସମୟ ନାହିଁ। ଏଥିରେ ଗ୍ରାମାଞ୍ଚଳର ଅସହାୟମାନେ ଭଗବାନଙ୍କୁ ଭରସା କରି କାଳାତିପାତ କରୁଛନ୍ତି। କଷ୍ଟେମଷ୍ଟେ କିଛି ସମ୍ବଳ ଯୋଗାଡ଼ କରି କଲେକ୍ଟୋରେଟକୁ ଆସି ଅଧିକାରୀଙ୍କଠାରୁ ନାନା ଆଶ୍ୱାସନା ପାଉଛନ୍ତି, ହେଲେ ତାହାକୁ କାର୍ଯ୍ୟକାରୀ କରିବାକୁ କାହାରି ନଜର ନାହିଁ। ଜିଲାରେ ପୁଣି ଏକ ଦୃଷ୍ଟାନ୍ତ ହେଲେ ପ୍ରତିମା। ପୁଅ ଲକି(୭ ବର୍ଷ) ଓ ଝିଅ ଅଞ୍ଜଳି(୪ବର୍ଷ)ଙ୍କ ସହିତ ୪ ପ୍ରାଣୀ କୁଟୁମ୍ବ ବହୁତ କଷ୍ଟରେ ଛିଣ୍ଡା ଜରିପାଲ ତଳେ ଦିନେ ଖାଇ ଦିନେ ଉପାସ ରହି ପରିବାର ପ୍ରତିପୋଷଣ କରୁଛନ୍ତି। ସରକାରୀ ସହାୟତା ଭାବେ ମାତ୍ର ୧୦ କିଲୋ ଚାଉଳ ମିଳୁଛି। ସ୍ୱାମୀ ଓ ସ୍ତ୍ରୀ ଦୁଇ ଜଣଙ୍କ ଭିନ୍ନକ୍ଷମ ପରିଚୟପତ୍ର ରହିଛି। ତେବେ କେବଳ ମାନସଙ୍କୁ ଭିନ୍ନକ୍ଷମ ଭତ୍ତା ମିଳୁଥିବାବେଳେ ପ୍ରତିମାଙ୍କୁ ବାଦ୍ ଦିଆଯାଇଛି। ୩୫ ବର୍ଷ ବୟସ୍କ ମାନସ ୨୦୦୮ରେ ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇଥିଲେ। ଫଳରେ ଆଖିକୁ କମ ଦେଖାହେବା ଆରମ୍ଭ ହୋଇଥିଲା। ଅର୍ଥ ଅଭାବରୁ ଆବଶ୍ୟକ ଚିକିତ୍ସା ହୋଇ ନ ପାରିବାରୁ କିଛିବର୍ଷ ପରେ ସେ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ହରାଇ ଦେଇଥିଲେ। ଏଥିପାଇଁ ସେ ଶତପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଛନ୍ତି। ସେବେଠୁ ସେ ରୋଜଗାରରୁ ଅକ୍ଷମ ହୋଇ ଘରେ ଅଛନ୍ତି। ୨୦୧୪ରେ ମାନସ ଓ ପ୍ରତିମାଙ୍କ ବାହାଘର ହୋଇଥିଲା। ସେତେବେଳେ ପ୍ରତିମା ୮୦ ପ୍ରତିଶତ ଭିନ୍ନକ୍ଷମ ଥିଲେ। ସେଥିପାଇଁ ସେ ନିଜ ଗ୍ରାମ ଅଣକା ପଞ୍ଚାୟତ ଅନ୍ତର୍ଗତ ମହାଦେଇପୁରଠାରେ ଭତ୍ତା ପାଉଥିଲେ। ବିବାହ ପରେ ବି ଗ୍ରାମକୁ ଯାଇ ଭତ୍ତା ଟଙ୍କା ନେଇଆସୁଥିଲେ। କିନ୍ତୁ ଏଇ ୮ ମାସ ହେବ ପ୍ରତିମାଙ୍କୁ ଭତ୍ତା ଟଙ୍କା ମିଳୁନାହିଁ। ନାମ ତାଲିକାରୁ କଟିଯାଇଥିବା କହି ପ୍ରତିମାଙ୍କ ନିଜ ଗାଁ ପଞ୍ଚାୟତ କାର୍ଯ୍ୟାଳୟରୁ ତାଙ୍କୁ ଫେରେଇ ଦିଆଯାଇଥିଲା। ଏହା ପରେ ସେ ଶାଶୁଘର ଗ୍ରାମ କୋଟପୁର ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ପାଇଁ ଯାଇଥିଲେ। ହେଲେ ସେଠାରେ ବି ତାଙ୍କ ନାମ ନାହିଁ ବୋଲି ପ୍ରତିମା ଅଭିଯୋଗ କରିଛନ୍ତି। ରହିବାକୁ ଘରଟେ ନାହିଁ। ମାଟିଝାଟି ଘରେ ଛିଣ୍ଡା ପାଲ ତଳେ ରହୁଛନ୍ତି ଓ ସାହି ପଡିଶାଙ୍କ ସହଯୋଗରେ ପରିବାର ଦୁର୍ଦ୍ଦଶା ଭିତରେ ବଞ୍ଚୁଛନ୍ତି ବୋଲି ଉଭୟେ କହିଛନ୍ତି। କୋଟପୁର ସରପଞ୍ଚ ସୁନାକର ବେହେରାଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ସେ କିଛି ଜାଣିନାହାନ୍ତି ଓ ଯାହାର ଅସୁବିଧା ଅଛି ଆସି ଲିଖିତ ଆକାରରେ ଦେଲେ ସେ ବୁଝିବେ ବୋଲି କହିଛନ୍ତି। ପୂର୍ବରୁ ଏକାଧିକ ଦୃଷ୍ଟିହୀନ ବ୍ୟକ୍ତି ଆବାସ ଯୋଜନାରେ ସାମିଲ କରିବାକୁ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ସଚିବଙ୍କୁ ଅଭିଯୋଗ କରିଛନ୍ତି।

## ୮ ମାସ ହେଲା ପ୍ରତିମାଙ୍କ ଭତ୍ତା ଅର୍ଥ ଉଭାନ୍


ଘର ଆଗରେ ପରିବାର ସହ ପ୍ରତିମା।

### ଗଛରେ ଝୁଲି ଯୁବକଙ୍କ ଆତ୍ମହତ୍ୟା

**ରସୁଲପୁର,୭।୧୧(ଡି.ଏନ.ଏ.)**

କୁଆଖିଆ ଥାନା ଅନ୍ତର୍ଗତ ସିଂହାପୁର ପଞ୍ଚାୟତ ଦନେଇପୁର ଗ୍ରାମରେ ସୋମବାର ସାଗର ପରିଡା(୨୩)ନାମକ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ସୂଚନା ଅନୁଯାୟୀ, ମାଆଙ୍କ ପରଲୋକ ପରେ ଦନେଇପୁର ଗ୍ରାମର ମାମୁ ରବିନ୍ଦ୍ର ପରିଡାଙ୍କ ଘରେ ଜେନାପୁର ଥାନା ଅର୍ନ୍ତଗତ ଅଞ୍ଜିରା ଗ୍ରାମର ସାଗର ରହୁଥିଲେ। ସେତେବେଳେ ତାକୁ ମାତ୍ର ୬ମାସ ବୟସ ହୋଇଥିଲା । ସେବେଠାରୁ ମାମୁ ତାଙ୍କ ଦାୟିତ୍ୱ ନେଇ ଆସୁଥିଲେ । ହେଲେ ସୋମବାର କୌଣସି କାରଣରୁ ସେ ମାମୁ ଘର ପାଖ ଆମ୍ବଗଛର ଝୁଲି ପଡିଥିଲେ । ସେ ଅଧିକାଂଶ ସମୟରେ ରାଗି ଯାଇ ମାନସିକ ଭାରସାମ୍ୟ ହରାଇ ବସୁଥିଲେ। ବାରମ୍ବାର ସେ ଆତ୍ମହତ୍ୟା ଧମକ ଦେଉଥିଲେ ବୋଲି ପରିବାର ଲୋକେ କହିଛନ୍ତି। ପୋଲିସ ତଦନ୍ତ ଜାରି ରଖିଛି । ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା (ନଂ.୨୨/୨୨) ରୁଜୁ ହୋଇଛି ।

# ପରିବେଶ ସୁରକ୍ଷାକୁ ବିଦ୍ୟାଳୟସ୍ତରରୁ ଗୁରୁତ୍ୱ ଦେବାକୁ ପରାମର୍ଶ



ଶିବିରରେ ଯୋଗଦେଇଥିବା ଅତିଥି ବୃନ୍ଦ ।

**ରସୁଲପୁର,୭।୧୧(ଡି.ଏନ.ଏ.)**

## ଦକ୍ଷତା ବୃଦ୍ଧି ତାଲିମ ଶିବିର

ଯାଜପୁର ଜିଲା ଇକୋକ୍ଲବ୍ ତତ୍ତ୍ୱାବଧାରକଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ରସୁଲପୁର ବ୍ଲକ ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ଇକୋ କ୍ଲବର ୧ଶହ ଶିବିରାର୍ଥୀ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ । ପରିବେଶ ସୁରକ୍ଷା ଦିଗରେ ଶିକ୍ଷକମାନଙ୍କ ପ୍ରମୁଖ ଭୂମିକା ରହିଛି । ପରିବେଶକୁ ସ୍ୱଚ୍ଛ ଓ ସୁସ୍ଥ ରଖିବା ପ୍ରକ୍ରିୟା ବିଦ୍ୟାଳୟସ୍ତରରୁ ଆରମ୍ଭ କରାଯିବାର ଆବଶ୍ୟକତା ରହିଛି। ପ୍ରତ୍ୟେକ ବିଦ୍ୟାର୍ଥୀ କଠିନ ବର୍ଜ୍ୟବସ୍ତୁର ପରିଚାଳନା, ବୃକ୍ଷରୋପଣ ଓ ତାର ଯତ୍ନ ନେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହାଛଡା ଶିବିରାର୍ଥୀମାନଙ୍କୁ କଠିନ ବର୍ଜ୍ୟବସ୍ତୁର ପ୍ରକାର ଭେଦ ଓ ତାର ସଠିକ୍ ପରିଚାଳନା, ବର୍ଜ୍ୟବସ୍ତୁର ସୁପରିଚାଳନା ନ ଘଟିଲେ ପରିବେଶ ଉପରେ କୁପ୍ରଭାବ ଆଦି ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । ଶକ୍ତି ସଂରକ୍ଷଣ, ଶକ୍ତିର ଅପଚୟ ଓ ପରିବେଶ ଉପରେ ଏହାର ପ୍ରଭାବ, ଜୈବ ବିବିଧତାର ପ୍ରକାର ଭେଦ, ବିବିଧତା ଉପାଦେୟରତା ହ୍ରାସର କାରଣ ଓ ଏହାର ସଂରକ୍ଷଣ, ପରିବେଶ ସୁରକ୍ଷା ପାଇଁ ବ୍ୟାପକ ବୃକ୍ଷରୋପଣ ଓ ତାର ଯତ୍ନ, ଜଳ ପ୍ରଦୂଷଣ ଓ ତାର ନିରାକରଣ, ଜଳସଂରକ୍ଷଣ ଓ ତାର ସଦୁପଯୋଗ ସମ୍ପର୍କରେ ଶିବିରାର୍ଥୀମାନଙ୍କୁ ତାଲିମ ଦିଆଯାଇଥିଲା । ଉକ୍ତ ଶିବିରକୁ ପରିବେଶ ଶିକ୍ଷାକେନ୍ଦ୍ର, ଭୁବନେଶ୍ୱରର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମର ଆବାହକ ଶରତ କୁମାର ସାହୁ, ପରିବେଶ ଶିକ୍ଷାକେନ୍ଦ୍ରର କ୍ଷେତ୍ରୀୟ ଅଧିକାରିଣୀ ସ୍ୱାଗତିକା ମିଶ୍ର, ଓଡିଶା ଜୈବ ବିବିଧତା ପରିଷଦର ବୈଜ୍ଞାନିକ ଡା. ସତ୍ୟନାରାୟଣ ବେହେରା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ, ମୁଖ୍ୟ ପ୍ରଶିକ୍ଷକ ଡ.ମହେଶ୍ୱର ଜେନା ସାମନ୍ତ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଓ ପରିବେଶର ସୁରକ୍ଷା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ମୁଖ୍ୟ ପ୍ରଶିକ୍ଷକ ଡ.ନୃସିଂହ ଚରଣ ବେହେରା ସ୍ୱାଗତ ଭାଷଣ ଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ବିଷ୍ଣୁଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଖଣି ଅଞ୍ଚଳରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ

**କାଳିଆପାଣି,୭।୧୧(ଡି.ଏନ.ଏ.)**

କାଳିଆପାଣି ଖଣି ନିଗମ ଟାଉନଶିପ୍ ଠାରେ ଚାଲିଥିବା ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ଚନ୍ଦ୍ର ଗ୍ରହଣ ପଡୁଥିବାରୁ ସୋମବାର ସନ୍ଧ୍ୟାରେ ୪ ପ୍ରହରପରେ ପୂର୍ଣ୍ଣାହୁତି ଦିଆଯାଇଥିଲା । ସୁକିନ୍ଦା ରିଜିୟନ କ୍ରୋମାଇଟ୍ ଖାଦାନ ମଜଦୂର ସଂଘର ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧିରଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ଇଂ. ପ୍ରୀତିରଞ୍ଜନ ଘଡାଇ ଯୋଗ ଦେଇ ପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁକିନ୍ଦା ବ୍ଲକ ଅଧକ୍ଷ ଦିବ୍ୟରଞ୍ଜନ ବରାଳ ,ଜିଲା ପରିଷଦ ସଭ୍ୟ ପ୍ରତାପ ପଟ୍ଟନାୟକ, ସଭ୍ୟା ଜେମା ଚାଖିଙ୍କ ସହ ସରପଞ୍ଚ, ସମିତି ସଭ୍ୟମାନେ ଯୋଗ ଦେଇଥିଲେ । ମୀନକେତନ ଆଇଚ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଢେଙ୍କାନାଳ ଓ ଯାଜପୁର ଜିଲାର ୮ ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ଭାଗ ନେଇଥିଲେ। ସନ୍ଧ୍ୟାରେ ୫ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା ।

# କୁଇଜ୍‌ରେ ସ୍ୱପ୍ନଜିତ୍, ତର୍କରେ ସମୀକ୍ଷା ପ୍ରଥମ

## ବ୍ଲକସ୍ତରୀୟ କୁଇଜ୍,ତର୍କ ପ୍ରତିଯୋଗିତା


କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ପ୍ରମାଣପତ୍ର ପ୍ରଦାନ କରୁଛନ୍ତି ।

**ଝୁମ୍ପୁରୀ,୭।୧୧(ଡି.ଏନ୍.ଏ.)**

ଦଶରଥପୁର ବ୍ଲକ୍ ମଙ୍ଗଳପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ କୁଇଜ୍ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ କୁଇଜ୍‌ରେ ୪୬ ଓ ତର୍କରେ ୩୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାରେ ବ୍ଲକ୍‌ର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୩୦ ଜଣ ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକ ଗାଇଡ୍ ଭାବେ ଯୋଗଦେଇଥିଲେ । କୁଇଜ୍ ବିଭାଗରେ ମଲ୍ଲିକାପୁରସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ସ୍ୱପ୍ନଜିତ୍ ନାୟକ ପ୍ରଥମ ହୋଇଥିବାବେଳେ ସେହି ବିଦ୍ୟାଳୟର ଛାତ୍ର ଓମ୍ ପ୍ରକାଶ ପରିଡ଼ା ଦ୍ୱିତୀୟ ଓ ନନ୍ଦିପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ଅଭିଜିତ୍ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ତର୍କ ପ୍ରତିଯୋଗିତାରେ ମଲ୍ଲିକାପୁରସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ସମୀକ୍ଷା ନାୟକ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ରାମବାଗ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅର୍ପିତା ମାହୁନ୍ତ ଦ୍ୱିତୀୟ ଓ ମଙ୍ଗଳପୁର ମହତାବ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରୀତିପ୍ରଜ୍ଞା ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ ।

ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ତଥା ଦଶରଥପୁର ବ୍ଲକ୍ ମାଧ୍ୟମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି ଅନନ୍ତ କିଶୋର ସାମଲ ପର୍ଯ୍ୟବେକ୍ଷକଭାବେ ଯୋଗଦେଇଥିଲେ । ଶିକ୍ଷକ ସଂଘର ବ୍ଲକ୍ ସଭାପତି ମନୋରଞ୍ଜନ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି, ମଙ୍ଗଳପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନଗେନ କୁମାର ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ସାହୁ ଓ ପୂର୍ଣ୍ଣଚନ୍ଦ୍ର ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ । ବ୍ଲକ୍ ସଂଘର ସମ୍ପାଦକ କୁମାରସେନ ସେନାପତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତଥା ସଂଘର କୋଷାଧକ୍ଷ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ସୁକୁରଙ୍ଗୀ ଖଣିରେ ଶ୍ରମିକ ଅଶାନ୍ତି

**କାଳିଆପାଣି,୭।୧୧(ଡି.ଏନ.ଏ.)**

## ନୂଆ ଠିକାଦାର ନିଯୁକ୍ତି ପର୍ଯ୍ୟନ୍ତ ଖଣି କାମ ଚାଲୁ ରଖିବାକୁ ଦାବି

ଓଡିଶା ଖଣି ନିଗମର ପରିଚାଳନା ଗତ ତ୍ରୁଟି ଯୋଗୁ ଗୋଟିଏ ପରେ ଗୋଟିଏ ଖଣି ଦୀର୍ଘ ଦିନ ଧରି ବନ୍ଦ ପଡୁଛି । ନିକଟରେ ନିଗମର ଭାତହାଣ୍ଡି କୁହାଯାଉଥିବା ଡି.ଖଣି ବନ୍ଦ ହୋଇ ପଡ଼ିଥିବା ବେଳେ ଅନୂନ୍ୟ ୩୫୦ରୁ ଊର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀ ୩ ମାସ ହେବ କର୍ମ ସଂସ୍ଥାନ ହରାଇ ଘରେ ବସିଛନ୍ତି। ନୂତନ ଭାବେ ନିଯୁକ୍ତି ପାଇ ଥିବା ଠିକାଦାର ଖଣିରୁ ପାଣି ନିଷ୍କାସନ କରିବାରେ ବିଫଳ ହୋଇଥିବା ବେଳେ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ଖଣି କାମ ଆରମ୍ଭ କରିପାରିନାହିଁ। ପୂର୍ବ ଠିକାଦାରଙ୍କ ସମୟ ସରିବା ପୂର୍ବରୁ ଯଦି ନିଗମ ଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ନୂତନ ଠିକାଦାର ନିଯୁକ୍ତି କରିଥାନ୍ତା ତା'ହେଲେ ଆଜି ଏଭଳି ପରିସ୍ଥିତି ଉପୁଜି ନ ଥାନ୍ତା ବୋଲି ମତ ପ୍ରକାଶ ପାଇଛି।

ଅନୁରୂପ ଭାବେ ଖଣି ନିଗମର ସୁକୁରଙ୍ଗୀ ଖଣିରେ ସମାନ ଧାରାରେ ଟେଣ୍ଡର ଆହ୍ୱାନ କରାଯାଇଛି । ସମ୍ପୃକ୍ତ ଖଣି ଉତ୍ତୋଳନ କାର୍ଯ୍ୟରେ ନିୟୋଜିତ ଓଡ଼ିଶା ଷ୍ଟିବେଡ଼ର ଲିମିଟେଡ଼ (ଓସିଏଲ) କମ୍ପାନର କାର୍ଯ୍ୟ ଅବଧି ସାରିଯାଉଥିବା ବେଳେ ଚଳିତ ମାସ ୧୩ରୁ କାର୍ଯ୍ୟ ବନ୍ଦ କରିବାକୁ କର୍ମଚାରୀମାନଙ୍କୁ କ୍ଲୋଜର ନୋଟିସ ଜାରି କରିଛି । ଏପଟେ ସଂପୃକ୍ତ ଖଣି କାର୍ଯ୍ୟ ପାଇଁ ନିଗମ ଡିସେମ୍ବର ୨କୁ ଦିନ ଧାର୍ଯ୍ୟ କରିଛି । ନିଗମରଏହି ଟେଣ୍ଡର ପ୍ରକ୍ରିୟା ସମାଧାନ ପାଇଁ ଅନୂନ୍ୟ ୨ରୁ ୩ ମାସ ଲାଗିବ ବୋଲି କର୍ମଚାରୀମାନେ ପ୍ରକାଶ କରିଛନ୍ତି । ଅନ୍ୟ ପଟେ ଖଣି ଡ଼ମ୍ପକୁ ଲାଗି ଥିବା ଚିରିଗୁଡ଼ା ବସ୍ତି ବାସିନ୍ଦା ବିସ୍ଥାପନ ଅନୁଯାୟୀ ପ୍ରାପ୍ୟ ନ ପାଇବା ପର୍ଯ୍ୟନ୍ତ ନୂତନ ଠିକାଦାରଙ୍କୁ କାମ କରାଇ ନ ଦେବାକୁ ସଜବାଜ ହେଉଥିବା ଶୁଣିବାକୁ ମିଳୁଛି । ବହୁ ମାସ ଚାକିରି ହରାଇବା ଆଶଙ୍କାରେ କର୍ମଚାରୀମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ନୂତନ ଠିକାଦାର କାର୍ଯ୍ୟ ଆରମ୍ଭ କରିବା ପର୍ଯ୍ୟନ୍ତ ପୂର୍ବ ଠିକାଦାର ଦ୍ୱାରା ଖଣି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ରେଟ୍ରେଞ୍ଚମେଣ୍ଟ ବେନିଫିଟ ନ ଦେବା ପର୍ଯ୍ୟନ୍ତ ଠିକାଦାରଙ୍କ ସମସ୍ତ ପ୍ରାପ୍ୟ ବନ୍ଦ କରିବାକୁ ସୋମବାର ଶ୍ରମିକ ସଂଘ ପକ୍ଷରୁ ନିଗମ ପରିଚାଳନା ନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ଦିଆଯିବ ସହ ଜିଲାପାଳ, ଏସ୍‌ପିଙ୍କୁ ମଧ୍ୟ ତାର ଏକକିତା ନକଲ ପ୍ରଦାନ କରାଯାଇଛି। ଏହାର ବିଚାର କରା ନ ଗଲେ ଆଗାମୀ ଦିନରେ ସମସ୍ତ ଖଣି କାର୍ଯ୍ୟ ବନ୍ଦ କରିଦିଆଯିବା ବୋଲି ଦେବଦତ୍ତ ମହାନ୍ତ, ଗଦାଧର ଦେହୁରୀ, ବିଷ୍ଣୁ ସାହୁ, ତପନ ଦେହୁରୀ, ମାଧବାନନ୍ଦ ନାୟକ ଚେତାବନୀ ଦେଇଛନ୍ତି ।

# କଳିଙ୍ଗନଗରକୁ ଆସୁଛି ୩୫ ନୂତନ ଶିଳ୍ପ: ମନ୍ତ୍ରୀ

**କଳିଙ୍ଗନଗର,୭।୧୧(ଡି.ଏନ୍.ଏ.)**

## ଜମି ଫେରାଇବାକୁ ମେସ୍କୋ କର୍ମଚାରଙ୍କ ଚେତାବନୀ

ସୋମବାର କଳିଙ୍ଗନଗରସ୍ଥିତ ଜେସିଡିଏଲ ଅଫିସରେ ଆୟୋଜିତ ବୈଠକରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଅଧ୍ୟକ୍ଷତା କରି ଆଉ ୩୫ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କଳିଙ୍ଗନଗରକୁ ଆସୁଛି ବୋଲି କହିଥିଲେ । ଏଥିରେ ବିସ୍ଥାପିତ ହେବାକୁ ଥିବା ଚାନ୍ଦିଆ ପଞ୍ଚାୟତର ପ୍ରତି ପରିବାରକୁ ଯୋଗ୍ୟତା ଭିତ୍ତିରେ ଚାକିରି ଓ ପ୍ରତି ପରିବାରକୁ ଘର ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ତେବେ ବୈଠକ ଚାଲୁ ଥିବା ବେଳେ ଗତ ୩ ବର୍ଷ ହେବ ଦରମା ପାଇ ନ ଥିବା ମେସ୍କୋ କର୍ମଚାରୀ ମହମ୍ମଦ ଜାହେଦ, ଶେକ ନୌସାଦ, କୁଲୁ ସାହୁ, ଜାହାଙ୍ଗୀର ଖାଁ, ଉଗ୍ରେସନ ପାତ୍ର, ବାବୁଲି ସାହୁ ପ୍ରମୁଖ ପହଞ୍ଚି ପ୍ରଶାସନକୁ ଚେତାବନୀ ଦେଇଛନ୍ତି । ୩ ବର୍ଷ ହେଲା କାରଖାନା ବନ୍ଦ ହୋଇଛି, ବାରମ୍ବାର ପ୍ରତିଶ୍ରୁତି ଆମେ ଶୁଣି ଶୁଣି ନିରାଶ ହେଲୁଣି, ଆଉ ନୁହେଁ, ଆସନ୍ତା ୨୪ ଘଣ୍ଟା ଭିତରେ ଆମର ସମସ୍ୟା ସମାଧାନ କରନ୍ତୁ । ନଚେତ୍ ଇଡ୍‌କୋ ଆମ ଜମି ଫେରାଇବା ସହିତ ତା'ଜମି ନେଇଯାଉ। ନଚେତ୍ ସମସ୍ତ ପରିବାର ଲୋକଙ୍କ ସହ ଡୁବୁରୀ ଯାଜପୁର ରୋଡ ରାସ୍ତାର ମେସ୍କୋ କାରଖାନା ସମ୍ମୁଖରେ ଆସନ୍ତା ବୁଧବାରଠାରୁ ଅବରୋଧ କରିବୁ। ଏଥିରେ ଯାହା ଘଟିବ ପ୍ରଶାସନ ଦାୟୀ ରହିବ ବୋଲି ସେମାନେ କହିଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲାପାଳ କଳିଙ୍ଗନଗର ସନ୍ତୋଷ କୁମାର ମିଶ୍ର, ଅତିରିକ୍ତ ଏସ୍‌ପି ଏସ. ଟପୋ, ଡିଭିଜନାଲ ହେଡ ଇଡ଼କୋ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଆଇସି କଳିଙ୍ଗନଗର ପ୍ରିୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ଧୂଳି ଧୂଆଁରେ ଜନଜୀବନ ଅସ୍ତବ୍ୟସ୍ତ

**ଚଣ୍ଡିଖୋଲ,୭।୧୧(ଡି.ଏନ.ଏ.)**

## ଧିମେଇ ଚାଲିଛି ରାସ୍ତା କାମ, ବଢୁଛି ଅସନ୍ତୋଷ

ଯାଜପୁର ଜିଲାର ବାଲିଚନ୍ଦ୍ରପୁରଠାରୁ ଦେକୁଡ଼ି ପର୍ଯ୍ୟନ୍ତ ହେଉଥିବା ପୂର୍ତ୍ତବିଭାଗ ରାସ୍ତା କାମ ମନ୍ଥର ଗତିରେ ଚାଲିଛି। କ୍ରସର ଗୁଣ୍ଡ ପଡ଼ିଥିବା ହେତୁ ରାସ୍ତାରେ ଯାତାୟତ ଅସମ୍ଭବ ହୋଇପଡୁଛି। ଏପରି କି ବାଲିଚନ୍ଦ୍ରପୁର ବଜାର ଲୋକମାନେ ଅଣନିଃଶ୍ୱାସୀ ହେଉଛନ୍ତି। ସେହି ରାସ୍ତାଦେଇ ଯାନବାହାନ ଯାତୟାତ କଲେ ଲୋକମାନେ ଧୂଳିରେ ବୁଡ଼ି ଯାଉଛନ୍ତି । ଧିରେ ଧିରେ ଚାଲୁଥିବା ଗାଡ଼ି ଧୂଆଁ ବି ଲୋକମାନଙ୍କୁ ଅସ୍ତବ୍ୟସ୍ତ କରୁଛି। ରାସ୍ତାଟି ବାଲିଚନ୍ଦ୍ରପୁର ମଧ୍ୟଭାଗରୁ ଆରମ୍ଭ ହୋଇ ଦୀର୍ଘ ୧୦କିଲୋମିଟର ଦେକୁଡ଼ି ପର୍ଯ୍ୟନ୍ତ ଲମ୍ବିଛି। ଏହାକୁ ଠିକା ନେଇଥିବା ଠିକା ସଂସ୍ଥା ଚିପ୍‌ସ ଓ କ୍ରସର ଗୁଣ୍ଡ ପକାଇ ଛାଡ଼ିଦେଇ ପଳାଇ ଯାଇଛନ୍ତି। ନିୟମ ମୁତାବକ ରାସ୍ତାରେ ଦୈନିକ ପାଣି ପକାଯିବା କଥା । ହେଲେ ଠିକା ସଂସ୍ଥା ପାଣି ପକାଉ ନାହିଁ। ଫଳରେ ବାଲିଚନ୍ଦ୍ରପୁର ବଜାରର ବ୍ୟବସାୟୀମାନେ ବି ଅଣନିଃଶ୍ୱାସୀ ହୋଇପଡ଼ିଛନ୍ତି। ତୁରନ୍ତ ଉକ୍ତ ରାସ୍ତାରେ ପ୍ରତିଦିନ ପାଣି ସିଞ୍ଚନ କରିବାକୁ ସ୍ଥାନୀୟ ବ୍ୟବସାୟୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତବିଭାଗର ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ମୁଁ ଠିକାଦାରଙ୍କୁ ପାଣି ପକାଇବା ପାଇଁ କହିଛି । ତୁରନ୍ତ ସେ କାମ ଆରମ୍ଭ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।



ନିର୍ମାଣଧୀନ ରାସ୍ତାରେ ଉଡୁଥିବା ଧୂଳି ।

## ସଂକ୍ଷେପରେ

### ବିଭିନ୍ନ ଶୈବ ପୀଠରେ ଭିଡ଼

ଆସିକା,୭ା୧୧(ଡି.ଏନ.ଏ)- ପଞ୍ଚୁକର ଚତୁର୍ଥ ଦିନ ସୋମବାର ଆସିକା ଅଞ୍ଚଳର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ଭୋରରୁ ରଷିକୁଲ୍ୟା ନଦୀର ସୁନାମ୍ଭ ସାହି, ଲାଲାଗୋର୍ଜି, ତ୍ରିବିଦ୍ଧେଶ୍ୱର, ଗୋପିନାଥ ମନ୍ଦିର, ରାମେଶ୍ୱର ମନ୍ଦିର, ପୁଡୁଗେଶ୍ୱର ମନ୍ଦିରରେ ମଧାହ୍ନ ଯାଏଁ ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହିଥିଲା। ସୁବର୍ଣ୍ଣେଶ୍ୱର, ନର୍ମଦେଶ୍ୱର, ତ୍ରିବିଦ୍ଧେଶ୍ୱର, ରାମେଶ୍ୱର, ପୁଡୁଗେଶ୍ୱର, ବାଲୁଙ୍କେଶ୍ୱର ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ଅଧିକ ଥିଲା। ସେହିପରି ଆସିକା ବ୍ଲକ ବାଲିସିରା ଓ ମୁନିଗାଡିସ୍ଥିତ ଶୈବପୀଠରେ ମଧ ଶ୍ରଦ୍ଧାଳୁ ଭିଡ ଜମାଇଥିଲେ। ଗାଙ୍ଗପୁର ଥାନା ଅନ୍ତର୍ଗତ ବୁଢାକେନ୍ଦୁ ଠାକୁରାଣୀଙ୍କ ପୀଠରେ ବାର୍ଷିକ ଯାତ୍ରା ସୋମବାର ଉଦ୍‌ଯାପିତ ହୋଇଛି। ୫୦ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁଙ୍କ ସମାଗମ ଦେଖାଯାଇଥିଲା।

### ଶ୍ରମମନ୍ତ୍ରୀଙ୍କ ଦ୍ୱାରା ମାଣ୍ଡିଆ ରଥ ଉଦ୍‌ଘାଟିତ

ପୋଲସରା,୭ା୧୧(ଡି.ଏନ୍.ଏ.)-ପୋଲସରା ସ୍ଥିତ କୃଷି କାର୍ଯ୍ୟାଳୟ ସମ୍ମୁଖରେ ସୋମବାର କୃଷିରଥ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ସବୁଜ ପତାକା ଦେଖାଇ ରଥକୁ ଆଗକୁ ବଢ଼ାଇଥିଲେ। ଏହି ମାଣ୍ଡିଆ ରଥ ୩ଦିନ ଧରି ୨୨ ପଞ୍ଚାୟତରେ ବୁଲି ଲୋକମାନଙ୍କୁ ସଚେତନତା କରାଇବ। ଉକ୍ତ କାର୍ଯ୍ୟକ୍ରମରେ ବିଡିଓ କୈଳାସ ଚନ୍ଦ୍ର ମୁର୍ମୁ, ଇଣ୍ଡିଆର ନିର୍ଦ୍ଦେଶକ ଡ. କୁମୁଦ ଚନ୍ଦ୍ର ବେହେରା, ଆତ୍ମାର ଅଧକ୍ଷ ରାଜେନ୍ଦ୍ର ପ୍ରଧାନ, ବ୍ଲକ ଉପାଧକ୍ଷ କାହ୍ନୁଚରଣ ପରିଡ଼ାଙ୍କ ସମେତ ସମସ୍ତ ଜନପ୍ରତିନିଧି ଉପସ୍ଥିତ ଥିଲେ।

### ଉତ୍କଳ ପାଣ ସମାଜର କର୍ମକର୍ତ୍ତା ଚୟନ

ଆର.ଉଦୟଗିରି,୭ା୧୧(ଡି.ଏନ.ଏ.)- ମୋହନା ସ୍ଥିତ ଖ୍ରୀଷ୍ଟିଆନ ଅନୁଗ୍ରହ ପୀଠ ପରିସରରେ ଉତ୍କଳ ପାଣ ଖ୍ରୀଷ୍ଟିଆନ ମୋହନା ବ୍ଲକ ଅଧିନରେ ରହିଥିବା ୩୯ ଗ୍ରାମ ପଞ୍ଚାୟତର ବହୁ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମାଜର ବହୁମୁଖୀ କାର୍ଯ୍ୟ ଏବଂ ସେମାନଙ୍କର ମୌଳିକ ଅଧିକାର ଯଥା ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ରାଜନୈତିକ, ଶିକ୍ଷାଗତ ସମ୍ପର୍କିତ ଅଧିକାର ଗୁଡିକ ଉପରେ ପର୍ଯ୍ୟାଲୋଚନା କରାଯାଇଥିଲା। ସମାଜର ବିକାଶ ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା। ଉତ୍କଳ ପାଣ(ଖ୍ରୀଷ୍ଟିଆନ) ସମାଜର ଉନ୍ନତି, ଶୃଙ୍ଖଳା ଓ ଦାୟିତ୍ୱବାନ ହୋଇ କାମ କରିବା ନିମନ୍ତେ ସର୍ବସମ୍ମତି କ୍ରମେ ଏକ ପରିଚାଳନା କମିଟି ଗଠନ କରାଯାଇଥିଲା। ଏହି କମିଟିରେ ସଭାପତି ଭାବେ ଅଭୟ ପରିଛା ଚୟନ ହୋଇଥିବା ବେଳେ ଉପ ସଭାପତି ପ୍ରକାଶ ନାୟକ, ହାଡ଼ିବନ୍ଧୁ ନାୟକ, ଦେବାନନ୍ଦ ନାୟକ, ସମ୍ପାଦକ ପ୍ରଶାନ୍ତି ନାୟକ, ସହ ସମ୍ପାଦକ ଅଜିତ କୁମାର ନାୟକ, ହରିଚନ୍ଦନ ବେହେରା, କୋଷାଧକ୍ଷ ଗୁଣମଣି ନାୟକ ସର୍ବସମ୍ମତି କ୍ରମେ ଚୟନ ହୋଇଥିଲେ।

### ବାଗ୍‌ଦେବୀଙ୍କ ପୀଠରେ ତ୍ରିବେଣୀ ଯଜ୍ଞ

ପାତ୍ରପୁର,୭ା୧୧(ଡି.ଏନ୍.ଏ.)- ପାତ୍ରପୁର ଓ ସାମନ୍ତିଆପଲ୍ଲୀ ମଧସ୍ଥଳରେ ଥିବା ମା' ବାଗ୍‌ଦେବୀଙ୍କ ପୀଠରେ ୩ ଦିନବ୍ୟାପୀ ଚାଲିଥିବା ୨୭ତମ ତ୍ରିବେଣୀ ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଘୃତଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ ଓ ଦୀପଯଜ୍ଞ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପୁରୋହିତ ଅଶୋକ କୁମାର ପାଢ଼ୀଙ୍କ ସହ ୮ ଜଣ ପୁରୋହିତ କର୍ତ୍ତା ଭାବେ ଲାଛମେୟା ଆଚାରୀ ଏଥିରେ ଭାଗ ନେଇଥିଲେ। କେ. କ୍ରିଷ୍ଣାରାଓ, ସଞ୍ଜୟ ମହାନ୍ତି, ଅନ୍ତର୍ଯ୍ୟାମୀ ପଣ୍ଡା, ସତ୍ୟ ପାଇକ ଓ ନାରାୟଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ସିପିଆଇ ଗଞ୍ଜାମ ଜୋନ୍‌ର ଜୋନାଲ ବଡି ବୈଠକ

ରମ୍ଭା,୭ା୧୧-ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଗଞ୍ଜାମ ଜୋନ ଜୋନାଲ ବଡି ବୈଠକ ଏଲମା ମନ୍ଦିରରେ ସାଥି ନାରାୟଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ନଭେମ୍ବର ୨୭ରେ ରମ୍ଭାଠାରେ ଜୋନାଲ ବଡି ବୈଠକ ଅନୁଷ୍ଠିତ ହେବାପାଇଁ ସ୍ଥିରୀକୃତ ହୋଇଛି। ଡିସେମ୍ବର ଶେଷ ସୁଦ୍ଧା ୧୪ ଶାଖାର ସମ୍ମିଳନୀ ଶେଷ କରିବା ପାଇଁ ନିଷ୍ପତ୍ତି ହୋଇଛି। ତତ ସଙ୍ଗେ ସଙ୍ଗେ ବୈଠକରେ ଅଞ୍ଚଳର ବିଭିନ୍ନ ସମସ୍ୟା, ଲବଣ ଶ୍ରମିକ ସମସ୍ୟା, ଜୟଶ୍ରୀ ଶ୍ରମିକ ମାନଙ୍କୁ ଛଟେଇର ପ୍ରତିବାଦ ପାଇଁ ଶ୍ରମିକ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମରେ ଜୋନ ସମ୍ପାଦକ ବି. ଦଣ୍ଡପାଣି ପାତ୍ର କାମଧନ୍ଦା ପାଇଁ ରିପୋର୍ଟ ଉପସ୍ଥାପନ କରିଥିଲେ। ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ତଥା ଛତ୍ରପୁର ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ, ଗଞ୍ଜାମ ଜିଲା ସହସମ୍ପାଦକ ସାଥି ପ୍ରଦୀପ ସେଠୀ, ସହ ସମ୍ପାଦକ ବିଶ୍ୱନାଥ ବିଶ୍ୱାଳ, ପୂର୍ଣ୍ଣ ପଲେଇ, ଶରତ ଚନ୍ଦ୍ର ପଟ୍ଟନାୟକ, ସଦାନନ୍ଦ ନାୟକ, ନିରାକାର ବେହେରା, କ୍ଷେତ୍ରମୋହନ ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ବିଜେଡିକୁ ମୁକାବିଲା କରିବ କି ପ୍ରଦୀପ ସେନା

■ ଗୋପାଳପୁର ନିର୍ବାଚନମଣ୍ଡଳୀ ରାଜନୀତି
■ ଶାସକ ଦଳରୁ ମହିଳା ହୋଇପାରନ୍ତି ବିଧାୟକ ପ୍ରାର୍ଥୀ

ବ୍ରହ୍ମପୁର ଅଫିସ,୭ା୧୧

ବିଧାୟକ ପ୍ରଦୀପ ପାଣିଗ୍ରାହୀ ବିଜେଡିରୁ ବହିଷ୍କୃତ ହେବାର ୨ ବର୍ଷ ବିତିବାକୁ ଯାଉଛି। ତେଣୁ ଗୋପାଳପୁର ନିର୍ବାଚନମଣ୍ଡଳୀର ସାଙ୍ଗଠନିକ ଦାୟିତ୍ୱ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶଙ୍କୁ ଶାସକ ଦଳ ପକ୍ଷରୁ ନ୍ୟସ୍ତ କରାଯାଇଛି। ଦଳର କାର୍ଯ୍ୟକ୍ରମ ଅନୁସାରେ ମାସକ ତଳୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ବିଧାୟକ ପାଣିଗ୍ରାହୀ ସମର୍ଥକଙ୍କୁ ସାଥିରେ ନେଇ ବିଧାନସଭା କ୍ଷେତ୍ରର ବିଭିନ୍ନ ଅଞ୍ଚଳରେ ପଦଯାତ୍ରା ମାଧ୍ୟମରେ ଜନସମ୍ପର୍କ ବଢ଼ାଇବାରେ ଲାଗିଛନ୍ତି। ଫଳରେ ଗୋପାଳପୁରରେ ଜନସମ୍ପର୍କ ପଦଯାତ୍ରା ପ୍ରତିଯୋଗିତାମୂଳକ ହୋଇଯାଇଛି।

ବିଧାୟକଙ୍କ ସମର୍ଥକମାନେ ଗତ ସପ୍ତାହରେ ନୂଆ ସଂଗଠନ ପ୍ରଦୀପ ସେନା ଗଠନ କରିଛନ୍ତି। ଏହାର କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ବର୍ଷକ ପରେ ସାଧାରଣ ନିର୍ବାଚନ ହେବାକୁ ଥିବାରୁ ଏବେଠୁ ରଣନୀତି ପ୍ରସ୍ତୁତ ହେଉଥିବା ରାଜନୈତିକ ବିଶ୍ଳେଷକ ଆଲୋଚନା କରୁଛନ୍ତି। ଫଳରେ ଚତୁର୍ଥଥର ପାଇଁ ପାଣିଗ୍ରାହୀ ଗୋପାଳପୁର ଆସନରେ ନିର୍ବାଚନ ଲଢ଼ିବାର ସଂକେତ ବୋଲି ବିଶ୍ଳେଷକ କହୁଛନ୍ତି। ଏହା ଯଦି ହେବ ତେବେ ବିଜେଡିକୁ ମୁକାବିଲା ପ୍ରଦୀପ ସେନା କରିବ ବୋଲି ବିଭିନ୍ନ ମହଲ ଚର୍ଚ୍ଚା କରୁଛନ୍ତି। ସୂଚନାଯୋଗ୍ୟ, ବିଜେଡିରୁ ବହିଷ୍କୃତ ହେବା ପରେ ଦୀର୍ଘ ମାସ ଧରି ପ୍ରଦୀପ ନିର୍ବାଚନମଣ୍ଡଳୀ ଆସୁ ନ ଥିଲେ। ଗତ ସ୍ୱାଧୀନତା ଦିବସରେ ପତାକା ଉତ୍ତୋଳନ ପାଇଁ ସେ କମଳାପୁର ଆସିଥିଲେ। ବିଜେଡିର ନୂଆ ପୁରୁଣା କର୍ମୀ ତାଙ୍କୁ ବିରୋଧ କରିବା ସହ ଠେଲାପେଲା ମଧ୍ୟ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଗଣେଶ ପୂଜାରେ ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ ମହାନଗର ୪୦ନଂ. ୱାର୍ଡ ଆଙ୍କୁଲି ଆସିଥିଲେ। ଅରପରପକ୍ଷରେ ଆଗାମୀ ନିର୍ବାଚନରେ ଗୋପାଳପୁରରୁ ବିଜେଡି କାହାକୁ ବିଧାୟକ ପ୍ରାର୍ଥୀ କରିବ ତାହା ମଧ ଚର୍ଚ୍ଚାର ବିଷୟ ପାଲଟିଛି। ଦଳର ମୁଖିଆ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁକ୍ଷେତ୍ରରେ ମହିଳାଙ୍କୁ ଅଗ୍ରାଧିକାର ଦେଉଥିବାରୁ ମହିଳାଙ୍କୁ ପ୍ରାର୍ଥୀ କରିପାରନ୍ତି ବୋଲି ଲୋକେ ଆଲୋଚନା କରୁଛନ୍ତି।

ସେପ୍ଟେମ୍ବର ୨୭ରେ ବିଧାୟକ ପାଣିଗ୍ରାହୀ ଗୋପାଳପୁର ସହରାଞ୍ଚଳରେ ଜନସମ୍ପର୍କ ପଦଯାତ୍ରା ପରିପ୍ରେକ୍ଷୀରେ କହୁ କହୁ କହିଲେ, ବିଜେଡି ସଭାପତି ଆଗାମୀ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରେ ମହିଳାଙ୍କୁ ବିଧାୟକ ପ୍ରାର୍ଥୀ କରିବେ। ଏହି ଟିପ୍ପଣୀ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଜେଡି ଯଦି ମହିଳା ପ୍ରାର୍ଥୀ ଦେବ ତେବେ ପ୍ରଦୀପ ତାଙ୍କ ସ୍ତ୍ରୀ ସୁଜାତାଙ୍କୁ ଲଢ଼େଇର ମଇଦାନକୁ ଓହ୍ଲାଇବାର ସମ୍ଭାବନା ଥିବା ମଧ୍ୟ ଅଞ୍ଚଳବାସୀ ଚର୍ଚ୍ଚା କରୁଛନ୍ତି। ଆଉ କେତେକଙ୍କ ମତରେ ସୁଜାତା ବନାମ ସୁଜାତାଙ୍କ ମଧ୍ୟରେ ଲଢ଼େଇ ବେଶ୍ ରୋଚକ ହୋଇପାରିବ।

# ସାମାଜିକ ସମୀକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

ଆର.ଉଦୟଗିରି,୭ା୧୧(ଡି.ଏନ.ଏ.)

ଆର.ଉଦୟଗିରି ପଞ୍ଚାୟତ ସମିତି ସଭାଗୃହଠାରେ ଉଭୟ ଆର.ଉଦୟଗିରି ଓ ନୂଆଗଡ଼ ପଞ୍ଚାୟତ ସମିତି ଆନୁକୂଲ୍ୟରେ ଗ୍ରାମୀଣ ଆବାସ ଯୋଜନା ଅଧିନ ଏକ ଦିନିକିଆ ସାମାଜିକ ସମୀକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗ୍ରାମ୍ୟ ଅନୁଧ୍ୟାନ ଦଳଗୁଡ଼ିକ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର.ଉଦୟଗିରି ବ୍ଲକର ୧୩ ଓ ନୂଆଗଡ଼ ବ୍ଲକର ୧୪ ପ୍ରଶିକ୍ଷିକା ଯୋଗଦେଇ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ଗ୍ରାମୀଣ ବିଷୟରେ ତାଲିମ ନେଇଥିଲେ। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲରିମନ ଖର୍ସେଲ ସଭାପତିତ୍ୱ କରିଥିବା ବେଳେ ଜିଲା ଗ୍ରାମୀଣ ଆବାସ ଯୋଜନା ମୁଖ୍ୟ ବି.ରୋହିତ କୁମାର, ସହକାରୀ ଯନ୍ତ୍ରୀ ନୀଳାଞ୍ଚଳ ମହାପାତ୍ର, ଜିଲା ସାମାଜିକ ସମୀକ୍ଷକ ମନୋଜ କୁମାର ନାୟକ, ପ୍ରିୟଙ୍କା ରଥ, ଅଶ୍ୱିନୀ କୁମାର ଷଡ଼ଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୫ ଲକ୍ଷ ଠକାମିରେ ପଡ଼ିଲେ ବ୍ୟବସାୟୀ

ବ୍ରହ୍ମପୁର ଅଫିସ,୭ା୧୧

ମୁମ୍ବାଇ ଥାନେ ଅଞ୍ଚଳର ଜଣେ ବ୍ୟବସାୟୀଙ୍କ ସହ ଫୋନରେ ଯୋଗାଯୋଗ କରି ସେଠାରୁ ଡିଆଇ ପାଇପ୍ ଆଣି ବିକ୍ରି କରିବା ପାଇଁ ଡିଲ୍ କରିବା ବ୍ରହ୍ମପୁର ଆସ୍କାରୋଡ଼ର ଜଣେ ବ୍ୟବସାୟୀଙ୍କୁ ମହଙ୍ଗା ପଡ଼ିଛି। ପ୍ରାୟ ୧୬ଲକ୍ଷ ଟଙ୍କାର ଠକାମିରେ ପଡ଼ିଥିବା ନେଇ ବଡ଼ବଜାର ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଏନେଇ ଥାନାରେ ୩୦୦/୨୦୨୨ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।
ପ୍ରକାଶ ଯେ, ଆସ୍କାରୋଡ଼ ଅଞ୍ଚଳର ସୁମନ୍ତ କୁମାର ସାହୁ ଡିଆଇ ପାଇପ୍ ବ୍ୟବସାୟ କରନ୍ତି। ୨୦୧୮ ଅଗଷ୍ଟରେ ଥାନେ ଅଞ୍ଚଳର ମନୋହର କାଣ୍ଡା ନାମକ ଜଣେ ବ୍ୟବସାୟୀ ତାଙ୍କୁ ଫୋନ୍ କରି ଆବଶ୍ୟକ ପରିମାଣର ଡିଆଇ ପାଇପ୍ ଯୋଗାଇଦେବେ ବୋଲି କହିଥିଲେ। ସୁମନ୍ତ ସେହି ଥାନେର ବ୍ୟବସାୟୀଙ୍କ ବ୍ୟାଙ୍କ ଜମାଖାତାକୁ ବିଭିନ୍ନ ଦଫାରେ ଅଗ୍ରୀମ ୩୫ଲକ୍ଷ ଟଙ୍କା ପଠାଇଥିଲେ। କିନ୍ତୁ ସେ ଅର୍ଡ଼ର୍ ମୁତାବକ ସାମଗ୍ରୀ ନ ପଠାଇ ଦୁଇଥରରେ ମୋଟ ୧୯ଲକ୍ଷ ୩୪ହଜାର ୧୨୪ଟଙ୍କାର ସାମଗ୍ରୀ ପଠାଇଥିଲା। ଅବଶିଷ୍ଟ ଟଙ୍କାର ସାମଗ୍ରୀ ଆଉ ପଠାଇନଥିଲା,ବ କି ଫୋନ୍ ଉଠାଇନଥିଲା। ତେଣୁ ବାଧ ହୋଇ ବ୍ୟବସାୟୀ ଜଣକ ଥାନେ ଯାଇ ଉକ୍ତ ବ୍ୟବସାୟୀଙ୍କ ସହ ସିଧାସଳଖ ଯୋଗାଯୋଗ କରିଥିଲେ। ତେବେ ସାମଗ୍ରୀ ପଠାଇବା ନେଇ ତା'ର ଥିବା ସମସ୍ୟା ସମ୍ପର୍କରେ କହିବା ସହ ୧୫ଲକ୍ଷ ୬୫ହଜାର ୮୭୬ଟଙ୍କାର ତିନିଟି ଚେକ୍ ଦେଇଥିଲେ। ସେହି ଚେକ୍‌କୁ ଆଣି ବ୍ୟବସାୟୀ ଜଣକ ବ୍ୟାଙ୍କରେ ଜମା କରିବାରୁ ତାହା (ବାଉଁସ) ଗ୍ରହଣୀୟ ହୋଇନଥିଲା। ଏସମ୍ପର୍କରେ ବୁଝିବା ପାଇଁ ପୁଣି ଥାନେର ସେହି ବ୍ୟବସାୟୀଙ୍କୁ ଫୋନ୍ କରିଥିଲେ। କିନ୍ତୁ କିଛି ସୁଫଳ ନ ମିଳିବାରୁ ପୁଣିଥରେ ଥାନେ ଯାଇଥିଲେ। କିନ୍ତୁ ସେଠାରେ ଉକ୍ତ ବ୍ୟବସାୟୀ ସଂସ୍ଥାରେ ତାଲା ଝୁଲୁଥିବା ବେଳେ ତାଙ୍କ ଭଳି ବହୁ ବ୍ୟବସାୟୀ ଏଭଳି ଠକେଇର ଶିକାର ହୋଇ ସେଠାରେ ପହଞ୍ଚୁଥିବା ଜାଣିବାକୁ ପାଇଥିଲେ।

### ଏମ୍‌କେସିଜି ଦେଖିଲେ କମିଶନର, ଉପଜିଲାପାଳ

ବ୍ରହ୍ମପୁର ଅଫିସ,୭ା୧୧

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲରେ ଏବେ ବିଭିନ୍ନ ଅବ୍ୟବସ୍ଥା ଦେଖାଦେଇଛି। ଅଗ୍ନିକାଣ୍ଡଠାରୁ ଆରମ୍ଭ କରି ସିଲିଂ ଖସିବା, ରୋଗୀ ସେବା ନାଁରେ ଲାଞ୍ଚ କାରବାର, ରୋଗୀଙ୍କୁ ଘରୋଇ ନର୍ସିଂହୋମ ଚାଲାଣ ପାଇଁ ସେଠାରେ ସକ୍ରିୟ ରହିଥିବା ଦଲାଲ ଭଳି ଘଟଣା ପରେ ବ୍ରହ୍ମପୁର ମହାନଗର ନିଗମ କମିଶନର ଜେ.ସୋନାଲ ଓ ବ୍ରହ୍ମପୁରର ନୂତନ ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ପ୍ରଥମ ଥର ପାଇଁ ସୋମବାର ଏମକେସିଜି ବଡ଼ ଡାକ୍ତରଖାନା ପରିଦର୍ଶନ କରିଛନ୍ତି। ପରିଦର୍ଶନ ବେଳେ ବିଭିନ୍ନ ବିଭାଗ ସମ୍ପର୍କରେ ପଚାରି ବୁଝିବା ସହ ଏମକେସିଜି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ରୋଗୀଙ୍କୁ କିପରି ରୋଗୀସେବା ଦିଆଯାଉଛି ପଚାରି ବୁଝିବା ସହ କାଜୁଆଲିଟି, ଶିଶୁ ବିଭାଗ, ମେଡିସିନ୍ ଓ ଅନ୍ୟାନ୍ୟ ବିଭାଗ ବୁଲି ସ୍ୱାସ୍ଥ୍ୟସେବା ସମ୍ପର୍କରେ ରୋଗୀଙ୍କ ସହ ଆଲୋଚନା କରିଥିଲେ।

### ସୁଭଦ୍ରା ପରିଣୟ ମଞ୍ଚସ୍ଥ

ରମ୍ଭା,୭ା୧୧

ରମ୍ଭା ରଙ୍ଗ ମାଟିଆ ନୂଆଗାଁରେ କାର୍ତ୍ତିକେଶ୍ୱର ପୂଜା ମହୋତ୍ସବଦ୍ୱିତୀୟ ଦିବସରେ ସଭାପତି ସୁରେଶ ଚନ୍ଦ୍ର ନାହାକଙ୍କ ସଭାପତିତ୍ୱରେ ଏକ ସଭା ସହ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ଏମ୍‌ଏସ୍‌ଭି ପବ୍ଲିକ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ତଥା ଅଧକ୍ଷ ବିଶ୍ୱଜିତ ଆଚାର୍ଯ୍ୟ ମଞ୍ଚାସିନ ଥିଲେ। ଉପସ୍ଥାପନାରେ ତ୍ରିନାଥ ନାହାକ ରହିଥିବା ବେଳେ କାର୍ଯ୍ୟକ୍ରମ ସଞ୍ଚାଳନରେ ଅଲେଖ ନାହାକ, ରବୀନ୍ଦ୍ର ନାହାକ, ଅନାଥ ନାହାକ, ବିଦ୍ୟାଧର ନାହାକ, ସମୀର ନାହାକ, ପ୍ରଭାତ ନାହାକ ସମେତ ବାପୁଜୀ କ୍ଲବର ସଦସ୍ୟ ସହଯୋଗ କରିଥିଲେ। ଶେଷରେ ଏକ ସୁଭଦ୍ରା ପରିଣୟ ତଥା ଭାରତ ଲୀଳା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# କିଡ୍‌ନୀ ରୋଗୀଙ୍କୁ ଭେଟିଲେ ଜିଲାପାଳ



କିଡ୍‌ନୀ ରୋଗୀଙ୍କ ପରିବାର ସହ ଜିଲାପାଳ ଆଲୋଚନା କରୁଛନ୍ତି ।

ପାରଳାଖେମୁଣ୍ଡି,୭ା୧୧(ଡି.ଏନ୍.ଏ.)

ଜିଲାପାଳ ଲିଙ୍ଗରାଜ ପଣ୍ଡା ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମଠାରେ ଥିବା ସୁପରସ୍ପେସିଆଲିଟି ହସ୍ପିଟାଲ ଜେମ୍ସଠାରେ ଜଣେ କିଡ୍‌ନୀ ରୋଗଙ୍କୁ ଭେଟିଛନ୍ତି। ଜିଲାପାଳ ରବିବାର ଆନ୍ଧ୍ରର ଶ୍ରୀକାକୁଲମ ଗସ୍ତ କରି ଜେମ୍ସ ହସ୍ପିଟାଲଠାରେ କିଡନୀ ରୋଗରେ ଚିକିତ୍ସିତ ହେଉଥିବା ଗଜପତି ଜିଲା ରାୟଗଡ ବ୍ଲକର କାରୀ ପାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିବା ସହ ତାଙ୍କ ପରିବାରବର୍ଗଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିଥିଲେ। ସୂଚନା ଯୋଗ୍ୟ, ମହିଳା ଜଣକ ଗତ କିଛି ମାସ ହେଲା କିଡନୀ ରୋଗର ଆକ୍ରାନ୍ତ ହୋଇଥିଲେ। ସେ ଜଣେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ର ହିତାଧିକାରୀ ତଥା କାର୍ଡଧାରୀ ହୋଇଥିବାବେଳେ ଶ୍ରୀକାକୁଲମଠାରେ ଥିବା ଜେମ୍ସରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ଏହି ଖବର ଜିଲାପାଳ ଜାଣିବାପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବାପାଇଁ ଉକ୍ତ ମେଡିକାଲ ଯାଇଥିଲେ।

# ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ


ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି ।

ହିଞ୍ଜିଳିକାଟୁ,୭ା୧୧(ଡି.ଏନ.ଏ.)

ହିଞ୍ଜିଳିକାଟୁ ଲକ୍ଷ୍ମୀନୃସିଂହ କଳାମନ୍ଦିର ପରିସରରେ ଶନିବାର ଓ ରବିବାର ୨ ଦିନ ଧରି ଅଞ୍ଚଳର ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଗ୍ରୀଟ ଅଧକ୍ଷ ପବିତ୍ର ମୋହନ ପାଣିଗ୍ରାହୀ ଯୋଗ ଦେଇଥିଲେ। କଳାମନ୍ଦିର ସଭାପତି ନୃସିଂହ ପ୍ରସାଦ ପଟ୍ଟନାୟକଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ, ପୂର୍ବତନ ନଗର ଅଧକ୍ଷ ହୃଦୟାନନ୍ଦ ମହାପାତ୍ର, ସମ୍ପାଦକ ଲିଙ୍ଗରାଜ ସେନାପତି, ଉପଦେଷ୍ଟା ପ୍ରମୁଖ ମଞ୍ଚାସୀନ ଥିଲେ। ନୂତନ ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ଗ୍ରୀକ ଅଧକ୍ଷ ପବିତ୍ର ମୋହନ ପାଣିଗ୍ରାହୀଙ୍କୁ କଳା ମନ୍ଦିରର କାର୍ଯ୍ୟକର୍ତ୍ତା ମାନେ ଉପଢୌକନ ସହ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ହିଞ୍ଜିଳିକାଟୁ ବ୍ଲକ ପୌରାଞ୍ଚଳର ୨୪୫ ଜଣ ଏକକ ପ୍ରତିଯୋଗୀ ଓ ୧୦ ଗ୍ରୁପ ମଧ୍ୟରେ ପ୍ରତିଭା ଅନ୍ୱେଷଣଦ୍ର ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତୀ ଛାତ୍ରଛାତ୍ରୀଙ୍କୁ ଆସନ୍ତା ୧୪ ତାରିଖରେ କଳାମନ୍ଦିର ତରଫରୁ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହାକୁ ଶିକ୍ଷକ ନିରଞ୍ଜନ ସାହୁ, ଦିଲୀପ କୁମାର ସାହୁ, ରମାକାନ୍ତ ସାହୁ, ରୋହିତ ବିଷୋୟୀ, ମାନସ ବେହେରା, ସୁଧାଂଶୁ ବାଡତ୍ୟା, ହିମାଂଶୁ ବେହେରା, ଦିଲ୍ଲୀପ କୁମାର ବୈଠାରୁ, ସଂସ୍କାର ପଟ୍ଟନାୟକ, ବିନୋଦ ବେହେରା, ବିଶ୍ୱମ୍ଭର ସାହୁ ଓ କଳାମନ୍ଦିର ର ସମସ୍ତ ସଦସ୍ୟଙ୍କ ସହ ବିଭିନ୍ନ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ସ୍କାଉଟ୍ ଓ ଗାଇଡ୍ ପ୍ରତିଷ୍ଠା ଦିବସ

ବୁଗୁଡ଼ା,୭ା୧୧(ଡି.ଏନ.ଏ.)

ବୁଗୁଡା ଏନ୍‌ଏସି ଅନ୍ତର୍ଗତ ନିୟୁଏରା ପବ୍ଲିକ ସ୍କୁଲ ପରିସରରେ ରାଜ୍ୟ ଭାରତ ସ୍କାଉଟ ଓ ଗାଇଡ୍ ଆନୁକୂଲ୍ୟରେ ସ୍କାଉଟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍କୁଲର ସମ୍ପାଦକ ଅନୀଲ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସେବା ମାଧ୍ୟମରେ ଆମେ କିପରି ସମାଜରେ ପ୍ରତିଷ୍ଠିତ ହୋଇପାରିବା ସେ ସମ୍ପର୍କରେ କହିଥିଲେ। ନିୟୁଏରା ପବ୍ଲିକ ସ୍କୁଲର ସ୍କାଉଟ ଶିକ୍ଷକ ବୈଷ୍ଣବ ଚରଣ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ପିପୁଲସ କଲେଜର ରୋଭର ଲିଡର ଆତ୍ମ ପ୍ରକାଶ ନାୟକ ମୁଖ୍ୟବକ୍ତା, ପିପୁଲ୍ସ ହାଇସ୍କୁଲର ସ୍କାଉଟ ମାଷ୍ଟର ବିଶ୍ୱେଶ୍ୱର ଗିରି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କେ. ଅମ୍ରିତ ସାଗର ପାତ୍ରଙ୍କ ତତ୍ତ୍ୱାବଧାନରେ ପିପୁଲସ କଲେଜର ରୋଭର ଓ ରେଞ୍ଜର, ନିଉଏରା ପବ୍ଲିକ ସ୍କୁଲର ସ୍କାଉଟ ଓ ଗାଇଡ୍, ଶ୍ରୀକର ଭଞ୍ଜ ଓପନ୍ ୟୁନିଟର ସମସ୍ତ ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ଚନ୍ଦନ ପ୍ରସାଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ ବୁଗୁଡ଼ାରେ ଏକ ପ୍ରଶିକ୍ଷଣ ଶିବିର ଆୟୋଜନ କରିବା ପାଇଁ ମତ ପ୍ରକାଶ ପାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଗଜପତିରେ ବାଲି ଅଭାବ, ନିର୍ମାଣ କାର୍ଯ୍ୟରେ ବାଧା

ପାରଳାଖେମୁଣ୍ଡି,୭ା୧୧(ଡି.ଏନ୍.ଏ.)



ଗଜପତି ଜିଲାରେ ଦେଖାଦେଇଛି ବାଲିର କୃତ୍ରିମ ଅଭାବ। ବଂଶଧାରା ନଦୀ ବାଲି ଉଠାଣର ଲିଜଧାରୀ ଅଧିକ ଲାଭ ପାଇଁ ମନମାନୀ କରି ଟିପର ଦ୍ୱାରା ଦିନରାତି ପଡୋଶୀ ରାଜ୍ୟ ଆନ୍ଧ୍ରକୁ ଚାଲାଣ କରୁଥିବା ବେଳେ, ସ୍ଥାନୀୟ ଅଞ୍ଚଳରେ ଟ୍ରାକ୍ଟର ଯୋଗେ ବାଲି ପରିବହନକୁ ସମ୍ପୂର୍ଣ୍ଣ ମନା କରିଦେଇଛନ୍ତି। ଫଳରେ ଜିଲାର କାଶୀନଗର, ଗୁମ୍ମା, ପାରଳାଖେମୁଣ୍ଡି ଓ ଗୋଷାଣୀ ବ୍ଲକରେ ବାଲି ଅଭାବ ଦେଖାଦେଇଛି। ଯାହାଦ୍ୱାରା ସମସ୍ତ ସରକାରୀ ଓ ବେସରକାରୀ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି, ମନ୍ଥର ଗତିରେ ଚାଲିଛି ଜିଲାର ଉନ୍ନୟନ ମୂଳକ କାର୍ଯ୍ୟ। ବିଶେଷ ପ୍ରଭାବିତ ହେଉଛନ୍ତି ହଜାର ହଜାର ନିର୍ମାଣ ଶ୍ରମିକ ଓ ଠିକାଦାର। ଏଥିସହ ଆନ୍ଧ୍ରକୁ ବାଲି ଚାଲାଣ ବେଳେ ବାଲି ଖାଦାନରେ ପୂରଣ କରାଯାଉଥିବା ୱାଇ ଫର୍ମରେ ବ୍ୟାପକ ଅନିୟମିତତା ଯୋଗୁ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର। ଉକ୍ତ ଫର୍ମରେ ପରିବହନ ହେଉଥିବା ବାଲିର ପରିମାଣ, ସ୍ଥାନ ତଥା ତାରିଖ ସମୟ ଠିକ ଭାବେ ଉଲ୍ଲେଖ ନକରି ବ୍ୟାପକ ପରିମାଣର ରାଜସ୍ୱ ଠକି ନେଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ବୁଦ୍ଧିଜୀବୀ। ବାଲି ଉଠାଣରେ ନିୟନ୍ତ୍ରଣ କରି ଠିକ ପରିମାଣର ରାଜସ୍ୱ ଆଦାୟ ନିମନ୍ତେ ପ୍ରଶାସନ ପକ୍ଷରୁ ଖାଦାନ ସ୍ଥଳରେ ୱାଇ ଫର୍ମ ପୂରଣ ବ୍ୟବସ୍ଥା କରାଯାଇଛି। ଯାହାର ତଥ୍ୟ ଲିଜଧାରୀ ସ୍ଥାନୀୟ ତହସିଲଦାରଙ୍କୁ ଜମା ଦେବାକୁ ପଡିଥାଏ। ଏହି ୱାଇ ଫର୍ମରେ ପ୍ରଶାସନକୁ ହସ୍ତାନ୍ତର କରିବା ନକଲରେ ମିଥ୍ୟା ତଥ୍ୟ ଉଲ୍ଲେଖ କରାଯାଉଥିବା ବେଳେ ତହସିଲଦାର ଏହାକୁ ଅଣଦେଖା କରୁଥିବା ଅଭିଯୋଗ ହୋଇ ଆସୁଥିବା ବେଳେ ବହୁବାର ଆନ୍ଦୋଳନ କରାଯାଇଛି। ଏ ନେଇ ପ୍ରଶାସନକୁ ଅବଗତ କରିବା ପରେ ଘଟଣାର ତଦନ୍ତ କରି ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ଜିଲା ପ୍ରଶାସନ କହିଛି। ଜିଲାରେ କୌଣସି ଶିଳ୍ପ ପ୍ରତିଷ୍ଠାନ ନଥିବା ବେଳେ, ବଂଶଧାରା ନଦୀର ବାଲି ଜିଲା ପ୍ରଶାସନର ଏକମାତ୍ର ରାଜସ୍ୱ ଆଦାୟର କେନ୍ଦ୍ର ହୋଇଛି। ଏଥିସହ ୪ ବ୍ଲକର ନିର୍ମାଣ ଶ୍ରମିକ ଓ ଠିକାଦାରଙ୍କ ଏକମାତ୍ର ନିର୍ଭର ବଂଶଧାରା ନଦୀର ବାଲି ଖାଦାନର ଉପଯୁକ୍ତ ନିୟନ୍ତ୍ରଣ ଅତି ସମ୍ବେଦନଶୀଳ ହୋଇ ଉଠିଛି। ବଂଶଧାରା ନଦୀର ବାଲି ଖାଦାନରେ ବ୍ୟାପକ ରାଜସ୍ୱ ଠକେଇ ଘଟଣା ସାମ୍ନାକୁ ଆସିଛି। ଘଟଣାର ପର୍ଦ୍ଦାଫାସ କରିଛି ବାଲି ନିଜେ ଉଠାଣରେ ନିୟୋଜିତ ହୋଇଥିବା ଟ୍ରାକ୍ଟର ମାଲିକ ଓ କର୍ମଚାରୀ ସଂଘ। ସ୍ଥାନୀୟ ଅଞ୍ଚଳରେ ପୂର୍ବରୁ ବାଲି ପରିବହନରେ ନିୟୋଜିତ ହେଉଥିବା ଟ୍ରାକ୍ଟର ଗୁଡ଼ିକୁ ନ ଦେଇ ବଡ଼ ବଡ଼ ଟିପର ଦ୍ୱାରା ଦିନରାତି ବାଲି ଉଠାଣ ଲିଜଧାରୀ ପଡୋଶୀ ରାଜ୍ୟ ଆନ୍ଧ୍ରକୁ ଚାଲାଣ କରୁଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳରେ ବାଲି ଅଭାବ ଦେଖା ଦେଇଛି। ଏନେଇ ଗତ କିଛି ଦିନ ପୂର୍ବେ ଟ୍ରାକ୍ଟର ସଂଘ ଏକ ସ୍ମାରକ ପତ୍ରରେ ଉଲ୍ଲେଖ କରି ଜିଲାପାଳଙ୍କ ଅବଗତ କରିଥିଲା।

## ସଂକ୍ଷେପରେ

### ମା'ବିରଜାଙ୍କ ମନ୍ଦିରରୁ ସୁନା ମୁକୁଟ,ଅଳଙ୍କାର ଚୋରି

**ଯାଜପୁର ରୋଡ,୭।୧୧(ଡି.ଏନ୍.ଏ.):** ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ବିରଜା ନଗରରେ ଥିବା ନବନିର୍ମିତ ମା'ବିରଜା ମନ୍ଦିରରୁ ଗତ ରବିବାର ରାତିରେ ଦେବୀଙ୍କ ମୁକୁଟ ଓ ଅଳଙ୍କାର ଚୋରି ହୋଇଛି । ଏ ସଂକ୍ରାନ୍ତରେ ମନ୍ଦିର ପରିଚାଳନା କମିଟିର ସଭାପତି ନିତ୍ୟାନନ୍ଦ ମହାଳିକ ଯାଜପୁର ରୋଡ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି । ଘଟଣା ଦିନ ରାତିରେ ବ୍ୟାସନଗର ସହରର ଗଣପର୍ବ ମା'କାଳୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେଉଥିଲା । ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ମନ୍ଦିର ତାଲା ଭାଙ୍ଗି ପ୍ରାୟ ୪ ଲକ୍ଷ ଟଙ୍କାର ଅଳଙ୍କାର ଚୋରି କରିଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଏହା ସହିତ ମା'ଙ୍କ ହୁଣ୍ଡିକୁ ଦୁର୍ବୃତ୍ତମାନେ ଏକ ବୁଦା ପାଖରେ ପକାଇ ଦେଇଛନ୍ତି । ସେଥିରେ ଥିବା ଦାନଅର୍ଥକୁ ବି ଦୁର୍ବୃତ୍ତମାନେ ନେଇ ଯାଇଛନ୍ତି । ମଙ୍ଗଳବାର ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ରସୁଲପୁର,୭।୧୧(ଡି.ଏନ.ଏ.)-ରସୁଲପୁର ବ୍ଲକ ଖଣ୍ଡିତର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ବୈଦିକ କର୍ମକାଣ୍ଡ ବ୍ରାହ୍ମଣ ରାମଚନ୍ଦ୍ର ମିଶ୍ରଙ୍କ ପରଲୋକ ହୋଇଯାଇଛି । ତାଙ୍କୁ ୯୨ବର୍ଷ ବୟସ ହୋଇଥିଲା । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି । ମରଶରୀରକୁ ଏକ ଶୋଭାଯାତ୍ରାରେ ଖଣ୍ଡିତର ଶାସନ ଗ୍ରାମର ବିଭିନ୍ନ ସ୍ଥାନରେ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ସ୍ୱର୍ଗତ ମିଶ୍ର ୨୨ବର୍ଷ ବୟସରେ ଚାକିରୀ ଜୀବନ ଆରମ୍ଭ କରିଥିଲେ । ୩୬ବର୍ଷ ଚାକିରୀ ଜୀବନ ପରେ ୧୯୯୨ରେ ଅବସର ଗ୍ରହଣ କରିଥିଲେ । ଚାକିରୀ କାର୍ଯ୍ୟକାଳ ସମୟରେ ସେ ବିଦ୍ୟାର୍ଥୀ ଓ ଅଭିଭାବକମାନଙ୍କ ପ୍ରିୟ ଭାଜନ ହୋଇପାରିଥିଲେ । ଅବସର ଗ୍ରହଣ ପରେ ସେ ନିଜକୁ ଧାର୍ମୀକ କାର୍ଯ୍ୟରେ ନିୟୋଜିତ କରିଥିଲେ । ତାଙ୍କ ମରଶରୀର ନିକଟରେ ପୁଅ ବୋହୂ, ଝିଅ, ନାତିନାତୁଣି ଉପସ୍ଥିତ ଥିଲେ । ଶ୍ୱଶୁରଙ୍କ ମୃତ୍ୟୁ ଖବର ଶୁଣି ବଡ଼ ବୋହୂ ଅନିତା ମିଶ୍ରଙ୍କ ମସ୍ତିଷ୍କ ଆଘାତରେ ଗୁରୁତର ହୋଇ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।

### ଯାଜପୁରରେ ଯୁଗ୍ମ ଜନଶୁଣାଣି ଶିବିର

ଯାଜପୁର, ଟାଉନ,୭।୧୧(ଡି.ଏନ.ଏ.): ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ସୋମବାର ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଅଧ୍ୟକ୍ଷତା କରି ଅଭିଯୋଗ ଏବଂ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଶିବିରରେ ମୋଟ ୧୨୧ ଅଭିଯୋଗ ମଧ୍ୟରୁ ୧୧୪ ବ୍ୟକ୍ତିଗତ ଓ ୭ ସାମୂହିକ ଆବେଦନ ପତ୍ର ମିଳିଥିଲା । ତତ୍‌କ୍ଷଣାତ୍ ୬୬ ଆବେଦନର ସମାଧାନ କରାଯାଇଥିଲା । ଅବଶିଷ୍ଟ ଅଭିଯୋଗର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାହୁଲ ପି.ଆର., ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ଯାଜପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀ, ଜିଲା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ତିଲୋତ୍ତମା ପୃଷ୍ଟି ଓ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ ।

# ଆଇଏମ୍ଏଏମ୍ଏସ୍‌ର ଜାତୀୟ ସମ୍ମିଳନୀ

**ଯାଜପୁର ଅଫିସ,୭।୧୧**

## ଡାକ୍ତର ପ୍ରସନ୍ନ କୁମାର ସାହୁଙ୍କୁ ଏଫ୍ଆଇଏଏମ୍ଏସ୍ ଉପାଧି


ଡାକ୍ତର ପ୍ରସନ୍ନ କୁମାର ସାହୁଙ୍କୁ ଏଫ୍ଆଇଏଏମ୍ଏସ୍ ଉପାଧି ପ୍ରଦାନ କରାଯାଉଛି ।

ଭାରତୀୟ ଚିକିତ୍ସକ ସଂସ୍ଥା ଅନ୍ତର୍ଭୁକ୍ତ ଭେଷଜ ବିଜ୍ଞାନ ବିଶାରଦ ଏକାଡେମୀ ବା ଇଣ୍ଡିଆନ ମେଡିକାଲ ଆସୋସିଏଶନ ଏକାଡେମୀ ଅଫ ମେଡିକାଲ ସ୍ପେସିଆଲିଟିଜ୍ (ଆଇଏମ୍ଏଏମ୍ଏସ୍)ର ଜାତୀୟ ସମ୍ମିଳନୀ ରବିବାର କୋଲକାତାର ବୋଟିଙ୍ଗ ଓ ହୋଟେଲ ରିସର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏମ୍‌ପି ତଥା ଭାରତୀୟ ଚିକିତ୍ସକ ସଂସ୍ଥାର ପୂର୍ବତନ ସଭାପତି ଡାକ୍ତର ଶାନ୍ତନୁ ସେନଙ୍କ ପୃଷ୍ଠ ପୋଷକତାରେ ଅନୁଷ୍ଠିତ ସମ୍ମିଳନୀରେ ଭାରତର ବିଭିନ୍ନ ପ୍ରାନ୍ତରୁ ୧୭୫୦ ବିଶେଷଜ୍ଞ ଚିକିତ୍ସକ ଓ ମେଡିକାଲ ଛାତ୍ରୀଛାତ୍ର ଯୋଗଦେଇଥିଲେ । ସମ୍ମିଳନୀରେ ଶିଶୁ ଚିକିତ୍ସା ବିଜ୍ଞାନ ସହିତ ଅନ୍ୟ ସମସ୍ତ ବିଭାଗର ଚିକିତ୍ସା ବିଷୟରେ ଆଲୋଚନା କରାଯାଇଥିଲା । ଶିଶୁ ଚିକିତ୍ସା ପର୍ଯ୍ୟାଲୋଚନା ବିଭାଗରେ ଯାଜପୁର ରୋଡ୍‌ର ବରିଷ୍ଠ ଶିଶୁ ଚିକିତ୍ସକ ଡାକ୍ତର ପ୍ରସନ୍ନ କୁମାର ସାହୁ ଅଧ୍ୟକ୍ଷତା କରି ନିଜର ମତାମତ ପ୍ରଦାନ କରିଥିଲେ । ଏହି ଅବସରରେ ଡାକ୍ତର ସାହୁଙ୍କୁ ମର୍ଯ୍ୟାଦାଜନକ ଏଫ୍ଆଇଏଏମ୍ଏସ୍ ଉପାଧି ପ୍ରଦାନ କରାଯାଇଥିଲା । ଏଥିସହ ବିଭିନ୍ନ ପ୍ରାନ୍ତର ୧୫ ବିଶେଷଜ୍ଞ ଡାକ୍ତରଙ୍କୁ ଏହି ଉପାଧି ଦିଆଯାଇଥିଲା । ଡାକ୍ତର ସାହୁ ପୂର୍ବରୁ ଜାତୀୟ, ପୂର୍ବାଞ୍ଚଳ, ପ୍ରାଦେଶିକ ଓ ସ୍ଥାନୀୟ ସ୍ତରରେ ୨୭ ଥର ବିଭିନ୍ନ ଉପାଧିରେ ସମ୍ବର୍ଦ୍ଧିତ ହୋଇଛନ୍ତି । ସେଥିରୁ ଏଫ୍ଆଇଏପି, ପୂର୍ବାଞ୍ଚଳ ଶିଶୁ ବିଶେଷଜ୍ଞ ଶିରୋମଣି, ଓଡ଼ିଶାର ରାଜ୍ୟପାଳଙ୍କ ଦ୍ୱାରା ପ୍ରଦତ୍ତ ମହାତ୍ମା ଗାନ୍ଧୀ ସମ୍ମାନ ଅନ୍ତର୍ଭୁକ୍ତ ।

# ସନ୍ ପବ୍ଲିକ ସ୍କୁଲରେ ବୋଇତ ବନ୍ଦାଣ ଉତ୍ସବ

**ଯାଜପୁର ସଦର,୭।୧୧(ଡି.ଏନ.ଏ.)**

ଯାଜପୁରର ଶ୍ରୀରାମପୁରସ୍ଥିତ ଶିକ୍ଷାନୁଷ୍ଠାନ ସନ୍ ପବ୍ଲିକ ସ୍କୁଲରେ ସୋମବାର ବୋଇତବନ୍ଦାଣ ଉତ୍ସବ ପାଳନ କରାଯାଇଥିଲା । ଛାତ୍ରୀଛାତ୍ରମାନେ ବୋଇତ ବନ୍ଦାଣ ଉତ୍ସବରେ ସୁନ୍ଦର ଅଭିନୟ କରି ସମସ୍ତଙ୍କ ମନ ଜିଣିଥିଲେ । ପ୍ରାଚୀନ ଉତ୍କଳୀୟ ପରମ୍ପରାର ସ୍ୱାକ୍ଷର ବହନ କରୁଥିବା ବୋଇତ ବନ୍ଦାଣ ସମ୍ପର୍କରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ ।

ବିଦ୍ୟାଳୟର ଚାର୍ବିକ ଆଚାର୍ଯ୍ୟ, ରୋହନ କୁମାର କରନ, ଅମନ ପାତ୍ର, ଦିବ୍ୟାଂଶୁ କୁମାର ସିଂ, ରିତେଶ କୁମାର ପରି, ସାଇ ସଙ୍କେତ ପୃଷ୍ଟି, ପି.ଆର୍ୟନ ପାଢ଼ୀ, ପ୍ରତ୍ୟୁଷ କୁମାର, ମନୀଷା ନାୟକ ପ୍ରମୁଖ ଅଭିନୟ କରିଥିଲେ । ଉତ୍ସବକୁ ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ ପରିଚାଳନା କରିଥିବାବେଳେ ସାଂସ୍କୃତିକ କମିଟିର ପିନାକୀ ନାୟକ, ସାଇ ସୌମ୍ୟା ଶତପଥୀ, ବିଷ୍ଣୁପ୍ରିୟା ମିଶ୍ର, ଜିତିଜୁକ୍ତା ବାରିକ, ମଧୁସ୍ମିତା ପଣ୍ଡା, ମମତା ମଲ୍ଲିକ, ସୁଜାତା ପଣ୍ଡା, ସ୍ୱୟଂଶ୍ରୀ ସାହୁ, ଉପେନ୍ଦ୍ର ପରିଡ଼ା , ଅନନ୍ୟା ସାହୁ, ସ୍ମୃତିରଞ୍ଜନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ପପ୍‌ଲିନା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।


ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେଇଥିବା ଛାତ୍ରୀଛାତ୍ର ।

# ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ବାର୍ଷିକ ଭାଗବତ ସପ୍ତାହ

**ଯାଜପୁର ରୋଡ୍,୭।୧୧(ଡି.ଏନ.ଏ.)**



ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦର ତୃତୀୟ ବାର୍ଷିକ ଭାଗବତ ସପ୍ତାହ ରବିବାର ଯାଜପୁର ରୋଡ୍ ମହତାବନଗର ଦେବେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଉଦ୍‌ଯାପିତ ହୋଇଯାଇଛି । ଗତ ୧ ତାରିଖଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଘଟ ସ୍ଥାପନା, ସଂକଳ୍ପ, ହୋମ ଓ ଭାଗବତ ପଠନ ହୋଇଥିଲା । ଏହାସହ ପ୍ରତ୍ୟହ ମଙ୍ଗଳ ଆଳତି, ସ୍ନାନ, ବେଶ, ପୂଜନ, ବାଲ୍ୟଭୋଗ, ନୀତି ଭୋଗ ଓ ପ୍ରସାଦ ସେବନ, ପହୁଡ଼ କରାଯାଉଥିଲା । ରବିବାର ରାତି ସାଢେ ୯ଟାରେ ପୂର୍ଣ୍ଣାହୁତି ଓ ନାମ କୀର୍ତ୍ତନ ହୋଇଥିଲା । ଏଥିରେ ଅଜିତ କୁମାର ଶତପଥୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବାବେଳେ ପୀତାମ୍ବର ପତି, ଅଶୋକ ଦାଶ, ଗୟାଧର ନନ୍ଦ, ଭାଗୀରଥି ଆଚାର୍ଯ୍ୟ, ସତ୍ୟଜିତ ଶତପଥୀ, ରତ୍ନାକର ଶତପଥୀ, କେଶବଚନ୍ଦ୍ର ପଣ୍ଡା ଭାଗବତ ପଠନ କରିଥିଲେ । ପରିଷଦ ଏବଂ ମନ୍ଦିର କମିଟିର ସମସ୍ତ ସଦସ୍ୟାସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ହାତ କାଟି ଫ୍ୟାନରେ ଝୁଲିପଡ଼ିଲେ ଯୁବକ

**ଭୁବନେଶ୍ୱର,୭।୧୧(ବ୍ୟୁରୋ)**

ଶହୀଦନଗର ଥାନା ଅନ୍ତର୍ଗତ ଏସ୍‌ପ୍ଲାନେଡ୍ ମଲ୍ ନିକଟ ଏକ ଆପାର୍ଟମେଣ୍ଟରେ ଜଣେ ଯୁବକ ହାତ କାଟିବା ପରେ ଫ୍ୟାନରେ ଦୌଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି । ସେ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନା ଅନ୍ତର୍ଗତ ନିଆଳମଲ୍ଲୀକପାଟଣା ଗ୍ରାମର ଅନୁରାଗ ଦାସ (୨୫) । ଅନୁରାଗ ଏସ୍‌ପ୍ଲାନେଡ୍ ମଲ୍‌ରେ ଥିବା ଏକ ଶୋରୁମ୍‌ରେ କାମ କରୁଥିଲେ । କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ଅନୁରାଗଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭୭/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ପୋଲିସ ସୂଚନା ଅନୁଯାୟୀ, ଅନୁରାଗ ଉକ୍ତ ଆପାର୍ଟମେଣ୍ଟର ଏକ ଫ୍ଲାଟ୍‌ରେ ସାଙ୍ଗମାନଙ୍କ ସହ ରହୁଥିଲେ । ରବିବାର ରାତିରେ କାମରୁ ଫେରିବା ପରେ ସେ ତାଙ୍କ ରୁମ୍‌ରେ ଶୋଇଥିଲେ । ରାତି ପ୍ରାୟ ୧୨ଟାରେ ପରିବାର ଲୋକ ତାଙ୍କୁ ଫୋନ କରିଥିଲେ । ସେ ଫୋନ ନ ଉଠାଇବାରୁ ସାଙ୍ଗମାନଙ୍କୁ ଜଣାଇବା ସହ କ'ଣ ହୋଇଛି ବୁଝିବାକୁ କହିଥିଲେ । ସାଙ୍ଗମାନେ ଅନୁରାଗଙ୍କୁ ଡାକିଥିଲେ ମଧ୍ୟ ସେ କବାଟ ଖୋଲି ନ ଥିଲେ କି କିଛି ଜବାବ ଦେଇ ନ ଥିଲେ । ସନ୍ଦେହ ହେବାରୁ ସେମାନେ ଥାନାକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି କବାଟ ଭାଙ୍ଗି ରୁମ୍‌ରେ ପଶିଥିଲା । ଅନୁରାଗ ଫ୍ୟାନ୍‌ରେ ଝୁଲୁଥିବାବେଳେ ତାଙ୍କ ହାତ କଟା ହୋଇ ପ୍ରଚୁର ରକ୍ତସ୍ରାବ ହେଉଥିଲା । ବିଳମ୍ବିତ ରାତିରେ ପୋଲିସ ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲା । ତେବେ ଅନୁରାଗ ପ୍ରେମଜନିତ କାରଣରୁ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି ।

# ବିଭିନ୍ନ ସ୍ଥାନରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ



ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

**ବିଞ୍ଝାରପୁର,୭।୧୧(ଡି.ଏନ.ଏ.)**

ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ଡାକରାରେ ଗତ୧ରୁ ୭ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ରାଜ୍ୟସ୍ତରୀୟ ପ୍ରତିବାଦ ସପ୍ତାହ ପାଳନ ହେଉଛି । ଏହି ପରିପ୍ରେକ୍ଷୀରେ ସୋମବାର ବିଞ୍ଝାରପୁର ବ୍ଲକ୍ ଅଫିସ ସମ୍ମୁଖରେ ବିଭିନ୍ନ ଦାବି ନେଇ ଏକ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଥିଲା । ବିଞ୍ଝାରପୁର ବ୍ଲକର ସମସ୍ତ କୃଷିକ୍ଷେତ୍ରକୁ ଜଳସେଚନ ସହ ବର୍ଷାଦିନେ ଜମି ରହୁଥିବା ଉଦବୃତ୍ତ ଜଳ ନିଷ୍କାସନ କରିବା, ବିଞ୍ଝାରପୁର ଡାକ୍ତରଖାନାର ସମସ୍ତ ବିଭାଗରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତ, ପ୍ରୀତିପୁର ଡାକ୍ତରଖାନାକୁ ଅପ୍‌ଗ୍ରେଡ୍ କରିବା, ଜରୀ ସହ ଅନ୍ୟ ସମସ୍ତ ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତ, ସମସ୍ତ ବୃଦ୍ଧାବୃଦ୍ଧଙ୍କୁ ମାସିକ ୩୦୦୦ ଟଙ୍କା ଭତ୍ତା ପ୍ରଦାନ, ପକ୍କାଘର ନ ଥିବା ଲୋକଙ୍କୁ ଘର ଯୋଗାଇବା, ପେଟ୍ରୋଲ,ଡିଜେଲ,ରନ୍ଧନ ଗ୍ୟାସ ସମେତ ଅତ୍ୟାବଶ୍ୟକ ଜିନିଷର ମୂଲ୍ୟବୃଦ୍ଧି ପ୍ରତ୍ୟାହାର କରିବା ଆଦି ଦାବି ନେଇ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

ରାଜ୍ୟ କମିଟି ସଭ୍ୟ ଅଚ୍ୟୁତ ପ୍ରଧାନଙ୍କ ପୌରୋହିତ୍ୟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । କ୍ଷୀରୋଦ ଚନ୍ଦ୍ର କର, ରାଧାବଲ୍ଲଭ ମଲ୍ଲିକ , ତରଙ୍ଗିଣୀ ଦାସ , ସଂଯୁକ୍ତା କର , ବ୍ରହ୍ମାନନ୍ଦ ମଲ୍ଲିକ , ବିଜୟ କୁମାର ସାମଲ ପ୍ରମୁଖ ଉଦ୍‌ବୋଧନ ଦେଇ ସରକାର ତୁରନ୍ତ ଦାବି ପୂରଣ କରିବାକୁ ଅନୁରୋଧ କରିଥିଲେ । ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଥିଲେ ।

**ଝୁମ୍ପୁରୀ,(ଡି.ଏନ୍.ଏ.):** ଦଶରଥପୁର ବ୍ଲକ୍ ଅଫିସ୍ ସମ୍ମୁଖରେ ଏସ୍‌ୟୁସିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଯାଜପୁର ଜିଲା କମିଟି ସଭ୍ୟା ଶାନ୍ତିଲତା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବକ୍ତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ଓ ପୁଞ୍ଜିପତି ତୋଷଣ ନୀତିକୁ ସମାଲୋଚନା କରିଥିଲେ । ଏହି ବିକ୍ଷୋଭରେ ରାଜ୍ୟ କମିଟି ସଭ୍ୟ ନୃସିଂହ ଚରଣ ପଣ୍ଡା, ପ୍ରଫୁଲ୍ଲ ଭଞ୍ଜ, ଅକ୍ଷୟ ପଣ୍ଡା, ଅଭିମନ୍ୟୁ ମଲ୍ଲିକ, ନିରାକାର ଦାସ, ଚନ୍ଦ୍ରକାନ୍ତ ପଢ଼ିହାରୀ, ଅଭିମନ୍ୟୁ ଦାସ, ରଘୁନାଥ ଦାସ, ଶ୍ରୀନିବାସ ବେହେରା ପ୍ରମୁଖ ଯୋଗଦେଇ ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ ।


ଝୁମ୍ପୁରି ବ୍ଲକ୍ ସମ୍ମୁଖରେ ବିକ୍ଷୋଭ ।

**ରସୁଲପୁର,(ଡି.ଏନ.ଏ.):** ରସୁଲପୁର ବ୍ଲକ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଆଞ୍ଚଳିକ କମିଟି ପକ୍ଷରୁ ବିଡିଓ ଅବନୀକାନ୍ତ ସାହୁଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି । ବିଡିଓଙ୍କ ଜରିଆରେ ସରକାରଙ୍କ ଉଦ୍ଦେଶ୍ୟରେ ଲୋକଙ୍କ ସର୍ବନିମ୍ନ ଅସୁବିଧାକୁ ଦୂର କରିବା ପାଇଁ ଗୁରୁତ୍ୱାରୋପ କରାଯାଇଛି । ଏହି ଅବସରରେ ଆଞ୍ଚଳିକ କମିଟିର କାର୍ଯ୍ୟକର୍ତ୍ତାମାନେ କୁଆଖିଆ ବଜାରର ବିଭିନ୍ନ ସ୍ଥାନରେ ପରିକ୍ରମା କରିବା ସହ ବ୍ଲକ ସମ୍ମୁଖରେ ଏକ ପଥପ୍ରାନ୍ତ ସଭାର ଆୟୋଜନ କରିଥିଲେ । ଏହି ସଭାରେ କମିଟିର କର୍ମକର୍ତ୍ତାମାନେ ସରକାରଙ୍କ ନୀତିକୁ ସମାଲୋଚନା କରିବା ସହ ଦାବି ପୂରଣ ପାଇଁ ଗୁରୁତ୍ୱାରୋପ କରିଥିଲେ ।



ରସୁଲପୁରରେ ଆୟୋଜିତ ବିକ୍ଷୋଭ ଶୋଭାଯାତ୍ରା ।

**ଧର୍ମଶାଳା(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ସମ୍ମୁଖରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା । ଏଥିରେ ଏସ୍‌ୟୁସିଆଇ କର୍ମୀମାନେ ଜାରକା ଶାନ୍ତିବଜାରଠାରୁ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ । ସେଠାରେ ମଧୁମିତା ସାହୁଙ୍କ ଅଧ୍ୟକ୍ଷତାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ବିକ୍ଷୋଭରେ ଏସୟୁସିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅକ୍ଷୟ ଦାସ,ଚୈତନ୍ୟ ସାହୁ, ନାରାୟଣ ପରିଡା, ପ୍ରଭାତି ମଲ୍ଲିକ, ସଂଯୁକ୍ତା ସାହୁ, ମନୋଜ ସେଠୀ, ବିଚିତ୍ର ଦାସ, ପ୍ରଶାନ୍ତ ସ୍ୱାଇଁ, ସସ୍ମିତା ସାହୁ ଓ ସସ୍ମିତା ବେହେରା ପ୍ରମୁଖ ଯୋଗଦେଇ ସରକାରଙ୍କ ନୀତିକୁ ସମାଲୋଚନା କରିଥିଲେ ।



ଧର୍ମଶାଳା ବ୍ଲକ ସମ୍ମୁଖରେ ଏସ୍‌ୟୁସିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ଅଶୋଭନୀୟ ଆନ୍ଦୋଳନର ପୂର୍ବତନ ନିର୍ଦ୍ଦେଶିକାଙ୍କୁ ଶ୍ରଦ୍ଧାଞ୍ଜଳି

**ଚଣ୍ଡିଖୋଲ,୭।୧୧(ଡି.ଏନ.ଏ.)**

ଶୋଭନୀୟ ଆନ୍ଦୋଳନ ପକ୍ଷରୁ ବୌଦ୍ଧ ପୀଠରେ ଥିବା ଉଦୟଗିରି ଯୁଗସ୍ରଷ୍ଟା ଶୋଭନୀୟ ଶିକ୍ଷାଶ୍ରମରେ ଦିବଙ୍ଗତ ଅଶୋଭନୀୟ ଆନ୍ଦୋଳନର ପୂର୍ବତନ ସମ୍ପାଦିକା ତଥା ନିର୍ଦ୍ଦେଶିକା ସତ୍ୟଭାମା ଦେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି । ଆନ୍ଦୋଳନର ନିର୍ଦ୍ଦେଶିକା ଡ.ଅରୁନ୍ଧତୀ ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ମାନସ ଭୂଷଣ ପଣ୍ଡିତ, ହୃଷିକେଶ ରଥ ଯୋଗଦେଇ ଶୋଭନୀୟ ସାଧିକା ସତ୍ୟଭାମା ଦେବୀ ପ୍ରଥମେ ଉଦୟଗିରି ଶିକ୍ଷାଶ୍ରମକୁ ସରକାରୀ ଚାକିରୀ ଛାଡ଼ି ଆସି ଦାୟିତ୍ୱ ଗ୍ରହଣ କରିଥିଲେ । ଅତିଥିମାନେ ତାଙ୍କୁ ଜ୍ଞାନ, ସେବା ଓ ଦୃଢ଼ ପ୍ରଶାସନର କଲ୍ୟାଣମୟୀ ମା' ବୋଲି କହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ନଟବର ପରିଡ଼ା, ଯୁଗାନ୍ତର ସାଂସ୍କୃତିକ ପରିଷଦର ସମ୍ପାଦକ ଡ.ଭାଗ୍ୟଧର ସାହୁ, ସଭାପତି କିଶୋର ଚନ୍ଦ୍ର ଦାଶ, ଶିକ୍ଷାବିତ୍ ଉମାକାନ୍ତ ବଳ, ସଙ୍ଗଠକ ଲୋକନାଥ ଦାସ, ବୃଦ୍ଧପ୍ରେମୀ ରାମଚନ୍ଦ୍ର ସାମଲ, ପ୍ରସନ୍ନଜିତ୍ ପରିଡ଼ା, ଶିକ୍ଷାବିତ୍ ଦୟାନିଧି ସାମଲ, ଡ.ନିଖିଳେଶ ମହାନ୍ତି, ସମାଜ ବିଜ୍ଞାନୀ ନିରାକାର ବେଉରା, ସର୍ବୋଦୟର ରମାକାନ୍ତ ମଣ୍ଡଳ, ପ୍ରଭୃତି କୁମାର ଭାଇ ପ୍ରମୁଖ ସମାଜର ପରିବର୍ତ୍ତନ ଓ ଶୋଭନୀୟ ଶିକ୍ଷା ଆଦି ନୈତିକ ଜାଗରଣ କାର୍ଯ୍ୟକୁ ଗୁରୁମା' ମାନଙ୍କ ତ୍ୟାଗ, ନିଷ୍ଠା, ଏକାଗ୍ରତା, ପରୋପକାର ଭାବନା, ସେବା ମନୋଭାବ ହିଁ ଆଗକୁ ନେଉଛି ବୋଲି କହିଥିଲେ । ଗୁରୁମା' ବରଦା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।


ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥି ବୃନ୍ଦ ।

# 'ଗାନ୍ଧୀଙ୍କ ମାର୍ଗ ଅନୁସରଣ କଲେ ହିଂସା ଲୋପ ପାଇବ'

**ଚଣ୍ଡିଖୋଲ,୭।୧୧(ଡି.ଏନ.ଏ.)**

## ଏକବିଂଶ ଶତାବ୍ଦୀରେ ଗାନ୍ଧୀଙ୍କ ବିଚାର ଧାରାର ପ୍ରାସଙ୍ଗିକତା ଶୀର୍ଷକ ଆଲୋଚନାଚକ୍ର


ଆଲୋଚନାଚକ୍ରରେ ଭାଗନେଇଥିବା ଛାତ୍ରୀଛାତ୍ର ।

ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଶନିବାର ଇତିହାସ ବିଭାଗ ତରଫରୁ 'ଏକବିଂଶ ଶତାବ୍ଦୀରେ ଗାନ୍ଧୀଙ୍କ ବିଚାର ଧାରାର ପ୍ରାସଙ୍ଗିକତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡ଼.ମନୋଜ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ଼.ଖାରବେଳ ମହାନ୍ତି ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ କହିଥିଲେ ଗାନ୍ଧୀ ଜଣେ ଅଦ୍ୱିତୀୟ ମାନବ । ସେ ସାରା ବିଶ୍ୱକୁ ଅହିଂସା ଓ ସତ୍ୟାଗ୍ରହର ମାର୍ଗ ଦର୍ଶନ ଦେଇଯାଇଛନ୍ତି, ଯାହାକୁ ସାରା ବିଶ୍ୱ ଏବେ ଗ୍ରହଣ କରିଛି । ଏହି ମାର୍ଗକୁ ଅନୁସରଣ କଲେ ହିଂସାର ବାତାବରଣ ସମ୍ପୂର୍ଣ୍ଣ ଲୋପ ପାଇବ । ତାଙ୍କର ଆଦର୍ଶବାଦୀ ଚିନ୍ତାଧାରା ଆଜିର ସାମାଜିକ ବ୍ୟବସ୍ଥାରେ ଅତ୍ୟନ୍ତ ଉପଯୋଗୀ ଅଟେ । ଯାହାକୁ ନେଇ ଶୃଙ୍ଖଳିତ ସମାଜ ଗଠନ ଦିଗରେ ଆମେ ଆଗଭର ହୋଇପାରିବା । ଇତିହାସ ବିଭାଗ ମୁଖ୍ୟ ଅଧାପକ ସଲୀଳରାଜନନ୍ଦନ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ରେଖାରାଣୀ ଖୁଣ୍ଟିଆ, ନିରାକାର ପାତ୍ର, ସୂର୍ଯ୍ୟନାରାୟଣ ମହାନ୍ତି, ପ୍ରଶନ୍ନ ମହାପାତ୍ର, ଦୋଳଗୋବିନ୍ଦ ପ୍ରତାପ ଓ ଡ଼କ୍ଟର ପ୍ରମୋଦ ଦାଶ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଏଥିରେ ଯୁକ୍ତ ୩ ଓ ଯୁକ୍ତ ୨ବିଭାଗର ଛାତ୍ରୀଛାତ୍ରମାନେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ସଂକ୍ଷେପରେ

### ସଙ୍ଗୀତ ଭିଡିଓ ଉନ୍ମୋଚିତ



**ନୟାଗଡ ଅଫିସ,୭।୧୧:** କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ନୟାଗଡ଼ର ଅନ୍ୟତମ ଅଗ୍ରଣୀ ସଙ୍ଗୀତ ଅନୁଷ୍ଠାନ ଶ୍ରୀସୃଜନ, ନୟାଗଡ (କଳା-ସାହିତ୍ୟ-ସଂସ୍କୃତିର ଭାବମୟ ଉତ୍ତରଣ)ପକ୍ଷରୁ ନୟାଗଡ଼ ପୁରୁଣା ସହରସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଏକ ସଙ୍ଗୀତ ଭିଡିଓ ଲୋକାର୍ପଣ ହୋଇଛି। ଶ୍ରୀସୃଜନର ସଭାପତି ବିଜୟ କୁମାର ଚୌଧୁରୀ, ଉପସଭାପତି ନିରୁପମା ପଟ୍ଟନାୟକ, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ଶେଖ୍ ଅବଦୁଲ ଖାଲିକ୍, ପ୍ରଦୀପ ସାହୁ, ସରୋଜ ମିଶ୍ର, ଲକ୍ଷ୍ମୀଧର ମହାପାତ୍ର, କମ୍ରେଡ୍ ବିଶ୍ୱନାଥ ମହାପାତ୍ରଙ୍କ ଉପସ୍ଥିତିରେ ଉନ୍ମୋଚିତ ହୋଇଯାଇଛି। ଗୀତଟିକୁ ରଚନା ଓ ସ୍ୱର ସଂଯୋଜନା କରିବା ସହ କଣ୍ଠଦାନ କରିଛନ୍ତି ଶ୍ରୀସୃଜନର ସମ୍ପାଦିକା ଅଧାପିକା, କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶିକା ଜୟଶ୍ରୀ ଦେବୀ। ଶ୍ରୀସୃଜନ ନୟାଗଡ଼ ୟୁଟ୍ୟୁବ୍ ଚ୍ୟାନେଲରେ ଗୀତଟି ଶୁଣି ପାରିବେ ବୋଲି କୁହାଯାଇଛି।

### ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଦାବିପତ୍ର

**ଖଲ୍ଲିକୋଟ,୭।୧୧(ଡି.ଏନ୍.ଏ.):** ଓଡ଼ିଶା ଡ୍ରାଇଭର ସଂଘ ଖଲ୍ଲିକୋଟ ଶାଖା ତରଫରୁ ରବିବାର ଖଲିକୋଟ ଥାନାଧିକାରୀଙ୍କୁ ୯ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଡ୍ରାଇଭର ସଂଘ ଦାବି ପ୍ରତି ଅବହେଳା ପ୍ରଦର୍ଶନ ପ୍ରତିବାଦରେ ୩୦ ଜିଲାର ସମସ୍ତ ଡ୍ରାଇଭର ଦାବି ପୂରଣ ପାଇଁ ଦଣ୍ଡବତ ଯାତ୍ରା କରିବେ ଏବଂ ରାଜ୍ୟର ସମସ୍ତ ଅଞ୍ଚଳରେ ଅସହଯୋଗ କରିବେ ବୋଲି ଜଣାପଡ଼ିଛି।

# ଶିକ୍ଷା ସହିତ ସ୍ୱପ୍ନ, ଉଚ୍ଚ ଅଭିଳାଷ ମଧ୍ୟ ଜରୁରୀ

## ଜିଲାସ୍ତରୀୟ ସୁରଭି, କଳା ମହୋତ୍ସବ

**ନୟାଗଡ ଅଫିସ,୭।୧୧**

ବିଦ୍ୟାଳୟ ସ୍ତରରେ ପିଲାମାନଙ୍କର ସୃଜନଶୀଳ ପ୍ରତିଭାର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଶିଶୁ ପ୍ରତିଭା ଉତ୍ସବ 'ସୁରଭି' ଓ କଳା ମହୋତ୍ସବ ପାଳନ କରାଯାଉଛି। ଏଥିରେ ଭାଗ ନେଇ ଛାତ୍ରୀଛାତ୍ର ନିଜର ପରାକାଷ୍ଠା ଦେଖାଇ ପାରୁଛନ୍ତି। ଏହି ପ୍ରତିଯୋଗିତା କ୍ଲଷ୍ଟର ସ୍ତରରୁ ଆରମ୍ଭ ହୋଇ ବ୍ଲକ, ଜିଲା, ଜୋନ ଓ ରାଜ୍ୟସ୍ତର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥାଏ। ଏହି ଅବସରରେ ସମଗ୍ର ଶିକ୍ଷା ପକ୍ଷରୁ ଜିଲାସ୍ତରୀୟ ସୁରଭି ଏବଂ କଳା ଉତ୍ସବ ନୟାଗଡ଼ ଉପକଣ୍ଠସ୍ଥ ନବଘନପୁର ହାଇସ୍କୁଲଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲାର ୮ଟି ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ଉଭୟ ଜୁନିୟର ଏବଂ ସିନିୟର ବିଭାଗରୁ ମୋଟ ୧୫୦ ଛାତ୍ରୀଛାତ୍ର ସାଧାରଣ ଜ୍ଞାନ, କୁଇଜ, ବକ୍ତୃତା, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ପ୍ରବନ୍ଧ, ଦେଶାତ୍ମବୋଧ ସଙ୍ଗୀତ, ସୁନ୍ଦର ହସ୍ତାକ୍ଷର ଲିଖନ ତଥା ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନୃତ୍ୟ ଆଦିରେ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରମାନେ ଆସନ୍ତା ୧୪ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ସିନିୟର ପ୍ରତିଯୋଗିତାର ଡିବେଟରେ ରଣପୁର ବିସି ହାଇସ୍କୁଲର ଅଷ୍ଟମ ଶ୍ରେଣୀର ମନିଷା ପାତ୍ର, ରଚନାରେ ଭାପୁର ବ୍ଲକ ଚକ୍ରଧର ପ୍ରସାଦ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ନୟନ୍ତକା ବାରିକ, ଇଲୋକେଶନରେ ବେଣାଗାଡିଆ ହାଇସ୍କୁଲର ଦୀପ୍ତିମୟୀ ଜେନା, ସୃଜନଶୀଳ ଲିଖନରେ ଶରଣକୁଳ ନାରାୟଣୀ ହାଇସ୍କୁଲର ଶିବାନୀ ସୁନ୍ଦରାୟ, ପେଣ୍ଟିଂ ଓ ଡ୍ରଇଁଂରେ କରବର ହାଇସ୍କୁଲର ବିଭୁ ପ୍ରସାଦ ମହାରଣା, ସଙ୍ଗୀତରେ ରାଜସୁନାଖଳା ସରକାରୀ ହାଇସ୍କୁଲର ବୈଷ୍ଣବୀ ପ୍ରଧାନ, କୁଇଜରେ ଡିହଗାଁ ହାଇସ୍କୁଲର ସ୍ମୃତି ଲିପସା ଦାଶ ପ୍ରମୁଖ ଭାଗ ନେବେ। ବରିଷ୍ଠ ବିଭାଗର ଭିନ୍ନକ୍ଷମ ବର୍ଗରେ ଡ୍ରଇଂ ଓ ପେଣ୍ଟିଂରେ ରଣପୁର ଆର. କେ. ନୋଡାଲ ହାଇସ୍କୁଲର ପ୍ରୀୟମ ସାହୁ ଓ ସଙ୍ଗୀତରେ ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟର ଦୀପ୍ତି ପ୍ରିୟଦର୍ଶିନୀ ସାହୁ ପ୍ରଥମ ସ୍ଥାନରେ ପାଇ ରାଜ୍ୟକୁ ଯାଇଛନ୍ତି। କଳା ଉତ୍ସବରେ ଭୋକାଲ ମ୍ୟୁଜିକ କ୍ଲାସିକାଲରେ ଓଡଗାଁ ରଘୁନାଥ ବିଦ୍ୟାପୀଠର ଅଂଶୁମାନ ପାତ୍ର, ଇନ୍ସଟ୍ରୁମେଣ୍ଟାଲ ମ୍ୟୁଜିକରେ ସଂଗ୍ରାମ କେଶରୀ ସ୍ୱାଇଁ ପ୍ରମୁଖ ବରିଷ୍ଠ ଓ କନିଷ୍ଠ ବିଭାଗରେ ୩୦ ଜଣ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ଜିଲାସ୍ତରୀୟ ଏହି ସୁରଭି କାର୍ଯ୍ୟକ୍ରମକୁ ଜିଲାପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲାପାଳ ରବୀନ୍ଦ୍ରନାଥ ସାହୁ ପୂର୍ବାହ୍ନରେ ବିଧିବଦ୍ଧ ଭାବେ ଉଦଘାଟନ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦାନ କରି ପାଠ ସହ ନିଜର ଅନ୍ତଃନିର୍ହିତ ଶକ୍ତି ପରିସ୍ଫୁଟନ ପାଇଁ ଆଗକୁ ମାଡି ଚାଲିବା ଦରକାର। ଏ କ୍ଷେତ୍ରରେ ଶିକ୍ଷକ ଏବଂ ଅଭିଭାବକମାନଙ୍କ ଭୂମିକା ରହିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷ ପଟ୍ଟନାୟକ, ଜିଲାପାଳ ସାହୁ ଯୋଗଦାନ କରି କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରିଥିଲେ। ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଦୀପ କୁମାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଜିଲାର ସମସ୍ତ ସିଆରସିସି, ଶିକ୍ଷକ, ସମଗ୍ର ଶିକ୍ଷା ସଂଯୋଜକ ଏବଂ କର୍ମଚାରୀମାନେ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସହଯୋଗ କରିଥିଲେ। ପ୍ରକାଶଥାଉ କି ଅନେକ ପ୍ରତିଯୋଗୀ ପ୍ରଥମ ସ୍ଥାନରେ ରହିବି ସେମାନଙ୍କର ନାଁ ଜିଲା ଉତ୍ସବ ସୁରଭି ଓ କଳା ମହୋତ୍ସବରେ ନ ଥିଲା। ୧୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବ୍ଲକସ୍ତରୀୟ ପ୍ରତିଯୋଗୀ ବାରମ୍ବାର ଅଭିଯୋଗ କରି ସେମାନଙ୍କର ନାଁ ଜିଲା ଉତ୍ସବରେ ସାମିଲ କରିଥିଲେ।



ଜିଲାସ୍ତରୀୟ ସୁରଭି ମହୋତ୍ସବରେ ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

## ଠକରା ବାଦ୍ୟ ମୁଖ୍ୟ ଆକର୍ଷଣ

ଜିଲାସ୍ତରୀୟ 'ସୁରଭି' ଓ କଳା ଉତ୍ସବରେ ଓଡଗାଁ ବ୍ଲକ ଗୋଡିପଲ୍ଲୀ ଗୋପୀନାଥ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ସଂଗ୍ରାମ କେଶରୀ ସ୍ୱାଇଁଙ୍କ ଠକରା ବାଦ୍ୟ ମନ ମୋହିଥିଲା। ଯାହାକି ଉତ୍ସବର ମୁଖ୍ୟ ଆକର୍ଷଣ ପାଲଟିଥିଲା। ୨ ଇଞ୍ଚ ମୋଟା ଓ ଏକ ଫୁଟ ଲମ୍ବର ଦୁଇଟି ଶିଶୁ କାଠ, ୩୫ଟି ଘାଗୁଡି ଝୁମୁକା, ୪ଟି ଛନ୍ଦ କାଠି, ୧୨ ଫୁଟ ଲମ୍ବର ପ୍ଲାଷ୍ଟିକ ଡୋର, ୩ ଫୁଟ ଲମ୍ବର ଶାଗୁଆନ କାଠ ବାଡିରେ ନିର୍ମାଣ ହୋଇଛି ଠକରା ବାଦ୍ୟ। ସଂଗ୍ରାମ ଏ ବାଦ୍ୟ ସହ ଛାତି ଓ ପାଟିକୁ ବାଡେଇ ବିଭିନ୍ନ ପ୍ରକାରର ମ୍ୟୁଜିକ କାଢ଼ି ଚର୍ଚ୍ଚାରେ ରହିଥିଲେ। ଏଥିରୁ ବାହାରୁଥିବା ସୁମଧୁର ସଙ୍ଗୀତର ତାଳ ଶୁଣି ଛାତ୍ରୀଛାତ୍ର ଓ ବିଚାରକ ମଣ୍ଡଳୀ ଖୁସ୍ ହୋଇଥିଲେ। ତାଙ୍କର ବାଦ୍ୟ ଚାଳନା ପ୍ରଥମ ସ୍ଥାନ ଅକ୍ତିଆର କରି ରାଜ୍ୟସ୍ତରକୁ ଉତୀର୍ଣ୍ଣ ହୋଇଛି। ପିଲାଟି ବେଳୁ ବାଦ୍ୟ କଳା ପ୍ରତି ଆଗ୍ରହ ରଖିଥିବା ସଂଗ୍ରାମ ଅଜାଙ୍କଠାରୁ ପ୍ରେରଣା ପାଇ ୭ ବର୍ଷ ବୟସରୁ ଏ ବାଦ୍ୟ ବଜାଇବା ଶିଖିଥିଲେ। ପରେ ଲକ୍‌ଡାଉନ ସମୟରେ ଠକରା ବାଦ୍ୟ ନିର୍ମାଣ କରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଟୁଇଟରରେ ଶୁଭେଚ୍ଛା ସାଉଁଟି ଥିଲେ। ସେହିପରି ନୋଡରସ୍ଥିତ ନୟାଗଡ଼ ବ୍ଲକ ଆଦର୍ଶ ବିଦ୍ୟାଳୟର ସ୍ୱୟଂ ସିଦ୍ଧ ପଣ୍ଡାଙ୍କ ଶିବ ରଞ୍ଜିନି ରାଗ ଭାଓଲିନର ସ୍ୱର ଅନ୍ୟତମ ଚିତାକର୍ଷକ ଥିଲା। ଅନ୍ୟପକ୍ଷେ ଭାପୁର ବ୍ଲକ ବାଇଗୁଣିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ୨ର ଛାତ୍ରୀ ଶୁଭସ୍ମିତା ପ୍ରିୟଦର୍ଶନୀଙ୍କ ପୋଷଣ ଓ ଖାଦ୍ୟ ନିରାପଦା ପ୍ରକଳ୍ପ, ଇଟାମାଟି ନୂଆଗାଁର ଯୁଗଜ୍ୟୋତି ଉଚ୍ଚ ପ୍ରାଥମିକ ମଇ ବିଦ୍ୟାଳୟର ଦୁଇ ଛାତ୍ରଙ୍କ ମାଟିରେ ତିଆର ବିଭିନ୍ନ ମୂର୍ତ୍ତି ମଧ୍ୟ ଚିତାକର୍ଷକ ଥିଲା।




ସଂଗ୍ରାମ କେଶରୀ ସ୍ୱାଇଁ ଠକରା ବାଦ୍ୟ ବଜାଉଛନ୍ତି।

# କାଞ୍ଚି ଅଭିଯାନ ବେଶରେ ଶ୍ରୀଜୀଉ

**ନୟାଗଡ଼ ଅଫିସ,୭।୧୧**

ଓଡିଶାର ପ୍ରସିଦ୍ଧ ଶୈବ କ୍ଷେତ୍ର ଶରଣକୁଳ ଲଡୁବାବାଙ୍କ ପୀଠରେ ପଞ୍ଚୁକ ଯାତ୍ରା ଅବସରରେ ସୋମବାର ୪ର୍ଥ ଦିବସରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର କାଞ୍ଚି ଅଭିଯାନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ପୌରାଣିକ ମତ ଅନୁସାରେ ଉତ୍କଳର ରାଜା ପୁରୁଷୋତ୍ତମ ଦେବ କାଞ୍ଚିରାଜା ସାଲ୍‌ୱ ନରସିଂହଦେବଙ୍କଠାରୁ ଅପମାନିତ ହୋଇ ଶ୍ରୀଜଗନ୍ନାଥଙ୍କ ଶରଣାଗତ ହୋଇଥିଲେ। ଉତ୍କଳର ସମ୍ମାନ ତଥା ଗଜପତିଙ୍କ ସେବା ଓ ଆରାଧନାରେ ସନ୍ତୁଷ୍ଟ ହୋଇ ଠାକୁର ରାଜା ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର କଳା ଓ ଧଳା ଘୋଡା ସବାର ହୋଇ ଯୁଦ୍ଧ ଯାତ୍ରା କରିଥିଲେ। ଯୁଦ୍ଧରେ ପୁରୁଷୋତ୍ତମ ଦେବ କାଞ୍ଚି ରାଜାଙ୍କୁ ପରାସ୍ତ କରି ରାଜକୁମାରୀ ପଦ୍ମାବତୀଙ୍କୁ ଶ୍ରୀକ୍ଷେତ୍ରକୁ ନେଇ ଆସିଥିଲେ। ଏହି ପରମ୍ପରାକୁ ଉଦ୍‌ଜୀବିତ କରିବାକୁ ପ୍ରତିବର୍ଷ ପ୍ରଭୁ ଜଗନ୍ନାଥ ଓ ବଳଭଦ୍ର ପଞ୍ଚୁକରେ କାଞ୍ଚି କାବେରୀ ବେଶ ହୋଇଥାନ୍ତି। ମହା ପଞ୍ଚୁକର ୪ର୍ଥ ଦିବସରେ ସୋମବାର ସନ୍ଧ୍ୟାରେ ଲଡୁବାବାଙ୍କ ସହ ଠାକୁରଙ୍କର ଏହି ମନଲୋଭା ବେଶ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ସୁନୀଲ କୁମାର ବଡ଼ପଣ୍ଡା, ଭଗବାନ ବଡ଼ପଣ୍ଡା, ହରମୋହନ ମହାପାତ୍ର, ଶିବପ୍ରସାଦ ପୁଷ୍ପପାଳକ, ଲୋକନାଥ ପୁଷ୍ପପାଳକ, ପ୍ରଫୁଲ୍ଲ କୁମାର ବଡ଼ପଣ୍ଡା, କୈଳାସ ମହାପାତ୍ର, ପ୍ରଭାତ କୁମାର ବଡ଼ପଣ୍ଡା ପ୍ରମୁଖ ଠାକୁରଙ୍କୁ ବେଶ କରିଥିଲେ।



# ରାଷ୍ଟ୍ରୀୟ ଏକତା ଦିବସର ସମାପନ ସମାରୋହ

**ନୟାଗଡ଼ ଅଫିସ,୭।୧୧**

ଭାରତ ବିକାଶ ପରିଷଦ ନୟାଗଡ଼ ଶାଖା ପକ୍ଷରୁ ହରେକୃଷ୍ଣ ସାହୁଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଏକତା ଦିବସ ସମାପନ ସମାରୋହ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୟାଗଡ଼ଠାରେ ସୋମବାର ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ରୁପେ ରାଷ୍ଟ୍ରୀୟ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଓ ତିରୁପତି ସଂସ୍କୃତ ବିଶ୍ୱ ବିଦ୍ୟାଳୟ, ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ଦାସ ଓ ପ୍ରଦୀପ୍ତ କୁମାର ପାଣିଗ୍ରାହୀ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ। ବନ୍ଦେ ମାତରଂ ଓ ସ୍ୱାଗତ ସଙ୍ଗୀତ ଗାନ ପରେ ସଚିବ, ଅନାଦି ଚରଣ ମହାନ୍ତି ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ବକ୍ତା ତାଙ୍କର ଅଭିଭାଷଣରେ କହିଥିଲେ, ସଂସ୍କୃତ ଓ ଭାରତୀୟ ସଂସ୍କୃତି ହିଁ ଭାରତକୁ ଆଗାମୀ ଦିନରେ ବିଶ୍ୱଗୁରୁ ହିସାବରେ ପରିଣତ କରି ପାରିବ। ଏ ଦିଗରେ ଭାରତ ବିକାଶ ପରିଷଦର ଚେଷ୍ଟା ପ୍ରଶଂସନୀୟ। ଅନ୍ୟଅତିଥି ମାନେ ମଧ୍ୟ ପରିଷଦର ୫ଟି ମୂଳମନ୍ତ୍ର ସମ୍ପର୍କ, ସଂସ୍କାର, ସହଯୋଗ, ସେବା ଓ ସମର୍ପଣ ଉପରେ ପର୍ଯ୍ୟବେଶିତ ବିଭିନ୍ନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଅନୁଷ୍ଠାନ ପକ୍ଷରୁ ଶ୍ରେଷ୍ଠ ଗୁରୁ ଭାବେ ଦୁର୍ଗାକାନ୍ତ ଆଚାର୍ଯ୍ୟ, ଯୁକ୍ତ ୨ରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ସସ୍ମିତା ଆଚାର୍ଯ୍ୟ, ପରିବେଶ ମିତ୍ର ଭାବେ ଭାସ୍କର ଚନ୍ଦ୍ର ସାହୁ, ନାରୀ ସଶକ୍ତିକରଣ ନିମନ୍ତେ ସୌଦାମିନୀ ସ୍ୱାଇଁଙ୍କୁ ଉତ୍ତରୀୟ ଓ ମାନପତ୍ର ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା। ସପ୍ତାହ ବ୍ୟାପୀ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ଯଥା ରାମାୟଣ କୁଇଜ, ପିଠା ଓ ମିଠା, ହୁଳ ହୁଳି, ଶଙ୍ଖ ବାଦନରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ ଓ ଏଥିସହ ବିଦ୍ୟାଳୟ ସ୍ତରୀୟ କୁଇଜ ଏବଂ ସମୂହ ଗାନରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ସାହୁ, ଶ୍ରୀଧର ସାହୁ, ପ୍ରଫୁଲ୍ଲ ନାୟକ, କାମାକ୍ଷା ପ୍ରସାଦ ଦାଶ, ଲକ୍ଷ୍ମୀକାନ୍ତ ଦାଶ, ଅମ୍ବିକା ପ୍ରସାଦ ପଟ୍ଟନାୟକ, ସୂର୍ଯ୍ୟମଣି ସାହୁ, ପ୍ରସନ୍ନ ବସନ୍ତିଆ ଓ ଅରୁଣ ମହାନ୍ତି ପ୍ରମୁଖ ସଫଳ ରୂପାୟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶେଷରେ ଦୁର୍ଯ୍ୟୋଧନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।




ସମାରୋହରେ ଉପସ୍ଥିତ ଅତିଥିମାନେ।

# ସ୍କାଉଟ୍ ଗାଇଡ୍ ପ୍ରତିଷ୍ଠା ଦିବସ

**ଖଣ୍ଡପଡା,୭।୧୧ (ସ୍ୱ.ପ୍ର.)**

ସ୍କାଉଟ୍ ଗାଇଡ୍ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସୋମବାର ଖଣ୍ଡପଡ଼ା ତ୍ରିନାଥ ଛକରେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହେଲମେଟ ପିନ୍ଧି ବାଇକ୍ ଚଳାଇବା ସମ୍ପର୍କରେ ଛାତ୍ରୀଛାତ୍ରମାନେ ବାଇକ୍ ଚାଳକମାନଙ୍କୁ ସଚେତନ କରିଥିଲେ। ସେହିପରି ଯାନବାହନ ଚାଳକମାନେ ସିଟ୍ ବେଲ୍ଟ ପିନ୍ଧି ଗାଡି ଚଳାଇବା ସହ ସଡ଼କ ସୁରକ୍ଷା ନିୟମ ମାନି ଚଳିବାକୁ ଛାତ୍ରୀଛାତ୍ରମାନେ ଗାଡି ଚାଳକମାନଙ୍କୁ ପରାମର୍ଶ ଦେଇଥିଲେ। ହେଲମେଟ ପିନ୍ଧି ବାଇକ୍ ଚଳାଉଥିବା ବ୍ୟକ୍ତିମାନଙ୍କୁ ଛାତ୍ରୀଛାତ୍ରମାନେ ସ୍ୱାଗତ କରିଥିଲେ।




ସ୍କାଉଟ୍ ଗାଇଡ୍‌ର ଛାତ୍ରୀମାନେ ସଡ଼କ ସୁରକ୍ଷା ନେଇ ଲୋକଙ୍କୁ ସଚେତନ କରାଉଛନ୍ତି।

# ଜୁଲାଇର ଦରମା ଦେଲା ଆଉଟ ସୋର୍ସିଂ ସଂସ୍ଥା

**ନୟାଗଡ ଅଫିସ,୭।୧୧**

- ଅସ୍ଥାୟୀ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଠକେଇ ଘଟଣା
- ଜୁନ ପର୍ଯ୍ୟନ୍ତ ଇପିଏଫ୍ ଓ ଇଏସ୍ଆଇ ଡିପୋଜିଟ୍ ସ୍ଲିପ ଦାଖଲ କଲା

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଗନ୍ନାଥ ପ୍ରସାଦ ନର୍ସରୀ ଭୁବନେଶ୍ୱରର ଆଉଟ ସୋର୍ସିଂ ସଂସ୍ଥା ୧୫୦ଜଣ ଅସ୍ଥାୟୀ କର୍ମଚାରୀ ନିଯୁକ୍ତି କରିଥିଲେ ମଧ୍ୟ ସେମାନଙ୍କର ୪ ମାସର ଦରମା ଓ ଚାକିରି ପ୍ରାରମ୍ଭଠାରୁ ୩ବର୍ଷ ପର୍ଯ୍ୟନ୍ତ ଇପିଏଫ୍ ଓ ଇଏସ୍ଆଇ ଡିପୋଜିଟ୍ କରି ନ ଥିଲା। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସମ୍ପୃକ୍ତ ଆଉଟ ସୋର୍ସିଂ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ୍ ଜାରି ହେବା ଓ ଜିଲା ଶ୍ରମ ବିଭାଗ ଘଟଣାରେ ହସ୍ତକ୍ଷେପ ପରେ ସହଯୋଗର ହାତ ବଢ଼ାଇଥିଲା ଆଉଟ ସୋର୍ସିଂ ସଂସ୍ଥା। ଜଗନ୍ନାଥ ପ୍ରସାଦ ନର୍ସରୀ ଭୁବନେଶ୍ୱରର ଆଉଟ ସୋର୍ସିଂ ସଂସ୍ଥାର ରିପ୍ରେଜେଣ୍ଟିଭ ଶନିବାର, ସୋମବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍ଓ)ଙ୍କ କାର୍ଯ୍ୟାଳୟରେ ପହଞ୍ଚି କାରଣ ଦର୍ଶାଅ ନୋଟିସର ଉତ୍ତର ରଖିବା ସହ ଆବଶ୍ୟକ କାଗଜାତ ପ୍ରସ୍ତୁତ କରି ରିପୋର୍ଟ ଦେଇଥିଲା। ଏପରି କି ଜୁଲାଇର ଦରମା କର୍ମଚାରୀଙ୍କୁ ପ୍ରଦାନ କରିଛି। ସେହିପରି ୨୦୨୨ ଜୁନ ପର୍ଯ୍ୟନ୍ତ ଇପିଏଫ୍ ଓ ଇଏସ୍ଆଇ ଡିପୋଜିଟ୍ ସ୍ଲିପ ପ୍ରଦାନ କରିଛି।

ଅଭିଯୋଗ ଅନୁସାରେ, ନିଯୁକ୍ତି ସମୟରେ ଆଉଟ ସୋର୍ସିଂ ସଂସ୍ଥା ସରକାରୀ ନୀତି ନିୟମକୁ ଅଣଦେଖା କରି କର୍ମଚାରୀମାନଙ୍କ କାଗଜାତ ଠିକ୍ ଭାବେ କରାଯାଇ ନ ଥିଲା। ପ୍ରାରମ୍ଭରୁ ଇପିଏଫ୍ ଓ ଇଏସ୍ଆଇ ଡିପୋଜିଟ୍ ହୋଇନି। କର୍ମଚାରୀଙ୍କ ଦରମା ମଧ୍ୟ ଠିକ୍‌ରେ ଦିଆଯାଉ ନ ଥିଲା। କର୍ମଚାରୀମାନେ ୪ ମାସର ଦରମା ପାଇନାହାନ୍ତି। ଯଦିଓ ଅସ୍ଥାୟୀ କର୍ମଚାରୀମାନେ ବିଭିନ୍ନ ସମୟରେ ଆନ୍ଦୋଳନ କରିଥିଲେ ମଧ୍ୟ ସେମାନଙ୍କର ଆନ୍ଦୋଳନକୁ ବିଭିନ୍ନ ପ୍ରକାରର ଭୟ ଦେଖାଇ ଭଣ୍ଡୁର କରାଯାଇଥିଲା। ଅବଧି ଶେଷ ହେବା ମାସ ନଭେମ୍ବରରେ ଅସ୍ଥାୟୀ କର୍ମଚାରୀମାନେ ଆଇନଗତ ଭାବେ ପଦକ୍ଷେପ ନେଇ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ପରେ ଜିଲା ଶ୍ରମ ବିଭାଗ ପକ୍ଷରୁ ଶୁଣାଣି ହୋଇଥିଲା। ଏ ନେଇ ସିଡିଏମ୍ଓ ମକରନ୍ଦ ବେଉରା କୁହନ୍ତି, ଜୁଲାଇର ଦରମା ଦେବା ସହ ଜୁନ ମାସ ଯାଏଁ ଇପିଏଫ୍ ଓ ଇଏସ୍ଆଇ ଡିପୋଜିଟ୍ ସ୍ଲିପ ସଂସ୍ଥା ଦେଇଛି। ଆମେ ଆଉଟ ସୋର୍ସିଂ ସଂସ୍ଥାକୁ ଜୁଲାଇ ଓ ଅଗଷ୍ଟର ଦରମା ଦେଇ ସାରିଛୁ। ଆଉଟ ସୋର୍ସିଂ ସଂସ୍ଥା ବୁଧବାର ଅଗଷ୍ଟର ଦରମା ଡିପୋଜିଟ୍ କଲେ କର୍ମଚାରୀ ପାଇବେ। ସେହିପରି ସେପ୍ଟେମ୍ବର ଓ ଅକ୍ଟୋବରର ଦରମା ପରେ ପୁଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ କହିଛନ୍ତି, ଅସ୍ଥାୟୀ କର୍ମଚାରୀଙ୍କ ସମସ୍ତ ଦେୟ ଆକାଉଣ୍ଟରେ କିପରି ଡିପୋଜିଟ ହେବ ସେନେଇ ଜିଲାପାଳଙ୍କ ନିର୍ଦ୍ଦେଶ ରହିଛି। ଏଣୁ ସ୍ୱାସ୍ଥ୍ୟ ବିଭାଗ ଓ ଶ୍ରମ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇ କାମକୁ ତ୍ୱରାନ୍ୱିତ କରିଛି।

### ଆନ୍ଦୋଳନ ପୂର୍ବରୁ ଦରମା

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ବ୍ଲକର ଚିକିତ୍ସାଳୟରେ ନିୟୋଜିତ ୪୯ ଭେରିଫାଏଡ ଡାଟା ଏଣ୍ଟ୍ରି ଅପରେଟର ଓ ୫୦ ଭ୍ୟାକ୍ସିନେଟର ଏଏନ୍ଏମ୍‌ମାନେ ଚଳିତ ମାସ ୯ତାରିଖରେ ଆନ୍ଦୋଳନ କରିବାକୁ ଧମକ ଦେଇଥିଲେ। ଡାଟା ଏଣ୍ଟ୍ରି ଅପରେଟର ଓ ଭ୍ୟାକ୍ସିନେଟର ଏଏନ୍ଏମ୍‌ମାନେ ୬ ମାସର ଦରମା ପାଇନାହାନ୍ତି। ତେବେ ଆନ୍ଦୋଳନ ପୂର୍ବରୁ ଏହି ଦୁଇବର୍ଗର କର୍ମଚାରୀଙ୍କ ଦରମା ମଞ୍ଜୁର ହୋଇଯାଇଛି। ପ୍ରକାଶ ଯେ, ଦରମା ପାଇବା ସମ୍ପର୍କରେ ଜଗନ୍ନାଥ ପ୍ରସାଦ ନର୍ସରୀ ଆଉଟ ସୋର୍ସିଂ ଏଜେନ୍ସିକୁ ଯୋଗାଯୋଗ କଲେ ସୁଫଳ ମିଳି ନ ଥିଲା। ସିଡିଏମ୍ଓଙ୍କୁ ଯାଇ ଦୁଃଖ ଜଣାଇବା ପରେ ସେ ବୁଝି ନ ଥିଲେ। ନିଜର ଦୁଃଖ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀଙ୍କୁ ଡାଟା ଏଣ୍ଟ୍ରି ଅପରେଟର ଓ ଭ୍ୟାକ୍ସିନେଟର ଏଏନ୍ଏମ୍‌ମାନେ ଅଭିଯୋଗ କରିଥିଲେ। ୮ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୯ତାରିଖରେ ସିଡିଏମ୍ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଦେବାଶିଷ ବରାଡ, ହରିହର ପଣ୍ଡିତ ପ୍ରମୁଖ ଚେତାବନୀ ଦେଇଥିଲେ। ଅନ୍ୟପକ୍ଷେ ଆନ୍ଦୋଳନ ସମ୍ପର୍କରେ ନୟାଗଡ଼ ଟାଉନ ଥାନା, ଏସ୍‌ପି, ୫-ଟି ସଚିବଙ୍କୁ ଅବଗତ କରାଇଥିଲେ। ଏ ନେଇ ସିଡିଏମ୍ଓ ଡା. ମକରନ୍ଦ ବେଉରା କୁହନ୍ତି, ଭ୍ୟାକ୍ସିନି କାମ ଶେଷ ହେଲା ପରେ ସମ୍ପୃକ୍ତ କର୍ମଚାରୀଙ୍କ ଟରମିନେଶନ ଅର୍ଡର ଦିଆଯାଇଥିଲା। ତେବେ ଦରମା ପାଇବା ସମ୍ପର୍କରେ ଜଗନ୍ନାଥ ପ୍ରସାଦ ନର୍ସରୀ ଆଉଟ ସୋର୍ସିଂ ଏଜେନ୍ସିର ଅସହଯୋଗ ଥିଲା। ଏବେ ଏଜେନ୍ସି ସହ ଆଲୋଚନା କରାଯାଇ ଦରମା ହୋଇଯାଇଛି। କିଏ କେତେ ଟିଙ୍କା ଦେଇଛନ୍ତି ରିପୋର୍ଟ ମିଳିବା ପରେ ଆକାଉଣ୍ଟକୁ ଟଙ୍କା ଚାଲିଯିବ ବୋଲି ସେ କହିଛନ୍ତି।

# ବଦଳିଲେ ପରିମଳ ନିରୀକ୍ଷକ

- ପ୍ରତ୍ୟାହୃତ ହୋଇ ପାରିଲାନି ଆନ୍ଦୋଳନ
- କାମ କରି ପାରିଲେନି ସଫେଇ କର୍ମଚାରୀ
- ପରିମଳ ଦାୟିତ୍ୱ ନେବାକୁ ରାଜି ହେଉ ନାହାନ୍ତି କର୍ମଚାରୀ
- କାଉନସିଲ ବୈଠକ ବସିଲେ ବାହାରିବ ନିର୍ଯାସ
- ବଦଳି ଆଦେଶ ଦେବା ପରେ ଫଟୋରେ ଚପଲ ମାଳ ବଢ଼ାଇଲା କନ୍ଦଳ

ନୟାଗଡ଼ ଅଫିସ,୭।୧୧

ନୟାଗଡ଼ ମ୍ୟୁନିସିପାଲିଟିରେ ପରିମଳ ନିରୀକ୍ଷକ ଲକ୍ଷ୍ମୀଧର ସାହୁଙ୍କ ବଦଳି ଦାବିରେ ସଫେଇ କର୍ମଚାରୀମାନେ କରିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନର ୫ମ ଦିନରେ ପ୍ରଶାସନ ମୁଣ୍ଡ ନୁଆଁଇ ପରିମଳ ନିରୀକ୍ଷକଙ୍କୁ ହଟାଇ ନେଇଛି। ତେବେ ବଦଳି ଆଦେଶ ବଣ୍ଟନ ପରେ ସଫେଇ କର୍ମଚାରୀମାନେ ପରିମଳ ନିରୀକ୍ଷକଙ୍କ ଫଟୋରେ ଚପଲ ମାଳ ପକାଇ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ଘଟଣା ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ମ୍ୟୁନିସିପାଲିଟିକୁ ଲକ୍ଷ୍ମୀଧର ସାହୁଙ୍କ ବଦଳରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଡେପୁଟେଶନରେ ଆସିଥିବା କର୍ମଚାରୀ ଦାୟିତ୍ୱ ନେଇନାହାନ୍ତି। ତେବେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନକୁ ଦେଖି ନିଯୁକ୍ତି ହୋଇ ପରିମଳ ନିରୀକ୍ଷକ କାମ କରିପାରିବେନି ବୋଲି କହିଥିବା ଜଣାପଡିଛି। ଏଭଳିସ୍ଥଳେ ପରିମଳ ନିରୀକ୍ଷକ ସାହୁଙ୍କ ବଦଳି ଆଦେଶ ପାଇବା ପରେ ସଫେଇ କର୍ମଚାରୀ କାମ କରିବାକୁ ପ୍ରସ୍ତୁତ ହୋଇଥିଲେ ହେଁ ଦାୟିତ୍ୱରେ କେହି ନ ଥିବାରୁ ସହରରୁ ସଫେଇ ହୋଇପାରିନାହିଁ। ସଫେଇ କର୍ମଚାରୀ ଆନ୍ଦୋଳନ ପ୍ରତ୍ୟାହୃତ ହେଲା ଆମେ କାମ କରିବୁ କହିଥିଲେ ହେଁ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଓ ଚେୟାରମ୍ୟାନ ନିଜର ଅସହାୟତା ପ୍ରକାଶ କରିଛନ୍ତି। ଏଣୁ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲେ ମଧ୍ୟ ପୁଣି ଥରେ



ଆନ୍ଦୋଳନ ପ୍ରତ୍ୟାହାର ପାଇଁ ନିର୍ବାହୀ ଅଧିକାରୀ ସଫେଇ କର୍ମଚାରୀଙ୍କୁ ବୁଝାଉଛନ୍ତି।

ସେମାନେ ବାଧ ହୋଇ ଆନ୍ଦୋଳନ ଚାଲୁ ରଖିଛନ୍ତି। ୫ ଦିନ ଧରି ଆନ୍ଦୋଳନ କରିଥିବା ସଫେଇ କର୍ମଚାରୀ ସେମାନଙ୍କ ଦରମା ପାଇବା ସମ୍ପର୍କରେ ପ୍ରତିଶ୍ରୁତି ପାଇ ନ ଥିବାରୁ ଆନ୍ଦୋଳନ ଚାଲୁ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଅନ୍ୟପକ୍ଷେ ନୟାଗଡ଼ ସହର ୫ ଦିନ ହେଲା ସଫେଇ ହୋଇ ନ ଥିବାରୁ ଚାରିଆଡେ ଅଳିଆ ପଡି ରହିଛି।

ଏ ନେଇ ସଫେଇ କର୍ମଚାରୀ ସଂଘର ସଭାପତି ସୁଧୀର ମୁଖି କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟର ପରିମଳ ନିରୀକ୍ଷକ ସାହୁ ୧୧ ବର୍ଷ ହେଲା ନୟାଗଡ଼ ମ୍ୟୁନିସିପାଲିଟିରେ ଡେପ୍ଲୟଡ ହୋଇ କାର୍ଯ୍ୟ କରି ଆସୁଥିଲେ। ଗୋଟିଏ ସ୍ଥାନରେ ଜଣେ କର୍ମଚାରୀ ଗାଦି ମାଡି ବସିଥିବାରୁ ମନମାନି ବଢ଼ିଚାଲିଥିଲା। ପରିମଳ ନିରୀକ୍ଷକ ଜାତିଆଣ ଆକ୍ଷେପ ସହ ମହିଳା ସଫେଇ କର୍ମଚାରୀଙ୍କୁ ଅଶ୍ଳୀଳ ବ୍ୟବହାର ଦେଖାଉଥିଲେ। ପରିମଳ ନିରୀକ୍ଷକଙ୍କୁ ହଟାଇବା ଦାବିରେ ଆନ୍ଦୋଳନ ଚାଲିଥିଲା। ପ୍ରଶାସନ ୫ ଦିନରେ ପରିମଳ ନିରୀକ୍ଷକଙ୍କୁ ଅପସାରଣ କରି ନେଲା। ହେଲେ ୫ ଦିନ ହେଲା ଆନ୍ଦୋଳନରେ ସାମିଲ ହୋଇଥିବା ସଫେଇ କର୍ମଚାରୀ ଦରମା ସମ୍ପର୍କରେ କିଛି କୁହା ଗଲା ନାହିଁ। ପୁଣି କାମ ମାଗିବାରୁ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଓ ଚେୟାରମ୍ୟାନ କାଉନସିଲ ବୈଠକ ନିଷ୍ପତ୍ତି ନେବେ କହି ପ୍ରସଙ୍ଗ ଏଡାଇ ଯାଇଛନ୍ତି। ବିଧାୟକ ବୁଝିବା କହି ଚୁପ ଅଛନ୍ତି। ଏଣୁ ସଫେଇ କର୍ମଚାରୀ ଆନ୍ଦୋଳନକୁ ଜାରି ରଖିବାକୁ ବାଧ ହୋଇଛନ୍ତି। ସମାଜିକ କର୍ମୀ ଅଖିଳ ନାୟକ କୁହନ୍ତି, ସଫେଇ କର୍ମଚାରୀ ୫ ଦିନ ହେଲା ଆନ୍ଦୋଳନ କରିଥିଲେ ମଧ୍ୟ ପ୍ରଶାସନର ସହଯୋଗ ମିଳି ନ ଥିଲା। ଜଣେ ପରିମଳ ନିରୀକ୍ଷକଙ୍କ ଡେପ୍ଲୟଡ ବାତିଲ ପାଇଁ ୫ ଦିନ ସମୟ ଲାଗିଲା। ବଦଳି ଆଦେଶ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଓ ଚେୟାରମ୍ୟାନ ନ ଦେଇ ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ଦେଲେ। ଏଣୁ ସଫେଇ କର୍ମଚାରୀ ଅସନ୍ତୋଷ ବ୍ୟକ୍ତ କରି ପରିମଳ ନିରୀକ୍ଷକଙ୍କ ଫଟୋରେ ଚପଲ ମାଳ ଦେଇଥିଲେ। ଆନ୍ଦୋଳନ କରି ଦାବି ହାସଲ କରିବା ଭୁଲ ନୁହେଁ। ସଫେଇ କର୍ମଚାରୀ ପେଟ ପାଟଣା ଓ ନିଜର ସ୍ୱାଭିମାନ ପାଇଁ ଆନ୍ଦୋଳନ କରିଥିଲେ। ଦାବି ପୂରଣ ପରେ ରାଗ ରଖି କାମ ନ ଦେବା ଠିକ୍ ନୁହେଁ ବୋଲି କହିଛନ୍ତି। ଏଣୁ ଆନ୍ଦୋଳନକାରୀ ଆନ୍ଦୋଳନକୁ ପ୍ରତ୍ୟାହୃତ କରିବାକୁ ସୁଯୋଗ ପାଇ ପାରିନାହାନ୍ତି। ସିଡିଏମ୍ଓ ମକରନ୍ଦ ବେଉରା କୁହନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶରେ ପରିମଳ ନିରୀକ୍ଷକ ଲକ୍ଷ୍ମୀଧର ସାହୁଙ୍କ ଡେପ୍ଲୟଡ ବାତିଲ କରାଯାଇଛି। ତାଙ୍କ ସ୍ଥାନରେ ଜିଲା ମୁଖ୍ୟ ଚିକିତ୍ସାଳୟର ଅନ୍ୟ ଜଣେ କର୍ମଚାରୀ ଦେବରାଜ ମୁଦୁଲିଙ୍କୁ ପୁଣି ଡେପୁଟେଶନରେ ପଠାଯାଇଛି। ମ୍ୟୁନିସିପାଲିଟି ଚେୟାରମ୍ୟାନ ନିରୁପମା ଖଟେଇ କୁହନ୍ତି, ଜିଲା ସଦର ମହକୁମାରେ ବୋଇତ ବନ୍ଦାଣ ଉତ୍ସବ ଚାଲିଥିବାବେଳେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଅସୁବିଧା ସୃଷ୍ଟି କରିଛି। ପରିମଳ ନିରୀକ୍ଷକଙ୍କ ବଦଳି ଆଦେଶ ଦେଲା ପରେ ବି ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ହଟି ନ ଥିଲା। ଏଣୁ କାଉନସିଲ ବୈଠକ ନ ବସିଲେ ମନଇଚ୍ଛା କିଛି କରି ହେବନି ବୋଲି କହିଛନ୍ତି। ନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ର କୁହନ୍ତି, ସଫେଇ କର୍ମଚାରୀଙ୍କ ସମ୍ପର୍କରେ ଯାହା କାଉନସିଲରମାନେ ନିଷ୍ପତ୍ତି ନେବେ। ସଫେଇ କର୍ମଚାରୀଙ୍କୁ ବାରମ୍ବାର ବୁଝାଇବା ପରେ ସେମାନେ ବୁଝିଲେ ନାହିଁ। ଏଣୁ ମୋ ହାତରେ କିଛି ନାହିଁ ବୋଲି ସେ କହିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ହେମନ୍ତ


@ କାଦମ୍ବିନୀ


@ ମିଲନ୍


@ ଶଶିକାନ୍ତ


@ ସ୍ମୃତିପ୍ରକାଶ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ପଞ୍ଚକ ପାଇଁ ଶରଣ ଶ୍ରୀକ୍ଷେତ୍ରରୁ ଆସିଲା ପୂଜା ସାମଗ୍ରୀ ଓ ଫୁଲ ତୁଳସୀ



**ଖଣ୍ଡପଡା,୭।୧୧(ସ୍ୱ.ପ୍ର.):** ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣମୀ ତିଥିରେ ଚନ୍ଦ୍ର ଗ୍ରହଣ ପଡୁଥିବାରୁ ଶ୍ରୀନୀଳମାଧବ ଜୀଉ ପୀଠରେ ସ୍ୱତନ୍ତ୍ର ନୀତି ସୋମବାର ସନ୍ଧ୍ୟାରୁ ଅନୁଷ୍ଠିତ ହେଉଛି। ଏହି ଅବସରରେ ଢେଙ୍କାନାଳ ଜିଲା ଓଡପଡ଼ା ବ୍ଲକ ଅନ୍ତର୍ଗତ ଏକଘରିକିଆ ଗାଁର ଶରଣ ଶ୍ରୀକ୍ଷେତ୍ରରୁ ତୁଳସୀ, ବିଭିନ୍ନ ପ୍ରକାର ଫୁଲ ଓ ପୂଜା ସାମଗ୍ରୀ ଧରି ପହଞ୍ଚିଛନ୍ତି ଜନୈକ ଭକ୍ତ ବିଷ୍ଣୁ ବାବା। ଶ୍ରୀଜୀଉମାନଙ୍କ ଲାଗି ହେବା ପାଇଁ ଆବଶ୍ୟକ ଫୁଲ, ଦୟଣା, ତୁଳସୀର ଅଭାବ ଦେଖା ଦେଇଛି। ପୁରୀ ଶ୍ରୀକ୍ଷେତ୍ରକୁ ପ୍ରତି ସପ୍ତାହରେ ୩ ଦିନ ଫୁଲ, ତୁଳସୀ ଓ ବିଭିନ୍ନ ପ୍ରକାର ପୂଜା ସାମଗ୍ରୀମାନ କ୍ରମାଗତ ଭାବେ ଭକ୍ତ ବିଷ୍ଣୁବାବା ଯୋଗାଉଥିବା ବେଳେ ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଶ୍ରୀନୀଳମାଧବ ଜୀଉଙ୍କ ପାଇଁ ଉକ୍ତ ପୂଜା ସାମଗ୍ରୀମାନ ଯୋଗାଇବାର ମନସ୍ଥ କରି ସମ୍ପୃକ୍ତ ଭକ୍ତ ବାଇକ୍‌ରେ ସୁଦୂର ଢେଙ୍କାନାଳରୁ ପୂଜା ସାମଗ୍ରୀ ସହ ଫୁଲ ତୁଳସୀ ଆଦି ଆଣିଥିବାରୁ ନୀଳମାଧବ ପୂଜକ ସମାଜ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିବା ଜଣାଯାଇଛି।

### ଜିଲାରେ ୧୪୯ ଡେଙ୍ଗୁ ରୋଗୀ

**ବ୍ରହ୍ମପୁର ଅଫିସ,୭।୧୧:** ଡେଙ୍ଗୁ ଜ୍ୱର ସମଗ୍ର ଜିଲାବାସୀଙ୍କ ମଧ୍ୟରେ ଏବେ ଚିନ୍ତାର କାରଣ ହୋଇଛି। ଜିଲାର ୨୧ ବ୍ଲକ ଓ ବ୍ରହ୍ମପୁର ମହାନଗର ନିଗମରେ ନଭେମ୍ବର ୭ ସୁଦ୍ଧା ୧୪୯ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏଯାବତ୍ ପାତ୍ରପୁର ବ୍ଲକ ଅଞ୍ଚଳରେ ସର୍ବାଧିକ ୮ ଶିଶୁ ସମେତ ୩୩ ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମେ ଚିହ୍ନଟ ହୋଇଥିବା କେତେକ ରୋଗୀ ବାହାର ଜିଲା ଓ ରାଜ୍ୟରୁ ଆସିଥିଲେ। ସେବେଠାରୁ ଜିଲାରେ ଦିନକୁ ଦିନ ଡେଙ୍ଗୁଜ୍ୱର ମାଡ଼ିଚାଲିଛି। ପ୍ରତିଦିନ କିଛି ନା କିଛି ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଜିଲାରେ ଏବେ ଡେଙ୍ଗୁ ସାଙ୍ଘାତିକ ରୂପ ନେଲାଣି। ଗତବର୍ଷ ଜିଲାରେ ୩୩୩ ଜଣ ଆକ୍ରାନ୍ତ ହୋଇଥିବା ବେଳେ ଚଳିତ ବର୍ଷ ଏବେ ସୁଦ୍ଧା ମୋଟ ୧୪୯ ରୋଗୀ ଚିହ୍ନଟ ହୋଇସାରିଲେଣି। ଜିଲାରେ ଗତ ୯ ବର୍ଷ ଭିତରେ ଜଣେ ବି ରୋଗୀଙ୍କ ମୃତ୍ୟୁ ଘଟିନାହିଁ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ଉମାଶଙ୍କର ମିଶ୍ର ସୂଚନା ଦେଇଛନ୍ତି। ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ପାଇଁ ଏମ୍‌କେସିଜି ମେଡିକାଲ କାଜୁଆଲିଟି ପ୍ରଥମ ମହଲାର ସ୍ୱତନ୍ତ୍ର ୱାର୍ଡ ଅଗଷ୍ଟ ୧୭ରୁ କାର୍ଯ୍ୟକ୍ଷମ ରହିଛି।

## ପଞ୍ଚକରେ ଶ୍ରୀରଘୁନାଥଜୀଉଙ୍କ ଷଡ଼ଭୁଜ ଚୈତନ୍ୟ ବେଶ

ଓଡ଼ଗାଁ, ୭।୧୧ (ସ୍ୱ. ପ୍ର.)

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିରରେ ସୋମବାର ଶ୍ରୀଜୀଉ କାର୍ତ୍ତିକ ପଞ୍ଚୁକ ଚତୁର୍ଥ ଦିନରେ ଷଡଭୁଜ ଚୈତନ୍ୟ ବେଶରେ ଦର୍ଶନ ଦେଇଛନ୍ତି। ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣମାରେ ଚନ୍ଦ୍ରଗ୍ରହଣ ସହିତ ଦିନତମାମ ଦେବ କାର୍ଯ୍ୟ ନିଷେଧ ରହିଛି। ହେଲେ ଏହି ତିଥିରେ ଦିନତମାମ ମନ୍ଦିର ଖୋଲା ରହି ଦେବ ଦର୍ଶନ କରିବା ପରମ୍ପରାରେ ବ୍ୟତିକ୍ରମ ହେବ। ମନ୍ଦିର ସକାଳୁ ଦିନତମାମ ବନ୍ଦ ରହିବା ସହିତ ସନ୍ଧ୍ୟା ସାଢେ ୬ଟାରୁ ଖୋଲିବା ପରେ ଶ୍ରୀଜୀଉ କାଞ୍ଚି ଅଭିଯାନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ବୋଲି ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର ସୂଚନା ଦେଇଛନ୍ତି।



## ଗ୍ରହଣ ପାଇଁ ନୀଳମାଧବ ଜୀଉଙ୍କ ସ୍ୱତନ୍ତ୍ର ନୀତି

ଖଣ୍ଡପଡା,୭।୧୧(ସ୍ୱ.ପ୍ର.)

ମଙ୍ଗଳବାର ଚଳିତବର୍ଷର ଶେଷ ଚନ୍ଦ୍ର ଗ୍ରହଣ ଯୋଗୁ ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉ ଏବଂ ଖଣ୍ଡପଡା ଶ୍ରୀଜଗନ୍ନାଥ ଜୀଉଙ୍କ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଛି। ଏହି ଅବସରରେ ପୁରୀ ଶ୍ରୀକ୍ଷେତ୍ର ଠାକୁରଙ୍କ ସମସ୍ତ ରୀତିନୀତି ସହ ସାମଞ୍ଜସ୍ୟ ରହିଥିବା ଶ୍ରୀନୀଳମାଧବ ଜୀଉଙ୍କ ସୋମବାର ଚତୁର୍ଦ୍ଦଶୀ ତିଥିରେ ମନ୍ଦିର ଦ୍ୱାର ଫିଟାଯାଇ ମଙ୍ଗଳ ଆଳତୀ, ମଇଲମ, ତଡପଲାଗି ଓ ଅବକାଶ ନୀତି ସଂପନ୍ନ ହେବା ସହ ପାରମ୍ପରିକ ନୀତି ଅନୁଷ୍ଠିତ ହୋଇଛି। ରାତ୍ର ୧ଟା ସମୟରେ ଠାକୁରଙ୍କ ପହଡ ଖୋଲାଯାଇ ମଙ୍ଗଳ ଆଳତୀ ଓ ସ୍ନାନ ଅବକାଶ ନୀତି ସମ୍ପନ୍ନ କରାଯାଇ ସାଢେ ଗୋଟାଏ ସମୟରେ ଠାକୁରଙ୍କ ପୂର୍ଣ୍ଣମୀ ବେଶ ସମ୍ପନ୍ନ ହେବ। ପରେ ରାତ୍ର ୨ଟାରେ ବଲ୍ଲଭ, ରାତ୍ର ୩ ଟାରେ ସକାଳ ଧୂପ, ଦାମୋଦର ଧୂପ, ଭଣ୍ଡ ଓ ଦ୍ୱିପ୍ରହର ଧୂପ ମଙ୍ଗଳବାର ଭୋର ୫ଟା ପୂର୍ବରୁ ଶେଷ ହୋଇ ସମ୍ପନ୍ନ କରାଯିବ। ମଙ୍ଗଳବାର ସନ୍ଧ୍ୟା ସଢେ ୬ଟାରେ ଗ୍ରହଣ ମୋକ୍ଷ ହେବା ପରେ ଧୂଆ ପଖାଳ କରାଯାଇ ଠାକୁରଙ୍କ ରୋଷ କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ଦିର ସୁପର ଭାଇଜର ନକୁଳ ପ୍ରଧାନଙ୍କଠାରୁ ପ୍ରକାଶ। ସେହିପରି ଖଣ୍ଡପଡାସ୍ଥିତ ଶ୍ରୀଜଗନ୍ନାଥ ଜୀଉଙ୍କ ଗ୍ରହଣ ପାଇଁ ସ୍ୱତନ୍ତ୍ର ନୀତି ସମ୍ପନ୍ନ ହୋଇଥିଲା।

## ଓଡ଼ଗାଁରେ ଡିସେମ୍ବର ୧୧ରୁ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ

ଓଡ଼ଗାଁ, ୭।୧୨(ସ୍ୱ.ପ୍ର.)

ଦୁଇବର୍ଷ ବ୍ୟବଧାନରେ ପୁଣି ଥରେ ନୟାଗଡ଼ ଜିଲା ଓଡ଼ଗାଁରେ ସର୍ବ ଭାରତୀୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ହେଉଥିବା ଜଣାଯାଇଛି। ଏ ନେଇ ସୋମବାର ସ୍ଥାନୀୟ କଲେଜ କକ୍ଷରେ ଆୟୋଜିତ ପ୍ରସ୍ତୁତି ବୈଠକରେ ବିଧାୟକ ତଥା ଟୁର୍ନାମେଣ୍ଟ କମିଟି ମୁଖ୍ୟ ଅରୁଣ କୁମାର ସାହୁ ଘୋଷଣା କରିଛନ୍ତି। ଡିସେମ୍ବର ୧୧ରୁ ଆରମ୍ଭ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରୁ ବଛା ବଛା ଦଳ ଅଂଶ ଗ୍ରହଣ କରିବା ସହ ସ୍ଥାନୀୟ ମିନି ଷ୍ଟାଡିୟମରେ ଆୟୋଜିତ ହେବ ବୋଲି ଜଣାଯାଇଛି। ପ୍ରସ୍ତୁତି ବୈଠକରେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ରଘୁନାଥ ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ତଥା ପ୍ରାକ୍ତନ ସରପଞ୍ଚ ଦିବାକାର ନାୟକଙ୍କ ସମେତ ବହୁ କ୍ରିଡାପ୍ରେମୀ ଉପସ୍ଥିତ ଥିଲେ। ପରବର୍ତ୍ତୀ ଏକ ବୈଠକରେ ଟୁର୍ନାମେଣ୍ଟର ପୂର୍ଣ୍ଣାଙ୍ଗ କମିଟି ତଥା ରୂପରେଖ ସକ୍ରାନ୍ତୀୟ ସୂଚନା ଦିଆଯିବ ବୋଲି ଜଣାଯାଇଛି।

## ଶ୍ରୀନୀଳମାଧବ ଜୀଉଙ୍କ ନୃସିଂହ ବେଶ

ଖଣ୍ଡପଡା,୭।୧୧(ସ୍ୱ.ପ୍ର.)

ଚଳିତବର୍ଷ କାର୍ତ୍ତିକ ଏକାଦଶୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ୫ ଦିନରେ ଶ୍ରୀ ନୀଳମାଧବ ବିଭିନ୍ନ ବେଶରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁ ତଥା ଭକ୍ତଙ୍କୁ ଦର୍ଶନ ଦେବାର ପରମ୍ପରା ରହିଛି। ତେବେ ସୋମବାର କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଶ୍ରୀନୀଳମାଧବ ଜୀଉଙ୍କୁ ନୃସିଂହ ବେଶରେ ସଜା ଯାଇଛି। କାର୍ତ୍ତିକ ଏକାଦଶୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ୫ ଦିନରେ ଠାକୁରଙ୍କ ୧୦ଟି ବେଶ ହୋଇଥାଏ। ସୋମବାର ଚତୁର୍ଦ୍ଦଶୀ ତିଥିରେ ମନ୍ଦିର ଦ୍ୱାର ଫିଟାଯାଇ ମଙ୍ଗଳ ଆଳତୀ, ମଇଲମ, ତଡପ ଲାଗି ଓ ଅବକାଶ ନୀତି ସମ୍ପନ୍ନ ହେବା ସହ ପାରମ୍ପରିକ ନୀତି ଅନୁଷ୍ଠିତ ହୋଇଥିଲା। ପବିତ୍ର କାର୍ତ୍ତିକ ବ୍ରତ ସହ କାର୍ତ୍ତିକ ଶେଷ ସୋମବାର ଅବସରରେ ବ୍ରତଧାରିଣୀ, ହବିଷ୍ୟାଳୀଙ୍କ ସହ ଶ୍ରଦ୍ଧାଳୁ ଶ୍ରୀନୀଳମାଧବଙ୍କୁ ଏହି ଆକର୍ଷଣୀୟ ବେଶରେ ଦର୍ଶନ କରିବାକୁ ମନ୍ଦିର ପରିସରରେ ଭିଡ ଲାଗି ରହିଥିଲା। ସେହିପରି ଖଣ୍ଡପଡ଼ା ଶ୍ରୀଜଗନ୍ନାଥ ଜୀଉଙ୍କ କାଳୀୟ ଦଳନ ବେଶ ଦର୍ଶନ ନିମନ୍ତେ ମନ୍ଦିର ପରିସରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅପରାହ୍ନରେ ଶ୍ରୀଜୀଉଙ୍କ ପହଡ଼ ଫିଟିବା ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଶେଷ ହେବା ପରେ ସେବକମାନେ ଶ୍ରୀଜୀଉଙ୍କୁ ନୃସିଂହ ବେଶ କରାଇଥିଲେ। ଏହି ମନଲୋଭା ବେଶ ଦର୍ଶନ ନିମନ୍ତେ ଆଖପାଖ ଅଞ୍ଚଳରୁ ଜଗନ୍ନାଥ ମନ୍ଦିର ପରିସରକୁ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା।


ଠାକୁରଙ୍କ ବେଶରେ ଶ୍ରୀନୀଳମାଧବ ଜୀଉ।

## ୩ କୋଟି ସରକାରୀ ଅନୁଦାନ ବିନିଯୋଗ

### ଓଡ଼ଗାଁ କଲେଜର ଶୈକ୍ଷିକ ଭବନ, ଛାତ୍ରୀ ନିବାସ, ଶୌଚାଳୟ ଉଦ୍‌ଘାଟନ

ଓଡ଼ଗାଁ, ୭।୧୨(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟରେ ପରିସରରେ ନିର୍ମିତ ହୋଇଥିବା ଶୈକ୍ଷିକ ଭବନ, ଛାତ୍ରୀ ନିବାସ, ଶୌଚାଳୟ ସହିତ ଭୋଜନାଳୟରେ ଉଦ୍‌ଘାଟନ ସୋମବାର ହୋଇଛି। ୩ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏସବୁକୁ ସୋମବାର ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘଶଟନ କରିଥିଲେ। ସେଥି ମଧ୍ୟରୁ ଶୈକ୍ଷିକ ଭବନ ୧୩୮.୪୮ ଲକ୍ଷ, ଛାତ୍ରୀ ନିବାସ ୧୬୧.୫୩ ଲକ୍ଷ ସହିତ ଶୌଚାଳୟ ଓ ଭୋଜନାଳୟ ନିମନ୍ତେ ୧୩ ଓ ୧୪ ଲକ୍ଷ ଟଙ୍କା ଲେଖାଏ ସରକାରୀ ଅନୁଦାନ ବିନିଯୋଗ ହୋଇଥିବା ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ପାତ୍ର ଓ ସହକାରୀ ଯନ୍ତ୍ରୀ ସୁଧାଂସୁ ଶେଖର ସାହୁ ସୂଚନା ଦେଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ କଲେଜ ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ହୋତା ଅଧ୍ୟକ୍ଷତା କରିଥିବାବେଳେ କଲେଜ ଅଧ୍ୟକ୍ଷ ରାଜକିଶୋର ସାହୁ ପ୍ରାକ୍ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା, ତହସିଲଦସାର ବିଜୟିତା ସାମନ୍ତସିଂହାର, ବିଡିଓ ସ୍ୱାତିଲେଖା ଦାସ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ବିଧାୟକ ସାହୁ କଲେଜ ପରିସରକୁ ସର୍ବାଙ୍ଗ ସୁନ୍ଦର କରିବାକୁ ହେଲେ ସମସ୍ତଙ୍କୁ ଗୁରୁତର ସହ ଆଗ୍ରହ ପ୍ରକାଶ ପୂର୍ବକ ସାହାଯ୍ୟ ଓ ସହାନୁଭୂତି ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ସମସ୍ତ ବିକାଶକୁ ଯତ୍ନବାନ ରହିବାକୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ୨୦୨୧ ଓ ୨୦୨୨ ଶିକ୍ଷାବର୍ଷରେ ସ୍ନାତକ ସ୍ତରର ପରୀକ୍ଷାରେ ବିଶ୍ୱବିଦ୍ୟାଳୟ ସ୍ତରରେ କୃତିତ୍ୱର ସହ ଉତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ସେଥି ମଧ୍ୟରେ ଶିକ୍ଷା ସମ୍ମାନରେ ବିଶ୍ୱବିଦ୍ୟାଳୟ ସ୍ତରରେ (୨୦୨୧) ପ୍ରଥମ ହୋଇଥିବା ଆସ୍ମା ନନ୍ଦ ଓ ୨୦୨୨ରେ ଶିକ୍ଷା ସମ୍ମାନରେ ପ୍ରଥମ ହୋଇଥିବା ପୂଜାରାଣୀ ସାହୁଙ୍କ ସମେତ ପ୍ରଥମ ୧୦ ଜଣରେ ସ୍ଥାନ ପାଇଥିବା ଅନ୍ୟ ବିଦ୍ୟାର୍ଥୀ ଅନ୍ତର୍ଭୁକ୍ତ ଥିଲେ। ଶିକ୍ଷା ବିଭାଗୀୟ ମୁଖ୍ୟ ପ୍ରଦୀପ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଓଡ଼ଗାଁ କଲେଜରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ଅରୁଣ ସାହୁ ଓ ଅନ୍ୟମାନେ।